# ଧରିତ୍ରୀ DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୫/୨୦୧୯ (୨୦ ପୃଷ୍ଠା) | Sambalpur, Thursday, September 5 / 2019 | ★★

୧୫ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



BHARAT™ MASALA

*Hosts Permanent*

**INDIAN NATIONAL FLAG HOISTING**

**&**

**1st COMMERCIAL PRODUCTION CEREMONY**

**on 7th Sept. 2019 at 11A.M**

**Ramdaspur, Barang, Cuttack**





Chief Guest
His Excellency
**Prof. Ganeshi Lal**
Governor of Odisha

**Guests of Honour**



**Shri Surendranath Panda**
Chairman
Bharat Masala



**Shri Debi Prasad Mishra**
Hon'ble MLA,
Badamba
Constituency



**Shri Susanta Ku. Panda**
Ex. Board Member
GST & Customs (CBIC)



**Shri Susanta Ku. Panda**
Managing Director
Bharat Masala

*Awardees*

- **Prof. Ishan Ku. Patro**
  Hon'ble Vice Chancellor
  Ravenshaw University, Cuttack, Odisha
- **Dr. Soma Chand**
  Eminent Historian and Writer
- **Govindraj Ji, Prakash Ji, Alam Ji,**
  Sri Naganives Engineering &
  Service Pvt Ltd & A.P. Construction
- **Prof. Dr. Subrat Ku. Behera, M.D.**
  Prof. & H.O.D, E.N.T. Department
  S.C.B. Medical College and Hospital,
  Cuttack, Odisha
- **Sj. Abani Kanungo, Industrialist**
  Chairman,
  Odisha Industries Association
  M.D., Kalinga Packers (P) Ltd.
  M.D., Luis Packaging (P) Ltd.
- **Saraswati Sishu Vidya Mandir**
  Naya bazaar, Pota Pokhari,
  Cuttack
- **Dr. Satya Ray,**
  Eminent Journalist
- **Snehalata Rout,**
  Worker (Bharat Masala)

**JAY BHARAT SPICES (P) LTD**
**www.bharatmasala.in | Toll Free : 1800 345 1138**

## ସଂକ୍ଷେପରେ

### ପରିବାରର ସୁଖମନାସି ନୂଆଁଖାଇଲେ ଜରାନିବାସ ଅନ୍ତେବାସୀ

ଦେଓଗାଁ,୪।୯(ଡି.ଏନ.ଏ.)

ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଜରା ନିବାସରେ ରହୁଥିବା ଅନ୍ତେବାସୀ ନିଜ ନିଜ ପରିବାର ସଦସ୍ୟଙ୍କ ସୁଖଶାନ୍ତି ଓ ଦୀର୍ଘାୟୁ କାମନା କରି ନୂଆଁଖାଇ ପାଳନ କରିଛନ୍ତି। ପରିଣତ ବୟସରେ ନିଜ ଘରୁ ବିତାଡିତ ହୋଇ ଜରା ନିବାସର ଆଶ୍ରୟରେ ରହି ଦିନ କାଟୁଥିବା ୨୦ଉର୍ଦ୍ଧ୍ୱ ଅନ୍ତେବାସୀ ବୃଦ୍ଧାବୃଦ୍ଧ ଏହି ଗଣପର୍ବରେ ମଧ ନିଜ ପରିବାର ବର୍ଗଙ୍କୁ ଭୁଲି ନଥିଲେ। ସେମାନଙ୍କ ସୁଖମୟ ଜୀବନ କାମନା କରି ଜରା ନିବାସରେ ନବାନ୍ନ ଭକ୍ଷଣ କରିବା ମହାନତାର ପରିଚୟ ସୃଷ୍ଟି କରଛନ୍ତି। ପର୍ବ ପାଳନରେ ଆବାସ ତତ୍ୱାବଧାରକ ଶିବ ପ୍ରସାଦ ସାହୁ, ସହକର୍ମୀ ଚତୁର୍ଭୁଜ ଭୋଇ, ଡା.ସୁଧାଂଶୁ ଭୂଷଣ ମେହେର, ମୋହନ ମେହେର, ପଞ୍ଚାନନ ସାମଲ, ଝସକେତନ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଭାଇଚାରା ବଜାୟ ରଖିବା ଉପରେ ଗୁରୁତ୍ୱ

ଲୋଇସିଂହା,୪।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ସେମେଲମୁଣ୍ଡା ଗ୍ରାମର ନେତାଜୀ ଯୁବକସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋବର୍ଦ୍ଧନ ଭୋଇ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷକ ଜ୍ୟୋତିରଞ୍ଜନ ସା, ସତ୍ୟନାରାୟଣ ଭୋଇ, ରମାକାନ୍ତ ବିଶ୍ୱାଳ, ଗୋପିନାଥ ବିଶି, ନାରାୟଣ ଭୋଇ, ଲାଲମନ ନାଗ, କୁନା ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକକ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଦଳଗତ ନୃତ୍ୟରେ ଲୋଇସିଂହାର ଅଜିତ ଡୁଙ୍ଗରି ଏବଂ ଟଟିଲାଗଡର ଥ୍ରିଷ୍ଟାଇଲର ପାର୍ଟି ଯୋଗଦେଇ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଗୋବର୍ଦ୍ଧନ ଭୋଇ ଏବଂ ଫଗନୁ ଭୋଇ ସଭା ପରିଚାଳନା କରିଥିଲେ । ଜୀବର୍ଦ୍ଧନ ଭୋଇ, ମନୁଆ ମଟାରି, ସାନ୍ତନୁ ଭୋଇ ଜୟରାମ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

ସେହିପରି ଲୋଇସିଂହା ଥାନା ଅନ୍ତର୍ଗତ ସାନଟିକା ଗ୍ରାମ ଆଜାଦ ୟୁଥ୍ କ୍ଲବ ଏବଂ ଗଣେଶ ପୂଜା କମିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଷେତ୍ରବାସୀ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷକ ସନ୍ତୋଷ କୁମାର ସାହୁ, କହ୍ନେଇ ପଧାନ, ହଳଧର ପାତ୍ର, ଏବଂ ସୌକିଲାଲ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କୃଷିଭିତ୍ତିକ ପର୍ବ ନୂଆଁଖାଇ ସମ୍ପର୍କରେ ଆଲୋକପାତ କରିବା ସହ ଗାଁରେ ଭାଇଚାର ବଜାୟ ରଖିବାକୁ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଆୟୋଜିତ ଗୀତ ଓ ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ସୀମା ପଧାନ, ପ୍ରତିଜ୍ଞା ନାଏକ, ଅଞ୍ଜୁ ପଧାନ, ପ୍ରିୟା ପଧାନ, ସୁନୀତା ଭୋଇ, ପୂଜା ପଧାନ, ମନୀଷା ଜୁଏଡ, ପ୍ରାଚିରାଣୀନାଏକ, ପ୍ରତିକ୍ଷା ପଧାନ, ରିୟା ପଧାନ, ଛବିରାଣୀ ଛତ୍ରିଆ ଓ ଇନ୍ଦ୍ରମଣୀ ଜୁଏଡଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀ ମୌସୁମୀ ପଧାନଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା । କୌଲା ସାହୁ, ନିରଞ୍ଜନ ପଧାନ, ନିମାଇଁ ପଧାନ, କେଶବ ପଧାନ ବିଚାରକଭାବେ ନିୟୋଜିତଥିଲେ । ସଭା କାର୍ଯ୍ୟକୁ ବିଭୂତି ମହାକୁର ପରିଚାଳନା କରିଥିବାବେଳେ ଆଜାଦ କ୍ଲବ ଓ ଗଣେଶ ପୂଜା କମିଟି ସଦସ୍ୟ ଏଥିରେ ସହଯୋଗ କରିଥିଲେ ।



ସେମେଲମୁଣ୍ଡା ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

# ମାଲପଡାରେ ନୂଆଁଖାଇ ଭେଟ୍‌ଘାଟ




ନୂଆଁଖାଇ ଭେଟ୍‌ଘାଟରେ ମୁଖ୍ୟ ଅତିଥି ଜଣେ ଶିଶୁ ପ୍ରତିଭାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ଲାଠୋର, ୪।୯ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ସଦର ଗ୍ରାମ ମାଟିଗୁଡିରେ ଯୁବ ଅନୁଷ୍ଠାନ ଦାଦା ସାହେବ୍ ଡେମୋକ୍ରେଟିକ୍ ୟୁଥ୍ ଆସୋସିଏଶନ ଫର ସୋସିଆଲ ଇକ୍ୱାଲିଟି (ଡାଇଜ) ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଡାଇଜ ସଭାପତି ମୁକେଶ ସୁନା ଏବଂ ସମ୍ପାଦକ ତନ୍ତ୍ର ଧରୁଆଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଦୀପ ଧରୁଆ, ସମିତି ସଭ୍ୟ ମୋହନ ସୁନା, ମୁଳନିବାସୀ ମହିଳା ସଂଘର୍ଷ ସମିତିର ରାଜ୍ୟ ସଂଯୋଜିକା ସନ୍ଧ୍ୟାରାଣୀ ବାରିକ, ସାମାଜିକ କର୍ମୀ ସୁଶୀଲ କୁମାର ଅଗ୍ରୱାଲ, ଖିରେନ୍ଦ୍ରି ଧରୁଆ ଏବଂ ଯୁବରାଜ ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ମୁଳନିବାସୀ ଛାତ୍ର ଓ ଯୁବ ସାମୁଖ୍ୟ ରାଜ୍ୟ କର୍ମକର୍ତ୍ତା ଶ୍ରୀପତି କୁମ୍ଭାର ଯୋଗଦେଇ ନାରୀ ଶିକ୍ଷା ଉପରେ ଆଲୋଚନା କରିଥିଲେ। ପରେ ଶିକ୍ଷା, କୃଷି, ସାମ୍ବାଦିକତା, ଖେଳ ତଥା ସେବା କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ସମସ୍ତେ ଏକତ୍ରିତ ହୋଇ ଘରକୁ ଘର ବୁଲି ନୂଆଁଖାଇ ଭେଟଘାଟ ହୋଇଥିଲେ। ସଭାକାର୍ଯ୍ୟ ଶିକ୍ଷକ ଗଜମଣି ବାଗ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଭୀଷ୍ମଦେବ ଧରୁଆ। ଅନୁଷ୍ଠାନ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ସଂକଳ୍ପ' ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ରାଉରକେଲା ଅଫିସ,୪।୯

ସହରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସାଂସ୍କୃତିକ କଳାପରିଷଦ 'ସଂକଳ୍ପ' ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସେକ୍ଟର-୬ ମା' ଶାରଳା ମନ୍ଦିର ପରିସରରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ନୂଆଁଖାଇ ଉତ୍ସବ ଏବେ ଆଉ ପଶ୍ଚିମ ଓଡ଼ିଶାରେ ସୀମିତ ହୋଇ ନାହିଁ, ସାରା ରାଜ୍ୟରେ ଏହା ପାଳିତ ହେଉଛି ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ମିଳିତ ସହଯୋଗରେ ନାଟ୍ୟଧାରାର ନାଟକ ପରିକ୍ରମା ଅବସରରେ ସଂକଳ୍ପ ପକ୍ଷରୁ ଅକ୍ଟୋବର ୩ରେ ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ମଞ୍ଚସ୍ଥ ହେବାକୁ ଥିବା ନାଟକ 'ଶେଷ ଇଚ୍ଛା'ର ବହିପୂଜା ଅନୁଷ୍ଠିତ ହୋଇଥିଲା। ଏହି ନାଟକକୁ ପ୍ରଭାକର ପାତ୍ର ରଚନା କରିଥିବା ବେଳେ କୁଞ୍ଜନଲାଲ ବୋଷ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଅବସରରେ ଅଭିନେତା ରାକେଶ ସେନାପତି, କୈଳାସ ବେହେରା, ଶ୍ୱେତବସନ୍ତ ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ସଭ୍ୟ ରୂପେ ଗ୍ରହଣ କରାଯାଇଥିଲା। ସଭାପତି ସୁଜିତ୍ କୁମାର ବିଶ୍ୱାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ସମନ୍ୱୟ ସମ୍ପାଦକ ଅଶୋକ କୁମାର ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପାଦକ ପ୍ରବୀର ଜେନା, ସାଙ୍ଗଠନିକ ସମ୍ପାଦକ ଦିବେନ୍ଦୁ କୁଣ୍ଡୁ, କାର୍ଯ୍ୟକାରୀ ସଦସ୍ୟ ଦୀପ୍ତିରଞ୍ଜନ ବାରିକ, ପ୍ରିୟଦର୍ଶନ ରାଉତ, ଲୋକସମ୍ପର୍କ ସଚିବ ଅକ୍ଷୟ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆଁଖାଇ ଜୁହାର ଭେଡ଼େନ ଓ ବରପାଲି ବ୍ଲକର ସମସ୍ତ ଚାଷୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା
ଭୂଲକ୍ଷ୍ମୀ ସିଡ଼ସ
ରାଓ ଟିକ୍ରା, ପଧାନ ପାଲି

ନୂଆଖାଇ ଜୁହାର ମା ସମଲେଇ ସମକୁ ଭଲେ ରଖୁନ ଏତକି ବିନତି
ହରିଶଙ୍କର ବେହେରା
ସଭାପତି, ବିଜୁ ଜନତା ଦଳ, ଭେଡ଼େନ ବ୍ଲକ, ଅଧକ୍ଷ ଆତ୍ମା କମିଟି ଭେଡ଼େନ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ତଥା ଯୁବା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଲକ୍ଷ୍ମୀଧର ପୁଟା
ସରପଞ୍ଚ, ଯୁବା ଗ୍ରାମପଞ୍ଚାୟତ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶଙ୍କର ପ୍ରସାଦ ଜୈନ
ଚେୟାରମ୍ୟାନ, ଆସ୍ଥା ପବ୍ଲିକ ସ୍କୁଲ, ବେଲପଡ଼ା

ଆମର ରେଶମ ସୁସ୍ଥ ରେଶମ ଆସୁନ ଆମର ପଞ୍ଚାୟତ କେ ସୁନ୍ଦର, ସ୍ୱଚ୍ଛ ଆର ସୁସ୍ଥ ରଖମା। ବାଟଘାଟ ସଫା ରଖମା।
ସଂଖ୍ୟାକାରୀ ଖମାରୀ, ସରପଞ୍ଚ,
ତରଣୀସେନ ଜେନା, ନିର୍ବାହୀ ଅଧିକାରୀ ରେଶମ ଗ୍ରାମପଞ୍ଚାୟତ ବ୍ଲକ ଭେଡ଼େନ

ନୂଆଖାଇ ଜୁହାର। ଭେଡ଼େନ ଗ୍ରାମପଞ୍ଚାୟତର ସମକୁ ନୂଆଖାଇର ଜୁହାର।
ଜାହ୍ନବୀ ମେହେର ସରପଞ୍ଚ
ଭେଡ଼େନ ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ସଞ୍ଜୟ ମେହେର
ଇଣ୍ଡିଆନ ପେଟ୍ରୋଲ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ହିମାଂଶୁ ପାଢ଼ୀ
ଶାଖା ପରିଚାଳକ, ଡିସିସିବି, ବେଲପଡ଼ା

ନୂଆଖାଇ ଜୁହାର। ସିଆଲଖଣ୍ଡହଥା ଗ୍ରାମପଞ୍ଚାୟତ ଆର ପ୍ୟାକ୍ସର ସବୁ ଚାଷୀଭାଇମାନଙ୍କୁ ନୂଆଖାଇର ଜୁହାର।
ମୀନାକ୍ଷୀ ଦାଶ, ସରପଞ୍ଚ, ସିଆଲଖଣ୍ଡହଥା ଗ୍ରାମପଞ୍ଚାୟତ,
ଦାମୋଦର ଦାଶ, ସଭାପତି, ସିଆଲଖଣ୍ଡହଥା ପ୍ୟାକ୍ସ, ଭେଡ଼େନ ବ୍ଲକ

ବୁଢ଼ୀପଦର ଓ ବାଦିବାହାଲ ପଞ୍ଚାୟତବାସୀଙ୍କୁ ଜୁହାର
ବୁଢ଼ୀପଦର ସମିତିସଭ୍ୟ
ପ୍ରଶାନ୍ତ କୁମାର ତ୍ରିପାଠୀ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଆଲୋକ ବେହେରା
ସମିତି ସଭ୍ୟ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
କେଶରୀ ମେହେର
ସଭାପତି
ମାଁ ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ (ବେଲପଡ଼ା)
ସୂର୍ଯ୍ୟକାନ୍ତି ମେହେର
ସମ୍ପାଦିକା

ଆସନ୍ତୁ ସ୍ୱଚ୍ଛତାର ଆନ୍ଦୋଳନରେ ସାମିଲ ହୋଇ ଏକ ନୂତନ ପରିବର୍ତ୍ତନ ଆଣିବା। ସମସ୍ତେ ମିଶି ଗାଁ ରାସ୍ତାକୁ ପରିଷ୍କାର ରଖିବା। ବାହାରେ ମଳତ୍ୟାଗ ବନ୍ଦକରି ସୁସ୍ଥ ସୁନ୍ଦର ଗ୍ରାମପଞ୍ଚାୟତ ଗଢ଼ିବା। ବ୍ୟବହାର କଲେ ପାଇଖାନା ଯିବାକୁ ପଡ଼ିବ ନାହିଁ ଡାକ୍ତରଖାନା।
ସୁବାସିନୀ ଜାଲ, ସରପଞ୍ଚ,
ଧିରେନ୍ଦ୍ର କୁମାର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅର୍ଦ୍ଦଁଲାପାଲି ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ଲୋଇସିଂହା ବ୍ଲକର ଜନସାଧାରଣଙ୍କୁ ନୂଆଁଖାଇ ଜୁହାର,
ଷ୍ଟାମ୍ପ ଭେଣ୍ଡର
ପ୍ରମୋଦ କୁମାର ତ୍ରିପାଠୀ,
ଅଗଲାପାଲି

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଆଲୋକ କୁମାର ପୁରୋହିତ
କୋଷାଧକ୍ଷ, ବେଲପଡ଼ା ପଞ୍ଚାୟତ ସମିତି

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଜନାର୍ଦ୍ଦନ ସିଂ
ସ୍ୱେଚ୍ଛାସେବୀ, ବେଲପଡ଼ା

ନୂଆଖାଇ ଜୁହାର। ଭେଡ଼େନ ବ୍ଲକର ସବୁ ଭାଏ ବହେନମାନଙ୍କୁ ମୋର ନୂଆଖାଇ ଅଭିନନ୍ଦନ। ମାଁ ସମଲେଇ ସମକୁ ଭଲଭାବେ ରଖୁନ। ସମକୁ ନୂଆଁଖାଇର ଜୁହାର।
ଡ଼ୋଳାମଣି କ୍ଷେତି, ଭେଡ଼େନ ବ୍ଲକ ଅଧକ୍ଷ, ଜିଲା – ବରଗଡ଼

ଯୋଗୀସର୍ଡା ପଞ୍ଚାୟତର ଜନସାଧାରଣଙ୍କୁ ନୂଆଁଖାଇ ଜୁହାର, ସରପଞ୍ଚ
ପ୍ରଶାନ୍ତ କୁମାର ପଧାନ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଦୀପକ ଅଗ୍ରୱାଲା
ଶ୍ୟାମଜୀ ରାଇସ ମିଲ୍, ସଲଣ୍ଡି

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ତଥା ପର୍ଲୀମାଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ସୁଷମା ବେହେରା
ସରପଞ୍ଚ, ପର୍ଲୀମାଲ ଗ୍ରା.ପ.
ପରମାନନ୍ଦ ବେହେରା
ସ୍ୱେଚ୍ଛାସେବୀ, ରେଙ୍ଗାଲି

ନୂଆଖାଇ ଜୁହାର, ଭେଡ଼େନ ବ୍ଲକ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଖାଇର ଜୁହାର।
କ୍ଷୀରୋଦ୍ର ମେଲ୍ଲୀ ସରପଞ୍ଚ, ଲୁହାଖଣ୍ଡି ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ, ଜିଲା–ବରଗଡ଼

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ତଥା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ସରୋଜ ମେହେର
ବିଧାୟକ, ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଦୀନେଶ ଅଗ୍ରୱାଲା
ପାହାଡ଼ି ମାତା ରାଇସମିଲ, ସଲଣ୍ଡି

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ନବୀନ ମେହେର
ଅଧକ୍ଷ, ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବେଲପଡ଼ା

ଆମର ଶିଘା ତିହାର ନୂଆଖାଇର ଜୁହାର। ମା ସମଲେଇ ଗୋ କାହାକେ ଭାତ ମୁଠେର ଗୁଲଗୁଲା ନାଏ କରବୁ, ଏତକି ନ ଗୁହାରି।
ସୁରେନ୍ଦ୍ର କର୍ମି
ଯୁବନେତା, ଗୁଷୁଡ଼ା ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ରାଜୁ ପଧାନ
ସମ୍ପାଦକ, ସେବା ସମବାୟ ସମିତି, କାନୁଟ, ବେଲପଡ଼ା ବ୍ଲକ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଗୌତମ ଅଗ୍ରୱାଲା
ଗାୟତ୍ରୀ ଫୁଡ୍ ପ୍ରଡକ୍ଟ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ତଥା ଧୁମାଭଟା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଜୟ କିଶାନ ରଣା
ଯମୁନା ରଣା
ସରପଞ୍ଚ, ଧୁମାଭଟା ଗ୍ରାମପଞ୍ଚାୟତ

ନୂଆଖାଇ ଜୁହାର। ଏହି ମହାନ ଗଣପର୍ବ ଅବସରରେ ସମସ୍ତଙ୍କୁ ଜୁହାର।
ସୁବାସ ହୋତା
ଜିଲା ପରିଷଦ ସଭ୍ୟ, ଭେଡ଼େନ ଜୋନ ୩

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ରଜନୀକାନ୍ତ ବାଗ
ଜଳ, ପରିମଳ ବିଭାଗ, କନିଷ୍ଠ ଯନ୍ତ୍ରୀ, ବେଲପଡ଼ା

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ହରିବନ୍ଧୁ ମେହେର
ଉତ୍କଳ ଜୁଏଲର୍ସ

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ବେଲପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ସଚ୍ଚିଦାନନ୍ଦ ବରିହା
(ଆଇଆଇସି), ବେଲପଡ଼ା ପୋଲିସ ଷ୍ଟେସନ

DHARITRI
ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୫/୨୦୧୯ | Sambalpur, Thursday, September 5 / 2019 | ପୃଷ୍ଠା-୧
୧୩ ୧୬



## ‘ଲଭ ଆଜ୍‌କଲ୍ ୨’ ପାଇଁ ବ୍ୟସ୍ତ ସାରା

ଇମ୍‌ତିଆଜ୍ ଅଲିଙ୍କ ‘ଲଭ୍ ଆଜ୍‌କଲ୍ ୨’ ରିଲିଜ ପାଇଁ ବ୍ୟସ୍ତ ରହୁଛନ୍ତି ବଲିଉଡ ଅଭିନେତ୍ରୀ ସାରା ଅଲି ଖାନ୍।

## ସେରେନାଙ୍କ ୧୦୦ତମ ବିଜୟ

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ୱାଙ୍ଗ୍ କ୍ୱିଙ୍ଗ୍‌କୁ ହରାଇ ୧୦୦ତମ ମ୍ୟାଚ ବିଜୟ ସ୍ୱାଦ ଚାଖିଛନ୍ତି ସେରେନା ୱିଲିୟମ୍ସ।



**ଆଜିର ସମ୍ପାଦକୀୟ**

ଚତୁର କୁଆ

**ଆଜିର ମନ୍ତବ୍ୟ**

“ପର୍ଯ୍ୟାୟକ୍ରମେ ରେଳଷ୍ଟେଶନ ଓ ପ୍ଲାଟଫର୍ମଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରାଯିବ।

–ସୁରେଶ ଅଙ୍ଗଦି, ରେଳ ରାଷ୍ଟ୍ରମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 04.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 53 | 97 | 107 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 51 | 94 | 104 |
| BHM | 52 | 96 | 106 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers

# ଆଝାର, ହାଫିଜ, ଦାଉଦ, ଲଖ୍‌ଭିଙ୍କୁ ଆତଙ୍କବାଦୀ ଘୋଷଣା କଲା ଭାରତ

ନୂଆଦିଲ୍ଲୀ, ୪।୯(ପି.ଟି.)

ନୂଆ ଆତଙ୍କ ବିରୋଧୀ ଆଇନ ଅନୁଯାୟୀ ଭାରତ ବୁଧବାର ଜୈଶ୍‌-ଇ- ମହମ୍ମଦ ମୁଖ୍ୟ ମାସୁଦ ଆଝାର, ଲସ୍କର-ଇ-ତୋଇବାର ପ୍ରତିଷ୍ଠାତା ହାଫିଜ୍ ମହମ୍ମଦ ସଇଦ, ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ଜାକି-ଉର୍-ରହମନ-ଲଖ୍‌ଭି ଏବଂ ମୋଷ୍ଟ ୱାଣ୍ଟେଡ୍ ଦାଉଦ ଇବ୍ରାହିମ୍‌ଙ୍କୁ ଆତଙ୍କବାଦୀ ଘୋଷଣା କରିଛି। ପାର୍ଲାମେଣ୍ଟରେ ଗୁରୁତ୍ୱପୂର୍ଣ୍ଣ ୟୁଏପିଏ(ଅନ୍‌ଲଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନ୍‌ଶନ୍ ଆମେଣ୍ଡମେଣ୍ଟ ଆକ୍ଟ)କୁ ସ୍ୱୀକୃତି ମିଳିବାର ମାସକ ପରେ ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏହି ଆଇନ ଅନ୍ତର୍ଗତ ସେମାନଙ୍କୁ ପ୍ରଥମେ ବ୍ୟକ୍ତିଗତ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

୨୦୦୧ରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ମାସୁଦ ଆଝାର ଜମ୍ମୁ-କଶ୍ମୀର ବିଧାନସଭା ଉପରେ ଆକ୍ରମଣ କରିଥିବାବେଳେ ପାର୍ଲାମେଣ୍ଟ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ୨୦୧୬ ପଠାନ୍‌କୋଟ୍ ବିମାନବନ୍ଦରରେ ଆତଙ୍କବାଦୀ ଆକ୍ରମଣ, ୨୦୧୭ରେ ଶ୍ରୀନଗରସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପ ଉପରେ ଆକ୍ରମଣ, ୨୦୧୯ ଫେବୃୟାରୀ ୧୪ରେ ପୁଲ୍‌ୱାମାରେ ସିଆର୍‌ପିଏଫ୍ ବସ୍ ବିସ୍ଫୋରଣ ପଛରେ ଆଝାରଙ୍କ ହାତ ଥିଲା। ଜାତିସଂଘ ନିରାପତ୍ତା ପରିଷଦ ପକ୍ଷରୁ ୨୦୧୯ ମେ ପହିଲାରେ ତାଙ୍କୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଥିଲା।



ଦାଉଦ ଇବ୍ରାହିମ୍, ଜାକି-ଉର୍-ରହମନ-ଲଖ୍‌ଭି, ହାଫିଜ୍ ମହମ୍ମଦ ସଇଦ, ମାସୁଦ ଆଝାର

ସେହିଭଳି ହାଫିଜ ସଇଦ ୨୦୦୦ରେ ରେଡ୍‌ପୋର୍ଟ ଆକ୍ରମଣ, ଉତ୍ତରପ୍ରଦେଶର ରାମ୍‌ପୁରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ଆକ୍ରମଣ, ୨୦୦୮ ମୁମ୍ବାଇ ଆକ୍ରମଣ, ଜମ୍ମୁ-କଶ୍ମୀରର ଉଦ୍ଧମପୁରସ୍ଥିତ ବିଏସ୍‌ଏଫ୍ ଗାଡ଼ି ଉପରେ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି। ଏଥିସହ ପାକିସ୍ତାନ ସମର୍ଥିତ ଜମାତ୍- ଉଦ୍-ଦାୱା ଆତଙ୍କବାଦୀ ସଙ୍ଗଠନର ସେ ପ୍ରତିଷ୍ଠାତା। ହାଫିଜଙ୍କୁ ଜାତିସଂଘ ୨୦୦୮ରେ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରିଛି। ଲସ୍କର କମାଣ୍ଡର ଲଖ୍‌ଭି ମଧ୍ୟ ରେଡ୍‌ପୋର୍ଟ ଆକ୍ରମଣ ଘଟଣା ସହ ୨୦୦୮ ରାମ୍‌ପୁରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିଲେ। ଏଥିସହ ୨୦୦୮ ମୁମ୍ବାଇ ଆକ୍ରମଣ ଓ ଜମ୍ମୁ-କଶ୍ମୀରର ଉଦ୍ଧମପୁର ବିଏସ୍‌ଏଫ୍ ଗାଡ଼ି ଉପରକୁ ଆକ୍ରମଣ କରିବା ଘଟଣାରେ ସେ ସମ୍ପୃକ୍ତ। ଜାତିସଂଘ ପକ୍ଷରୁ ୨୦୦୮ରେ ତାଙ୍କୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଥିଲା।

ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଦାଉଦ ଇବ୍ରାହିମ୍ ବିଶ୍ୱବ୍ୟାପୀ ଅପରାଧର ଶାଖା ଖୋଲି ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଇବା, ଚୋରା ଅସ୍ତ୍ରଶସ୍ତ୍ର ଯୋଗାଇବା, ଜାଲ୍ ନୋଟ କାରବାର କରିବା, ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ରହିବା, ନିଶା କାରବାର, ଦାଦାବଟି ସଂଗ୍ରହ, ବେନାମୀ ରିୟଲ ଇଷ୍ଟେଟ୍ ଚଳାଇବା ଭଳି ଅନେକ କୁକର୍ମରେ ସମ୍ପୃକ୍ତ ରହିଛନ୍ତି। ଜାତିସଂଘ ପକ୍ଷରୁ ତାଙ୍କୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଛି। ଅଲ୍ କାଏଦା ଓ ତାଲିବାନ୍ ଆତଙ୍କବାଦୀ ସଙ୍ଗଠନ ସହ ତାଙ୍କର ସୁସମ୍ପର୍କ ରହିଆସିଛି। ନିଜ ସହଯୋଗୀଙ୍କ ମାଧ୍ୟମରେ ସେ ୧୯୯୩ରେ ମୁମ୍ବାଇରେ ସିରିଜ୍ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୨୫୭ ବ୍ୟକ୍ତି ପ୍ରାଣ ହରାଇଥିଲେ।

# ନିଯୁକ୍ତି ଦେବାରେ ଓଡ଼ିଶା ବିଫଳ

ଭୁବନେଶ୍ୱର,୪।୯(ବ୍ୟୁରୋ)

ଦେଶର ଆର୍ଥିକ ସ୍ଥିତି ମାନ୍ଦା ଅବସ୍ଥା ଦେଇ ଗତି କରୁଛି। ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅଭିବୃଦ୍ଧି ଗତ ୬ ବର୍ଷର ସବୁଠାରୁ ରେକର୍ଡସ୍ତରକୁ ହ୍ରାସ ପାଇଛି। ଏହାର ପ୍ରଭାବ ଓଡ଼ିଶାରେ ଦେଖାଦେଇଛି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ରାଜ୍ୟର ବେକାର ସ୍ଥିତି ଦୟନୀୟ ସ୍ତରକୁ ଚାଲି ଯାଇଛି। ନିଯୁକ୍ତି ସୁଯୋଗ ତଳକୁ ତଳକୁ ଖସିଯାଉଛି। ଘରୋଇ କିମ୍ବା ସରକାରୀସ୍ତରରେ ନିଯୁକ୍ତି ହାର ଚିନ୍ତାଜନକ ହୋଇଛି। ବେକାର ଯୁବତୀଯୁବକଙ୍କ ସଂଖ୍ୟା ହୁହୁ ହୋଇ ବଢି ଚାଲିଛି। ସରକାର ନିଯୁକ୍ତି ଦେବା ନେଇ ଯେଉଁ ଚିତ୍ର ଦେଖାଉଛନ୍ତି ତାହା କେବଳ କାଗଜକଲମରେ ସୀମିତ ରହିଛି। ନୂତନ ନିଯୁକ୍ତି ସୃଷ୍ଟି କରିବାରେ ଓଡ଼ିଶା ବିଫଳ ହୋଇଛି। ଏପରିକି ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ଦେଶର ଅନ୍ୟ ରାଜ୍ୟଠାରୁ ନିମ୍ନରେ ରହିଛି। ନିକଟରେ କର୍ମଚାରୀ ବୀମା ପାଣ୍ଠି ସଂଗଠନ(ଇପିଏଫ୍‌ଓ) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଏଭଳି ଦୟନୀୟ ଚିତ୍ର ପଦାକୁ ଆସିଛି।

ଏପ୍ରିଲରୁ ଜୁନମାସ ମଧ୍ୟରେ ପୂର୍ବବର୍ଷ ତୁଳନାରେ ୧୪ ପ୍ରତିଶତରୁ କମ କର୍ମଚାରୀ ଇପିଏଫଓ ପରିସରଭୁକ୍ତ ହୋଇଛନ୍ତି। ୧୮ରୁ ୨୫ ବର୍ଷ ବୟସ୍କ ଯୁବତୀଯୁବକଙ୍କ ନିଯୁକ୍ତି ହାର କ୍ଷେତ୍ରରେ ଏଭଳି ଅବସ୍ଥା ଦେଖାଦେଇଛି। ଜାତୀୟସ୍ତରରେ ଓଡ଼ିଶାର ହାର ସବୁଠାରୁ କମ୍ ଥିବା ଜଣାପଡିଛି। ଦେଶରେ ୨୮ ପ୍ରତିଶତ ନୂଆ ନିଯୁକ୍ତି ପାଇଥିବା କର୍ମଚାରୀ ଇପିଏଫଓରେ ସାମିଲ ହୋଇଥିବା ବେଳେ ଓଡ଼ିଶାରେ ଏହା ଅତ୍ୟନ୍ତ ନଗଣ୍ୟ ରହିଛି। ୨୦୧୯ ଏପ୍ରିଲରେ ସମଗ୍ର ଦେଶରେ ୧୮ରୁ ୨୫ ବର୍ଷର ୪.୮ ଲକ୍ଷ ନୂତନ ☞ପୃଷ୍ଠା–୨

**୩ ମାସରେ କମିଲା**

**୧୪%**

- ଆର୍ଥିକ ମାନ୍ଦାବସ୍ଥାରେ ପେଷିହେଉଛି ନିଯୁକ୍ତି
- ଜିଏସ୍‌ଡିପି ଅଭିବୃଦ୍ଧିରେ ବାଧକ



## ସେବା କ୍ଷେତ୍ରକୁ ମଧ୍ୟ ମାଡ଼

## ପିଏମ୍‌ଆଇ ୫୨.୪ ପଏଣ୍ଟକୁ ହ୍ରାସ

**ନୂଆଦିଲ୍ଲୀ,୪।୯:** ଦେଶର ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ପ୍ରଭାବ ଗୋଟିଏ ପରେ ଗୋଟିଏ ସେକ୍ଟରକୁ ମାଡ଼ିଚାଲିଛି। ସର୍ଭିସ ସେକ୍ଟର ବା ସେବା କ୍ଷେତ୍ର ସେଥିରୁ ବାଦ ପଡ଼ିନି। ଏକ ମାସିକ ସର୍ଭେ ଅନୁଯାୟୀ ଦେଶରେ ନୂଆ କାରବାର ବୃଦ୍ଧି ହାର, ନିଯୁକ୍ତି ସୃଷ୍ଟି ଧିମା ହେବା ଏବଂ ଉତ୍ପାଦନ ମଧ୍ୟମ ହାରରେ ବଢୁଥିବା କାରଣରୁ ଦେଶର ସେବା କ୍ଷେତ୍ରର ଗତିବିଧି ଅଗଷ୍ଟରେ ହ୍ରାସ ପାଇଛି। ଆଇଏଚ୍‌ଏସ୍ ମାର୍କିଟର ଇଣ୍ଡିଆ ସର୍ଭିସେସ୍ ବିଜନେସ ଆକ୍ଟିଭିଟି ସୂଚକାଙ୍କ ବା ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ(ପିଏମ୍‌ଆଇ) ଅଗଷ୍ଟରେ ୫୨.୪ ପଏଣ୍ଟକୁ ହ୍ରାସ ପାଇଛି, ଯାହା କି ଜୁଲାଇରେ ୫୩.୮ ରହିଥିଲା। ତେବେ ଏହା ୫୦ ପଏଣ୍ଟ ସ୍ତର ଉପରେ ରହିବା ବିଶେଷଜ୍ଞଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି। କାରଣ ଏହାଠାରୁ କମ୍ ରହିଲେ ସେବା କ୍ଷେତ୍ର ଅତ୍ୟନ୍ତ ଧିମା ବୋଲି ଧରାଯାଇଥାଏ। ରଏଟର ପକ୍ଷରୁ କରାଯାଇଥିବା ସର୍ଭେରେ ଅଗଷ୍ଟରେ ପିଏମ୍‌ଆଇ ୫୧.୯ ପଏଣ୍ଟ ରହିବ ବୋଲି ଅନୁମାନ କରାଯାଇଥିଲା। ବିନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ୧୫ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବାରୁ କମ୍ପୋଜିଟ୍ ଆଉଟ୍‌ପୁଟ ସୂଚକାଙ୍କ ଅଗଷ୍ଟରେ ୫୨.୬ ପଏଣ୍ଟକୁ ହ୍ରାସ ପାଇଛି, ଯାହା କି ଜୁଲାଇରେ ୫୩.୯ ରହିଥିଲା। ଏହି ସୂଚକାଙ୍କରେ ବିନିର୍ମାଣ ଏବଂ ସେବା କ୍ଷେତ୍ରକୁ ସାମିଲ କରାଯାଇଛି। ତେବେ ପିଏମ୍‌ଆଇ ଆଉଟପୁଟ ସୂଚକାଙ୍କରେ କ୍ରମାଗତ ୧୮ ମାସ ହେବ ବୃଦ୍ଧି ଦେଖିବାକୁ ମିଳିଛି। ଆଇଏଚ୍‌ଏସ୍ ମାର୍କିଟର ମୁଖ୍ୟ ଅର୍ଥନୀତିଜ୍ଞ ପି.ଡି.ଲିମା କହିଛନ୍ତି ଯେ, ଭାରତର ସେବା କ୍ଷେତ୍ରର ପିଏମ୍‌ଆଇ ବୃଦ୍ଧି ହାର ବିନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ଅନୁଯାୟୀ ଆଗେଇ ଚାଲିଛି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଆର୍ଥିକ ବର୍ଷ ୨୦୧୯-୨୦ର ଦ୍ୱିତୀୟ ତ୍ରୈମାସରେ ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ଦୃଶ୍ୟପଟ ଆହୁରି ଶୋଚନୀୟ ହେବାକୁ ଯାଉଛି।

# ବାଣ କାରଖାନାରେ ବିସ୍ଫୋରଣ: ୨୨ ମୃତ



ବିସ୍ଫୋରଣରେ ଭୁଶୁଡ଼ି ପଡ଼ିଥିବା କାରଖାନା କୋଠା।

ବଟାଲା,୪।୯

ପଞ୍ଜାବର ଗୁରଦାସପୁର ଜିଲା ବଟାଲାରେ ଥିବା ଏକ ବାଣ କାରଖାନାରେ ବୁଧବାର ବିସ୍ଫୋରଣ ଘଟି ୨୨ ଜଣ ପ୍ରାଣ ହରାଇଥିବାବେଳେ ୩୦ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ କାରଖାନାର କର୍ମଚାରୀ। ସେମାନଙ୍କ ମଧ୍ୟରେ କାରଖାନାର ଜଣେ ମାଲିକ ମଧ୍ୟ ଅଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ପାଖ ରାସ୍ତାରେ ଯାଉଥିବା ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ବିସ୍ଫୋରଣରେ ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ଅନେକ ଫସିରହିଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍) ଟିମ୍ ମୁତୟନ ହୋଇଛନ୍ତି। ମୃତଦେହଗୁଡିକୁ ବଟାଲା ସିଭିଲ୍ ହସ୍ପିଟାଲ ନିଆଯାଇଥିବାବେଳେ ଆହତଙ୍କ ମଧ୍ୟରୁ ଗୁରୁତର ୭ ଜଣଙ୍କୁ ଅମୃତସରର ଗୁରୁ ନାନକ ଦେବ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଜିଲାର ଉଚ୍ଚ ପଦାଧିକାରୀ ଓ ପୋଲିସ ଅଫିସର ପହଞ୍ଚି ପରିସ୍ଥିତିର ତଦାରଖ କରୁଛନ୍ତି।

ଏହି ଦୁଃଖଦ ଘଟଣା ପାଇଁ ମର୍ମାହତ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି। ବାଣ କାରଖାନାଟି ଜନବସତି ଅଞ୍ଚଳରେ ଥିଲା। ଗୁରୁବାର ଏକ ବିବାହ ଉତ୍ସବ ପାଇଁ କାରଖାନାରେ ବାଣ ତିଆରି ବେଳେ ଅପରାହ୍ଣ ୩ଟା ୪୫ରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର କାରଣ ଜଣାପଡିନାହିଁ। ଏହାର ପ୍ରଭାବରେ ନିକଟବର୍ତ୍ତୀ କେତେକ ବିଲ୍ଡିଂ ଓ ପାର୍କିଂରେ ଥିବା ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ୫୦୦ ମିଟର ମଧ୍ୟରେ ଥିବା ଘର ଓ ଶପିଙ୍ଗ ମଲ୍‌ର କାଚ ଝରକା ଭାଙ୍ଗିଯାଇଛି। ୧୨ରୁ ଅଧିକ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ଦୁର୍ଘଟଣାରେ ମୃତାହତଙ୍କ ପରିବାର ପ୍ରତି ଶୋକବ୍ୟକ୍ତ କରିଛନ୍ତି।

# ବିଦ୍ୟୁତ୍ ନେଲା ୬ ଜୀବନ

ଭୁବନେଶ୍ୱର,୪।୯(ବ୍ୟୁରୋ)

ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜ୍ୟର ବିଭିନ୍ନ ସ୍ଥାନରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ଜିଲାରେ ଏକ ଦମ୍ପତିଙ୍କ ସହ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ନୟାଗଡ଼ ଜିଲାରେ ୨ ଜଣ ଓ ବରଗଡ଼ ଜିଲାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରଜନୀ ନାଗ(୩୦) ଓ ତାଙ୍କ ସ୍ୱାମୀ ହେମନ୍ତ ନାଗ(୩୫)ଙ୍କ ମୃତ୍ୟୁ ଘଟିଛି। ରଜନୀ ଓଦା କପଡ଼ା ଶୁଖାଇବାକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କ ବଞ୍ଚାଇବାକୁ ଯାଇ ହେମନ୍ତଙ୍କ ବି ମୃତ୍ୟୁ ଘଟିଥିଲା। ସେହି ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗୁରୁଣ୍ଡା ଗ୍ରାମରେ ସେମିତି ଏକ ଅଭାବନୀୟ ଘଟଣା ଘଟିଛି। ସାନ ଭଉଣୀ ପ୍ରେମଲତା ସରାଫ(୧୬)ଙ୍କୁ ବିଦ୍ୟୁତ୍ ଆଘାତରୁ ବଞ୍ଚାଇବାକୁ ଯାଇ ବଡ଼ଭାଇ କର୍ଣ୍ଣଦାନୀ ସରାଫ(୧୯)ଙ୍କ ମୃତ୍ୟୁ ଘଟିଛି। ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ରଙ୍କଦେଉଳି ଗାଁରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଲକ୍ଷ୍ମଣ ସାହୁ(୫୮) ଓ ରବି ପରିଡା(୩୦)। ଅଚଳ ହୋଲ୍ଡର ମରାମତି ବେଳେ ଏହି ଦୁଃଖଦ ଘଟଣା ଘଟିଛି। ସେହିପରି ବରଗଡ଼ ଜିଲା ଗାଇସିଲେଟ ଥାନା ତାଲପାଲି ପଞ୍ଚାୟତର ଜେମକେରା ଗାଁର ବୀରେନ୍ଦ୍ର ବରିହା(୨୬) ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ଘଟିଛି।

(ସମ୍ପୂର୍ଣ୍ଣ ବିବରଣୀ ପୃଷ୍ଠା ୧୮)

## ମହଙ୍ଗା ପଡ଼ିଲା ଟ୍ରାଫିକ ନିୟମ ଉଲ୍ଲଂଘନ

# ଅଟୋ ଚାଳକଙ୍କୁ ୪୭, ୫୦୦ ଜରିମାନା

ଭୁବନେଶ୍ୱର, ୪।୯(ବ୍ୟୁରୋ)

ନୂଆ ମୋଟର ଯାନ ନିୟମ ଲାଗୁ ପରଠାରୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ନିୟମ ଉଲ୍ଲଂଘନକାରୀ ଧରାପଡ଼ି ଦଣ୍ଡ ଗଣୁଛନ୍ତି। ବୁଧବାର ଭୁବନେଶ୍ୱରରେ ଜଣେ ଅଟୋ ଚାଳକଙ୍କ ଉପରେ ବଡ଼ ଧରଣର ଜରିମାନା ହୋଇଛି। ମୋଟ ୮ ନିୟମ ଭଙ୍ଗ ପାଇଁ ୪୭ ହଜାର ୫ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବାବେଳେ ଗାଡ଼ି ଚାଳକମାନେ ଛାନିଆ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ଏହି ଜରିମାନା ପରିମାଣ ଦେଶରେ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଉଛି। ହରିୟାଣାରେ ଏକାଧିକ ନିୟମ ଉଲ୍ଲଂଘନ ପାଇଁ ଏକ ଟ୍ରାକ୍ଟର ଉପରେ ୫୯ହଜାର ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି।

ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନରେ ଆଚାର୍ଯ୍ୟବିହାର ଛକରେ ଆର୍‌ଟିଓ ଓ କମିଶନରେଟ ପୋଲିସ ପକ୍ଷରୁ ଚେକିଂ ଚାଲିଥିଲା। ଓଆର୦୨ଏକ୍ୟୁ୨୨୪୩ ନମ୍ବର ବିଶିଷ୍ଟ ଅଟୋଟି ହଠାତ୍ ଟ୍ରାଫିକ ସିଗ୍ନାଲ ନ ମାନି ଆଗକୁ ମାଡ଼ି ଯାଉଥିବାବେଳେ ସେଠାରେ ଉପସ୍ଥିତ ଟ୍ରାଫିକ ପୋଲିସ ଅଟକାଇବା ସହ କାବୁ କରିନେଇଥିଲା। ପୋଲିସ ଅଟୋ ଚାଳକ ହରିବନ୍ଧୁ କହଁରଙ୍କୁ ପ୍ରଥମେ ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର ମାଗିଥିଲେ। ମାତ୍ର ହରିବନ୍ଧୁ କାଗଜପତ୍ର ଦେଇପାରି ନ ଥିଲେ। ଏପରିକି ସେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ଏହାପରେ ଗାଡ଼ିର ଅନ୍ୟ କାଗଜପତ୍ର ନେଇ ଖୋଳତାଡ଼ କରାଯିବାରୁ କିଛି ମିଳି ନ ଥିଲା। ଏହାପରେ ଆର୍‌ଟିଓ ପି.କେ. ମହାନ୍ତି ଅଟୋକୁ ଜବତ କରିଥିଲେ। ଏଥିସହ ଆର୍‌ଟିଓ ଓ ପୋଲିସ ପକ୍ଷରୁ ବିଭିନ୍ନ ଜରିମାନା ଲଗାଯାଇଥିଲା। ମଦ୍ୟପାନ କରି ଗାଡ଼ିଚାଳନା ପାଇଁ ମୋଟର ଯାନ ଆଇନର ଧାରା ୧୮୫ ଅନୁଯାୟୀ ୧୦ ହଜାର ଟଙ୍କା, ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ଧାରା ୧୮୧ ଆଧାରରେ ୫ ହଜାର ଟଙ୍କା, ଅନଧିକୃତ ଗାଡ଼ି ଚାଳନା ଲାଗି ଧାରା ୧୮୦ରେ ୫ ହଜାର ଟଙ୍କା, ପ୍ରଦୂଷଣ ନିୟମ ଉଲ୍ଲଂଘନ ପାଇଁ ଧାରା ୧୯୦(୨) ଅନୁଯାୟୀ ୧୦ ହଜାର ଟଙ୍କା, ରେଜିଷ୍ଟ୍ରେଶନ ନ ଥିବାରୁ ଧାରା ୧୯୨ରେ ୫ହଜାର ଟଙ୍କା, ବିନା ପରିମିଟ୍‌ରେ ଗାଡ଼ି ଚାଲୁଥିବାରୁ ଧାରା ୧୯୨ (ଏ)ରେ ୧୦ ହଜାର ଟଙ୍କା, ଇନ୍‌ସ୍ୟୁରାନ୍ସ ନ ଥିବାରୁ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଓ ସାଧାରଣ ନିୟମ ଉଲ୍ଲଂଘନ ପାଇଁ ଧାରା ୧୭୭ରେ ୫୦୦ ଟଙ୍କା ଜରିମାନା କରାଯାଇଛି। ସମସ୍ତ ଜରିମାନା ବାବଦ ଟଙ୍କା ଚନ୍ଦ୍ରଶେଖରପୁରସ୍ଥିତ ଡ୍ରାଇଭିଂ ଟେଷ୍ଟ ପାର୍କ ଅଫିସ୍‌ରେ ଦାଖଲ କରିବାକୁ ଅଟୋ ଚାଳକ ହରିବନ୍ଧୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଆର୍‌ଟିଓ ମହାନ୍ତି କହିଛନ୍ତି।





- ୮ ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଲାଗିଲା ଦଣ୍ଡ
- ସୋସିଆଲ ମିଡିଆରେ ଭାଇରାଲ, ଗାଡ଼ି ଚାଳକ ଛାନିଆ

ପରିବହନ ବିଭାଗ ୱେବ୍‌ସାଇଟ୍‌ରୁ ଜଣାପଡିଛି ଯେ, ଉକ୍ତ ଅଟୋକୁ ୨୦୦୭ ଅକ୍ଟୋବର ୧୭ରେ କସ୍ତୁରୀ ଖଟୁଆ ନାମକ ଜଣେ ବ୍ୟକ୍ତି କିଣିଥିଲେ। ଏହାର ଫିଟ୍‌ନେସ ୨୦୧୨ରୁ ସରିଯାଇଥିବାବେଳେ ଇନସ୍ୟୁରାନ୍ସ ମଧ୍ୟ ୨୦୦୮ ପରଠାରୁ ରିନ୍ୟୁଆଲ କରାଯାଇନାହିଁ। ଅଟୋ ଚାଳକ ହରିବନ୍ଧୁ କୁହନ୍ତି, କିଛିଦିନ ତଳେ ସେ ଗାଡ଼ିଟିକୁ ଜଣେ ବ୍ୟକ୍ତିଙ୍କଠାରୁ କିଣିଥିଲେ। ମାତ୍ର ଅବହେଳା କାରଣରୁ ଗାଡ଼ିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସହ ଅନ୍ୟାନ୍ୟ କାଗଜପତ୍ର କରି ନ ଥିଲେ ବୋଲି ସେ କହିଥିଲେ।

## ଆକ୍ସିସ୍ ବ୍ୟାଙ୍କ ଶାଖାରୁ ସଶସ୍ତ୍ର ଡକାୟତି

# ରିଭଲଭର ଦେଖାଇ ୧୪ ଲକ୍ଷ ଟଙ୍କା ଲୁଟ୍

ବେଲପାହାଡ଼,୪।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ନିକଟ ଗୁମାଡ଼େରା ମୁଖ୍ୟ ବଜାରସ୍ଥିତ ଆକ୍ସିସ ବ୍ୟାଙ୍କ ଶାଖାରେ ବୁଧବାର ମଧ୍ୟାହ୍ନ ପ୍ରାୟ ୧ଟା ୨୦ରେ ସଶସ୍ତ୍ର ଡକାୟତି ହୋଇଛି। ଲୁଟେରାମାନେ ଅଧିକାରୀ ଓ କର୍ମଚାରୀମାନଙ୍କୁ ରିଭଲଭର ଦେଖାଇ ବ୍ୟାଙ୍କ କ୍ୟାଶିୟରଙ୍କ କାଉଣ୍ଟରରୁ ପ୍ରାୟ ୧୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଡକାୟତି କଲା ପରେ ଲୁଟେରାମାନେ ଏକ ନମ୍ବର ବିହୀନ ସ୍କର୍ପିଓରେ ଫେରାର୍ ହୋଇଯାଇଛନ୍ତି। ଏଥିରେ ୬ ଜଣ ଲୁଟେରା ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି।

ଲୁଟେରାମାନେ ପ୍ରଥମେ ବ୍ୟାଙ୍କ ବାହାରେ ଥିବା ମେନ ସୁଇଚ୍ ବନ୍ଦ କରି ବିଦ୍ୟୁତ୍ ସରବରାହକୁ ବନ୍ଦ କରି ଦେଇଥିଲେ। ଜଣେ ଲୁଟେରା ବ୍ୟାଙ୍କ ଗେଟ୍ ନିକଟରେ ଛିଡ଼ା ହୋଇ ଗ୍ରାହକଙ୍କୁ ଭିତରକୁ ନ ଛାଡ଼ିବା ପାଇଁ ଉଦ୍ୟମ କରୁଥିଲେ। ଅନ୍ୟ ୪ ଜଣ ବ୍ୟାଙ୍କ ଭିତରକୁ ପଶି ପ୍ରଥମେ ସିକ୍ୟୁରିଟି ଗାର୍ଡ଼ ହାତୀରାମ ସାହୁଙ୍କ ମୁଣ୍ଡରେ ରିଭଲଭର ରଖି କାବୁ କରିବା ସହ ରଶିରେ ତାଙ୍କ ଦୁଇ ଗୋଡ଼କୁ ବାନ୍ଧି ପକାଇଥିଲେ। ଏତିକିରେ ସିକ୍ୟୁରିଟି ଗାର୍ଡ଼ ଭୟଭୀତ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହାପରେ ଲୁଟେରାମାନେ ବ୍ୟାଙ୍କ ଭିତରେ ଥିବା ଗ୍ରାହକଙ୍କୁ ରିଭଲଭର ଦେଖାଇ ଭୟଭୀତ କରିବା ସହ ବ୍ୟାଙ୍କ ଅପରେଶନ ମୁଖ୍ୟ ସନତ ବେହେରାଙ୍କୁ ପିଟିଥିଲେ। ଶେଷରେ କ୍ୟାଶିୟରଙ୍କ କାଉଣ୍ଟରରୁ ପ୍ରାୟ ୧୪ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହି ସମୟରେ ବ୍ୟାଙ୍କରେ ଅପରେଶନ ହେଡ୍ ଓ ସିକ୍ୟୁରିଟି ଗାର୍ଡ଼ଙ୍କ ସମେତ ଆସିଷ୍ଟାଣ୍ଟ ମ୍ୟାନେଜର ଅଙ୍କିତା ପୁରୋହିତ ଓ କ୍ଷୀତିଶ ମହନ୍ତ, ଅଫିସ ବୟ ଗୁଲଶନ ବାଦି ଓ କ୍ୟାଶିୟର ପଲ୍ଲବୀ ତ୍ରିପାଠୀ ବ୍ୟାଙ୍କ ଭିତରେ ଥିଲେ। ମ୍ୟାନେଜର ମନୋଜ ଶର୍ମା କୌଣସି କାମରେ ବାହାରକୁ ଯାଇଥିଲେ। ଲୁଟେରାମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥିଲେ ବୋଲି ☞ପୃଷ୍ଠା–୨

- ଲୁଟ୍ ପରେ ନମ୍ବର ବିହୀନ ସ୍କର୍ପିଓରେ ଫେରାର
- ଡକାୟତିରେ ୬ ଜଣ ସାମିଲ
- ବ୍ୟାଙ୍କ୍ ଲାଇନ୍ କାଟି ଦେଇଥିଲେ
- ସୁରକ୍ଷା କର୍ମୀ ଚେତାଶୂନ୍ୟ





ବେଲପାହାଡ଼ ଆକ୍ସିସ ବ୍ୟାଙ୍କ ଶାଖାରେ ସଶସ୍ତ୍ର ଡକାୟତି ପରେ ଲୋକେ ଘଟଣା ଜାଣିବା ପାଇଁ ରୁଣ୍ଡ ହୋଇଛନ୍ତି।

**କିଛି ତଥ୍ୟ**
ଗତ ପାଞ୍ଚ ବର୍ଷରେ ଦେଶରୁ ୪୭,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସିଫୁଡ ରପ୍ତାନି ହୋଇଛି।
– ମେରାଇନ ପ୍ରଡକ୍ଟସ୍ ଏକ୍ସପୋର୍ଟସ ଡେଭଲପମେଣ୍ଟ ଅଥରିଟି


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................


ଆଲେକ୍ସା
ପରିବାରବର୍ଗ


ପ୍ରଣବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଲେଭଲ କ୍ରସିଂ ଗେଟ ଭଙ୍ଗା ଘଟଣା
# ଆରପିଏଫ୍ ଥାନାରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ଭୁବନେଶ୍ୱର, ୪ା୯(ବ୍ୟୁରୋ): ଏକ ରେଲୱେ ଲେଭଲ କ୍ରସିଂ ଗେଟ ଭାଙ୍ଗିବା ଘଟଣାରେ ଅଭିଯୁକ୍ତ ବୁଧବାର ଆରପିଏଫ୍ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଚକେଇସିଆଣୀ ଅଞ୍ଚଳର ରିଙ୍କୁ ଦଳେଇ। ରିଙ୍କୁ ଗତ ମାସ ୩୧ରେ ଟାଟା ଏସିଇ(ଓଡି୦୨ଟି-୬୦୪୪)ରେ ଭିଏସଏସ ନଗର ଲେଭଲ କ୍ରସିଂ ପାର ହେଉଥିବାବେଳେ ଗେଟ୍‌ରେ ଧକ୍କା କରି ଭାଙ୍ଗିଦେଇଥିଲେ। ରେଲୱେ ଧାରା ୧୬୦(୨)ରେ କେସ ନଂ.୨୧୩୩/୧୯ରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗେଟ ଭାଙ୍ଗିଯିବାର ଏକ ଘଣ୍ଟା ଭିତରେ ରେଲୱେର ସିଗ୍ନାଲ ବିଭାଗ ପକ୍ଷରୁ ନୂଆ ଗେଟ ଲଗାଯାଇଥିଲା।

## ପୁରୀ ସୁରକ୍ଷା ମଞ୍ଚ-ପ୍ରଶାସନ ଆଲୋଚନା ବିଫଳ
# ‘ଅସୁରକ୍ଷିତ ନିର୍ମାଣ ଉଚ୍ଛେଦ ଜାରି ରହିବ’

- ଉଚ୍ଛେଦ ବନ୍ଦ ଦାବିକୁ ଜିଲାପାଳଙ୍କ ପ୍ରତ୍ୟାଖ୍ୟାନ
- ବୁଲ୍‌ଡୋଜର ଆଗରେ ଧାରଣା ଦେବୁ: ମଞ୍ଚ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇବାକୁ ନିଷ୍ପତ୍ତି



ପୁରୀ ଅଫିସ, ୪ା୯

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ ମିଟର ପର୍ଯ୍ୟନ୍ତ ନିର୍ମାଣ ଉଚ୍ଛେଦ ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଅଶାନ୍ତ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ପ୍ରଶାସନର ଉଚ୍ଛେଦ ଅଭିଯାନକୁ ବିରୋଧ କରି ମେଳି ବାନ୍ଧୁଛନ୍ତି ମଠ ମହନ୍ତ, ଦୋକାନୀ ଏବଂ କ୍ଷତିଗ୍ରସ୍ତ। ପ୍ରାଥମିକ ପର୍ଯ୍ୟାୟରେ ୭୫ ମିଟର ପରିଧି ମଧ୍ୟରେ ଥିବା ମଠ ଉଚ୍ଛେଦ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଲଙ୍ଗୁଳି ମଠ ଏବଂ ଏମାର ମଠ ଭଙ୍ଗାଯାଇଥିବା ବେଳେ ଏବେ ବଡ଼ ଆଖଡ଼ା ଉଚ୍ଛେଦକୁ ନେଇ ପ୍ରତିବାଦ ତୀବ୍ର ହୋଇଛି। ଆଗକୁ ଘର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ମଠ, ମନ୍ଦିର ଭଙ୍ଗାଯିବା ନେଇ ସର୍ଭେ ଚାଲିଛି। ଏହି ଉଚ୍ଛେଦକୁ ବିରୋଧ କରିଛି ପୁରୀ ସୁରକ୍ଷା ମଞ୍ଚ। ବୁଧବାର ସୁରକ୍ଷା ମଞ୍ଚର ୧୫ଜଣିଆ ପ୍ରତିନିଧି ଦଳ ଏବଂ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ତେବେ ଏହି ଆଲୋଚନା ବିଫଳ ହୋଇଛି। ଉଚ୍ଛେଦ ବନ୍ଦ କରିବା ଲାଗି ସୁରକ୍ଷା ମଞ୍ଚର ଦାବିକୁ ଜିଲାପାଳ ବଲୱନ୍ତ ସିଂ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳରେ ଆଗକୁ ଏହି ଅସନ୍ତୋଷ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି। ତେବେ ପୁରୀ ସହରବାସୀଙ୍କ ସ୍ୱାର୍ଥ, ଐତିହ୍ୟ ଓ ପରମ୍ପରାର ସୁରକ୍ଷା ପାଇଁ ମଞ୍ଚ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଏପରି କି ଆବଶ୍ୟକ ପଡ଼ିଲେ ସେମାନେ ବୁଲ୍‌ଡୋଜର ଆଗରେ ଧାରଣା ଦେବେ ବୋଲି କହିଛନ୍ତି।

ଉଚ୍ଛେଦ ନିଷ୍ପତ୍ତି ବିରୋଧରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ୧୫ଜଣିଆ ପ୍ରତିନିଧି ଦଳ ବୁଧବାର ପୂର୍ବାହ୍ଣରେ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ବର୍ତ୍ତମାନର ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବା ଲାଗି ସେମାନେ ପ୍ରଥମ ଦାବି ରଖିଥିଲେ। ଏଥିସହ ଆଗ ଥଇଥାନ ପରେ ଉଚ୍ଛେଦ ଭଳି ଏକାଧିକ ଦାବି ଉପସ୍ଥାପନ କରିଥିଲେ। କେତେକ ସଦସ୍ୟ କହିଥିଲେ ପୁରୀର ଅଧିକାଂଶ ପରିବାରର ଜମିପଟ୍ଟା ତାଙ୍କ ନାମରେ ନାହିଁ। ସେମାନେ ମଠ ମହନ୍ତଙ୍କଠାରୁ ଦଲିଲ କରି ଜାଗା କିଣି ଘର କରିଥିଲେ। ପରବର୍ତ୍ତୀ ସମୟରେ ସୁପ୍ରିମ୍‌କୋର୍ଟ ମଠ ସମ୍ପତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବୋଲି ରାୟ ଦେବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଏ ପର୍ଯ୍ୟନ୍ତ ଜମିପଟ୍ଟା ପାଇପାରିନାହାନ୍ତି। ଯେଉଁଥିପାଇଁ ପୁରୀ ସହରରେ ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ଏବଂ ସଦରରେ ଆଞ୍ଚଳିକ ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ଆନ୍ଦୋଳନ ଚଳାଇଛି। ତେଣୁ ୭୫ ମିଟର ମଧ୍ୟରେ ଏମିତି ପରିବାର ଥିଲେ କ୍ଷତିପୂରଣ ଟଙ୍କା କିଏ ପାଇବ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ଜଣେ ସଦସ୍ୟ କହିଥିଲେ, ନବକଳେବର ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଲାଗି ଥିବା ମୋର ଘର ଭାଙ୍ଗିଦିଆଗଲା। ସେତେବେଳେ ପ୍ରଶାସନ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ମୋତେ ଥଇଥାନ କରାଗଲାନାହିଁ। ବର୍ତ୍ତମାନ କିପରି ପ୍ରଶାସନକୁ ଆଉ ଭରସା କରିବୁ ବୋଲି ସେ ଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ଘୋଷଣା ହୋଇଥିବା ପ୍ୟାକେଜକୁ ନେଇ କେତେଜଣ ଅଭିଯୋଗ ଉଠାଇଥିଲେ। ଏଭଳି ଏକାଧିକ ଅଭିଯୋଗ ଓ ଅସନ୍ତୋଷ ଉପସ୍ଥାପନ କରିଥିଲେ ପ୍ରତିନିଧି ଦଳର ସଦସ୍ୟ। ଜିଲାପାଳ ସମସ୍ତଙ୍କ କଥା ଶୁଣିଥିଲେ ମଧ୍ୟ ଉଚ୍ଛେଦ ବନ୍ଦ ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ଏହି ଆଲୋଚନା ଏକପ୍ରକାର ବିଫଳ ହୋଇଥିଲା।

ଏ ସମ୍ପର୍କରେ ବିଧାୟକ ଷଡ଼ଙ୍ଗୀ କହିଛନ୍ତି, ଜିଲାପାଳ ସବୁ କଥା ଶୁଣିଲେ। ପର୍ଯ୍ୟାୟକ୍ରମେ ସେ କ୍ଷତିଗ୍ରସ୍ତ ଜନସାଧାରଣ, ମଠ ମହନ୍ତ, ବ୍ୟବସାୟୀ ସମସ୍ତଙ୍କ ଅଭିଯୋଗ ଶୁଣିବେ। ସମସ୍ତଙ୍କୁ ସୁହାଇଲା ଭଳି ଯାହା ପଦକ୍ଷେପ ନେବେ। ମଞ୍ଚ ଆବାହକ ଦାମୋଦର ପ୍ରଧାନୀ କହିଛନ୍ତି, ଆମେ ପ୍ରଥମେ ଉଚ୍ଛେଦ ବନ୍ଦ ପାଇଁ ଦାବି କରିଥିଲୁ। କିନ୍ତୁ ଜିଲାପାଳ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। କେବଳ ମଠର ବିଜେସ୍ଥଳୀ ଓ ଗାଦିଘରକୁ ବାଦ୍ ଦେଇ ମଠର ବ୍ୟବସାୟିକ କୋଠାକୁ ଭଙ୍ଗାଯିବ। ଏଥିରେ ଆମେ ସନ୍ତୁଷ୍ଟ ହୋଇନାହୁଁ। ୨୦୧୫ରେ ଉଚ୍ଛେଦ ସମୟରେ ଯେଉଁମାନଙ୍କର ଜାଗା ଯାଇଥିଲା ସେମାନେ ଏ ପର୍ଯ୍ୟନ୍ତ ଜାଗା ପାଇନାହାନ୍ତି। ତେଣୁ ପୁନର୍ବାର ବୈଠକ କରି ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବୁ। ଯଦି ପ୍ରଶାସନ ଉଚ୍ଛେଦ ଜାରି ରଖେ ତେବେ ବୁଲ୍‌ଡୋଜର ଆଗରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବୁ।

ଅନ୍ୟପକ୍ଷରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଆଲୋଚନା ବେଳେ ୭୫ ମିଟର ଭିତରେ କ’ଣ କ’ଣ କରାଯିବ ତା’ର ବ୍ଲୁ ପ୍ରିଣ୍ଟ ସମ୍ପର୍କରେ ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟା କିପରି ରହିଛି ତାହା ପ୍ରତିନିଧି ଦଳ ବୁଝିଥିଲେ। ୨୦୧୫ରେ ଅନେକ ଲୋକଙ୍କ ଜମି ସରକାର ନେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନେ ଟଙ୍କା ପାଇ ନ ଥିବା କେତେକ ଲୋକ ଅଭିଯୋଗ କରିଥିଲେ। ତେବେ ବର୍ତ୍ତମାନ ଯେଉଁ ଉଚ୍ଛେଦ ଚାଲିଛି ତାହାକୁ ବନ୍ଦ କରିବା ଲାଗି ସେମାନେ କହିଥିଲେ। କିନ୍ତୁ ଏହା ସମ୍ଭବ ନୁହେଁ, ଶ୍ରୀମନ୍ଦିର ସୁରକ୍ଷା ପାଇଁ ଏହା କରାଯାଉଛି। ୭୫ ମିଟର ପରିଧି ମଧ୍ୟରେ ଯେତେ ମଠ ଆସିବ ସେ ସବୁର ବିଜେସ୍ଥଳୀ, ଗାଦିଘରକୁ ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ କରାଯିବ। କିନ୍ତୁ ମଠରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଥିବା ନିର୍ମାଣ ଭଙ୍ଗାଯିବ। ବର୍ତ୍ତମାନ ଅସୁରକ୍ଷିତ କୋଠା ଭଙ୍ଗାଯାଉଛି, ଭବିଷ୍ୟତରେ ଅନ୍ୟଗୁଡ଼ିକ ଭଙ୍ଗାଯିବ। ୭୫ ମିଟର ମଧ୍ୟରେ ଅସୁରକ୍ଷିତ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ।

## ନିଯୁକ୍ତି ଦେବାରେ...

ଯୁବତୀଯୁବକ ଇପିଏଫ୍‌ଓରେ ଯୋଡି ହୋଇଥିବା ବେଳେ ଜୁନରେ ଏହା ୬.୨୮ ଲକ୍ଷକୁ ବୃଦ୍ଧି ହୋଇଛି। ମାତ୍ର ଓଡ଼ିଶାରେ ଏହାର ବିପରୀତ ଗତି ଦେଖିବାକୁ ମିଳିଛି। ୨୦୧୯ ଏପ୍ରିଲରେ ରାଜ୍ୟରେ ୩ ହଜାର ୮୯୫ ନୂତନ ଆକାଉଣ୍ଟଧାରୀ ଇପିଏଫ୍‌ଓରେ ସାମିଲ ହୋଇଥିବା ବେଳେ ଜୁନରେ ଏହା ୩ ହଜାର ୩୪୮କୁ ଖସି ଆସିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସ (ଏପ୍ରିଲରୁ ଜୁନ) ମଧ୍ୟରେ ୧୪ ପ୍ରତିଶତ ତଳକୁ ଖସି ଆସିଛି।

ବେକାରି ସମସ୍ୟା ରାଜ୍ୟର ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଏକ ବିରାଟ ଅନ୍ତରାୟ ସୃଷ୍ଟି କରୁଛି। ରାଜ୍ୟର ଘରୋଇ ଅଭିବୃଦ୍ଧି ଜାତୀୟ ଅଭିବୃଦ୍ଧି ତୁଳନାରେ ଅଧିକ ରହୁଥିବା ସରକାର ଦାବି କରୁଛନ୍ତି । ୨୦୧୭-୧୮ରେ ଅଭିବୃଦ୍ଧି ହାର ୭.୧ ଥିବା ବେଳେ ୨୦୧୮-୧୯ରେ ଏହା ୮.୪ ରେ ପହଞ୍ଚିଛି। ମାତ୍ର ରାଜ୍ୟରେ ବେକାରିଙ୍କ ସଂଖ୍ୟା ହୁ ହୁ ହୋଇ ବଢି ଚାଲିଥିବାରୁ ଚଳିତ ଆର୍ଥିକ ବର୍ଷର ଅଭିବୃଦ୍ଧି ଲକ୍ଷ୍ୟ ହାସଲ ନେଇ ଆଶଙ୍କା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୭-୧୮ରେ ଜାତୀୟ ବେକାରି ହାର ୬.୧ ପ୍ରତିଶତ ଥିବା ବେଳେ ରାଜ୍ୟରେ ଏହି ହାର ୭.୧ ପ୍ରତିଶତ ରହିଛି। ୨୦୧୫-୧୬ରେ ଏହି ହାର ଓଡ଼ିଶାରେ ୩.୮ ପ୍ରତିଶତ ଥିବା ବେଳେ ଜାତୀୟସ୍ତରରେ ରହିଥିଲା ୩.୭ ପ୍ରତିଶତ। ନ୍ୟାଶନାଲ ସାମ୍ପୁଲ ସର୍ଭେ(ଏନ୍‌ଏସ୍‌ଏସ୍) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ, ରାଜ୍ୟରେ ଶ୍ରମ ଶକ୍ତି ହ୍ରାସ ପାଇ ଚାଲିଛି। ରାଜ୍ୟରେ ଶ୍ରମଶକ୍ତି ଭାଗୀଦାରି(ଏଲଏଫ୍‌ପିଆର) ୪୮.୩ ପ୍ରତିଶତ ଥିବା ବେଳେ ଜାତୀୟସ୍ତରରେ ୪୯.୮ ପ୍ରତିଶତ ରହିଛି। ଶ୍ରମିକଙ୍କ ସଂଖ୍ୟା ଅନୁପାତ ୪୪.୯ ପ୍ରତିଶତ ଥିବା ବେଳେ ଜାତୀୟସ୍ତରରେ ୪୬.୮ ପ୍ରତିଶତ ରହିଛି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ବେକାରି ସଂଖ୍ୟା ବଢୁଛି। ସହରାଞ୍ଚଳରେ ୮.୪ ପ୍ରତିଶତ ବେକାରି ଥିବା ବେଳେ ଗ୍ରାମାଞ୍ଚଳରେ ୬.୯ ପ୍ରତିଶତ ରହିଛି।

ରାଜ୍ୟ ସରକାର ଶିଳ୍ପାୟନର ସ୍ୱପ୍ନ ଦେଖାଉଛନ୍ତି । ରାଜ୍ୟକୁ ଆଲୁମିନିୟମ୍, ଇସ୍ପାତ, ଆଲୁମିନା, ସାର, ପେଟ୍ରୋକେମିକାଲ, ପ୍ଲାଷ୍ଟିକ ଭଳି ବଡ଼ବଡ଼ ଶିଳ୍ପ ସାଙ୍ଗକୁ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ପ୍ରତିରକ୍ଷା, ଶକ୍ତି, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ବୃହତ୍ ପୁଞ୍ଜିନିବେଶ ହେବ। ରାଜ୍ୟର ଭାଗ୍ୟ ବଦଳିଯିବ। ବେକାର ଯୁବତୀଯୁବକଙ୍କୁ କାମଧନ୍ଦା ମିଳିଯିବ। ମାତ୍ର ନିଯୁକ୍ତିର ସିଂହ ଭାଗ ପୂରଣ କରୁଥିବା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକ ମଧ୍ୟରୁ ଅଧିକାଂଶ ସରକାରୀ ପ୍ରୋତ୍ସାହନ ଅଭାବରୁ ବନ୍ଦ ହୋଇଗଲାଣି । ରାଜ୍ୟରେ ଗତ ୫ ବର୍ଷରେ ପଞ୍ଜୀକୃତ ହୋଇଥିବା ୧୫,୩୧୫ ସୂକ୍ଷ୍ମ ଓ ମଧ୍ୟମ ଶିଳ୍ପରେ ତାଲା ପଡିଛି। ଏଥିରେ ନିୟୋଜିତ ଥିବା ୧,୨୯,୯୫୦ ଲୋକ ବେକାର ହୋଇଯାଇଛନ୍ତି। ବନ୍ଦ ହୋଇଥିବା ଏହି ଶିଳ୍ପ ମଧ୍ୟରୁ ସୁନ୍ଦରଗଡରେ ୨୦୨୦, କଟକରେ ୨୪୦୨, ଭୁବନେଶ୍ୱରରେ ୧୫୦୪, ଗଞ୍ଜାମରେ ୧୦୬୧, ସମ୍ବଲପୁରରେ ୫୩୩, ବରଗଡ଼ରେ ୩୩୪, କେନ୍ଦୁଝରରେ ୬୮୩, ବାଲେଶ୍ୱରରେ ୫୫୮, ଭଦ୍ରକରେ ୩୪୬, ଢେଙ୍କାନାଳରେ ୩୯୬, କଳାହାଣ୍ଡିରେ ୪୧୮, ରାୟଗଡ଼ାରେ ୨୫୬, ନବରଙ୍ଗପୁରରେ ୧୫୭ ଏବଂ

ପ୍ରଥମ ପୃଷ୍ଠାରୁ...

ମାଲକାନଗିରିରେ ୧୧୬ଟି ଶିଳ୍ପ ବନ୍ଦ ହୋଇଛି। ଶିକ୍ଷିତ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ବଜାର ଓ ବ୍ୟାଙ୍କ ସୁବିଧା ଦେଇପାରୁ ନ ଥିବାରୁ ଆରମ୍ଭର ଅଳ୍ପ କେଇମାସ ପରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ତାଲା ପଡୁଛି। ସରକାର ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ନ ଦେଲେ ପରିସ୍ଥିତି ଆହୁରି ବିଗିଡିବ ବୋଲି ଅର୍ଥନୀତିଜ୍ଞ ମତ ଦେଲେଣି।

## ରିଭଲଭର ଦେଖାଇ...

ଅବଦୁଲ କୁଦରତ ଖାନ୍ ନାମକ ଜଣେ ଯୁବକ ପ୍ରକାଶ କରିଛନ୍ତି। ଅବଦୁଲ ଆକାଉଣ୍ଟ ଖାତା ଅପଡେଟ୍ କରିବା ପାଇଁ ବ୍ୟାଙ୍କ ଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ବ୍ୟାଙ୍କ ଗେଟ୍ ନିକଟରେ ଛିଡ଼ା ହୋଇଥିବା ଜଣେ ଲୁଟେରା ତାଙ୍କୁ ‘ଏଟିଏମ୍ ଖରାପ ଅଛି । କାମ ଚାଲିଛି । ଭିତରକୁ ଯାଅ’ ନାହିଁ ବୋଲି କହିଥିଲେ । ହେଲେ ଅବଦୁଲ ଭିତରକୁ ଯିବା ପାଇଁ ଉଦ୍ୟମ କରିବାରୁ ଲୁଟେରା ଜଣକ ତାଙ୍କୁ ରିଭଲଭର ଦେଖାଇ ଭିତରକୁ ଟାଣି ନେଇଥିଲେ। ସଟର୍ ପକାଇ ତାଙ୍କ ହାତରେ ଥିବା ମୋବାଇଲକୁ ତଳେ କଚାଡ଼ି ଭାଙ୍ଗି ଦେଇଥିଲେ। ଲୁଟେରାମାନଙ୍କ ମାଡ଼ରେ ବ୍ୟାଙ୍କ ଅପରେଶନ ମୁଖ୍ୟ ବେହେରାଙ୍କ ମୁହଁରେ ଆଘାତ ଲାଗିଛି। ଅବଶ୍ୟ ବ୍ୟାଙ୍କ ଭିତରେ ଥିବା ୪/୫ ଜଣ ଗ୍ରାହକଙ୍କ କୌଣସି କ୍ଷତି ହୋଇନାହିଁ। ଘଟଣା ପରେ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଡିଏସ୍‌ପି ରୋହିତ କୁମାର ଟେଟ୍, ବ୍ରଜରାଜନଗର ଏସ୍‌ଡ଼ିପିଓ ନୃପଚରଣ ଦଣ୍ଡସେନା ଓ ବେଲପାହାଡ଼ ଥାନା ପୋଲିସ ଘଟଣାସ୍ଥଳକୁ ଆସି ବ୍ୟାଙ୍କ୍ ଅଧିକାରୀ ଓ କର୍ମଚାରୀମାନଙ୍କୁ ପଚରାଉଚରା କରିଛନ୍ତି। ପୋଲିସ ଏବେ ବ୍ୟାଙ୍କ ସିସି ଟିଭି କ୍ୟାମେରାକୁ ଅନୁଧ୍ୟାନ କରୁଛି। ଲୁଟେରାମାନଙ୍କୁ ଧରିବା ପାଇଁ ଜିଲାର ବିଭିନ୍ନ ଛକରେ ଯାନବାହନ ଅଟକାଇ ତଲାସି ଚଳାଇଛି। ବ୍ୟାଙ୍କ ଅପରେଶନ ହେଡ୍ ବେହେରା କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ହିସାବ କରାଯାଇନାହିଁ। ମାତ୍ର ୧୦ରୁ ୧୪ ଲକ୍ଷ ଟଙ୍କା ଡକାୟତି ହୋଇଥିବା ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଦ୍ୱିତୀୟ ଭାବକୁ ଚନ୍ଦ୍ର ଓ ଗୁରୁଙ୍କ ଦୃଷ୍ଟିରୁ ଆପଣଙ୍କୁ ଅର୍ଥଲାଭ, ଉଚ୍ଚସମ୍ମାନପ୍ରାପ୍ତି ଯୋଗ ରହିଛି। ସମସ୍ୟା ରହିଥିବାରୁ ପ୍ରତି ମୁହୂର୍ତ୍ତରେ ପ୍ରତିକୂଳ ପରିସ୍ଥିତିର ଚାପ ମଧ୍ୟ କମିବ ନାହିଁ। ଅବଶ୍ୟ ସଭାସମିତି, ମାଲିମକଦ୍ଦମାରେ ଅଗ୍ରଗତି ଘଟିବ। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ।

**ବୃଷ** ପରିସ୍ଥିତିବଶତଃ ଆତ୍ମୀୟଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ପ୍ରତିବନ୍ଧକ ମଧ୍ୟରେ କର୍ମକ୍ଷେତ୍ରରେ ଉପସ୍ଥିତି ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରିନେବେ । ଅଫିସିଆଲି କାମ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସୀ ହୋଇପାରନ୍ତି।

**ମିଥୁନ** ପାରିବାରିକ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ । ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ମଧ୍ୟ ଧନ ଆଗମନର ସମ୍ଭାବନା ଦେଖାଦେଇପାରେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଖାଲରେ ପକାଇବାକୁ ଚେଷ୍ଟା କଲେ ମଧ୍ୟ ସଫଳ ହେବେ ନାହିଁ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କର୍କଟ** ସକାଳୁ ସକାଳୁ ଆନୁଷ୍ଠାନିକ କାମରେ ନିଜକୁ ଜଡ଼ିତ ରଖିପାରନ୍ତି। ଅନ୍ୟମାନଙ୍କ ବିରୋଧାଭାସ ଆପଣଙ୍କ କାମ ଗୁଡ଼ିକୁ ଅଟକାଇ ରଖିପାରିବ ନାହିଁ। ପରିବାରରେ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସାମୟିକ ଅସନ୍ତୁଷ୍ଟ ରହିପାରନ୍ତି। ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତାକରି ଅପରାହ୍ଣରେ ଚିନ୍ତିତ ରହିପାରନ୍ତି।

**ସିଂହ** ବନ୍ଧୁଙ୍କ ପ୍ରେରଣା ପାଇଲେ ମଧ୍ୟ ମନରେ ସକାରାତ୍ମକ ଭାବ ଉଦ୍ରେକ ହେବନାହିଁ। ସାମାଜିକ ସ୍ତରରେ ଅପରାହ୍ଣେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ କେତେକାଂଶରେ ଉପକୃତ ହେବେ।

**କନ୍ୟା** ଭାଗ୍ୟ ସ୍ଥାନକୁ ଶୁଭଗ୍ରହଙ୍କ ଦୃଷ୍ଟି ଫଳରେ ଯେମିତି ଚିନ୍ତା କରୁଛନ୍ତି, ବାସ୍ତବରେ ସେହି ଅନୁସାରେ ହିଁ କାମଗୁଡିକ ସମ୍ପନ୍ନ ହୋଇପାରିବ। ଆନୁଷଙ୍ଗିକ ସହଯୋଗରେ କାର୍ଯ୍ୟ ତ୍ୱରାନ୍ୱିତ କଲେ ମଧ୍ୟ ପ୍ରାଥମିକ ଅବସ୍ଥାରେ କିଛିଟା ବ୍ୟତିକ୍ରମ ଦେଖାଦେଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍‌ସିପ୍ ପ୍ରଭୃତିରେ ଉନ୍ନତି କରିବେ।

**ତୁଳା** ଯାହା ଓ ଯେତିକି ପାଇବା କଥା ସେଥିପାଇଁ ଆପଣଙ୍କୁ ପ୍ରବଳ ସଂଘର୍ଷ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ର ସକାଶେ ଚନ୍ଦ୍ର ସମସ୍ୟା ସୃଷ୍ଟି କଲେ ମଧ୍ୟ ମନୋବଳକୁ ଅକ୍ଷୁଣ୍ଣ ରଖିପାରିବେ। ପାରିବାରିକ କ୍ଷେତ୍ରରେ କୌଣସି ଅସୁବିଧା ନ କଲେ ମଧ୍ୟ ଆର୍ଥିକ କ୍ଷତି ଘଟାଇ ପାରନ୍ତି। ବ୍ୟସ୍ତତା ମଧ୍ୟରେ ଯାଉ ଯାଉ ଯାନ୍ତ୍ରିକ ତ୍ରୁଟି ଯୋଗୁ ଆଜିର ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ଆଜିର ଗ୍ରହ ସ୍ଥିତି ଆପଣଙ୍କ ସକାଶେ ବିଶେଷଭାବରେ ଅନୁକୂଳ ରହିବ, ଫଳରେ ପୁରସ୍କୃତ ହେବାର ଆଶା ରହିଛି। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ପାଖ ଲୋକଙ୍କ ଭୂମିକା ଅତି ଜରୁରୀ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବ।

**ଧନୁ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ସୁସ୍ଥ ମାନସିକତା, କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତି ପ୍ରଦାନ କରିବ। କିନ୍ତୁ ଶନିଙ୍କ ପ୍ରଭାବଜନିତ ଅନିଦ୍ରା ଓ ଧନବ୍ୟୟ ହେତୁ ସାମୟିକ ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ। ବନ୍ଧୁମାନଙ୍କ ଗହଣରେ ଅପ୍ରିୟ ସତ୍ୟ କହିବା କାରଣରୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ଉଚ୍ଚ ପ୍ରଶଂସିତ ହେବେ।

**ମକର** ଶୁକ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସଙ୍ଗିତ ଚର୍ଚ୍ଚାରେ ଦିନଟିକୁ ଉପଭୋଗ କରିପାରନ୍ତି। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ପୂର୍ବାଲୋଚନା ଅନୁଯାୟୀ ଅର୍ଥ ସାହାଯ୍ୟ ପାଇବେ ଏବଂ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଆଜି ଆପଣଙ୍କୁ କର୍ମକ୍ଷେତ୍ରରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। ପରିବର୍ତ୍ତିତ ସମୟକୁ ଆଖି ଆଗରେ ରଖି କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ପ୍ରିୟବନ୍ଧୁଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅସୁବିଧାରେ ପକାଇପାରନ୍ତି। ଗୃହ, ଭୂମି, ଗାଡ଼ିମୋଟର, ପ୍ରେସ୍, ପବ୍ଲିକେଶନ ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ମୀନ** ଆଜି ସାଂସ୍କୃତିକ ଅନୁଷ୍ଠାନରେ କିଛି କାମକରି ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କ୍ଷେତ୍ରରେ ଯତ୍ନବାନ୍ ହେଲେ ତାହା ନିଜ ପାଇଁ ହିତକର ହେବ। ପରିବାରର ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତାଲୋଚନାରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇପାରେ।

ଆଜି ପବିତ୍ର ଗୁରୁଦିବସ, ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ଭାଦ୍ରବ କୃଷ୍ଣପକ୍ଷର ଲଳିତା ସପ୍ତମୀ ଗୁରୁବାର, ସେପ୍ଟେମ୍ବର ୫ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୧୫ମି. ମଧ୍ୟେ ଘ୧୧।୦୯ମି. ଗତେ, ଘ୧୨।୪୮ମି. ମଧ୍ୟେ ଘ୨।୨୭ମି. ଗତେ, ଘ୪।୦୬ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ୨।୨୭ମି. ଗତେ ଘ୩।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୧୮ମି. ଗତେ ଘ୨।୫୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile
## HIRE

ଦଶଚକିଆ, ଛଅଚକିଆ, 1109, 709 ଟ୍ରକ ମାସିକ/ ବିକ୍ରିସୂତ୍ରରେ ଆବଶ୍ୟକ: 9439733321, 9938732425. D-67057

real estate
## SALE

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse).** D-67376

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

## GENERAL
## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

to-let

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ’ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372

Ayurvedic herbal body massage trend therapist. Mob: 8018246332. D-66956

business

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଳେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ୍ୟ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ





## ଜିଲା ଚିଠି
## ରାୟଗଡ଼ା

# ଶିକ୍ଷା ବ୍ୟବସ୍ଥାରେ କେଁ

ରାୟଗଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିପ୍ରତି ରାଜ୍ୟ ସରକାର, ଜିଲା ପ୍ରଶାସନ କିମ୍ବା ଶିକ୍ଷା ବିଭାଗର ନଜର ନାହିଁ। ଅଭିଯୋଗ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସମସ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ଛାତ୍ରୀଛାତ୍ରଙ୍କ ତୁଳନାରେ କେଉଁଠି ଶିକ୍ଷକ ଅଭାବ ତ ଆଉ କେଉଁଠି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା ଅଧିକ ରହିଛି। ଏହା ଜାଣି ମଧ୍ୟ ଶିକ୍ଷା ବିଭାଗ ହାତ ବାନ୍ଧି ବସିଛି। ଏପରି ସମସ୍ୟା ନେଇ ଛାତ୍ରୀଛାତ୍ର ଏକାଧିକବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତରେ ଗତ ୪ ବର୍ଷ ହେଲା ଆଦର୍ଶ ବିଦ୍ୟାଳୟ କାମ ଚାଲିଛି। ସେହି କାମ ଆଜି ପର୍ଯ୍ୟନ୍ତ ସରୁନାହିଁ। ଅବ୍ୟବସ୍ଥା ମଧ୍ୟରେ ପିଲାମାନେ ପାଠ ପଢୁଛନ୍ତି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିଥିଲେ। ତଥାପି ସେମାନଙ୍କ ଦୁଃଖ କମିନି। ନକଲି ପ୍ରମାଣପତ୍ର ଦେଇ ଶିକ୍ଷକତା କରିବା ଅଭିଯୋଗରେ ଜିଲାପାଳ ୩ ବର୍ଷ ତଳେ ରାୟଗଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବରଖାସ୍ତ କରିଥିଲେ। ହେଲେ ସେହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଶିକ୍ଷା ବିଭାଗକୁ ୩ ବର୍ଷ ଲାଗିଥିଲା। ଜିଲାକୁ ଶିକ୍ଷକମାନେ ଡେପୁଟେଶନରେ ଆସିଲେ ମଧ୍ୟ ଆଉ ମୂଳସ୍ଥାନକୁ ଫେରୁ ନ ଥିବା ନଜିର ରହିଛି। ଗୁଣପୁର ସହରରେ ଥିବା ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ୫ ବର୍ଷ ତଳେ ୫ ଜଣ ଶିକ୍ଷକ ଜିଲାର ବିଭିନ୍ନ ସ୍କୁଲରୁ ଡେପୁଟେଶନରେ ଆସିଥିଲେ। ହେଲେ ସେମାନେ ଏଠାରୁ ଫେରିବାକୁ ନାରାଜ। ଶିକ୍ଷା ବିଭାଗର ବି ଏଦିଗରେ ଆନ୍ତରିକତା ନାହିଁ ବୋଲି ଅଭିଯୋଗ ହୋଇଛି। ଏପରି ସ୍ଥିତିରେ ୪ ବର୍ଷ ହେବ ଜିଲାରେ ଶିକ୍ଷକ ବଦଳି ହୋଇନାହିଁ। ବଦଳିରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସେହି ବ୍ୟବସ୍ଥାକୁ ଏକ ପ୍ରକାର ବନ୍ଦ କରି ଦିଆଯାଇଛି। ଗଣ ଶିକ୍ଷା ବିଭାଗରେ ୪ରୁ ୫ ବର୍ଷ ହେଲା ଶିକ୍ଷକ ବଦଳି ହୋଇ ନ ଥିବାବେଳେ ମଙ୍ଗଳ ବିଭାଗରେ ମଧ୍ୟ ସେହି ଏକା ସ୍ଥିତି। ଗତ ଜୁନରେ ବଦଳି ଆଦେଶ ବାହାରିଥିଲା। ଏଥିରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସମେତ ଅନ୍ୟ ପଦବୀରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବଦଳି ତାଲିକା ବାହାରିଥିଲା। ଏହି ବଦଳିକୁ ନେଇ ବିବାଦ ସୃଷ୍ଟି ହେବା ପରେ ସେଥିରେ ପରିବର୍ତ୍ତନ କରାଯାଇଥିଲା। ଅନ୍ୟପକ୍ଷେ ହଷ୍ଟେଲଗୁଡ଼ିକର ପରିଚାଳନାଗତ ତ୍ରୁଟି ସ୍କୁଲ ଛାଡିବା ପାଇଁ ପିଲାମାନଙ୍କୁ ବାଧ୍ୟ କରିଛି। ନିମ୍ନମାନର ଖାଦ୍ୟ ଯୋଗାଣ ଅଭିଯୋଗରେ ପଦ୍ମପୁର ବ୍ଲକ ନାଇରା ଗ୍ରାମର ଛାତ୍ରୀମାନେ ଦୁଇ ଦିନ ତଳେ ହଷ୍ଟେଲ ଛାଡି ପଳାଇଥିଲେ। ରାମନାଗୁଡା ବ୍ଲକ ଟିକରପଡା ଆଶ୍ରମ ସ୍କୁଲରେ ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ବସି ପିଲାମାନେ ପାଠ ପଢୁଛନ୍ତି। ୩୧୬ ପିଲାଙ୍କ ପାଇଁ ୫ ଜଣ ଶିକ୍ଷକ ଅଛନ୍ତି। ନିଲାମଗୁଡାରେ ୨୬୪ ପିଲାଙ୍କ ପାଇଁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଏଥିଯୋଗୁ ପାଠ ପଢ଼ା ବନ୍ଦ ହୋଇଯାଇଛି। ଛାତ୍ରୀମାନେ ଯୌନ ନିର୍ଯାତନାର ଶିକାର ହେଉଥିବା ଅଧିକାଂଶ ସମୟରେ ଶୁଣିବାକୁ ମିଳୁଛି। ୧୦ ଜଣରୁ କମ୍ ପିଲା ଥିବା ଜିଲାର ୧୩୯ଟି ସ୍କୁଲ ବନ୍ଦ ହୋଇଛି। ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ହେଉଥିବାବେଳେ କଲ୍ୟାଣ ବିଭାଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବାକୁ ଦାବି ମୁଣ୍ଡ ଟେକିଛି। ଗଣଶିକ୍ଷା ବିଭାଗରେ ପିଲାଙ୍କ ସଂଖ୍ୟା କମୁଥିବାବେଳେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲରେ ପିଲାଙ୍କ ସଂଖ୍ୟା ବଢୁଛି। ତଥାପି ଜିଲାରେ କଲ୍ୟାଣ ବିଭାଗ ସ୍କୁଲଗୁଡିକ ଦୟନୀୟ ସ୍ଥିତିରେ ରହିଛି।

– ପ୍ରଦୀପ ପାଢ଼ୀ

# ବିଜେଡି ପକ୍ଷରୁ ମୁଖପାତ୍ର, ପ୍ୟାନେଲିଷ୍ଟ ନାଁ ଘୋଷଣା

ଭୁବନେଶ୍ୱର,୪।୯(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବୁଧବାର ଦଳୀୟ ମୁଖପାତ୍ର ଏବଂ ପ୍ୟାନେଲିଷ୍ଟ ତାଲିକାର ପୁନର୍ଗଠନ କରାଯାଇଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଦଳ ପକ୍ଷରୁ ୫ଜଣଙ୍କୁ ଜାତୀୟସ୍ତରୀୟ ମୁଖପାତ୍ର, ୧୫ ଜଣଙ୍କୁ ମୁଖପାତ୍ର ଏବଂ ୧୦ ଜଣଙ୍କୁ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତ କରାଯାଇଛି।

ଲୋକ ସଭାରେ ଦଳର ନେତା ତଥା ପୁରୀ ଏମ୍‌ପି ପିନାକୀ ମିଶ୍ର, କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି, ରାଜ୍ୟ ସଭା ସଦସ୍ୟ ଡକ୍ଟର ଅମର ପଟ୍ଟନାୟକ, ଡକ୍ଟର ସସ୍ମିତ ପାତ୍ର ଏବଂ ବିଜେଡି ନେତା ସତ୍ୟ ନାରାୟଣ ସାହୁଙ୍କୁ ଜାତୀୟ ଗଣମାଧ୍ୟମ ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ବିଧାୟକ ପ୍ରତାପକେଶରୀ ଦେବ, ଦେବୀପ୍ରସାଦ ମିଶ୍ର, ବ୍ୟୋମକେଶ ରାୟ, ଏମ୍‌ପି ପ୍ରଶାନ୍ତ ନନ୍ଦ, ରମେଶ ମାଝିଙ୍କୁ ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି। ଏମାନଙ୍କ ବ୍ୟତୀତ ସୁବାସ ଚୌହାନ, ସୁବାସ ସିଂ, ଆକାଶ ଦାସ ନାୟକ, ଅନୁଭବ ପଟ୍ଟନାୟକ, ଡକ୍ଟର ଲେନିନ୍ ମହାନ୍ତି, ସୁଲତା ଦେଓ, ଲୋପାମୁଦ୍ରା ବକ୍ସିପାତ୍ର, ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର ଏବଂ ଭରଦ୍ୱାଜ ମିଶ୍ରଙ୍କୁ ମଧ୍ୟ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ମିହିର ମହାନ୍ତି, ଡକ୍ଟର ସନ୍ତୋଷ ଲେଙ୍କା, ବିଶ୍ୱଜିତ ମହାନ୍ତି, ସଞ୍ଜୟ ବାବୁ, ଡକ୍ଟର ହରିଶ୍ ଚୌଧୁରୀ, ତପନ ଦାସ, ଦୁର୍ଗା ସାମନ୍ତରାୟ, ପ୍ରିୟବ୍ରତ ମାଝି, ଚକ୍ରଧର ଦାଶ ଏବଂ ଓମ୍ ପ୍ରକାଶ ସାହୁଙ୍କୁ ନୂତନ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତି ମିଳିଛି।




## ଜଳ ସମ୍ପଦ ବିଭାଗ
# ୧୩୨୩ ବିଭିନ୍ନ ବର୍ଗର ଯନ୍ତ୍ରୀ ପଦବୀ ଖାଲି

ଭୁବନେଶ୍ୱର,୪।୯(ବ୍ୟୁରୋ)

- ଧାର୍ଯ୍ୟ ଲକ୍ଷ୍ୟ ଠିକ୍ ସମୟରେ ହାସଲ ନେଇ ଆଶଙ୍କା
- କନିଷ୍ଠ ଯନ୍ତ୍ରୀ(ସିଭିଲ) ୪୧୦, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ସିଭିଲ) ୩୦୨ ପଦ ଖାଲି

ଓଡ଼ିଶା କୃଷି ପ୍ରଧାନ ରାଜ୍ୟ। କୃଷି କାର୍ଯ୍ୟରେ ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଏହି ବିଭାଗରେ ବିଭିନ୍ନ ବର୍ଗର ସଂଖ୍ୟାଧିକ ଯନ୍ତ୍ରୀ ପଦବୀ ଖାଲି ପଡିଛି। ନିକଟରେ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଛି ଯେ, ମଞ୍ଜୁରୀପ୍ରାପ୍ତ ୫୨୧୨ ଯନ୍ତ୍ରୀ ପଦବୀ ମଧ୍ୟରୁ ୧୩୨୩ଟି ଖାଲି ରହିଛି।

ରାଜ୍ୟରେ ୪ଟି ମୁଖ୍ୟ ଯନ୍ତ୍ରୀ(ସିଭିଲ) ପଦବୀ ଖାଲି ରହିଛି। ସେହିପରି ବରିଷ୍ଠ କାର୍ଯ୍ୟନିର୍ବାହୀ(ଏସ୍.ଇ-ସିଭିଲ) ଲେଭଲ-୧ରେ ୧୪, ଏସ୍‌ଇ(ବୈଷୟିକ)ଲେଭଲ-୨ରେ ଗୋଟିଏ ପଦବୀ ଖାଲି ରହିଛି। ଅନୁରୂପ ଭାବେ ଲେଭଲ-୨ରେ ସିଭିଲ୍ ୭, ବୈଷୟିକରେ ୩ଟି ପଦବୀ ଖାଲି ରହିଛି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ସିଭିଲ)ରେ ୨୨ଟି, ଉପକାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ସିଭିଲ)ରେ ୮୭ଟି ପଦବୀ ଖାଲି ରହିଛି। ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ସିଭିଲ)ରେ ସର୍ବାଧିକ ୩୦୨ ପଦବୀ ଏବଂ ବୈଷୟିକ ବିଭାଗରେ ୩୭ଟି ପଦବୀ ଖାଲି ରହିଛି। ସହାୟକ ଯନ୍ତ୍ରୀ(ସିଭିଲ)ରେ ୧୯୮ ଏବଂ ବୈଷୟିକ ବିଭାଗରେ ୧୨୪ଟି ପଦବୀ ଖାଲି ରହିଛି। ସେହିପରି କନିଷ୍ଠ ଯନ୍ତ୍ରୀ (ସିଭିଲ)ରେ ୪୧୦, ବୈଷୟିକ ବିଭାଗ ୧୧୩ ଏବଂ ବିଦ୍ୟୁତ୍ ସମ୍ବନ୍ଧୀୟ ଗୋଟିଏ ମାତ୍ର କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଛି। ତେଣୁ ଜଳସମ୍ପଦ ବିଭାଗର କ୍ଷେତ୍ରୀୟସ୍ତରୀୟ କାର୍ଯ୍ୟ ପରିଚାଳନା କରୁଥିବା ସଂଖ୍ୟାଧିକ ଯନ୍ତ୍ରୀ ପଦବୀ ଖାଲି ପଡିବା ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ହାସଲ ହେବ ବୋଲି ଆଶଙ୍କା କରାଯିବା ସ୍ୱାଭାବିକ।

ନିକଟରେ ସରକାର ବିଭାଗଗୁଡିକ ସହ ସଂପୃକ୍ତ ନିର୍ଦ୍ଦେଶାଳୟର ମିଶ୍ରଣ ନେଇ ନିଷ୍ପତ୍ତି ନେଇଛନ୍ତି। ତେଣୁ ଖାଲିଥିବା ପଦବୀ ପୂରଣ ହେଉଛି କି ସମ୍ମିଶ୍ରଣ ଆଢୁଆଳରେ ସବୁଦିନ ପାଇଁ ଉଚ୍ଛେଦ ହେଉଛି, ସେ ନେଇ ଆଲୋଚନା ଆରମ୍ଭ ହେଲାଣି। ଉଲ୍ଲେଖଯୋଗ୍ୟ, ନିକଟରେ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ୨୬ ଜିଲାର ପଥୁରିଆ ଅଞ୍ଚଳରେ କ୍ଲଷ୍ଟର ଗଭୀର କୂପ ଖନନ ଯୋଜନାରେ ଚଳିତ ବର୍ଷ ପ୍ରାୟ ୧୦,୧୦୫ଟି ଗଭୀର କୂପ ଖୋଳାଯିବାକୁ ବାକି ରହିଥିବା ଜଣାପଡିଥିଲା। ଏହା ବ୍ୟତୀତ ଏକାଧିକ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଜାରି ରହିଛି। ବିଭାଗ ତଥା ବିଶେଷକରି ଉଠାଜଳସେଚନ ନିଗମରେ ଆବଶ୍ୟକ ଥିବା ମାନବସମ୍ବଳ ସମ୍ପର୍କରେ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୂର୍ବ ଆର୍ଥିକ ବର୍ଷ(୨୦୧୮-୧୯)ରେ କେବଳ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ପାଇଁ ୩୫୮୪ଟି ଆବେଦନ ପତ୍ର ଦାଖଲ କରାଯାଇଥିଲା। ସେଥିରୁ ୧୧୫୬ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା। ହେଲେ ତନ୍ମଧ୍ୟରୁ ୨୭୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଉଛି। ଆହୁରି ୮୮୫ଟି ପ୍ରକଳ୍ପ ହେବାକୁ ବାକି ରହିଛି। ତେଣୁ ଗତ ଆର୍ଥିକ ବର୍ଷର ବଳକା ସହ ଚଳିତ ବର୍ଷର ଧାର୍ଯ୍ୟ ପ୍ରକଳ୍ପ ଲକ୍ଷ୍ୟ ହାସଲରେ ମାନବ ସମ୍ବଳ ଅଭାବ ଅନୁଭୂତ ହେବ ବୋଲି ସମୀକ୍ଷକ ମହଲରେ ମତ ପ୍ରକାଶ ପାଇଛି।

# ଇ-ଗ୍ଲୋଭ୍: କୃତ୍ରିମ ହାତକୁ ଦେବ ବାସ୍ତବ ଅନୁଭବ

ନ୍ୟୁୟର୍କ: ଆମେରିକାର ପୁରଡ୍ୟୁ କଲେଜ ଅଫ ଇଞ୍ଜିନିୟରିଂର ଗବେଷକମାନେ ଏକ ଇଲେକ୍ଟ୍ରୋନିକ ଗ୍ଲୋଭ୍(ଇ-ଗ୍ଲୋଭ୍) ବିକାଶ କରିଛନ୍ତି, ଯାହା ପ୍ରୋସ୍ଥେଟିକ୍ ହ୍ୟାଣ୍ଡ୍ ବା ରୋବୋ ବାୟୋନିକ୍ ହ୍ୟାଣ୍ଡ୍‌କୁ ମଣିଷ ହାତ ସ୍ପର୍ଶର ବାସ୍ତବ ଅନୁଭବ ଦେଇପାରିବ। ଏହି ଗ୍ଲୋଭ୍‌କୁ ବାୟୋନିକ ହ୍ୟାଣ୍ଡ୍‌ରେ ପିନ୍ଧିଲେ ତାହା ମଣିଷ



ହାତ ଭଳି କୋମଳତା ଓ ଉଷ୍ମତା ଦେଉଛି। ଚାପ ଓ ତାପମାନକୁ ଅନୁଭବ କରିବା ସହ ଆର୍ଦ୍ରତା ବାରିପାରୁଛି। ଏହି ଗ୍ଲୋଭ୍‌ରେ ସୂକ୍ଷ୍ମ ଓ ଚଳନଶୀଳ ସେନ୍‌ସର ଓ ସିଲିକନ ସର୍କିଟ ଚିପ୍ସ ଲଗାଯାଇଛି। ଏହାକୁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥିବା ରିଷ୍ଟ୍ ୱାଚରେ ସଂଯୋଗ କରାଯାଇଛି। ପୁରଡ୍ୟୁ କଲେଜ୍ ଅଫ୍ ଇଞ୍ଜିନିୟରିଂର ସହକାରୀ ପ୍ରାଧ୍ୟାପକ ଚି ହ୍ୱାନ୍ ଲି ଏବଂ ତାଙ୍କ ସାଥୀ ଗବେଷକମାନେ କହିଛନ୍ତି ଯେ, ଏହି ଗ୍ଲୋଭ୍ ପ୍ରୋସ୍ଥେଟିକ ହ୍ୟାଣ୍ଡ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଅଧିକ ସହାୟକ ହୋଇପାରିବ। ଚଳପ୍ରଚଳ ହେବା ଭଳି ଅଙ୍ଗୁଳି ଓ କୃତ୍ରିମ ନଖ ଥିବା ଏହି ଗ୍ଲୋଭ ବିଭିନ୍ନ ସ୍କିନ୍‌ଟୋନ୍ କଲର୍‌ରେ ବଜାରରେ ଉପଲବ୍ଧ ହେବ ବୋଲି କହିଛନ୍ତି ଗବେଷକମାନେ।

**SAHARAYN UNIVERSAL MULTIPURPOSE SOCIETY LIMITED**
(Formerly known as Saharayn E-Multipurpose Society Limited) I (Regd. No.-MSCS/CR/935/2014)
195, Zone –1, In front of D.B. Mall, M.P. Nagar, Bhopal, Madhya Pradesh- 462011

**NOTICE**

THE 6th ANNUAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT ITS REGISTERED OFFICE AT 11.00 A.M. ON THURSDAY THE 19TH DAY OF SEPTEMBER, 2019 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.

BUSINESS ON AGENDA
1. To confirm the minutes of last General Body Meeting.
2. To consider and adopt the audited financial statement of accounts for the Financial Year 2018-19.
3. To consider and approve the Statutory Auditors' Report and Annual Report.
4. To announce the payment of dividend for the Financial Year 2018-19.
5. To consider the creation of specific reserve and other funds.
6. To consider the disposal of net profit.
7. To approve the annual budget for the Financial Year 2020-21.
8. To approve the annual action plan for the Financial Year 2020-21.
9. To consider and approve the appointment of Statutory Auditors for the Financial Year 2019-20.
10. To consider the list of employees who are relatives of members of the Board or of the Managing Director.
11. Any other item, if any, with the permission of Chairman.

By order of the Board
For Saharayn Universal Multipurpose Society Limited
Sd/-
Managing Director

Place: Bhopal
Date: 21st August, 2019

Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 A.M. on the same day i.e. 19th September, 2019 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.




## ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ



ଧାନ ସଂଗ୍ରହ ବର୍ଷ 2019-20

- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ **10 ସେପ୍ଟେମ୍ବର** ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
- ଅଦ୍ୟାବଧି ପଞ୍ଜିକରଣ ଉଦ୍ଦେଶ୍ୟରେ ଆବେଦନ ପତ୍ର ଦାଖଲ କରି ନଥିବା ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ, ନିର୍ଦ୍ଧାରିତ ଫର୍ମରେ ସେମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ସମିତି (ପେକ୍ସ / ଲ୍ୟାମ୍ପ୍ସ / ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବା ପାଣି ପଞ୍ଚାୟତ)ରେ ବର୍ଦ୍ଧିତ ସମୟ ସୀମା ମଧ୍ୟରେ ଆବେଦନ କରିବେ ।
- ଚାଷୀ ପଞ୍ଜିକରଣ ପାଇଁ ଏହା ଶେଷ ସୁଯୋଗ । ଏହାକୁ ହାତଛଡ଼ା ନ କରିବା ପାଇଁ ବିନୀତ ଅନୁରୋଧ ।

### ପଞ୍ଜିକୃତ ତଥ୍ୟର ଚିଠା ପ୍ରକାଶନ

- ପଞ୍ଜିକୃତ ଚାଷୀମାନେ ଖରିଫ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା (ତା.31.08.2019 ସୁଦ୍ଧା ପଞ୍ଜିକୃତ ତଥ୍ୟ ଅନୁଯାୟୀ) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯାଇଛି ।
- ଏହି ତଥ୍ୟ ସମ୍ପୃକ୍ତ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସମିତି, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ ଦୋକାନରେ ପ୍ରକାଶନ କରାଯାଇଛି ।
- ସବିଶେଷ ତଥ୍ୟ ସମ୍ପୃକ୍ତ ସମିତିରେ ଉପଲବ୍ଧ ଏବଂ ପଞ୍ଜିକୃତ ଚାଷୀ / ସର୍ବସାଧାରଣ ତା'ହା ନିରୀକ୍ଷଣ କରିପାରିବେ ।
- ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍ ସମ୍ବନ୍ଧୀୟ ଅଭିଯୋଗ ସମ୍ପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା **ତା.12.09.2019** ସୁଦ୍ଧା ଦରଜ କରିପାରିବେ ।
- ଆପତ୍ତି କରିବା ପାଇଁ ନିର୍ଦ୍ଧାରିତ ଫର୍ମ ପ୍ରକାଶନ ସ୍ଥଳରେ ଉପଲବ୍ଧ ଅଟେ ।
- ସମିତି ସମ୍ପାଦକ / ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ / କଣ୍ଟ୍ରୋଲ ଡିଲର ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଆପତ୍ତି ପତ୍ର ପ୍ରାପ୍ତି ସ୍ୱୀକାର ସହ ଗ୍ରହଣ କରିବେ ।
- ଏକ ନିର୍ଭୁଲ ଓ ତଥ୍ୟନିଷ୍ଠ ଚାଷୀ ତାଲିକା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ ।
- ଏ ବାବଦରେ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**
**ଓଡ଼ିଶା ସରକାର**


■ ମଠ ଉଚ୍ଛେଦକୁ ବିରୋଧ

# ପ୍ରଧାନ ବିଚାରପତିଙ୍କୁ ମହନ୍ତଙ୍କ ଖୋଲା ଚିଠି

**ପୁରୀ ଅଫିସ, ୪।୯:** ଶ୍ରୀମନ୍ଦିର ସୁରକ୍ଷା ପାଇଁ ମେଘନାଦ ପାଚେରିଠାରୁ ୭୫ମିଟର ପରିଧି ମଧ୍ୟରେ ଜାଗା ଖାଲି କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିପାଇଁ ବିଭିନ୍ନ ନିର୍ମାଣ ଉଚ୍ଛେଦ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ବିପଦସଙ୍କୁଳ ଥିବା ଦର୍ଶାଯାଇ ଲଙ୍ଗୁଳି ମଠ ଓ ଏମାର ମଠ ଭଙ୍ଗାଯାଇଛି। ଆଗକୁ ଆହୁରି ମଠ ଭଙ୍ଗାଯିବା ଲାଗି ଯୋଜନା ଥିବାବେଳେ ମଠ ମହନ୍ତମାନେ ଏହାକୁ ବିରୋଧ କରିଛନ୍ତି। ଏ ନେଇ ସେମାନେ ବୁଧବାର ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କୁ ଖୋଲା ଚିଠି ଲେଖିଛନ୍ତି। ଏଥିରେ ହସ୍ତକ୍ଷେପ କରିବାକୁ ସେମାନେ ନିବେଦନ କରିଛନ୍ତି। ଚିଠିରେ ମହନ୍ତମାନେ ଦର୍ଶାଇଛନ୍ତି, ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ନିର୍ମାଣ ଉଚ୍ଛେଦ ଲାଗି ସରକାରଙ୍କ ଦ୍ୱାରା ନିଷ୍ପତ୍ତି ହୋଇଛି। ଏହି ପରିସୀମା ମଧ୍ୟରେ ପ୍ରାୟ ୧୮ଟି ମଠ ରହିଛି। ଶହ ଶହ ବର୍ଷର ଏହି ପୁରାତନ ଐତିହ୍ୟ ସମ୍ପନ୍ନ ମଠକୁ ବହୁ ସାଧୁସନ୍ଥ ଓ ଆଚାର୍ଯ୍ୟ ପରିଦର୍ଶନରେ ଆସିଛନ୍ତି। ଏଗୁଡ଼ିକର ସୁରକ୍ଷା ପରିବର୍ତ୍ତେ ରାଜ୍ୟ ସରକାର ଧ୍ୱଂସ କରୁଛନ୍ତି। ଗତ ସପ୍ତାହରେ ସୁପ୍ରିମକୋର୍ଟଙ୍କୁ ମିଥ୍ୟା ତଥ୍ୟ ଦିଆଯାଇଛି। ଉଚ୍ଛେଦ ନେଇ ମଠ ମହନ୍ତଙ୍କ ସହମତି ଥିବା କୁହାଯାଇଛି, ମାତ୍ର ଏଥିରେ ମହନ୍ତମାନେ ଆଦୌ ସହମତି ଦେଇନାହାନ୍ତି। ଏବେ ଜିଲା ପ୍ରଶାସନ ଉଚ୍ଛେଦ ପାଇଁ ଆମ ଉପରେ ଚାପ ପକାଉଛି। ସୁପ୍ରିମ୍‌କୋର୍ଟ ଆମିକସ୍‌କ୍ୟୁରି ଓ ଏସ୍‌ଜିଙ୍କୁ ପୁରୀ ଆସିବାକୁ କହିଛନ୍ତି। ସରକାର କିନ୍ତୁ ସେମାନଙ୍କୁ ଅପେକ୍ଷା ନ କରି ମଠକୁ ଧ୍ୱଂସ କରିଚାଲିଛନ୍ତି। ତେଣୁ ଏଥିରେ ହସ୍ତକ୍ଷେପ କରି ଐତିହ୍ୟର ସୁରକ୍ଷା ପାଇଁ ଉଚ୍ଛେଦ ଉପରେ ରହିତାଦେଶ ଦେବାକୁ ମହନ୍ତମାନେ ପ୍ରଧାନ ବିଚାରପତିଙ୍କୁ ନିବେଦନ କରିଛନ୍ତି।




ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ।
-ଶ୍ରୀଅରବିନ୍ଦ



# ଚତୁର କୁଆ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପୁଣି ଥରେ ମୋ ପ୍ରିୟ ବିଷୟକୁ ଆସୁଛି: କୁଆ। ସେମାନେ ଏବେ କ୍ରମଶଃ ଅନ୍ତର୍ଦ୍ଧାନ ହେବାରେ ଲାଗିଛନ୍ତି, ତେଣୁ ସେମାନଙ୍କ ସୁରକ୍ଷା ଅତି ଜରୁରୀ। ସେମାନଙ୍କୁ ଚିନାବାଦାମ, ଚାଉଳ ଓ ଫଳ ଆଦି ଖାଇବାକୁ ଦିଅନ୍ତୁ। କିନ୍ତୁ ସେମାନଙ୍କୁ ତଳେ ଖାଇବାକୁ ଦିଅନ୍ତୁ ନାହିଁ। ସେମାନଙ୍କୁ କୌଣସି ଟ୍ରେରେ, ଖୋଲା ଫିଡରରେ ବା ଟେବୁଲ ଉପରେ ଖାଇବାକୁ ଦିଅନ୍ତୁ। ସେମାନେ ଖାଇଲାବେଳେ ତାଙ୍କ ଆଗରେ ଠିଆହୋଇ ଚାହାନ୍ତୁ ନାହିଁ, ତା'ହେଲେ ସେମାନେ ଭୟରେ ଖାଇବେ ନାହିଁ। ଆପଣ ଖାଇବାକୁ ଦେଇ ସେଠାରୁ ଚାଲିଯାଆନ୍ତୁ। ସେମାନେ ଥରେ ଆପଣଙ୍କୁ ବିଶ୍ୱାସ କରିବା ଆରମ୍ଭ କଲା ପରେ ଖଣ୍ଡେ ଦୂରରେ ଥାଇ ତାଙ୍କୁ ଦେଖିପାରିବେ ଓ ତା'ପରେ ଆଉ ଟିକେ ପାଖକୁ ଆସିପାରିବେ।

ଆପଣ କୁଆମାନଙ୍କୁ ନିୟମିତ ଖାଇବାକୁ ଦେଲେ ସେମାନେ ବେଳେବେଳେ କିଛି ଉପହାର ଛାଡ଼ି ଦେଇଯାଆନ୍ତି। ତେଣୁ ଯଦି ଆପଣ କୌଣସି ଚିକ୍‌ଚିକିଆ ପଦାର୍ଥ ବା ଅଦ୍ଭୁତ ବାଡ଼ି ଉପହାର ସ୍ୱରୂପ ପାଇବାକୁ ଚାହାନ୍ତି, ତା'ହେଲେ କୁଆମାନଙ୍କୁ ଖାଇବାକୁ ଦେଇଚାଲନ୍ତୁ। କୁଆଙ୍କୁ ଖାଇବାକୁ ଦେଉଥିବା ଗାବି ମାନ୍ ନାମକ ଜଣେ ଲୋକ କୁଆମାନେ ତାଙ୍କୁ ଦେଇଥିବା ଉପହାରଗୁଡ଼ିକୁ ୟୁଟ୍ୟୁବ୍ ଦ ବିଟରସ୍ୱିଟ୍ ଲାଇଫ୍‌ରେ ଦେଖାଇଛନ୍ତି: କାନଫୁଲ, ପେପର୍ କ୍ଲିପ୍, ନଟ୍ ଓ ବୋଲ୍‌ଟ ଏବଂ ଏକ ଛୋଟ ଲାଇଟ୍ ବଲ୍‌ବ।

କୁଆମାନେ ମଜାଦାର ଖେଳ ଖେଳନ୍ତି। ତାହା କେବଳ ବାଡ଼ିର ଖେଳ ବା ଲୁଚକାଳି ଖେଳ ନୁହେଁ। ଉଦାହରଣସ୍ୱରୂପ ସେମାନେ ଗୋଟିଏ ତାର ଉପରେ ବସିବେ ଏବଂ ଗୋଟିଏ କୁଆ ହଠାତ୍ ଓଲଟିପଡ଼ିବ ଭୂମିରେ ପଡ଼ିବା ପର୍ଯ୍ୟନ୍ତ। ତା'ପରେ ସେ ଉଠି ପୁଣି ତାର ଉପରେ ବସିବ ଓ ପୁଣି ଓଲଟିପଡ଼ିବ। ପାହାଡ଼ ଚୂଡ଼ାରେ ବସିଥିବା ତରୁଣ କୁଆମାନେ ପରସ୍ପରକୁ ଠେଲିବେ, ପରସ୍ପର ଉପରକୁ ବରଫ ଫିଙ୍ଗିବେ, ଗୋଟିଏ କୁଆ ଲୁଚି ଲୁଚି ଅନ୍ୟ ଏକ କୁଆ ପଛପଟେ ବସି ତାକୁ ଠେଲିଦେବ- ଏହିପରି ନାନା ପ୍ରକାର ଖେଳ ସେମାନେ ଖେଳନ୍ତି। ଗଛଡାଳରେ ଝୁଲି ଝୁଲି ସେମାନେ ନାନା ପ୍ରକାର ବାୟବୀୟ କ୍ରୀଡ଼ା ପ୍ରଦର୍ଶନ କରନ୍ତି। ବୈଜ୍ଞାନିକମାନେ କୁଆମାନଙ୍କର ୭ ପ୍ରକାର ଖେଳର ତାଲିକା କରିଛନ୍ତି: ୧. ବିଭିନ୍ନ ଜିନିଷ ସାହାଯ୍ୟରେ ଖେଳ, ୨. ବିଭିନ୍ନ ଦ୍ରବ୍ୟକୁ ଲୁଚେଇବାର ଖେଳ, ୩. ଆକାଶରେ ବିଭିନ୍ନ କୌଶଳରେ ଉଡ଼ିବାର ଖେଳ, ୪. ପାଣିରେ ଗାଧୋଇବାର ଖେଳ, ୫. ବରଫରେ ଖସିବାର ଖେଳ, ୬. ଡାଳରେ ଝୁଲିବାର ଖେଳ ଏବଂ ବିଭିନ୍ନ ଢଙ୍ଗରେ ରାବିବାର ଖେଳ।

କାକ-ନିରୀକ୍ଷକମାନେ ତାଙ୍କ ଅନୁଭୂତିରୁ ଯାହା ଲେଖିଛନ୍ତି, ସେ ବିଷୟରେ ଏଠାରେ କିଛି ଉଲ୍ଲେଖ କରୁଛି। ଜଣେ ଲେଖିଛନ୍ତି ଯେ ଗୋଟିଏ ପତ୍ର ସହ କୁଆଟିଏ କେମିତି ୧୦ ମିନିଟ୍ ଧରି ଖେଳୁଥିଲା। କୁଆଟି ଏକ ଇଲେକ୍ଟ୍ରିକ୍ ତାର ଉପରେ ବସି ପତ୍ରଟିକୁ ତଳକୁ ପକାଇଦେଲା। ତା'ପରେ ସେ ଉଡ଼ିଆସି ତାକୁ ପୁଣି ଧରିଲା ଓ ତାର ଉପରକୁ ଯାଇ ତା'ର ପୁନରାବୃତ୍ତି କଲା। ଆଉ ଜଣେ ଲେଖିଛନ୍ତି ଯେ ସେ ତାଙ୍କ ଘର ପଛପଟେ ଏକ ରେଷ୍ଟୁରାଣ୍ଟର ପାର୍କିଂ ସ୍ଥଳରେ ତରୁଣ କୁଆମାନଙ୍କ ଖେଳ ଦେଖୁଥିଲେ। ଥରେ ଏକ ଛିଣ୍ଡା କାଗଜର ବଲ୍ ପାର୍କିଂ ସ୍ଥାନରେ ଗଡ଼ିବାର ଦେଖି କୁଆମାନେ ତାକୁ ନେଇ ଖେଳିବାକୁ ଆରମ୍ଭ କରିଦେଲେ। ମନେହେଲା ସତେ ଯେମିତି ସେମାନେ ଫୁଟ୍‌ବଲ ଖେଳୁଛନ୍ତି। ଆଉ ଜଣେ ଲେଖିଛନ୍ତି ଯେ, କୁଆମାନେ ଏକ ଷ୍ଟୋର ଭିତରେ ପଶି କିଛି ଚିପ୍ ଥିବା ବ୍ୟାଗ୍ ଚୋରି କରି ନେଇଗଲେ। ବାହାରେ ତାକୁ ଖୋଲି ସେଥିରେ ଥିବା ଚିପ୍‌ଗୁଡ଼ିକ ଖାଇବାକୁ ଲାଗିଲେ, ଠିକ୍ ଯେମିତି ପେସାଦାର ଚୋର ପରି।

ସାରା ପୃଥିବୀରେ ୪୦ ପ୍ରଜାତିର କୁଆ ଅଛନ୍ତି। ଅଧିକାଂଶ ଦଳବଦ୍ଧ ହୋଇ ରହନ୍ତି। ଅନ୍ୟମାନେ ଏକୁଟିଆ ରହିଲେ ମଧ୍ୟ ଖାଦ୍ୟ ଅନୁସନ୍ଧାନରେ ଗଲାବେଳେ ଦଳବଦ୍ଧ ହୋଇ ଯାଆନ୍ତି। ଗୋଟିଏ କୁଆ ମରିଗଲେ ଦଳର ଅନ୍ୟମାନେ ତା' ମଲାଦେହ ଚାରିପଟେ ବେଢ଼ିଯାଆନ୍ତି। ସେମାନେ କେବଳ ମୃତକ ପାଇଁ ଶୋକ ପ୍ରକାଶ କରନ୍ତିନି ବରଂ ଦେଖନ୍ତି ତାଙ୍କ ସାଥୀକୁ କିଏ ମାରିଛି। ମାରିଥିବା ମଣିଷ ବା ଜନ୍ତୁକୁ ସେମାନେ ପିଛା କରି ଆକ୍ରମଣ କରନ୍ତି। କୁଆମାନେ ନିଜ ଜନ୍ମସ୍ଥାନର ପାଖାପାଖି ସ୍ଥାନରେ ରହନ୍ତି ଏବଂ ଶାବକମାନଙ୍କ ଲାଳନପାଳନରେ ସାହାଯ୍ୟ କରନ୍ତି।

ଡାମରା କୁଆମାନେ କେଉଁଠି ଖାଦ୍ୟ ଦେଖିଲେ ଉଚ୍ଚ ସ୍ୱରରେ କା କା କରି ଅନ୍ୟମାନଙ୍କୁ ସଚେତନ କରାଇ ଦିଅନ୍ତି। ଗବେଷକମାନଙ୍କ ମତରେ ସେହି ରାବରୁ ସେମାନଙ୍କ ବୟସ ଓ ଲିଙ୍ଗ ସମ୍ପର୍କରେ ଅନ୍ୟମାନେ ଜାଣିପାରନ୍ତି ଏବଂ ସେମାନଙ୍କ ଡାକରାକୁ ସମ୍ମାନ ଦେଇ ଖାଦ୍ୟ ଖାଇବାକୁ ଯିବେ କି ନାହିଁ ନିଷ୍ପତ୍ତି ନିଅନ୍ତି। ଏହି ନିଷ୍ପତ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଖାଦ୍ୟ ଖାଇବା ବେଳେ ଅଧିକ କୁଆଙ୍କ ଉପସ୍ଥିତି ଏବଂ ଆକ୍ରମଣାତ୍ମକ ଆଭିମୁଖ୍ୟ ବେଳେ ବେଳେ ବିପଦର କାରଣ ହୋଇଥାଏ।

କୁଆମାନେ ସବୁ ମଣିଷଙ୍କୁ ବିଶ୍ୱାସ କରନ୍ତି ନାହିଁ ଏବଂ ଥରେ କାହାକୁ ବିଶ୍ୱାସ କରିଗଲେ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଘଟେ। ଉଦାହରଣସ୍ୱରୂପ ସ୍ତ୍ରୀଠାରୁ ଖାଦ୍ୟ ଖାଇଲା ପରେ ସ୍ୱାମୀଙ୍କ କାର୍ ଯିବା ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରନ୍ତି। ଆୟର୍ଲାଣ୍ଡର ଜଣେ କାକ-ନିରୀକ୍ଷକ କହିଛନ୍ତି ଯେ ତାଙ୍କ ସ୍ତ୍ରୀ କୁଆଙ୍କ ପାଇଁ ଖାଇବାକୁ ଆଣନ୍ତି ଏବଂ ସେ ସେଥିରୁ ଖଣ୍ଡେ ଖଣ୍ଡେ କୁଆଙ୍କ ପାଖକୁ ଫୋପାଡ଼ନ୍ତି। କିଛିଦିନ ପରେ ସେ ଯେତେବେଳେ ଆଗ ଆସିଲେ ସେତେବେଳେ କୁଆମାନେ ରାବି ଜାଣିବାକୁ ଚାହିଁଲେ ଯେ ତାଙ୍କ ସ୍ତ୍ରୀ ଆସୁଛି ନା ନାହିଁ।

ମଣିଷଙ୍କ ପରି କୁଆମାନେ ମଧ୍ୟ ଭବିଷ୍ୟତ ପାଇଁ ଯୋଜନା କରନ୍ତି। ଭବିଷ୍ୟତର ବ୍ୟବହାର ପାଇଁ ସେମାନେ କିଛି ଜିନିଷ ସାଇତି ରଖନ୍ତି ଏବଂ ସେହିସବୁ ଖାଦ୍ୟ ଲୁଚାଇ ରଖନ୍ତି, ଯାହା ଭବିଷ୍ୟତରେ ମିଳିବା କଷ୍ଟକର। ଏକ ଗବେଷଣା ରିପୋର୍ଟ ଅନୁସାରେ ଗବେଷକମାନେ କୁଆମାନଙ୍କୁ ଏକ ଟୋକନ ବାଛିବାକୁ ଦେଲେ ଯାହା ବିନିମୟରେ ସେମାନେ ଖାଦ୍ୟ ପାଇପାରିବେ। କୁଆମାନେ ସେହି ଟୋକନକୁ ବାଛିଲେ ଏବଂ ଭବିଷ୍ୟତରେ ତା' ବିନିମୟରେ ଖାଦ୍ୟ ପାଇବା ପାଇଁ ତାକୁ ସାଇତି ରଖିଲେ ଏବଂ ପରେ ପୁଣି ତାକୁ ବ୍ୟବହାର ବି କଲେ।

କୁଆମାନେ କେବଳ ନିଜର ଭବିଷ୍ୟତ ପାଇଁ ଯୋଜନା କରନ୍ତି ନାହିଁ, ସେମାନେ ଅନ୍ୟମାନଙ୍କ କଥା ମଧ୍ୟ ଭାବନ୍ତି। କୁଆଟିଏ କିଛି ଖାଦ୍ୟ ସଂଗ୍ରହ କଲାବେଳେ ଦେଖେ, ତାଙ୍କୁ କିଏ ଦେଖୁଚି ନା ନାହିଁ। ଯଦି ଆଉ କିଏ ଦେଖୁଥାଏ, ତେବେ ସେ ଉକ୍ତ ଖାଦ୍ୟକୁ ଡେଣା ଭିତରେ ଲୁଚାଇ ଏକ ନୂଆ ଗୋପନ ସ୍ଥାନକୁ ଉଡ଼ିଯାଏ, ଯେଉଁଠି ସେ ତାକୁ ସାଇତି ରଖେ। କିନ୍ତୁ ତାକୁ ଦେଖୁଥିବା କୁଆ ତା'ର ପିଛା କରି ତା'ର ନୂତନ ଗୋପନ ସ୍ଥାନଟି ବିଷୟରେ ଜାଣିନିଏ। ଡାମରା କୁଆମାନେ ନୂଆ ସ୍ଥାନରେ ଖାଦ୍ୟ ଲୁଚାଇବାର ଛଳନା କରି ତାଙ୍କୁ କିଏ ପିଛା କରୁଛି ଜାଣିବାକୁ ଚେଷ୍ଟା କରନ୍ତି। ତେଣୁ ସେ ସ୍ଥାନରୁ ତାଙ୍କ ଖାଦ୍ୟ ଚୋରି ହୋଇଯିବାର ସନ୍ଦେହ କରି ସେମାନେ ଅନ୍ୟ ସ୍ଥାନରେ ତାହା ଲୁଚାନ୍ତି।

ଚାଥମ୍, ଓଣ୍ଟାରିଓରୁ କୁଆମାନଙ୍କ ସ୍ମୃତିଶକ୍ତି ବିଷୟରେ ଜଣାପଡ଼ିଛି। ପ୍ରାୟ ଅଧ ନିୟୁତ କୁଆ ପରିବ୍ରାଜନ ବେଳେ ଚାଥମ୍‌ଠାରେ ଅଟକୁଥିଲେ। କିନ୍ତୁ ସେଠାରେ ସେମାନେ ମଳତ୍ୟାଗ କରି ପରିବେଶକୁ ଅସନା କରୁଥିବାରୁ ସହରର ମେୟର କୁଆମାନଙ୍କ ବିରୋଧରେ ଯୁଦ୍ଧଘୋଷଣା କଲେ। ଲୋକମାନେ ଗୁଳିକରି କୁଆମାନଙ୍କୁ ମାରିବାକୁ ଲାଗିଲେ। ସେହିଦିନଠାରୁ କୁଆମାନେ ଗୁଳିମାଡ଼ରୁ ବର୍ତ୍ତିବା ପାଇଁ ଆଉ ଚାଥମ୍‌ଠାରେ ରହିଲେ ନାହିଁ ଏବଂ ବହୁ ଉଚ୍ଚରେ ଉଡ଼ି ଉଡ଼ି ଚାଥମ୍ ଅତିକ୍ରମ କଲେ। ଏହାଦ୍ୱାରା ସେମାନଙ୍କ ମଳତ୍ୟାଗ କରି ସାରା ସହରକୁ ଅସନା କରିବା ବନ୍ଦ ହେଲା ନାହିଁ କିନ୍ତୁ ଆଉ କେହି ସେମାନଙ୍କୁ ମାରିପାରିଲେ ନାହିଁ।

ଯଦି ଆପଣ ଭାବୁଥାନ୍ତି ଯେ ଦୁଇଟା କୁଆ ଆପଣଙ୍କୁ ଦେଖୁଛନ୍ତି ଓ କା କା କରି ଆପଣଙ୍କ ବିଷୟରେ ପରସ୍ପର ସହ କଥା ହେଉଛନ୍ତି, ତେବେ ଆପଣଙ୍କ ଧାରଣା ଭୁଲ୍ ହୋଇ ନ ପାରେ। କୁଆମାନଙ୍କ ରାବିବାର ତାନ, ତାଳ ଓ ବ୍ୟବଧାନ ସେମାନଙ୍କ ଭାଷାର ଭିତ୍ତି। ଡାମରା କୁଆମାନଙ୍କର ୩୩ ପ୍ରକାର ଭାଷା ଅଛି। କୁଆମାନେ ଆମର କାର୍ଯ୍ୟକୁ ଦେଖନ୍ତି ଓ ସେଥିରୁ ଶିଖନ୍ତି। କୁଆମାନେ ଖାଦ୍ୟ ମଞ୍ଜିକୁ ରାସ୍ତା ଉପରେ ପକାଇଦିଅନ୍ତି। ତା' ଉପରେ କାର୍ ଚଢ଼ିଗଲା ପରେ ତାହା ଭାଙ୍ଗିଯାଏ ଓ ପରେ କୁଆମାନେ ତାକୁ ନେଇ ଖାଆନ୍ତି। କୁଆମାନେ ହୋଟେଲର ଅଳିଆ କେତେବେଳେ ବାହାରେ ପଡୁଛି ତାହା ମନେରଖି ସେହି ସମୟରେ ସେଥିରୁ ନିଜର ଖାଦ୍ୟ ସଂଗ୍ରହ କରନ୍ତି। ଏବେ କୁଆମାନଙ୍କ ବଂଶ ବିପଦରେ, ତେଣୁ ଆପଣମାନେ ସେମାନଙ୍କୁ ଖାଇବାକୁ ଦିଅନ୍ତୁ ଓ ସେମାନଙ୍କ ଜୀବନ ବଞ୍ଚାନ୍ତୁ।

Email: gandhim@nic.in

# ଗୁରୁ ହିଁ ଈଶ୍ୱର



ସଂଗ୍ରାମ କେଶରୀ ପୃଷ୍ଟି

ବ୍ୟକ୍ତି ନିର୍ମାଣ ଓ ଚରିତ୍ର ଗଠନ ଦିଗରେ ଶିକ୍ଷାର ବିଶେଷ ଭୂମିକା ରହିଛି। ଶିକ୍ଷା ପରି ଏକ ପବିତ୍ର ଦାନ ସମ୍ଭବତଃ ଦୁନିଆରେ ଆଉ କିଛି ନାହିଁ। ଏହିପରି ଏକ ପବିତ୍ର ବୃତ୍ତିକୁ ଆପଣେଇ ଶିଷ୍ୟ ମନରୁ ଅଜ୍ଞାନ ଅନ୍ଧକାରକୁ ଦୂରେଇ ଦେଇ ପାରୁଥିବା ମହାନ୍ ବ୍ୟକ୍ତିବିଶେଷଙ୍କୁ ସମାଜ 'ଗୁରୁ' ଭାବରେ ଗ୍ରହଣ କରିଥାଏ। ପିତାମାତାଙ୍କ ପରେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥାନ୍ତି।

ବିନା ଗୁରୁରେ ଜ୍ଞାନଲାଭ କରିବା ଅସମ୍ଭବ। ସୁତରାଂ ମୋକ୍ଷ ରୂପକ ମାର୍ଗ ଦେଖାଉଥିବା ବ୍ୟକ୍ତି 'ଗୁରୁ' ହିଁ ଅଟନ୍ତି। ଗୁରୁ ଶିଷ୍ୟ ମନରୁ କେବଳ ଅଜ୍ଞାନତା ନୁହେଁ, ତା' ଭିତରେ ଥିବା ଅହଂକାରକୁ ମଧ୍ୟ ଦୂର କରନ୍ତି। ଅଜ୍ଞାନତା ହିଁ ସୁଖ-ଦୁଃଖ, ଜୀବନ-ମୃତ୍ୟୁ ମଧ୍ୟରେ ବିଭେଦ ସୃଷ୍ଟି କରିଥାଏ। ମାତ୍ର ମନରୁ ଅଜ୍ଞାନତା ଦୂର ହୋଇଗଲେ ଜୀବନର ବାସ୍ତବ ସତ୍ୟକୁ ଉପଲବ୍ଧି କରିହୁଏ। ଏହାକୁ ଧ୍ୟେୟ କରି ବାଟଚାଲିଲେ ଜୀବନର ଚଲାପଥ ହୁଏ କୁସୁମିତ। ସବୁ ବାଧାବିଘ୍ନକୁ ସହିବା ପାଇଁ ମନରେ ଆସେ ଅଦମ୍ୟ ସାହସ। ଏହା ନେପଥ୍ୟରେ ରହିଥାଏ ଗୁରୁଙ୍କ ଅସାମାନ୍ୟ ତ୍ୟାଗ, ଉତ୍ସର୍ଗୀକୃତ ଭାବନା ଓ ଅସୁମାରି ସ୍ନେହପ୍ରେମ। ତାଙ୍କ ପରି ହିତକାରୀ ସଂସାରରେ ବିରଳ ନିଶ୍ଚିତ। ସନ୍ଥ କବୀରଙ୍କ ଭାଷାରେ- ''ସଦ୍‌ଗୁରୁ ସମ କୋଇ ନହିଁ ସାତ ଦୀପ ନୌ ଖଣ୍ଡ, ତିନ୍ ଲୋକ ନ ପାରୟେ, ଅରୁ ଇକଇସ ବ୍ରହ୍ମାଣ୍ଡ।'' ଅର୍ଥାତ୍ ସାତଦ୍ୱୀପ, ନଅ ଖଣ୍ଡ, ତିନି ଲୋକ, ଏକୋଇଶ ବ୍ରହ୍ମାଣ୍ଡରେ ସଦ୍‌ଗୁରୁଙ୍କ ସମାନ ହିତକାରୀ ଆପଣ କାହାକୁ ମଧ୍ୟ ପାଇବେ ନାହିଁ।

ପିତାମାତା ହେଉଛନ୍ତି ଶିଶୁର ଆଦ୍ୟଗୁରୁ। ସେମାନଙ୍କ ସଂଯମ, ଅଚରଣ, ଉଚ୍ଚାରଣ, ସଂସ୍କାରର ପ୍ରତିଫଳନ ଘଟେ ଶିଶୁ ଉପରେ। ପରବର୍ତ୍ତୀ ସମୟରେ ସେ ବିଦ୍ୟାଶିକ୍ଷା ପାଇଁ ଗୁରୁଙ୍କ ଶରଣାପନ୍ନ ହୋଇଥାଏ। ଏ ଶିକ୍ଷାର କିନ୍ତୁ ଶେଷ ନ ଥାଏ। କାରଣ ଏଠି ଜୀବନଟା ହେଉଛି ଶିକ୍ଷାର ଏକ ପ୍ରୟୋଗଶାଳା। ଗୁରୁଙ୍କ ଦିଗ୍‌ଦର୍ଶନ କାରଣରୁ ସମୟଠାରୁ ସେ ବହୁତ କିଛି ଶିଖିଥାଏ। ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ପାରେ। ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ- ''ନିଜକୁ ଯେ ନିରନ୍ତର ଶିଷ୍ୟ ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ।''

ଗୁରୁ ଓ ରାସ୍ତା ଏକାପରି। ସେମାନେ ଗୋଟିଏ ଜାଗାରେ ଥିବେ କିନ୍ତୁ ଅନ୍ୟକୁ ଆଗକୁ ବଢାଇବାକୁ ପ୍ରୋତ୍ସାହିତ କରିବେ। ଏହା ହିଁ ତ ଗୁରୁଙ୍କ ମହାନତା। ଛାତ୍ରୀ-ଛାତ୍ରଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। କଞ୍ଚାମାଟିର ପିତୁଳାକୁ ସେ ଦେବତା ଭାବରେ ଗଢିବାକୁ ନିରନ୍ତର ପ୍ରୟାସ ଜାରିରଖନ୍ତି। ବିନା ଗୁରୁରେ କେହି କେବେ ଜ୍ଞାନୀ ପଦବାଚ୍ୟ ହୋଇପାରି ନ ଥାଏ। ତେଣୁ ଭାଗବତରେ ଅଛି ''ଗୁରୁ ନ ଥାଇ ତୁ ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ।'' ଗୁରୁ ହିଁ ପ୍ରେରଣାର ଉତ୍ସଟିଏ। ଯିଏକି ଜ୍ଞାନ ପ୍ରଦାନ କରିବା ସହିତ ଶିଷ୍ୟ ମଧ୍ୟରେ ଥିବା

## ଗୁରୁଦିବସ ଉପଲକ୍ଷେ

ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରିଥାନ୍ତି। ତା' ଭିତରେ ଥିବା ସୃଜନଶୀଳତାର ବିକାଶ ପାଇଁ ଦିଅନ୍ତି ପ୍ରେରଣା। ବିଶିଷ୍ଟ ଦାର୍ଶନିକ ଆର୍ଥର ୱାର୍ଡଙ୍କ ମତରେ- ''ଜଣେ ସାଧାରଣ ଶିକ୍ଷକ କେବଳ ଶିକ୍ଷାଦାନ କରିଥାନ୍ତି। ଭଲ ଶିକ୍ଷକ ଉତ୍ତମ ରୂପେ ବୁଝାଇଥାନ୍ତି। ସବୁଠୁ ଭଲ ଶିକ୍ଷକ ପ୍ରଦର୍ଶନ କରାନ୍ତି ମାତ୍ର ଜଣେ ମହାନ୍ ଶିକ୍ଷକ ପ୍ରେରଣା ଦେଇଥାନ୍ତି।'' ବାସ୍ତବରେ ଶିକ୍ଷକଙ୍କ ଏହି ପ୍ରେରଣା ହିଁ ଶିଷ୍ୟ ମନରେ ଆଶା ସଞ୍ଚାର କରେ। କଳ୍ପନା ଉଦ୍ରେକ କରିଦିଏ। ପୁନଶ୍ଚ ଭଲପାଇବାର ପ୍ରବଣତା ଭରିଦିଏ। ଏହାହିଁ ଶିକ୍ଷାକୁ ମହତ୍ତର ସୋପାନ ଆଡକୁ ବାଟ କଢାଇନିଏ।

ଶିକ୍ଷା ହେଉଛି ପ୍ରଗତିର ମାପକାଠି। ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ। ତେଣୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହିତ ଶିକ୍ଷାକୁ ବିକାଶ ସହିତ ଯୋଡିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ଗୁରୁଦାୟିତ୍ୱ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। ଦାର୍ଶନିକ ମୈଗୀ ଗୈଲେଘର୍‌ଙ୍କ ମତରେ- ''ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଶିକ୍ଷକ ହେବା।'' ଆଦର୍ଶ, ନୀତିନିଷ୍ଠ, ସଚ୍ଚୋଟ, କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତୀ, ସମଦର୍ଶୀ ବ୍ୟକ୍ତି ହିଁ ଭଲ ଶିକ୍ଷକ ପଦବାଚ୍ୟ, ଯିଏକି ଶିକ୍ଷକତାକୁ ବୃତ୍ତି ନୁହେଁ ବରଂ ବ୍ରତ ବୋଲି ମନେକରନ୍ତି। ଶିକ୍ଷା ପ୍ରତି ସମର୍ପିତ ଭାବନା ହିଁ ତାଙ୍କୁ ମହାନ କରି ଗଢିତୋଳିଥାଏ।

ପ୍ରାଚୀନ ଗୁରୁ-ଶିଷ୍ୟର ମହାନ୍ ପରମ୍ପରା ଅତୀତ ଗହ୍ୱର ମଧ୍ୟରେ ହଜିଯାଇଥିଲେ ମଧ୍ୟ ସେମାନଙ୍କ ପଦାଙ୍କ ଅନୁସରଣ କରିବା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ। ଗୁରୁ ତାଙ୍କର ମହନୀୟ ବ୍ୟକ୍ତିତ୍ୱକୁ ବଜାୟ ରଖିବା ସହିତ ଶିଷ୍ୟମାନେ ମଧ୍ୟ ଗୁରୁଙ୍କ ପ୍ରତି ଯଥେଷ୍ଟ ସମ୍ମାନବୋଧ ରଖିଲେ ଯାଇ ଏ ପରମ୍ପରାକୁ ବଜାୟ ରଖି ହେବ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଅବତାର ଭାବରେ ବିବେଚିତ ଗୁରୁଙ୍କ ମହିମାକୁ ନେଇ ସନ୍ଥ କବୀର ଦାସ କହିଛନ୍ତି-

''ସବ୍ ଧରତୀ କାଗଜ କରୁଁ ଲିଖନୀ ସବ୍ ବନରାୟ,
ସାତ ସମୁଦ୍ର କୀ ମସି କରୁଁ ଗୁରୁ ଗୁଣ ଲିଖା ନ ଜାୟ।''

ଅର୍ଥାତ୍ ସାରା ପୃଥିବୀକୁ କାଗଜ, ସାରା ଜଙ୍ଗଲକୁ କଲମ, ସାତ ସମୁଦ୍ରକୁ ସ୍ୟାହି କରି ଲେଖିଲେ ମଧ୍ୟ ଗୁରୁଙ୍କ ଗୁଣ ଲେଖାଯାଇପାରିବ ନାହିଁ। ସୁତରାଂ 'ଗୁରୁହିଁ ଈଶ୍ୱର'-ଏ ଭାବଧାରା ଆମ ମନରେ ଉଦ୍ରେକ ହେବା ଆବଶ୍ୟକ।

ଶିକ୍ଷକ, କିଶୋରନଗର ହାଇସ୍କୁଲ, ରାଜକିଶୋର ନଗର, ଅନୁଗୋଳ, ମୋ- ୯୪୩୭୫୪୭୧୪୬

## ଏଇ ଭାରତରେ

ଛୋଟ ପିଲାଙ୍କ ମନ ଓ ହୃଦୟ ଅଲେଖା ସ୍ଲେଟ୍ ପରି ନିର୍ମଳ। ସେମାନଙ୍କ ମଧ୍ୟରେ କୌଣସି ଧର୍ମ, ଜାତି, ସମ୍ପ୍ରଦାୟ ଜ୍ଞାନ ନ ଥାଏ। ଛତିଶଗଡ଼ ରାୟପୁରରେ ଏଭଳି ଏକ ନିଆରା ଘଟଣା ଦେଖିବାକୁ ମିଳିଛି। ଏଠାରେ ବାସ କରୁଥିବା ରମ୍‌ଜାନ ଓ ମୁବାରକ ଘରୁ ଲୁଚି ସ୍ଥାନୀୟ ରେଲ୍‌ୱେ ଫାଟକଠାରେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରିଛନ୍ତି। ରମଜାନ୍ ସ୍ୱପ୍ନରେ ଗଣେଶଙ୍କୁ ଦେଖିଥିବା କଥା ତାଙ୍କ ସାଙ୍ଗ ମୁବାରକଙ୍କୁ କହିଥିଲେ। ଏହାପରେ ଦୁଇ ସାଙ୍ଗ ଗଣେଶ ପୂଜା କରିବା ପାଇଁ ଘରୁ ଲୁଚି ପଳାଇଥିଲେ। ସ୍ଥାନୀୟ ଶାରଦା ବିହାର କଲୋନୀରେ ଗଣେଶ ପୂଜା ଲାଗି ସେମାନେ ଘର ଘର ବୁଲି ଚାନ୍ଦା ସଂଗ୍ରହ କରିଥିଲେ। ରେଲୱେ ଫାଟକ ନିକଟରେ ବାଉଁଶ ତାଟିରେ ଛୋଟ ପେଣ୍ଡାଲ ତିଆରି କରି ସେଠାରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ଲୋକେ ପେଣ୍ଡାଲ ଦେଖି ସେଠାରେ ପୂଜା କରିବାକୁ ଆସିଥିଲେ। ଦୁଇ ନାବାଳକଙ୍କୁ ସ୍ଥାନୀୟ ଲୋକେ ଖାଇବାକୁ ମଧ୍ୟ ଦେଇଥିଲେ। ତେବେ ଦୁଇଦିନ ଧରି ଘରୁ ରମଜାନ୍ ଏବଂ ମୁବାରକ ନିଖୋଜ ହେବା ପରେ ପରିବାର ସଦସ୍ୟ ଥାନାରେ ଖବର ଦେଇଥିଲେ। ପୋଲିସ ସହରସାରା ଦୁଇ ନାବାଳକଙ୍କୁ ଖୋଜିବା ପରେ ରେଲୱେ ଫାଟକ ପାଖରୁ ସେମାନଙ୍କୁ ଉଦ୍ଧାର କରିଥିଲା। ପଚରାଉଚରା ପରେ ଦୁଇ ନାବାଳକ ସତକଥା ପ୍ରକାଶ କରିଥିଲେ। ତେବେ ଦୁଇଜଣଙ୍କ ଉତ୍ତର ସମସ୍ତଙ୍କୁ ଯେତିକି ଖୁସି କରିଥିଲା ସେତିକି ବିସ୍ମିତ କରିଥିଲା।

## ଚିରନ୍ତନୀ

ଆଶ୍ୱିନର ଉଷା ଘାସେ ମୁକୁତା ତୁଷାର ପଡ଼େ ଝରି
ସବୁଜ ବେଦନା ପରେ ଲୋତକ ଉଠଇ କିବା ଭରି।
ଆଷାଢ଼ ମାଟିର ବ୍ୟଥା ହୁଅଇ ପ୍ରକାଶ
କମ୍ପନରେ ଜାଗଇ ଆକାଶ।
ରୁଦ୍ଧ ହୃଦୟ ଆବେଗ ନୟନ ଜଳରେ ଦିଏ ଢାଳି,
ପରାହତ କବି ଯଥା ଲୋତକରେ ଦିଅଇ ପଖାଳି
ଅପ୍ରକାଶ ଅନାଗତ ବେଦନାର ଛନ୍ଦ,
ଫାଟି ପଡ଼େ ହୃଦୟର ବନ୍ଧ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | | 0 | | | | | 7 | | | |
| | | | 0 | | B | 7 | | 9 | 2 | | 1 | | | |
| | E | | | | 5 | | 1 | A | | | | | | |
| 3 | | | | 9 | 2 | | D | | | 5 | C | | | |
| 6 | 0 | B | | D | 1 | | 8 | | A | | 9 | | | |
| | 8 | | | | A | | B | | | 3 | | | | |
| | 1 | | 9 | | D | | | | | | 2 | | | 0 |
| | B | | | | 0 | 2 | 9 | 7 | | 8 | A | | | |
| D | | 4 | E | 6 | | | | | | | | | | 1 |
| A | | | C | | | 6 | | 4 | | | | | | 3 |
| | 2 | | 7 | | E | B | | 5 | 4 | | | 9 | | |
| | | 3 | | 5 | | | | E | 9 | A | | | | 4 |
| | 9 | | | 1 | 3 | | C | | 0 | | | 5 | | 7 |
| | | | D | 8 | | | | 6 | | | | | | |
| | 5 | | B | | | 3 | A | | | 6 | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 1 | 9 | B | 8 | D | 7 | 2 | A | C | 3 | E | 4 | 0 | 5 |
| 2 | 5 | 0 | C | 9 | A | E | B | 8 | 7 | 1 | 4 | D | 3 | 6 |
| 8 | 4 | B | 5 | 3 | E | 6 | 0 | 9 | D | A | 2 | 1 | C | 7 |
| 7 | 3 | E | 2 | 0 | 4 | C | 1 | D | 5 | 9 | 6 | A | B | 8 |
| C | D | A | 7 | 6 | 1 | 5 | 4 | 3 | 8 | 0 | B | E | 9 | 2 |
| E | 8 | 3 | D | C | 5 | 2 | 9 | 0 | 1 | 4 | 7 | 6 | A | B |
| 4 | 9 | 2 | 3 | B | 7 | A | 6 | 5 | 0 | 8 | D | C | 1 | E |
| 5 | A | D | E | 1 | 8 | B | 7 | 4 | 6 | C | 3 | 9 | 2 | 0 |
| B | 0 | 6 | 4 | 2 | 9 | 1 | 3 | C | A | E | 5 | 8 | 7 | D |
| 1 | C | 7 | 0 | A | 6 | 8 | D | E | B | 2 | 9 | 3 | 5 | 4 |
| A | E | 4 | 8 | 7 | 2 | 3 | 5 | B | 9 | D | 1 | 0 | 6 | C |
| 9 | 6 | 8 | 1 | E | 0 | 4 | A | 7 | 2 | 5 | C | B | D | 3 |
| 3 | 2 | 1 | A | 5 | C | D | 8 | 6 | E | B | 0 | 7 | 4 | 9 |
| 0 | B | 5 | 6 | D | 3 | 9 | C | 1 | 4 | 7 | 8 | 2 | E | A |
| D | 7 | C | 9 | 4 | B | 0 | E | 2 | 3 | 6 | A | 5 | 8 | 1 |

ଗତକାଲିର ଉତ୍ତର

# ଜୀବନର ନାଲିଆଖି



ଡ. ସୁବାସ ଚନ୍ଦ୍ର ପାତ୍ର

ମୃତ୍ୟୁର ନାଲିଆଖିର ବର୍ଣ୍ଣନା ସହିତ ଆମେ ଏତେ ପରିଚିତ ଯେ ଜୀବନର ଯେ ଗୋଟିଏ ଆଖି ଅଛି, ସେ ନାଲି ହେଉ ଅବା ସବୁଜ, ଆମେ ସେ କଥା ପ୍ରାୟତଃ ଭୁଲିଯାଉ। ସେ ସବୁଜ ହେଉ କିମ୍ବା ନାଲି, କମନୀୟ ଭାବରେ ମୃତ୍ୟୁର ଆଖିଠୁ ବେଶ୍ ଶକ୍ତିଶାଳୀ, ମୃତ୍ୟୁକୁ ଅପ୍ରାସଙ୍ଗିକ କରିବା ପାଇଁ ଯଥେଷ୍ଟ।

ଜୀବନର ଆଖିକୁ ଆମେ ବେଳେବେଳେ ଯୁଦ୍ଧକ୍ଷେତ୍ରରେ ଦେଖୁ ଏବଂ ଆମେ ଦେଖୁ ସେତେବେଳେ, ଯେତେବେଳେ ଜଣେ ଆହତ ତୃଷାର୍ତ୍ତ, ମୁମୂର୍ଷୁ ସୈନ୍ୟ ଶୋଷରେ ଛଟପଟ ହୋଇ ପିଇବାକୁ ଯାଉଥିବା ପାଣି ବୋତଲଟି ଅନ୍ୟ ଏକ ସମଦଶାପନ୍ନ ସାଥୀ ସୈନ୍ୟକୁ ବଢ଼େଇଦିଅନ୍ତି ଏହି କଥା କହି ଯେ- ''ତୁମର ଆବଶ୍ୟକତା ମୋଠୁ ତଥାପି ଅଧିକ।'' ଘଟଣାର ତାତ୍ପର୍ଯ୍ୟ ଏହା ହୋଇପାରେ ଯେ ପ୍ରଥମ ସୈନିକର ହୁଏତ ହୃଦ୍‌ବୋଧ ହୋଇଥିବ ମୃତ୍ୟୁ ତାଙ୍କର ଆସନ୍ନ ବରଂ ଅଳ୍ପ ଆହତ ସାଥୀ ସୈନିକଟି ବଞ୍ଚିରହୁ। ଦେଶ ପାଇଁ ଲଢୁ। ୧୭ ଅକ୍ଟୋବର ୧୫୮୬ରେ ଘଟିଥିବା ଏହି ଘଟଣା ପ୍ରଖ୍ୟାତ ଇଂରାଜୀ କବି ସାର୍ ଫିଲିପ୍ ସିଡ୍‌ନୀଙ୍କ ଜୀବନକୁ ନେଇ ଯାହା ସୂଚାଏ ସେ ଖାଲି ଜଣେ କବି ନ ଥିଲେ, ଜଣେ ମହାନୁଭବ ଦେଶପ୍ରେମୀ ସୈନିକ ଥିଲେ ଯିଏ ଦେଶରକ୍ଷା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନର ଡାକ ଓ ତା' ଆଖିର ଠାର ଠିକ୍ ବୁଝିପାରିଥିଲେ। ଏହି ବହୁଚର୍ଚ୍ଚିତ ଘଟଣା ପଛର ତ୍ୟାଗ ଓ ବଳିଦାନ ପରବର୍ତ୍ତୀ ସମୟରେ ବହୁ ଦେଶ ଓ ସଂସ୍କୃତିରେ ଏକ ଲୋକକଥାରେ ପରିଣତ ହୋଇଛି।

ବେଳେବେଳେ ଜୀବନ ମୃତ୍ୟୁ ଉପରେ ବହୁତ ଭାରି ପଡ଼େ। ନିଶ୍ଚିତ ମୃତ୍ୟୁ ସବୁ ଜୀବନରେ ରୂପାନ୍ତରିତ ହୁଏ, ବିଶେଷତଃ ସେମାନଙ୍କ ପାଇଁ ଯେଉଁମାନେ ଜାତୀୟତା ନିର୍ବିଶେଷରେ ମାନବଜାତିର ସମ୍ପତ୍ତି। ସେହିପରି ଏକ ସ୍ୱର୍ଗୀୟ ସମ୍ପତ୍ତି ହେଲେ ମହାତ୍ମା ଗାନ୍ଧୀ। ବହୁଥର ସେ ନିଶ୍ଚିତ ମୃତ୍ୟୁରୁ ରକ୍ଷା ପାଇଛନ୍ତି। ବହୁ ପ୍ରତିକୂଳ ପରିବେଶରେ ଘଟିଥିବା ଗୋଟିଏ ଘଟଣା ଅନେକଙ୍କୁ ଆଲୋଡ଼ିତ କରେ। ୧୮୯୭ ଜାନୁୟାରୀ ୧୩ ତାରିଖ। ଗାନ୍ଧିଜୀଙ୍କ ଦ୍ୱିତୀୟ ଦକ୍ଷିଣ ଆଫ୍ରିକା ଗସ୍ତ। ଡର୍‌ବାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ଏକ ଖବର ଖେଳିଯାଇଥିଲା ଯେ ଗାନ୍ଧିଜୀ ଗୋରା ବିରୋଧୀ ଏବଂ ଭାରତ ଆଗମନ କାଳରେ ବିଭିନ୍ନ ସ୍ଥାନରେ ସେ ଗୋରାମାନଙ୍କୁ କୁତ୍ସିତ ଭାବରେ ଚିତ୍ରିତ କରିଛନ୍ତି। ଖାଲି ସେତିକି ନୁହେଁ, ଗୋରା ବାସିନ୍ଦାମାନଙ୍କ ସହ ଲଢ଼ିବା ପାଇଁ ସେ ଭାରତରୁ ବହୁ ଲୋକ ଦକ୍ଷିଣ ଆଫ୍ରିକା ପଠାଇଛନ୍ତି। ତେଣୁ ଡର୍‌ବାନ ତଥା ସାରା ଦକ୍ଷିଣ ଆଫ୍ରିକାରେ ପ୍ରବଳ ବିରୋଧ। ଜାହାଜରେ କିଛିଦିନର ସାମୟିକ ନିର୍ବାସନ ପରେ ପରିସ୍ଥିତି ଶାନ୍ତ ପଡ଼ିଯାଇଥିବ ଭାବି ସେ ସିନା ଓହ୍ଲାଇଗଲେ ଜାନୁୟାରୀ ୧୩ରେ, କିନ୍ତୁ ବାଟରେ ପ୍ରବଳ ବିରୋଧର ସମ୍ମୁଖୀନ ହେଲେ।

ରୁସ୍ତମ୍‌ଜୀଙ୍କ ଘରକୁ ଆସିବା ରାସ୍ତାରେ ଏକ ଛକରେ ହିଂସ୍ର ଜନତାଙ୍କ କବଳରେ ପଡ଼ିଗଲେ ଗାନ୍ଧୀ। ଇଟା, ପଥର, ବିଧା, ଗୋଇଠା ବର୍ଷିଗଲା ଗାନ୍ଧୀଙ୍କ ପିଠିରେ। ଅଧାମରା ଅବସ୍ଥାରେ ଗୋଟିଏ ଘରର ରେଲିଂ ଧରି ଝୁଲି ରହିଥିବା ବେଳେ ସେଇ ରାସ୍ତାରେ ଯାଉଥିବା ସହରର ପୋଲିସ ଅଧୀକ୍ଷକଙ୍କ ସ୍ତ୍ରୀ ଶ୍ରୀମତୀ ଆଲେକ୍‌ଜାଣ୍ଡରଙ୍କ ସାହାଯ୍ୟରେ ସେ ରୁସ୍ତମ୍‌ଜୀଙ୍କ ଘରେ ପହଞ୍ଚିଲେ। ହେଲେ ସେଠି ନିସ୍ତାର ନ ଥିଲା। ହଜାର ହଜାର ହିଂସ୍ର ଜନତା ରୁସ୍ତମ୍‌ଜୀଙ୍କ ଘରକୁ ଘେରିଯାଇଥିଲେ। ନାରା ଥିଲା, ''ଗାନ୍ଧୀଙ୍କୁ ଆମକୁ ଦିଅ।'' ଅବଶ୍ୟ ଜନତାଙ୍କୁ ଶୃଙ୍ଖଳିତ କରିବାକୁ ପହଞ୍ଚିଯାଇଥିଲେ ଆରକ୍ଷୀ ଅଧୀକ୍ଷକ ଆଲେକ୍‌ଜାଣ୍ଡର। ଲୋକଙ୍କ ସହ ମୁକାବିଲା ନ କରି ଗୀତ ଗାଇ, କୌତୁକକରି ଲୋକଙ୍କୁ ଅଟକାଇ ରଖିଥିଲେ। ସବୁବେଳେ କିନ୍ତୁ କହୁଥିଲେ ଗାନ୍ଧୀ ଏ ଘରେ ନାହାନ୍ତି। ୟା'ରି ଭିତରେ ଦୁଇଜଣ ଗୋଇନ୍ଦା ପୋଲିସ ସହାୟତାରେ ଛଦ୍ମବେଶରେ ସେ ଗାନ୍ଧୀଙ୍କୁ ଥାନାକୁ ସ୍ଥାନାନ୍ତରିତ କରିସାରିଥିଲେ। ଆଲେକ୍‌ଜାଣ୍ଡର ସବୁବେଳେ ଜନତାଙ୍କ ସହ ସ୍ୱର ମିଳାଇ କହୁଥିଲେ, ''ଗାନ୍ଧୀଙ୍କୁ ଫାଶୀ ଦେବା, ସେହି ତେନ୍ତୁଳିଗଛରେ ଫାଶୀ ଦେବା।'' ଗାନ୍ଧୀଙ୍କ ବହିର୍ଗମନ ସମ୍ବନ୍ଧରେ ନିଶ୍ଚିତ ହେଲାପରେ ଜନତାଙ୍କ ଭିତରୁ ଦୁଇଜଣ ପ୍ରତିନିଧିଙ୍କୁ ଭିତରକୁ ପଠାଇଲେ ତନଖି ପାଇଁ।

ଭାରତର ସ୍ୱାଧୀନତା ଲାଭ ନୁହେଁ, ସମଗ୍ର ମାନବଜାତିକୁ କ୍ଷମତାସୀନ ଶାସକଙ୍କ ସହ ଲଢ଼ିବାର ନୂଆ ମାର୍ଗ ଦେଖାଇବା ପାଇଁ ଗାନ୍ଧୀଙ୍କର ବଞ୍ଚିରହିବାର ଦାୟିତ୍ୱ ସତରେ ଜୀବନ ହାତରେ ନ୍ୟସ୍ତ ଥିଲା। ଯେଉଁ ଦାୟିତ୍ୱ ନିର୍ବାହ କାଳରେ ଜୀବନ ହାତରେ ମୃତ୍ୟୁର ପରାଜୟ ଘଟିଥିଲା। ତେବେ ଜୀବନର ଆଖି ଖାଲି ଗାନ୍ଧୀମାନଙ୍କ ଉପରେ ପଡ଼େନାହିଁ। ଅତି ସାଧାରଣ ଲୋକଟିଏ ମଧ୍ୟ ଜୀବନର ଆଶୀର୍ବାଦ ଲଭେ। ସେ ଆଶୀର୍ବାଦ ସହ ମୃତ୍ୟୁର କିଛି ସମ୍ପର୍କ ନାହିଁ। ବରଂ ଭିନ୍ନ ଭାବରେ ଜୀବନକୁ କିପରି ଆଦର୍ଶମୟ କରିହେବ, ତାତ୍ପର୍ଯ୍ୟପୂର୍ଣ୍ଣ କରିହେବ, ତାହାହିଁ ସେ ଆଶୀର୍ବାଦର ମୂଳମଞ୍ଜି। ସେ ଶୁଭ ଆଶୀର୍ବାଦ ପଡ଼ିପାରେ କୋରାପୁଟ ସେମିଳିଗୁଡ଼ା ମହାବିଦ୍ୟାଳୟର ଲାବରେଟୋରି ଆସିଷ୍ଟାଣ୍ଟଙ୍କ ଉପରେ, ଯିଏ ହଷ୍ଟେଲ ଅଭାବରୁ ବସ୍‌କୁ ଅପେକ୍ଷା କରିବାକୁ ଯାଇ ଦୀର୍ଘ ସମୟ ଧରି ବାଳିକାମାନଙ୍କର କଲେଜରେ ପଡ଼ିରହିବାର ଦୃଶ୍ୟ ଦେଖି ବ୍ୟଥିତ ହୁଅନ୍ତି। ଜୀବନର ଶୁଭଦୃଷ୍ଟିର ଯଥାର୍ଥତା ପ୍ରମାଣ କରିବାକୁ ଅବସର ପରେ ନିଜର ନର୍ସ ସ୍ତ୍ରୀ ଓ ପିଲାମାନଙ୍କ ସହମତିରେ ସ୍ୱକଷ୍ଟାର୍ଜିତ ଧନରେ ଗଢ଼ା ତିନିମହଲା ଘରଟିକୁ ବାଳିକା ହଷ୍ଟେଲ ପାଇଁ କଲେଜକୁ ଦାନ କରିଦିଅନ୍ତି। କଥା ସେଇଠି ସରେ ନାହିଁ। ଛାତ୍ରୀନିବାସଟିକୁ ପୂର୍ଣ୍ଣାଙ୍ଗ କରିବାକୁ ବକେୟା ଅବସରକାଳୀନ ପ୍ରାପ୍ୟରୁ ଅନ୍ତେବାସୀମାନଙ୍କ ପାଇଁ ଖଟ, ଅନ୍ୟାନ୍ୟ ଆସବାବପତ୍ର ଓ ରୋଷେଇ ସରଞ୍ଜାମ କିଣି ଦିଅନ୍ତି। ଜୀବନ ସେତେବେଳେ ଧନ୍ୟ ମନେକରେ ଯେତେବେଳେ ସେ ଲକ୍ଷ୍ୟକରେ ଅବସରପ୍ରାପ୍ତ ସେହି ସାଧାରଣ ଦମ୍ପତିଙ୍କୁ କଲେଜର ଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରାରେ ନେଇ ସେମାନଙ୍କ ଭଡ଼ାଘରେ ଛାଡ଼ିଦେଇ ଆସୁଛନ୍ତି। ତେଣୁ ଜୀବନକାଳ ଭିତରେ ମୃତ୍ୟୁର ନାଲିଆଖି ଯେତିକି ସତ, ଜୀବନର ସବୁଜ, ସ୍ନିଗ୍ଧ ଆଶୀର୍ବାଦଭରା ଆଖି ସେତିକି ସତ।

ଭାରତୀୟ ଦର୍ଶନ, ସାମାଜିକ ଚିନ୍ତନରେ ଅବଶ୍ୟ ଜୀବନ ଓ ମୃତ୍ୟୁ ମଧ୍ୟରେ ଏତେ ସଂଘର୍ଷ ନାହିଁ। ପାଶ୍ଚାତ୍ୟ ଦର୍ଶନରେ ମୃତ୍ୟୁ ଏକ ପୂର୍ଣ୍ଣଚ୍ଛେଦ, ଏକ ପରିସମାପ୍ତି। ଅଥଚ ଭାରତୀୟ ଦର୍ଶନ କହେ, ମୃତ୍ୟୁ ଏକ ପର୍ଯ୍ୟାୟ, ଆତ୍ମାର କ୍ରମବିକାଶ ଓ କ୍ରମବିବର୍ତ୍ତନର ଏକ ମାଧ୍ୟମ। ସେ ଦୃଷ୍ଟିରୁ ଦେଖିଲେ ମୃତ୍ୟୁ ପ୍ରତି ମଣିଷ ମଧ୍ୟ କୃତଜ୍ଞ। ମୃତ୍ୟୁର ତଥାକଥିତ ନାଲିଆଖି ଏକ କଳ୍ପନା ମାତ୍ର। ଜୀବନ ପ୍ରତି ଅତ୍ୟଧିକ ମୋହ, ଆସକ୍ତି ମୃତ୍ୟୁକୁ ଆମ ଆଗରେ ସେମିତି ଉପସ୍ଥାପିତ କରେ। ବାସ୍ତବରେ ଜୀବନ ହେଉଛି ମୃତ୍ୟୁର ହିଁ ଅବଦାନ। ଆମ ପୂର୍ବଜନ୍ମକୁ ଅନ୍ତ କରିଥିଲା ଏକ ମୃତ୍ୟୁ। ଫଳରେ ଆମେ ଯାପନ କରୁଛୁ ଚଳିତ ଜୀବନ। ଗଭୀର ଭାବରେ ଚିନ୍ତାକଲେ ଜଣାଯିବ, ମୃତ୍ୟୁର ନାଲିଆଖି ଏକ ଅତିରଞ୍ଜନ। ମୃତ୍ୟୁକୁ ତା' ସ୍ଥାନରେ ଛାଡ଼ି ଆମେ କେମିତି ଜୀବନମୁଖୀ ହେବା, ଜୀବନଲାଭର ଆଶୀର୍ବାଦକୁ ମାନବ କଲ୍ୟାଣରେ ନିୟୋଜିତ କରିବା, ତାହା ହିଁ ଆମର ଲକ୍ଷ୍ୟ ହେବା ଉଚିତ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର, ମୋ: ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ଗୁରୁଦିବସରେ ବିସ୍ମୃତ ଆଦ୍ୟଗୁରୁ

ମହାଶୟ,

ଗୁରୁ ସବୁରି ଊର୍ଦ୍ଧ୍ୱରେ। ଚାଟଶାଳୀର ଅବଧାନ ହୁଅନ୍ତୁ ବା ଆଜିର ନିମ୍ନପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବହୁ କଠିନ ପରିଶ୍ରମ କରି ଅ, ଆ, କ, ଖରୁ ଶିକ୍ଷା ଆରମ୍ଭ କରି ଆମକୁ ମଣିଷ ଭାବେ ଗଢିତୋଳିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଆଜି ତାଙ୍କରି ହାତଗଢା ମଣିଷଙ୍କ ମଧ୍ୟରେ ଅଛନ୍ତି ବିଧାୟକ, ମନ୍ତ୍ରୀ, ପ୍ରଶାସକ, ଡାକ୍ତର, ଇଞ୍ଜିନିୟର, ବିଚାରକ ପ୍ରମୁଖ। କିନ୍ତୁ ଦୁଃଖର କଥା ଆମେ ଆଜି ଆମର ପ୍ରଥମ ଗୁରୁଙ୍କୁ ଭୁଲିଯାଇଛୁ। ଆମେ ଭୋଗବିଳାସରେ ବୁଡି ରହିଥିବା ବେଳେ ସେମାନେ ଦୁଃଖଦୈନ୍ୟ ମଧ୍ୟରେ କାଳାତିପାତ କରୁଛନ୍ତି। ଗୁରୁମାନେ ଦେବତାଙ୍କ ସହିତ ସମାନ। ଆମ ଉନ୍ନତିରେ ବେଶି ଖୁସି ହୁଅନ୍ତି ସେମାନେ। ଆଜି ଯଦି ଏହି ପବିତ୍ର ଗୁରୁଦିବସରେ ଆମେ ଆମ କାର୍ଯ୍ୟରୁ ସମୟ ବାହାର କରି ସେହି ମଣିଷଗଢା ଶିକ୍ଷକମାନଙ୍କ ପାଖରେ ଛିଡା ହୁଅନ୍ତେ ଓ ତାଙ୍କ ଦୁଃଖ ଦୂରକରିବା ପାଇଁ ଚେଷ୍ଟା କରନ୍ତେ, ତା'ହେଲେ ତାଙ୍କ ଆଶୀର୍ବାଦର ହାତ ଆମର ମୁଣ୍ଡ ଉପରକୁ ଉଠିଆସନ୍ତା ଓ ଆମେ ଆମର କର୍ତ୍ତବ୍ୟ କରିଛେ ବୋଲି ନିଜକୁ ଧନ୍ୟ ମନେକରନ୍ତେ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ନାରୀ ନିର୍ଯାତନା

ଧରିତ୍ରୀ(୨୫।୭)ର ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ ଡା. ସୁରେନ୍ଦ୍ରନାଥ ପତିଙ୍କ ଲେଖା 'ନାରୀ ନିର୍ଯାତନା' ପଢ଼ିଲି। କିନ୍ତୁ ଏହାର ସମାଧାନ କ'ଣ? ନାରୀମାନେ ଯେତେ ଆଧୁନିକ ହୋଇ ସ୍ୱାଧୀନଭାବେ ବୁଲାବୁଲି କଲେ ମଧ୍ୟ ନିଜର ସୁରକ୍ଷା ପ୍ରତି ଯତ୍ନଶୀଳ ହେବା ଉଚିତ। ବାପା, ମାଆ, ଅଭିଭାବକମାନେ ମଧ୍ୟ ଝିଅର ସୁରକ୍ଷା ପ୍ରତି ଚିନ୍ତା କରିବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥାରେ ବି ସୁଧାର ଆଣିବା ଦରକାର। ସବୁ ଜାଣି ଅଜଣା ହେଲେ ଚଳିବ ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୫ ସେପ୍ଟେମ୍ବର ୧୯୯୪

- ମିଳିତ ବାଣିଜ୍ୟ କାରବାର ପାଇଁ ରୁଷିଆ ଓ ଚାଇନା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଅନ୍ତର୍ଜାତୀୟ ଜନସଂଖ୍ୟା ଏବଂ ଉନ୍ନୟନ ସଂକ୍ରାନ୍ତ ଜାତିସଂଘ ସମ୍ମିଳନୀ କାଏରୋରେ ଆରମ୍ଭ।

## ସଂକ୍ଷେପରେ

### ବିମ୍ବାସୁରକୁ ବଧ କଲେ ଶ୍ରୀକୃଷ୍ଣ

**ପୁରୀ ଅଫିସ, ୪।୯:** ବୁଧବାର ଥିଲା ଭାଦ୍ରବ ଶୁକ୍ଳ ଷଷ୍ଠୀ। ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ବିମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ପରେ ମଦନମୋହନ ଆଜ୍ଞାମାଳ ପାଇଁ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ସେଠାରେ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହି ଲୀଳା ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦ୍ୱାପର ଯୁଗରେ ବିମ୍ବାସୁର ନାମକ ଜଣେ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। କୃଷ୍ଣ ବଳାରାମଙ୍କ ନିଧନ ନିମନ୍ତେ ତାଙ୍କୁ ଆଦେଶ ଦେଇଥିଲେ। ହେଲେ ଭଗବାନ ଶ୍ରୀକୃଷ୍ଣ ଅବଲୀଳା କ୍ରମେ ବିମ୍ବାସୁରକୁ ବଧ କରିଥିଲେ। ଏହି ସ୍ମୃତିରେ ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

# ୧୪ରୁ ଭାଜପା ପାଳିବ ସେବା ସପ୍ତାହ

- ଦେଶର ମାନ୍ଦାବସ୍ଥା ବିଷୟରେ କିଛି କହିଲେନି
- ରାଜ୍ୟ ଚାହିଁଲେ ଆହୁରି ମିଳିବ ବିଦ୍ୟୁତ୍ ଚାଳିତ ବସ୍
- ଉନ୍ମୋଚନ କରାଯିବ ପ୍ରଧାନମନ୍ତ୍ରୀଙ୍କ ଜୀବନୀ ପୁସ୍ତକ

ଭୁବନେଶ୍ୱର,୪।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହକୁ ଦେଶବ୍ୟାପୀ ସେବା ସପ୍ତାହ ଭାବେ ପାଳନ କରିବ ଭାଜପା। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରରେ ପଡୁଛି। ତେଣୁ ଭାଜପା ପକ୍ଷରୁ ସେପ୍ଟେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯିବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସୂଚନା ଦେଇଛନ୍ତି । ମେଘୱାଲ ସେବା ସପ୍ତାହ ସମିତିର ରାଷ୍ଟ୍ରୀୟ ସଂଯୋଜକ ଅଛନ୍ତି।

ବୁଧବାର ମେଘୱାଲ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଏହି ସେବା ସପ୍ତାହ ମଧ୍ୟରେ ଦଳର ଏମ୍‌ପି, ବିଧାୟକ, ଜିଲା ଅଧ୍ୟକ୍ଷ, ଜନ ପ୍ରତିନିଧି ଏବଂ ରାଜ୍ୟ ପଦାଧିକାରୀମାନେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ । ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା, ଅସ୍ତ୍ରୋପଚାର ଶିବିର ଏବଂ ଔଷଧ ବଣ୍ଟନ ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହାସହ ହସ୍ପିଟାଲ, ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମଗୁଡ଼ିକରେ ଫଳ ବଣ୍ଟନ କରାଯିବ । ଦିବ୍ୟାଙ୍ଗମାନଙ୍କ ଶିକ୍ଷା ଏବଂ ପାଳନ ପୋଷଣ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନଗୁଡିକ ସହିତ ସହଭାଗିତାରେ ସେବା କାର୍ଯ୍ୟ କରାଯିବ। ପ୍ରଧାନମନ୍ତ୍ରୀ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ' ତଥା ପ୍ଲାଷ୍ଟିକ ମୁକ୍ତ ଭାରତ ପାଇଁ ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେବେ । ଏହି ପରିପ୍ରେକ୍ଷୀରେ ଭାଜପା କାର୍ଯ୍ୟକର୍ତ୍ତାମାନେ ନିଜ ଅଞ୍ଚଳର ସ୍କୁଲ ଓ କଲେଜରେ ଛାତ୍ରୀଛାତ୍ରମାନଙ୍କୁ ପ୍ଲାଷ୍ଟିକ ବସ୍ତୁ ବର୍ଜନ କରିବା ଏବଂ ଜଳ ସଂରକ୍ଷଣ ପାଇଁ ସଚେତନ କରାଇବେ। ସାଧାରଣ ଲୋକଙ୍କ ଭିତରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକକୁ ନେଇ ଜନଜାଗରଣ ସୃଷ୍ଟି କରାଯିବ, ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଭାଜପା ରାଜ୍ୟ ନେତୃବୃନ୍ଦମାନେ ନେବେ। ପ୍ରତ୍ୟେକ ସାର୍ବଜନୀନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯିବ। ରାଜ୍ୟର ବିଭିନ୍ନ ସ୍ଥାନରେ ମେଡିକାଲ କ୍ୟାମ୍ପ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। ଛୋଟବେଲୁ ସେବାକୁ ପ୍ରଧାନମନ୍ତ୍ରୀ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ତାଙ୍କ ଜୀବନଧାରା ଏବଂ ଉପଲବ୍ଧି ସମ୍ପର୍କିତ ପୁସ୍ତକକୁ ସମସ୍ତ ସହର ଏବଂ ଜିଲାରେ ପ୍ରଦର୍ଶିତ କରାଯିବ। ଦଳର ବରିଷ୍ଠ ନେତାମାନେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଭେଟି ଏହି ପୁସ୍ତକ ପ୍ରଦାନ କରିବେ। ଏହାସହ ବିଭିନ୍ନ ସ୍ଥାନରେ ପୁସ୍ତକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ମଧ୍ୟ କରାଯିବ। ଦଳର ପଦାଧିକାରୀମାନେ ମୁଖ୍ୟତଃ ଏସବୁର ପ୍ରମୁଖ ଦାୟିତ୍ୱ ତୁଲାଇବେ।



ଖବରଦାତା ସମ୍ମିଳନୀରେ କେନ୍ଦ୍ର ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ।

ସେବା ସମିତିର ରାଜ୍ୟ ସଂଯୋଜକ ଭାବେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏବଂ ସହ ସଂଯୋଜକ ଭାବେ ମହେଶ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି।

ଦେଶର ମାନ୍ଦାବସ୍ଥା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗରେ କିଛି ସୂଚନା ଦେବାକୁ ଆସିଛି। ଏ ସମ୍ପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀ ଯାହା କହିବା କଥା କହିଛନ୍ତି। ଅନ୍ୟପଟେ ଓଡ଼ିଶାକୁ କେନ୍ଦ୍ର ସରକାର ୫୦ଟି ବିଦ୍ୟୁତ୍ ଚାଳିତ ବସ୍ ଦେବାକୁ ଯେଉଁ ଘୋଷଣା କରିଥିଲେ ସେନେଇ କହିଛନ୍ତି, ତୁରନ୍ତ ଏହା ରାଜ୍ୟକୁ ପଠାଯିବ। ଦେଶର ୬୨ଟି ସହର ପାଇଁ ମୋଟ ୫୫୯୫ଟି ବସ୍ ଦେବାକୁ ଘୋଷଣା କରାଯାଇଛି। ଯଦି ରାଜ୍ୟ ଚାହିଁବ ଆହୁରି ବସ୍ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ | ଦେଢ଼ଦିନ ପରେ ଠାକୁର ଖାଇଲେ

ପୁରୁଣା ଭୁବନେଶ୍ୱର, ୪।୯ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳବାର କୋଠ ରୋଷ ହୋମ ପରଠାରୁ ନୀତିକାନ୍ତି ବନ୍ଦ ହୋଇ ଯିବାରୁ ଠାକୁର ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ଦେଢଦିନ ଉପବାସରେ ରହିଥିଲେ। ଦେବୋତ୍ତର କମିନଶନର ଜମି ବିବାଦ ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ବ୍ରାହ୍ମଣ ଓ ପୂଜାପଣ୍ଡା ନିଯୋଗ ନୀତିକାନ୍ତି ଆରମ୍ଭ କରିଛନ୍ତି। ନୀତିକାନ୍ତିରେ ବିଶୃଙ୍ଖଳାକୁ ନେଇ ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ବର୍ତ୍ତୀ କାଳୀନ ଟ୍ରଷ୍ଟ ବୋର୍ଡ ଗଠନ କରିଛନ୍ତି। ବଡୁ ନିଯୋଗ ଦାବି କରୁଥିବା ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରିବାକୁ କୁହାଯାଇଛି। ଏହା ଉପରେ ଧଉଳି ଥାନା ପୋଲିସ ନଜର ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

# ପି.ଭି. ସିନ୍ଧୁଙ୍କୁ ସମ୍ବର୍ଦ୍ଧିତ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୯(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀଠାରେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ପି.ଭି ସିନ୍ଧୁ ଏବଂ ତାଙ୍କ ବାପା ପି.ଭି ରମଣଙ୍କ ସହ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସିନ୍ଧୁଙ୍କୁ ଦେଶର ଗୌରବ ବୋଲି କହିବା ସହ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପାଇଁ ଧର୍ମେନ୍ଦ୍ର ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି । ଏହାବ୍ୟତୀତ ସେ ସିନ୍ଧୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ୨୦୨୦ ଅଲିମ୍ପିକ୍ସ ପ୍ରତିଯୋଗିତା ପାଇଁ ଶୁଭକାମନା ଜଣାଇଛନ୍ତି । ପି.ଭି ସିନ୍ଧୁ ଏବଂ ତାଙ୍କ ବାପାଙ୍କୁ କେନ୍ଦ୍ରମନ୍ତ୍ରୀ ଜଗନ୍ନାଥଙ୍କ ନବକଳେବର ଅବସରରେ ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ସ୍ମାରକ ମୁଦ୍ରା ଏବଂ ଓଡ଼ିଆ ସାଲ୍ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଜଣେ ଆଗଧାଡିର ଯୁବ ପ୍ରତିଭା ଏବଂ ତାଙ୍କର ଉଦ୍ୟମ ସାମାଜିକ ପରିବର୍ତ୍ତନ କରିପାରିବ। ତାଙ୍କୁ ରାଷ୍ଟ୍ରୀୟ ମିଶନ ଏବଂ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ ମିଶନ, ଜଳଶକ୍ତି ଅଭିଯାନ ପରି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଖୁସିବ୍ୟକ୍ତ କରିବା ସହ ସିନ୍ଧୁ ଧର୍ମେନ୍ଦ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ(ଆରଆଇଏନ୍‌ଏଲ)କୁ ମଧ୍ୟ ସମର୍ଥନ ଦେବା ପାଇଁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ସିନ୍ଧୁ ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି।



ପି.ଭି ସିନ୍ଧୁଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବର୍ଦ୍ଧିତ କରୁଛନ୍ତି।

## ଅପରେଶନ ପରୀ-୩ | ଉଦ୍ଧାର ହେଲେ ୮୨ ଶିଶୁ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ନିଖୋଜ ଶିଶୁଙ୍କୁ ଖୋଜି ପାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେଶନ ପରୀ-୩'ର ଦ୍ୱିତୀୟ ପର୍ଯ୍ୟାୟ ସରିଛି। ପୋଲିସ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ୮ ଟିମ୍ ରାଜ୍ୟ ବାହାରୁ ଓଡ଼ିଶାର ୮୨ଜଣ ଶିଶୁଙ୍କୁ ଉଦ୍ଧାର କରି ଫେରିଛି। ଉକ୍ତ ଶିଶୁଙ୍କ ମଧ୍ୟରେ ୨୧ଜଣ ବାଳିକା ଓ ୬୧ ଜଣ ବାଳକ ଅଛନ୍ତି। ବିଭାଗୀୟ ସୂଚନା ମୁତାବକ, ଆନ୍ଧ୍ରପ୍ରଦେଶରୁ ୨୦ଜଣ, ତାମିଲନାଡୁରୁ ୧୫ଜଣ, ତେଲେଙ୍ଗାନାରୁ ୪ଜଣ, ମହାରାଷ୍ଟ୍ରରୁ ୫ଜଣ, ପଶ୍ଚିମବଙ୍ଗରୁ ୧୭ଜଣ, ଛତିଶଗଡ଼ରୁ ୮ଜଣ, ଝାଡ଼ଖଣ୍ଡରୁ ୯ଜଣ ଓ ନୂଆଦିଲ୍ଲୀରୁ ୪ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ବିଭିନ୍ନ କାରଣରୁ ରାଜ୍ୟ ବାହାରକୁ ଚାଲିଯାଇଥିବା ଏହି ଶିଶୁଙ୍କୁ ସେଠାକାର ଶିଶୁ ଯତ୍ନ ଅନୁଷ୍ଠାନ, ରେଳ ଷ୍ଟେଶନ, ଆଶ୍ରୟଗୃହ ଓ ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରୁ ଉଦ୍ଧାର କରାଯାଇଥିଲା । ତେବେ ନିୟମାନୁଯାୟୀ ଉଦ୍ଧାର ଶିଶୁଙ୍କୁ ଭୁବନେଶ୍ୱରର ଅତିରିକ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ଉପସ୍ଥାପନ କରାଯିବା ପରେ ସାମୟିକ ଭାବେ ଭୁବନେଶ୍ୱର ଓ କଟକ ସହରରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ରହିବାର ବନ୍ଦୋବସ୍ତ ହୋଇଛି । ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ସଂଯୋଜନାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ଗୁଡ଼ିକୁ ଯୋଗାଯୋଗ କରି ଉଦ୍ଧାର ଶିଶୁଙ୍କୁ ସେମାନଙ୍କ ପରିବାର ସହିତ ପୁନର୍ମିଳନ ପାଇଁ ବ୍ୟବସ୍ଥା କରାଯାଉଛି। ଆବଶ୍ୟକ ସ୍ଥଳେ ଅଭିଭାବକ ନ ଥିବା ଶିଶୁଙ୍କୁ ବିଭାଗ ତରଫରୁ ଆନୁଷ୍ଠାନିକ ଯତ୍ନ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB) ସମ୍ବଲପୁର

**ଶୁଦ୍ଧିପତ୍ର**

ଦୈନିକ 'ଧରିତ୍ରୀ' ତା.୦୯.୦୮.୨୦୧୯ରିଖ ୫ ନମ୍ବର ପୃଷ୍ଠାରେ ପ୍ରକାଶିତ ଇ-ନିଲାମ ବିକ୍ରୟ ବିଜ୍ଞାପନରୁ କ୍ରମିକ ସଂଖ୍ୟା ୧, ୩ ଏବଂ ୪ର ସମ୍ପତ୍ତିକୁ ନିଲାମରୁ ପ୍ରତ୍ୟାହାର କରିନିଆଗଲା । ନୋଟିସ୍‌ର ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ରହିବ ।

ତାରିଖ:04.09.2019 ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ



**ପୂର୍ବ ତଟ ରେଳପଥ**

**ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2019-12-13, ତା.28.08.2019 ରିଖ

(1) ଇ-ଟେଣ୍ଡର ସଂ.ST-SBP-TENDER-2019-12

**କାର୍ଯ୍ୟର ନାମ:** ତିନି ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ରେଢ଼ାଖୋଲ, ବାମୁର, ସରଗିପାଲି, ଜରପଡ଼ା, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ କ୍ୟାବିନ "A" ଷ୍ଟେସନଗୁଡ଼ିକ ଠାରେ MEDHA ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍ ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ନିମନ୍ତେ ଚୁକ୍ତି ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 91,42,500/-, EMD (ଟଙ୍କାରେ): 1,82,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/- ।

(2) ଇ-ଟେଣ୍ଡର ସଂ.ST-SBP-TENDER-2019-13

**କାର୍ଯ୍ୟର ନାମ:** ତିନି ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ରେଙ୍ଗାଲି, ବଡ଼ମାଲ ଏବଂ ଥେରୁବାଲି ଷ୍ଟେସନଗୁଡ଼ିକ ଠାରେ Siemens ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍ ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ନିମନ୍ତେ ଚୁକ୍ତି ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 61,40,763/-, EMD (ଟଙ୍କାରେ): 1,22,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.09.2019 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

PR-340/K/19-20 ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ସମ୍ବଲପୁର


## ଦେବଗଡ଼ ଗଣେଶ ମେଳାର ତୃତୀୟ ଦିନ

# ଭଜନ ସନ୍ଧ୍ୟା, ଅନ୍ନଭୋଗ ବଣ୍ଟନ

ଦେବଗଡ଼,୪।୯(ଡି.ଏନ.ଏ)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ପୂଜା ଉତ୍ସବର ତୃତୀୟ ଦିନରେ ଗୁଳଗୁଳି ତଥା ମେଘୁଆ ପାଗ ସତ୍ତ୍ୱେ ପାଖାପାଖି ୩୦ ହଜାର ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ସକାଳୁ ରାତି ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀଗଣେଶଙ୍କ ଦର୍ଶନ ଓ କୃପାଲାଭ ପାଇଁ ପୂଜାମଣ୍ଡପ ସମ୍ମୁଖରେ ଗହଳି ଲଗାଇଥିଲେ। ବୁଧବାର ସନ୍ଧ୍ୟାରେ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ଦେବଗଡ ବରିଷ୍ଠ ବ୍ୟବସାୟୀ ତାରାଚାନ୍ଦ ସମାନି, ଇଂ ଚିତ୍ତରଞ୍ଜନ ପ୍ରଧାନ, ସଭାପତି ଶମ୍ଭୁଲାଲ ଗୋଏଲ, ସମ୍ପାଦକ ଶୁକଦେବ ପ୍ରମୁଖ ଯୋଗଦେଇ ଅନ୍ନପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଆୟୋଜିତ ସ୍ଥାନୀୟ ଗୋପବନ୍ଧୁ ଛକରେ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ତୁଳସି ଭଜନ ସନ୍ଧ୍ୟା, କଟକ ମେଲୋଡି, ଗୋପାଳଜୀ ମନ୍ଦିରରେ ଫ୍ରି ସୋ ଅପେରା ସାଙ୍ଗକୁ ବିଭିନ୍ନ ସ୍ଥାନରେ ପଡିଥିବା ଡ୍ରାଗନ ଟ୍ରେନ୍, ବ୍ରେକଡ୍ୟାନ୍ସ, ରାମଦୋଳି ତଥା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଦୋଳି ଖେଳ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ସେହିପରି ବଡବଗିଚା ପଡିଆରେ ଅପେରା ଦେଖିବା ପାଇଁ ପ୍ରବଳ ଭିଡ ହେଉଥିବା ଜଣାପଡିଛି। ସୁଦୃଶ୍ୟ ଆଲୋକମାଳାରେ ଅର୍ଦ୍ଧାଧିକ ସହର ଝଲସି ଉଠୁଥିବା ବେଳେ ସୁଉଚ୍ଚ ତୋରଣ, ବିଦ୍ୟୁତ ସାଜସଜ୍ଜା ଓ ପୂଜାମଣ୍ଡପ ଚତୁଃପାର୍ଶ୍ୱରେ ସ୍ଥାପନ କରାଯାଇଥିବା ପାର୍ଶ୍ୱ ଦେବାଦେବୀ ଏବଂ ବିଭିନ୍ନ ସାମାଜିକ କଳାକୁଞ୍ଜ ଶ୍ରଦ୍ଧାଳୁଙ୍କ ମନକୁ ବେଶ ମାରୁଛି। ଡେଲି ମାର୍କେଟ ଓ ଗୋହିରୀ ବନ୍ଧ ନିକଟରେ ଖୋଲା ଯାଇଥିବା ଶତାଧିକ ମୀନାବଜାର ଷ୍ଟଲ୍ ଏବଂ ବାଣିଜ୍ୟ ମେଳାରେ ଗହଳି ପରିଲକ୍ଷିତ ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଯାତାୟତ ପାଇଁ ସହରର ବିଭିନ୍ନ ଛକ ମାନଙ୍କରେ ସୁବ୍ୟବସ୍ଥିତ ଟ୍ରାଫିକ ଓ ପାର୍କିଂ ସୁବିଧା କରାଯାଇଛି।


ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି ।


**ସାର୍ବଜନିକ ନିଲାମ ବିକ୍ରୀ ବିଜ୍ଞପ୍ତି**

ସଂ.C/SBP/Public Auction/Unclaimed/BLGR/2019, ତା.26.08.2019ରିଖ

ବଲାଙ୍ଗୀର ରେଳ ଷ୍ଟେସନ ଠାରେ ରେଳପଥର ପଡ଼ି ରହିଥିବା ଅସଂଯୁକ୍ତ (Unconnected) ଏବଂ ଅନର୍ପିତ(Undelivered) ପାର୍ସଲ କନ୍‌ସାଇନ୍‌ମେଣ୍ଟ (Consignment ) ଗୁଡ଼ିକର ପ୍ରସ୍ତାବିତ ନିଲାମ ନିମ୍ନାନୁସାର କରାଯିବ :

| କ୍ର. ସଂ. | କନ୍‌ସାଇନ୍‌ମେଣ୍ଟର ସମ୍ପୂର୍ଣ୍ଣ ବିବରଣୀ | ଅମାନତ ରାଶି |
|---|---|---|
| 1. | Hemp/ଗୁଟ୍‌ଖା ପାଉଚ୍ ପଲିଥିନ୍ (ଖାଲି) (2420.6 କି.ଗ୍ରା. ଆନୁମାନିକ) | ଟ. 57,126/- |
| 2. | ପୁରୁଣା ସାଇକେଲ(05 ଗୋଟି ପୁରୁଣା ଏବଂ ବ୍ୟବହୃତ) | ଟ. 590/- |
| 3. | ସ୍କୁଟି (ହୋଣ୍ଡା ଆକ୍ଟିଭା) (01 ଗୋଟି ପୁରୁଣା ଏବଂ ବ୍ୟବହୃତ) | ଟ. 10,325/- |

**ନିଲାମ ସ୍ଥାନ:** ପାର୍ସଲ କାର୍ଯ୍ୟାଳୟ, ବଲାଙ୍ଗୀର ଷ୍ଟେସନ

**ନିଲାମ ତାରିଖ ଓ ସମୟ:** 1100 ଘଟିକା, ତା.24.09.2019ରିଖ

'ଯେପରି ଅଛି, ଯେଉଁଠାରେ ଅଛି'ଭିତ୍ତିରେ ନିଲାମ ସଂଚାଳନ କରାଯିବ । ସାଧାରଣ ନିଲାମ ଦ୍ୱାରା ବିକ୍ରି ହେବାକୁ ଥିବା ସାମଗ୍ରୀ ଗୁଡ଼ିକର ସଂପୂର୍ଣ୍ଣ ବିବରଣୀ ଉପର ବର୍ଣ୍ଣିତ ଷ୍ଟେସନର ଷ୍ଟେସନ ମ୍ୟାନେଜର/ଚିଫ୍ ପାର୍ସଲ ସୁପରଭାଇଜରଙ୍କ ନିକଟରୁ ମିଳିପାରିବ । ଅକୃତକାର୍ଯ୍ୟ ନିଲାମକାରୀମାନଙ୍କ କ୍ଷେତ୍ରରେ EMD ଫେରସ୍ତଯୋଗ୍ୟ ଅଟେ । ଢଉମୁଦା ଟେଣ୍ଡର FA & CAO /ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ସପକ୍ଷରେ କନ୍‌ସାଇନ୍‌ମେଣ୍ଟର ସମ୍ପୂର୍ଣ୍ଣ ବିବରଣୀ ସହିତ କ୍ରମ ସଂଖ୍ୟା ସୂଚିତ ଥାଇ ସମାନୁପାତିକ GST (ଅର୍ଥାତ୍ 18%) ସହିତ ବିଡ୍ ପରିମାଣର 25% ଅନୁରୂପ ଅମାନତ ରାଶିକୁ ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଦାଖଲ କରିବାକୁ ହେବ । ପ୍ରକାଶ୍ୟ ନିଲାମ ଡକାଳିମାନଙ୍କୁ ଉପରୋକ୍ତ ସାର୍ବଜନିକ ନିଲାମରେ ବର୍ଣ୍ଣିତ ଅନୁଯାୟୀ FA & CAO /ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ସପକ୍ଷରେ ନଗଦ ରାଶି କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଅମାନତ ରାଶି (EMD) ଜମା କରିବାକୁ ହେବ । ସଫଳ ନିଲାମ ଡକାଳିମାନଙ୍କ କ୍ଷେତ୍ରରେ ବିଡ୍ ପରିମାଣ ବିପକ୍ଷରେ ସେମାନଙ୍କର EMDକୁ ସମାଯୋଜନ କରାଯାଇ ପାରିବ । ଢଉମୁଦା ଟେଣ୍ଡର ଗୁଡ଼ିକୁ ବଲାଙ୍ଗୀର ଷ୍ଟେସନର **ଷ୍ଟେସନ ମ୍ୟାନେଜର/ଚିଫ୍ ପାର୍ସଲ ସୁପରଭାଇଜରଙ୍କ** ଠିକଣାରେ ପଞ୍ଜିକୃତ ଡାକ ଦ୍ୱାରା ପଠାଯିବ । ଡାକଦ୍ୱାରା ପଠାଯାଇଥିବା ଢଉମୁଦା ଟେଣ୍ଡରଗୁଡ଼ିକ ବିତରଣ ନ ହେବା, ବିଳମ୍ବରେ ବିତରଣ ହେବା ପାଇଁ ରେଳବାଇ କୌଣସି ଦାୟିତ୍ୱ ବହନ କରିବ ନାହିଁ । ଢଉମୁଦା ଲଫାଫା ଦାଖଲ ନିମନ୍ତେ ତା.23.09.2019ରିଖରେ ପାର୍ସଲ କାର୍ଯ୍ୟାଳୟ, ବଲାଙ୍ଗୀର ଷ୍ଟେସନ ଠାରେ ଏକ ଢଉବନ୍ଦା ବାକ୍ସ ମଧ୍ୟ ରଖାଯିବ ଏବଂ ସେହି ଢଉମୁଦା ବାକ୍ସକୁ ତା.23.09.2019ରିଖ 1500 ଘଟିକାରେ ବନ୍ଦ କରିଦିଆଯିବ । ଢଉମୁଦା କଭର ଉପରେ ନିଲାମ ବିଜ୍ଞପ୍ତି ସଂଖ୍ୟା ଏବଂ ତାରିଖ, ବିଡରଙ୍କ ନାମ ଏବଂ ଠିକଣା ସ୍ପଷ୍ଟ ଭାବେ ସୂଚିତ କରାଯିବା ଆବଶ୍ୟକ ।

ସଂପୃକ୍ତ ରାଜ୍ୟ/କେନ୍ଦ୍ର ସରକାରଙ୍କ ନିୟମାନୁସାରେ ନିଲାମ ଡକାଳିଙ୍କ ଉପରେ ନିଲାମ ହେବାକୁ ଥିବା ସାମଗ୍ରୀର GST ଲାଗୁ ହେବ । ଇଚ୍ଛୁକ ନିଲାମ ଡ଼କାଳିମାନେ ଉପର ପ୍ରଦତ୍ତ ଅନୁଯାୟୀ କନ୍‌ସାଇନ୍‌ମେଣ୍ଟର ଅତ୍ୟାବଶ୍ୟକ ତଦାରଖ ପାଇଁ ବଲାଙ୍ଗୀର ଷ୍ଟେସନର ପାର୍ସଲ କାର୍ଯ୍ୟାଳୟକୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟରେ ପରିଦର୍ଶନ କରିପାରିବେ ।

କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ୍ କିମ୍ବା ଯେକୌଣସି କିମ୍ବା ସମସ୍ତ କନ୍‌ସାଇନ୍‌ମେଣ୍ଟକୁ ପ୍ରତ୍ୟାହାର କରିନେବାର ଅଧିକାର ରେଳବାଇ ନିକଟରେ ସୁରକ୍ଷିତ ଅଟେ ।

PR-338/K/19-20 ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ)/ସମ୍ବଲପୁର

**ପୂର୍ବ ତଟ ରେଳପଥ**



**ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା**



ଗୁରୁ ଦିବସ ଅବସରରେ ରାଜ୍ୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ।

ଶିକ୍ଷା ହିଁ ପ୍ରଗତିର ଚାବିକାଠି ଓ ପରିବର୍ତ୍ତନର ମାଧ୍ୟମ । ତେଣୁ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମରେ ମୁଁ ଆପଣମାନଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
( ନବୀନ ପଟ୍ଟନାୟକ )



**ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶାଙ୍କ**

**ବାର୍ତ୍ତା**

ପବିତ୍ର ଗୁରୁଦିବସ - ୨୦୧୯ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଶିକ୍ଷକମାନେ ହେଉଛନ୍ତି ସମାଜର ଦିଗ୍‌ଦର୍ଶକ ଓ ସଂସ୍କାରକ । ନୈତିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରି ସେମାନେ ଉତ୍ତମ ନାଗରିକ ସୃଷ୍ଟି କରିଥାନ୍ତି । ଗୁଣାତ୍ମକ ଏବଂ ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସେମାନେ ନିଷ୍ଠାପର ଉଦ୍ୟମ କଲେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳ ସମୃଦ୍ଧ ହୋଇପାରିବ ।

ଆସନ୍ତୁ, ଗୁରୁଶିଷ୍ୟ ପରମ୍ପରାର ଏହି ମହାନ ଦିବସ ପାଳନ ଅବସରରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ସଂକଳ୍ପ ନେବା ।

(ସମୀର ରଞ୍ଜନ ଦାଶ)


## ODISHA JOINT ENTRANCE EXAMINATION-2019 (OJEE - 2019)

**No: OJEE2019/ 0471** **Date: 04.09.2019**

### NOTICE FOR BAMS/BHMS COUNSELLING & ADMISSION

**TENTATIVE SCHEDULE**

| ACTIVITY | DATE |
|---|---|
| On-line Registration, Choice Filling and Choice Locking | 06-09-2019 to 13-09-2019 |
| Provisional Allotment | 16-09-2019 |
| Document Verification for Allotted Candidates only | 17-09-2019 to 19-09-2019 (Only at Nodal Centre, OJEE Cell, Gandamunda, Bhubaneswar) |
| Last date for Withdrawal by Candidates (Who wish to withdraw from the Admission process after fee payment and document verification) | 19-09-2019 |
| Final Allotment | 21-09-2019 |
| Document Verification for Freshly Allotted Candidates only (Candidates already verified after 1st Round Allotment, need not come for document verification) | 23-09-2019 at Nodal Center, OJEE Cell, Gandamunda, Bhubaneswar |
| Withdrawal for Candidates (Who wish to withdraw from Admission process) | 25-09-2019 (by 5 PM) at Nodal Center, OJEE Cell only |
| Reporting to Allotted Institution for final Admission | 23-09- 2019 to 25-09-2019 |
| Spot Admission (if vacancy arises due to any reason) | 27-09-2019 and 28-09-2019 |

**ELIGIBILITY**

1. Candidates interested to participate in BAMS/BHMS counselling must be NEET (UG)-2019 qualified.
2. The candidates must be of at least **17 years** of age as on **31.12.2019.**
3. The parents of candidates must be permanent natives of Odisha. Every candidate has to produce **Resident / Nativity certificate** during certificate verification.
4. The candidate must have passed +2 Sc. in the subjects of **Physics, Chemistry, Biology and English** individually and must have secured minimum of 50% marks taken together in **Physics, Chemistry & Biology** at +2 Sc. level for General Candidate (GE). This minimum mark is 40% for SC/ST candidates.
   - **Only the Candidates who have registered and filled their Choices will be considered for Selection/Admission at any stage.**
   - During registration, candidates should pay registration fee of Rs.1000/- online.
   - Allotted candidates have to deposit a part admission fee of Rs.5000/- through online in the web portal or at any Axis Bank counter. Challan is available in OJEE webpage as well as in Axis Bank. During document verification, candidates should come with online fee payment receipts or the receipts of Axis Bank which they will get after depositing the part admission fee in the bank.
   - For more information, please visit the OJEE website (**www.ojee.nic.in**).

Sd/-
**CHAIRMAN, OJEE-2019**

## ଆଜି କ'ଣ କେଉଁଠି

**ସୁବର୍ଣ୍ଣପୁର**
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର, ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ।

**ନୂଆପଡା**
- ଗୋବଂଶ ପ୍ରଦର୍ଶନୀ, ମହାସମୁନ୍ଦ ଟାଉନ ହଲ, ପୂର୍ବାହ୍ନ ୧୦ଟା।

**ରିଷିଡା**
- ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ଗୁରୁଦିବସ ପାଳନ, ରିଷିଡ଼ା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ।

**ଦେବଗଡ଼**
- ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ଗୁରୁଦିବସ ପାଳନ, ଟାଉନ କ୍ଲବ, ଅପରାହ୍ନ ୩ଟା।
- ଗଣେଶ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ନଭୋଗ ପ୍ରସାଦ ବଣ୍ଟନ, ପୂଜା ମଣ୍ଡନ ନିକଟ, ସନ୍ଧ୍ୟା ୬ଟା।

**ପଡିଆବାହାଲ**
- ନୂଆଁଖାଇ ଭେଟ୍, ହାଟ ପଡିଆ, ଅପରାହ୍ନ ସାଢେ ୪ଟା।

**ସମ୍ବଲପୁର**
- ମ୍ୟୁନିସିପାଲ ହାଇସ୍କୁଲ ପୁରାତନ ସଂଘର ଗୁରୁପୂଜନ, ସମଲେଶ୍ୱରୀ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦର ଗୁରୁ ବନ୍ଦନ ଓ ଅଭିନନ୍ଦନ ଉତ୍ସବ, ମାଝିପାଲି ସରସ୍ୱତୀ ଶିଶୁ ମନ୍ଦିର, ପୂର୍ବାହ୍ନ ସାଢ଼େ ୧୦ଟା।
- ଜିଲା ସ୍ତରୀୟ ଗୁରୁ ଦିବସ ସମାରୋହ, ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ ପ୍ରେକ୍ଷାଳୟ, ଅପରାହ୍ନ ୨ଟା।
- ଗୋପୀ ଗୀତା ପ୍ରବଚନ, କ୍ଷେତରାଜପୁର ଅଗ୍ରସେନ ଭବନ, ଅପରାହ୍ନ ସାଢ଼େ ୧୨ଟା।
- ଆନ୍ତଃସ୍କୁଲ ଚିତ୍ରାଙ୍କନ ପ୍ରତିଯୋଗିତା, ଅଇଁଠାପାଲି ଏଲଆଇସି ଅଫିସ, ପୂର୍ବାହ୍ନ ୧୧ଟା।



ଓଡ଼ିଶା କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ ବୁଧବାର ଧରିତ୍ରୀ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିବା ଅବସରରେ ସମ୍ପାଦକ ତଥାଗତ ସତପଥୀଙ୍କୁ ସାକ୍ଷାତ୍ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଇସା କ୍ୟା ନ କରେ କାମ୍**
**ଆବେ ପରଶୁ ଯାବେ ପରଶୁ**
**ବାବୁ ପରଶୁରାମ୍ ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ଧନ ବା ଅର୍ଥ ନ ଥିଲେ କେହି ଆଡ଼ ଆଖିରେ ବି ଚାହିଁ ନ ଥାନ୍ତି କି ଭଲରେ କଥା ପଦେ ମଧ କହି ନ ଥାନ୍ତି। ପରନ୍ତୁ ହାତକୁ ଧନ ଆସିଗଲେ ସେହି ବ୍ୟକ୍ତିକୁ ଆଦର ଅଭ୍ୟର୍ଥନା ଦେଖାଇବା ସହ ସମ୍ମାନ ପ୍ରଦାନ କରିବାକୁ ପଛାଇ ନ ଥାନ୍ତି। ଏହାହିଁ ଧନ ବା ଟଙ୍କାର କରାମତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପଥର ପରି ହେଲେ କରିବୁ ଘର**
**ପତର ପରି ହେଲେ ହସିବେ ପର ।**

ଜୀବନର ଅନ୍ୟନାମ ସଂଘର୍ଷ। ସଂସାରରେ ଘର କରିଥିଲେ ଅନେକ ଦୁଃଖକଷ୍ଟ ସହିବାକୁ ପଡ଼ିଥାଏ। ଏଥିରେ ଭାଙ୍ଗି ନ ପଡ଼ି ଯିଏ ଧୈର୍ଯ୍ୟ ଧରି ବାଟ ଚାଲେ ସିଏ ହିଁ ସଂସାରରେ ତିଷ୍ଠି ରହେ। ପରନ୍ତୁ ଯିଏ ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହୋଇପଡ଼େ ବିପଦକୁ ସାମ୍ନା କରିବାକୁ ଭୟକରେ ତା'ପକ୍ଷେ ସଂସାରରେ ରହି ବାଟଚାଲିବା ଅତ୍ୟନ୍ତ କଷ୍ଟକର ହୋଇଯାଇଥାଏ। ଦେହ ଏବଂ ମନକୁ ଟାଣ କରିଚାଲିଲେ କର୍ମକ୍ଷେତ୍ରରେ ସଫଳତା ମିଳିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ରାସ୍ତାରେ ବ୍ୟବସାୟୀଙ୍କୁ ୨ ଦୁର୍ବୃତ୍ତଙ୍କ ଆକ୍ରମଣ

# ଲୋକଙ୍କ ହାତରେ ଧରାପଡ଼ି ଛେଚା ଖାଇଲେ

ଜଳେଶ୍ୱର,୪।୯

ବାଲେଶ୍ୱର ଜିଲା ଜଳେଶ୍ୱରରେ ପୁଣି କଳା ପଲସରର ଆତଙ୍କ। ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ନଂ. ଜାତୀୟ ରାଜପଥର ଜମାଲପୁର ବାଇପାସ୍ ନିକଟରେ କଳା ପଲସରରେ ଆସିଥିବା ୨ଜଣ ଦୁର୍ବୃତ୍ତ ଜଣେ ଯୁବ ବ୍ୟବସାୟୀଙ୍କ ପାଖରେ ଟଙ୍କା ଥିବା ସନ୍ଦେହ କରି ତାଙ୍କୁ ଆକ୍ରମଣ କରିଥିଲେ। ସେମାନେ ଟଙ୍କା ନ ପାଇ ଖସି ଫେରାର ହୋଇଯିବାକୁ ଉଦ୍ୟମ କଲା ବେଳେ ନିକଟସ୍ଥ ବିଲରେ କାମ କରୁଥିବା ଲୋକେ ସେମାନଙ୍କୁ କାବୁ କରି ନେଇଥିଲେ। ଏହି ଲୁଟେରା ଦ୍ୱୟଙ୍କୁ ଲୋକେ ଉତ୍ତମମଧ୍ୟମ ଦେଇ ପରେ ପୋଲିସ ଜିମା ଦେଇଥିଲେ।

ପୋଲିସ ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ରାୟାରାମଚନ୍ଦ୍ରପୁର ଗ୍ରାମର ଯୁବ ବ୍ୟବସାୟୀ ଅଭିମନ୍ୟୁ ସାହୁ ଜଳେଶ୍ୱରରୁ ଘରକୁ ଫେରୁଥିବା ବେଳେ ଏହି ଦୁଇ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଜାତୀୟ ରାଜପଥରେ ଜମାଲପୁର ବାଇପାସ ନିକଟ ରାସ୍ତା ନିଛାଟିଆ ଥିବାରୁ ସେମାନେ ଅଭିମନ୍ୟୁଙ୍କ ପଛପଟୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସେଠାରେ ଅଭିମନ୍ୟୁ ୨ ଜଣଯାକ ଦୁର୍ବୃତ୍ତଙ୍କୁ ରାସ୍ତା ପାର୍ଶ୍ୱ ଧାନ ବିଲ ମଧ୍ୟକୁ ଠେଲି ଦେଇଥିଲେ। ସେମାନେ ବାଇକ ସହ ତଳେ ପଡ଼ି ଯାଇ ଧାନ ବିଲରେ ଦୌଡି ପଳାଇଯିବାକୁ ଚେଷ୍ଟା କରିଥିଲେ। ବିଲରେ କାମ କରୁଥିବା ଲୋକେ ସେମାନଙ୍କୁ ଗୋଡ଼ାଇ ଗୋଡାଇ ଧରିଥିଲେ । ଯୁବକ ଦ୍ୱୟଙ୍କୁ ଧରିବା ପରେ ଲୋକେ ନିର୍ଘୁମ ଛେଚି ପୋଲିସକୁ ଖବର ଦେଇଥିଲେ। ଗୁରୁତର ଆହତ ଅଭିମନ୍ୟୁଙ୍କୁ ସ୍ଥାନୀୟ ଲୋକେ ଜି.କେ. ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଦିନ ଦ୍ୱି ପ୍ରହରରେ ଏଭଳି ଲୁଟ୍ ଉଦ୍ୟମ ଓ ଆକ୍ରମଣ ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ପୋଲିସ ଘଟଣାର ତଦନ୍ତ କରୁଥିଲେ ମଧ ଲୁଟେରା ଦ୍ୱୟ ଅଭିମନ୍ୟୁଙ୍କ ଉପରକୁ ଫିଙ୍ଗିଥିବା ଅସ୍ତ୍ରର କୌଣସି ପତ୍ତା ମିଳି ନାହିଁ । ଏହି ଲୁଟେରା ଦ୍ୱୟଙ୍କ ସହ ଅନ୍ୟ କାହାରି ସମ୍ପର୍କ ଅଛି କି ନାହିଁ ସେ ନେଇ ପୋଲିସ ତଦନ୍ତ ଚଳାଇଥିବା କହିଛି।

# ବୈତରଣୀରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ

ଭଣ୍ଡାରିପୋଖରୀ, ୪।୯ (ଡି.ଏନ.ଏ.)- ଭଦ୍ରକଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ପଞ୍ଚାୟତ ରଘୁନାଥପୁର ଗ୍ରାମର ଦାମୋଦର ବୋଇତାଇ(୮୪) ଗତ ୧୮ ତାରିଖରୁ ନିଖୋଜ ଥିଲେ। ବୁଧବାର ବୈତରଣୀର ଦାଣ୍ଡକୂଳ ନିକଟ ନଦୀକୂଳରୁ ତାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଏ ନେଇ ଭଣ୍ଡାରିପୋଖରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୧୯) ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଚିକିତ୍ସାଳୟକୁ ପଠାଯାଇଥିଲା। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ୧୮ତାରିଖ ପୂର୍ବାହ୍ନରୁ ଦାମୋଦର ଘରୁ କେଉଁଆଡ଼େ ଚାଲିଯାଇଥିଲେ। ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରି ସେମାନେ ନିରାଶ ହୋଇଥିଲେ। ବୈତରଣୀ ନଦୀରେ ପାଣି ଅଧିକ ଥିବାରୁ ବୁଡ଼ିଯାଇଥିବା ସନ୍ଦେହ କରି ଯାଜପୁର ଦମକଳ କର୍ମଚାରୀଙ୍କ ଦ୍ୱାରା ଖୋଜାଖୋଜି କରିଥିଲେ ମଧ ଦାମୋଦରଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସନ୍ଧ୍ୟାରେ ବୈତରଣୀରେ ଜଣେ ଧୀବର ଜାଲ ପକାଉଥିବା ବେଳେ ଦାଣ୍ଡକୂଳ ନିକଟରେ ଏକ ମୃତଦେହ ଲାଗିଥିବା ଦେଖିଥିଲେ। ଖବର ପାଇ ସେମାନେ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରି ପୋଲିସକୁ ଜଣାଇଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠକରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ଧାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୫ ସେପ୍ଟେମ୍ବର, ୨୦୧୯



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କଲିନ



## ସଂକ୍ଷେପରେ

### ସିସିଟିଭି କ୍ୟାମେରା ଭାଙ୍ଗି ଲୁଟିନେଲେ

**ବଲାଙ୍ଗୀର ଅଫିସ, ୪।୯:** ବଲାଙ୍ଗୀର ସହର-ସମ୍ବଲପୁର ରାସ୍ତାର ଗୋକୁଳଧାମରେ ଥିବା ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କରଙ୍କ ବାସଭବନର ସିସିଟିଭି ଭାଙ୍ଗି ଚୋରମାନେ ଘରେ କଳାକନା ବୁଲାଇଛନ୍ତି। ନୂଆଁଖାଇ ତିହାର ପାଇଁ ଝାଙ୍କର ପରିବାର ସଦସ୍ୟଙ୍କ ସହ ନିଜ ଗାଁକୁ ଯାଇଥିଲେ । ଏହାର ସୁଯୋଗ ନେଇ ଚୋରମାନେ ମଙ୍ଗଳବାର ରାତିରେ ତାଙ୍କ ଘରେ ପଶିଥିଲେ। ସିସିଟିଭି ଭାଙ୍ଗିବା ପରେ ଘରର ଲୁହା ଗ୍ରୀଲ ଓ ତାଲା ଭାଙ୍ଗି ଦେଇ ଭିତରକୁ ପଶିଥିଲେ। ପରେ ଘରେ ଥିବା ପ୍ରାୟ ଦୁଇ ଭରି ଓଜନର ସୁନା ଅଳଙ୍କାର, ନଗଦ ଟଙ୍କା, ଗ୍ରାଇଣ୍ଡର, ଇଣ୍ଡକ୍‌ସନ୍ ଚୂଲା, ସମ୍ବଲପୁରୀ ଶାଢ଼ୀ, ଶାର୍ଟପ୍ୟାଣ୍ଟ, ଲୁଗାପଟା ଓ ଅନେକ ମୂଲ୍ୟବାନ୍ ସାମଗ୍ରୀ ଲୁଟି ନେଇଛନ୍ତି। ବୁଧବାର ସକାଳେ ଚୋରି ସମ୍ପର୍କରେ ଝାଙ୍କର ଜାଣିବାକୁ ପାଇଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଏକାଧିକ ଲୋକ ଏହି ଚୋରିରେ ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରିଛି । ଝାଙ୍କରଙ୍କ ଘର ସହ ଆଖ ଘରେ ମଧ ଚୋରମାନେ ଚୋରି ଉଦ୍ୟମ କରିଥିବା ଜଣାପଡିଛି ।

### ଗଣେଶ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ, ୧୪ ଆହତ

**ବଲାଙ୍ଗୀର ଅଫିସ, ୪।୯:** ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ପଥର୍ଲା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗଣେଶ ମୂର୍ତ୍ତି ଭସାଣୀ ବେଳେ ଗୋଷ୍ଠୀ ସଂଘର୍ଷ ଘଟି ଉଭୟ ଗୋଷ୍ଠୀର ୧୪ ଜଣ ଆହତ ହୋଇଛନ୍ତି। ସମ୍ପର୍କରେ ଖବର ପାଇବା ପରେ ପୁଇଁତଲା ଥାନା ଅଧିକାରୀ ସଂଗ୍ରାମ ପଟ୍ଟନାୟକ ପୋଲିସ ଫୋର୍ସ ଧରି ଗାଁରେ ପହଞ୍ଚିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଗାଁରେ ଉତ୍ତେଜନା ଲାଗି ରହିଛି । ଭସାଣି ବେଳେ ଗାଁର ଦୁଇଟି ଗୋଷ୍ଠୀ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା । ଉଭୟ ପକ୍ଷର ବହୁ ବ୍ୟକ୍ତି ମାରପିଟ୍‌ରେ ଆହତ ହୋଇଛନ୍ତି । ଉତ୍ତେଜନାକୁ ଆଖି ଆଗରେ ରଖି ଗାଁରେ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୃଦ୍ଧ ମୃତ

**ସୋନପୁର, ୪।୯(ନି.ପ୍ର.):** ନୂଆଁଖାଇ ଭେଟ୍‌ଘାଟ ଚାଲିଥିବା ସମୟରେ ଅଘଟଣ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋନପୁର ଥାନା ବୁରୋମୁଣ୍ଡା ଗ୍ରାମର ଚିନ୍ତାମଣି ମହାନନ୍ଦ(୫୫) । ମଙ୍ଗଳବାର ରାତିରେ ଗାଁରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଚାଲିଥିଲା। ଲୁହା ବିଦ୍ୟୁତ୍ ଖୁଣ୍ଟ ନିକଟରେ ଚିନ୍ତାମଣି ଛିଡା ହୋଇ କାର୍ଯ୍ୟକ୍ରମ ଦେଖୁଥିଲେ। ଶର୍ଟ ହୋଇଯାଇଥିବା ବିଦ୍ୟୁତ୍ ଖୁଣ୍ଟକୁ ସେ ଧରି ନେବାରୁ ଏପରି ହୋଇଥିବା ଅଭିଯୋଗ ହୋଇଛି । ଘଟଣା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୁଧବାର ମୃତଦେହ ବ୍ୟବଚ୍ଛେଦ ହୋଇଛି । ସୋନପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।






ବୁଧବାର ଅନୁଷ୍ଠିତ ରାଜେନ୍ଦ୍ର କଲେଜ ପୁରାତନ ଛାତ୍ର ସଂଘର ସାଧାରଣ ପରିଷଦ ବୈଠକ ।

### ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି ବୈଠକ

# ଉଚ୍ଚସ୍ତରର ବିଶ୍ୱବିଦ୍ୟାଳୟ ପାଇଁ ଅଣ୍ଟା ଭିଡ଼ିଲେ

**ବଲାଙ୍ଗୀର ଅଫିସ, ୪।୯**

- ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ ଦାବି
- ଘୋଷିତ ବିଶ୍ୱବିଦ୍ୟାଳୟରେ ଓଏସ୍‌ଡି, କୁଳପତି ନିଯୁକ୍ତି ଦାବି

ପଶ୍ଚିମ ଓଡିଶାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜକୁ ଏକ ଉଚ୍ଚସ୍ତରର ବିଶ୍ୱବିଦ୍ୟାଳୟ କରିବା ପାଇଁ କଲେଜର ପୁରାତନ ଛାତ୍ର ସଂଘ ସଦସ୍ୟମାନେ ଅଣ୍ଟା ଭିଡିଛନ୍ତି। ବୁଧବାର କଲେଜ ପୁରାତନ ଛାତ୍ର (ଆଲୁମିନି) ସଂଘ ସଭାପତି ଲଳିତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଶତାଧିକ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆସନ୍ତା ଡିସେମ୍ବର ସୁଦ୍ଧା କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବୁଲି ପାଳନ କରିବାକୁ ପ୍ରସ୍ତାବ ଆସିଥିଲା। ଏହି କଲେଜକୁ ସରକାର ସହବନ୍ଧିତ ବିଶ୍ୱବିଦ୍ୟାଳୟ ମର୍ଯ୍ୟାଦା ଦେବାକୁ ଘୋଷଣା କରିଥିବାରୁ ସଂଘ ପକ୍ଷରୁ ଖୁସି ପ୍ରକାଶ କରାଯାଇଥିଲା । କଲେଜରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ କରିବା ସହ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟର ଓଏସଡି ଓ କୁଳପତି ନିଯୁକ୍ତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଦାବି କରାଯାଇଥିଲା।

ପ୍ରାରମ୍ଭରେ ସ୍ୱାଗତ ଭାଷଣ ଅବସରରେ କଲେଜର ଭାରପ୍ରାପ୍ତ ଅଧକ୍ଷ ବିନୟ କୁମାର ଜେନା ଶୈକ୍ଷିକ ବାତାବରଣ ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ନାଗରିକ କମିଟିର ପୂର୍ବତନ ସଭାପତି ଡା ଲକ୍ଷ୍ମୀକାନ୍ତ ମହାପାତ୍ର, ଆଇନଜୀବୀ ଜୟରାମ ମିଶ୍ର, ଅରୁଣ ମିଶ୍ର, ଛାତ୍ର ସଂସଦ ପୂର୍ବତନ ସଭାପତି ରତନ ମହାରଣା, ଅନନ୍ତ ଦାସ, ଗୋପାଳ ନାୟକ ଓ ଦେବାଶିଷ ବିଶ୍ୱାଳ, ସରସ୍ୱତୀ ନନ୍ଦ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବେନ୍ଦ୍ର ମିଶ୍ର, ବୀରେନ୍ଦ୍ର ବନଛୋର, ଅରୁଣ ଖୁଆସ ସଂଘର ବର୍ତ୍ତମାନ୍ କର୍ମକର୍ତ୍ତାମାନେ ଆଉ କିଛି କାଳ ଦାୟିତ୍ୱ ନିର୍ବାହ କରିବା ସହ ପରିବର୍ଦ୍ଧିତ କମିଟି ଗଠନ କରିବା ନେଇ ପ୍ରସ୍ତାବ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୀଷା ଗୌତମୀ, ଅନିଲ ମୋଦୀ, ଅସୀମ ଭୋଇ ଓ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ନିଜର ବ୍ୟାଚ୍ ଦାୟିତ୍ୱ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଫେସର ସନ୍ତୋଷ ରଥ ଓ ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ ବିଶ୍ୱବିଦ୍ୟାଳୟ ଗଠନର ରୂପରେଖ ବିଷୟରେ ବିଶଦ ଆଲୋଚନା କରିଥିଲେ । ଆଇନଜୀବୀ ଭବାନୀ ଶତପଥୀ ଓ ଡା. ଲକ୍ଷ୍ମୀକାନ୍ତ ମହାପାତ୍ର ପୁରାତନ ଛାତ୍ର ସଂଘ ଆହୁରି ଅଧିକ ବୈଠକ କରିବା ଉପରେ ମତ ରଖିଥିଲେ। ସରୋଜ ତ୍ରିପାଠୀ ପ୍ଲାଟିନମ୍ ଜୁବୁଲି ତୋରଣ ନିର୍ମାଣ ଓ ଏକାଡେମିକ ଚେୟାର ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁମିତରାମ ଭରଦ୍ୱାଜ କୃତବିଦ୍ ସାଧକଙ୍କ ସ୍ମୃତିରେ କଲେଜର ବିଭିନ୍ନ ପ୍ରେକ୍ଷାଳୟର ନାମକରଣ ପ୍ରସ୍ତାବ ଦେଇଥିଲେ । ଡା ବେଣୁଧର ପାଣ୍ଡେ ଓ ଆଇନଜୀବୀ ସଂଘ ସମ୍ପାଦକ ଅମନ ନାଗ କେବଳ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ରାଶିକୁ ନେଇ ଜୟନ୍ତୀ ପାଳନ ସକାଶେ ମତ ଦେଇଥିଲେ। ଅଧ୍ୟାପକ ନାରାୟଣ ମିଶ୍ର କଲେଜରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଦିଗରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିଭୁଦେନ୍ଦୁ ମହାନ୍ତି ପୁରାତନ ଛାତ୍ରୀଛାତ୍ରମାନେ ରାଜେନ୍ଦ୍ରଭିୟାନ ବୋଲି ଗର୍ବ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ନଗରପାଳ ପ୍ରଦୀପ ସାହୁ ସାମାଜିକ ଗଣମାଧ୍ୟମକୁ ଉପଯୋଗ କରି ତଥା ଛାତ୍ର ସଂସଦର ସମସ୍ତ ପୂର୍ବତନ କର୍ମକର୍ତ୍ତାଙ୍କୁ ସମ୍ପୃକ୍ତ କରାଇବାକୁ ପ୍ରସ୍ତାବ ଦେଇଥିଲେ। ରାଜକିଶୋର ଦାସ କଲେଜରେ ପାଠ ପଢିଥିବା ପୂର୍ବତନ ବିଚାରପତିମାନଙ୍କୁ ସମ୍ବର୍ଦ୍ଧନା କରିବା ଉପରେ ପ୍ରସ୍ତାବ ଦେଇଥିଲେ। ସଂଘ ସମ୍ପାଦକ ଅରବିନ୍ଦ ଦାସ ବିବରଣୀ ପ୍ରଦାନ କରିଥିଲେ। ପ୍ରଭାସ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

### ଲୋଇସିଂହାରେ ଅଧିକ ଏକ୍ସପ୍ରେସ ଟ୍ରେନ୍ ରହଣି ଦାବି ଜୋରଦାର

**ଲୋଇସିଂହା,୪।୯(ଡି.ଏନ.ଏ.)**

ସମ୍ବଲପୁର-ଟିଟିଲାଗଡ ରୁଟ୍‌ର ଲୋଇସିଂହା ଷ୍ଟେଶନରେ ଆଉ ୩ଟି ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଲୋଇସିଂହା ସିନିୟର ସିଟିଜେନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରେ ଦାବି ରଖାଯାଇଥିଲା। ଦାବିକୁ ଗୁରୁତର ସହ ନେଇ ପ୍ରଧାନ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋୟଲଙ୍କୁ ଚିଠି ଲେଖିଛନ୍ତି। ଲୋଇସିଂହା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ଗତ କିଛି ବର୍ଷ ହେଲା ଇସ୍ପାତ ଓ ଇଣ୍ଟରସିଟି ଏକ୍ସପ୍ରେସ ରହଣି କରୁଛି । ରେଳ ବିଭାଗ ପକ୍ଷରୁ ଲୋଇସିଂହା ଷ୍ଟେଶନକୁ ଆଦର୍ଶ ଷ୍ଟେଶନର ମାନ୍ୟତା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଷ୍ଟେଶନ ଉପରେ ଲୋଇସିଂହା, ଆଗଲପୁର, ବରଗଡ ଜିଲା ଗାଇସିଲାଟ, ପଦ୍ମପୁର ଏବଂ ସୁବର୍ଣ୍ଣପୁର ଜିଲା ମେଣ୍ଡା ଅଞ୍ଚଳବାସୀ ନିର୍ଭର କରନ୍ତି। ବଲାଙ୍ଗୀର-ବରଗଡ ୨୬ ନଂ ରାଜପଥରୁ ଷ୍ଟେଶନର ଦୂରତା ମାତ୍ର ୧ଶହ ମିଟର ହୋଇଥିବାରୁ ଯାତ୍ରୀମାନେ ସୁବିଧାରେ ଯାଇଥାନ୍ତି। ଯାତ୍ରୀଙ୍କ ସ୍ୱାର୍ଥ ପାଇଁ ଏବେ ଦୁର୍ଗ-ପୁରୀ, ଜଗଦଲପୁର-ହାୱଡା, ସମ୍ବଲପୁର-ନାନ୍ଦେଡ ଏକ୍ସପ୍ରେସ ରହଣି ଦାବି ଜୋର ଧରିଛି । ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଛି। ଗତ ଅଗଷ୍ଟ ୧୯ରେ ଲୋଇସିଂହା ସିନିୟର ସିଟିଜେନ ଆସେମ୍ଲି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ଓସାକା ହାଇଦ୍ରାବାଦ୍ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା

**ବଲାଙ୍ଗୀର ଅଫିସ, ୪।୯**

ତେଲେଙ୍ଗାନାର ହାଇଦ୍ରାବାଦ୍‌ସ୍ଥିତ ପ୍ରବାସୀ ପଶ୍ଚିମ ଓଡିଶାବାସୀଙ୍କ ଅଗ୍ରଣୀ ଅନୁଷ୍ଠାନ ଓସାକା ପକ୍ଷରୁ ବଲାଙ୍ଗୀରର ବନ୍ୟା ବିପନ୍ନମାନଙ୍କୁ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ୩୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ହାଇଦ୍ରାବାଦ୍‌ରୁ ବଲାଙ୍ଗୀର ଆସିଥିବା ଓସାକା କର୍ମକର୍ତ୍ତାମାନେ ଜିଲାପାଳ ଡାକୁଆ ଓ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀଙ୍କୁ ଭେଟିଥିଲେ । ବଲାଙ୍ଗୀରର ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ଓସାକା ପକ୍ଷରୁ ହାଇଦ୍ରାବାଦ୍‌ରେ ରହୁଥିବା ପଶ୍ଚିମ ଓଡିଶାବାସୀ ଓ ଅନ୍ୟ ବୁଦ୍ଧିଜୀବୀଙ୍କଠାରୁ ସହାୟତା ସଂଗ୍ରହ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ସଂଗୃହୀତ ଅର୍ଥକୁ ବଲାଙ୍ଗୀର ଠିକାଦାରପଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଉନ୍ନତିରେ ଖର୍ଚ୍ଚ କରାଯିବାକୁ ପ୍ରଶାସନକୁ ପ୍ରଦାନ କରାଯାଇଛି । ବଲାଙ୍ଗୀରର ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ ଓସାକା କାର୍ଯ୍ୟକର୍ତ୍ତାଙ୍କ ସହ ଯୋଗାଯୋଗ କରି ବଲାଙ୍ଗୀରର ବବନ୍ୟା ଓ କ୍ଷୟକ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦେଇଥିଲେ । ଏହି ଅବସରରେ ସହକାରୀ ଜିଲାପାଳ ପୁରୋହିତ ମଧ୍ୟ ଉପସ୍ଥିତ ଥିଲେ ।



ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଓସାକା ହାଇଦ୍ରାବାଦର କାର୍ଯ୍ୟକର୍ତ୍ତାମାନେ ଚେକ୍ ପ୍ରଦାନ କରୁଛନ୍ତି ।

### ମୁରିବାହାଲରେ ନୂଆଁଖାଇ ଭେଟ୍‌ଘାଟ

**ମୁରିବାହାଲ,୪।୯(ଡି.ଏନ୍.ଏ.)**

ମୁରିବାହାଲ ବଜାରପଡ଼ା ଓ ଷ୍ଟେଶନପଡ଼ାରେ ସାମୂହିକ ନବାନ୍ନ ଭକ୍ଷଣ ସହ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଛି। ବବାରପଡ଼ା ଗଣେଶ ପୂଜା ମଣ୍ଡପରେ ସାମୂହିକ ନବାନ୍ନ ଭକ୍ଷଣ ଅନୁଷ୍ଠିତ ହୋଇଥିଲା। ଏହାପରେ ବାଳିକା ଓ ମହିଳାଙ୍କୁ ନେଇ ଝୋଟି ଓ ପୁରୁଷଙ୍କୁ ନେଇ ହାଣ୍ଡିଫଟା ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ ଶ୍ରୀବତ୍ସ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ଉଷାରାଣୀ ଜଗଦଲା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ବ୍ରାହ୍ମଣ ସମାଜ ସଭାପତି କୃଷ୍ଣଚନ୍ଦ୍ର ଦାସ, ନିମାଇଁ ଚରଣ ବଘାର, ରମାରଞ୍ଜନ ପାତ୍ର, ତରୁଣ ପୋଢ଼, ଅନୀଲ କୁମାର ଶର୍ମା, ରାଜୀବ ମହାନ୍ତି, ବିରଞ୍ଚି ନାରାୟଣ ଖମାରୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ନୂଆଁଖାଇର ମହନୀୟତା ଉପରେ ବକ୍ତବ୍ୟ ରଖିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିକି ମହାରଣା, ସୁଧାଂଶୁ ଶେଖର ପୋଢ଼ ପରିଚାଳନା କରିଥିଲେ।



ମହିଳାମାନେ କୋଠିରୁ ଜବତ କରିଥିବା ମଦ ପାଉଚ।

## ମଦ ବିକ୍ରିକୁ ନେଇ ଉତ୍ତେଜନା

**ଲୋଇସିଂହା,୪।୯(ଡି.ଏନ.ଏ.)**

ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଅନ୍ତର୍ଗତ ସଦର ଗ୍ରାମ ବସ୍ତିରେ ମଦବିକ୍ରକୁ ନେଇ ବୁଧବାର ଉତ୍ତେଜନା ଦେଖାଦେଇଛି। କୁଶମେଲ ସଦର ଗାଁ କୁମ୍ଭାରପଡା ନିକଟରେ ଜନୈକ ବ୍ୟକ୍ତି ବେଆଇନଭାବେ ମଦକୋଠୀ କରିଛନ୍ତି। ଏଠାରେ ଗ୍ରାମତଥା ଆଖପାଖ ଗ୍ରାମର ମଦୁଆଙ୍କ ଭିଡ ଜମୁଛି । ଏଥିଯୋଗୁ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ଗ୍ରାମର ମହିଳାମାନେ ବାରଣ କଲେ ସୁଦ୍ଧା ବେପାରୀ ମଦବିକ୍ରି ବନ୍ଦ କରୁ ନ ଥିବା ଅଭିଯୋଗ ହେଉଛି । ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଛାଡଖାଇ ଅବସରରେ ନିକଟ ଗ୍ରାମର ୩ଜଣ ଯୁବକ ମଦ୍ୟପାନ କରି କୁମ୍ଭାରପଡାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଉଲଗ୍ନ ହୋଇ କୁଆଡେ ନାଚ କରିଥିଲେ । ସ୍ଥାନୀୟ ଲୋକେ ସେହି ଯୁବକମାନଙ୍କୁ ବାରଣ କରିବରାକୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ସ୍ଥାନୀୟ ମହିଳାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମଦକୁଠି ଯୋଗୁ ଏପରି ପରିସ୍ଥିତି ହେଉଥିବା ମହିଳାମାନେ ଅଭିଯୋଗ କରିଥିଲେ। ମଦ କୁଠିକୁ ଯାଇ ସେମାନେ ଗଚ୍ଛିତ ମଦକୁ ଫିଙ୍ଗି ଦେଇଥିଲେ। ଏହାକୁନେଇଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ସନ୍ଧ୍ୟାରେ ବଲାଙ୍ଗୀର ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ହେଲେ ପୋଲିସ ସେମାନଙ୍କ ବିରୋଧରେ ଯାଇ ମଦ ବ୍ୟବସାୟୀଙ୍କ ପକ୍ଷ ନେଉଥିବା ଗ୍ରାମବାସୀଙ୍କ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି ।

## ଲଗାଣ ବର୍ଷାରେ ଘରେ ଆଣ୍ଠୁଏ ପାଣି

**ଲାଠୋର, ୪।୯ (ଡି.ଏନ.ଏ.)**

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଆମ୍ବେଦକର କଲୋନୀ ନିକଟବର୍ତ୍ତୀ ବିର୍ତ୍ତିଆ ପଡାର ନଅଟି ପରିବାର ଜଳବନ୍ଦୀ ହୋଇ ଯାଇଥିଲେ। ମଙ୍ଗଳବାର ଅଧିକ ବର୍ଷା ସାଙ୍ଗକୁ ପାଣି ନିଷ୍କାସନ ହୋଇ ନ ପାରିବାରୁ ସେମାନଙ୍କ ଘରେ ଆଣ୍ଠୁଏ ପାଣି ଜମି ରହିଥିଲା। ପଡାର କାଳିଆ ସୁନା, ବୁଢୁ ସୁନା, ଜଗନ୍ନାଥ ତାଣ୍ଡି, ସୁଦର୍ଶନ କୁମ୍ଭାର, ଶୁକ୍ଳୁ ସୁନା, ରିଙ୍କି କୁମ୍ଭାର, ଦାନ ସୁନା, ରାଜେଶ ସୁନା, ଚନ୍ଦ୍ରା ସୁନାଙ୍କ ପରିବାର ନାହିଁ ନ ଥିବ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବୁଧବାର ସକାଳେ ଲୋକେ ଗରା,ବାଲଟିରେ ଘରୁ ପାଣି ବାହାରକୁ ବାହାର କରିଥିଲେ। ଖବର ପାଇ ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ପରସ୍ଥିତି ଅନୁଧ୍ୟାନ କରିଥିଲେ। ପଞ୍ଚାୟତ ପକ୍ଷରୁ ଏକ ତାଲିକା ପ୍ରସ୍ତୁତ କରି ପ୍ରଶାସନ ନିକଟକୁ ପଠାଯାଇଛି। ଖୁବ୍‌ଶୀଘ୍ର ପଡାର ସେହି ପରିବାରଗୁଡିକୁ ପକ୍କା ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ।



ବର୍ଷାପାଣି ଘେରରେ ବିର୍ତ୍ତିଆପଡାର ଏକ ପରିବାର।

## ବନ୍ୟା ପରେ ବ୍ୟାପୁଛି ଝାଡ଼ାବାନ୍ତି

**ଦେଓଗାଁ,୪।୯(ଡି.ଏନ.ଏ.)**

### ଆକ୍ରାନ୍ତଙ୍କ ଚିକିତ୍ସା, ଜଳନମୁନା ସଂଗ୍ରହ କଲା ଡାକ୍ତରୀ ଦଳ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବନ୍ୟାପରେ ଏବେ ଝାଡାବାନ୍ତି ବ୍ୟାପବାରେ ଲାଗିଛି। ସାରସମାଲ ପଞ୍ଚାୟତର ସଦର ଗାଁ ସାରସମାଲ ଓ ମକୁନ୍ଦପୁର ପଞ୍ଚାୟତର ଜାମଝରନ ଗାଁରେ ପ୍ରାୟଘରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି । ବୁଧବାର ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁଶାନ୍ତ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ ସାରସମାଲ ଯାଇ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଛନ୍ତି । ସେହିପରି ଡା. ପ୍ରମୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଜାମଝରନ ଗାଁକୁ ଯାଇ ଆକ୍ରାନ୍ତଙ୍କ ଚିକିତ୍ସା କରିଥିଲେ। ଏଥିସହ କେଉଁ କାରଣରୁ ଝାଡାବାନ୍ତି ବ୍ୟାପୁଛି ତାହାର ଅନୁଧ୍ୟାନ କରିବା ସହ ପାନୀୟ ଜଳର ନମୂନା ସଂଗ୍ରହ କରିଛନ୍ତି । ଡା. ମେହେରଙ୍କ ସୂଚନା ଅନୁସାରେ ସାରସମାଲରେ ୫୨ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି । ସେଥିମଧ୍ୟରୁ ୪୦ଜଣ ଝାଡାବାନ୍ତିରେ ଆକ୍ରାନ୍ତ ଅଛନ୍ତି। ଅନ୍ୟ ୧୨ଜଣଙ୍କୁ ମ୍ୟାଲେରିଆ ଜ୍ୱର ହେଉଛି। ୪ଜଣ ବଲାଙ୍ଗୀର ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେହିପରି ଜାମଝରନରେ ୧୮ଜଣ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ରହିଛନ୍ତି। ବନ୍ୟାରେ ସମସ୍ତ ନଦୀନାଳର ପାଣି ଏକତ୍ରିତ ହୋଇ ଦୂଷିତ ହୋଇଛି। ଉକ୍ତ ପାଣିକୁ ଗ୍ରାମାଞ୍ଚଳର ଲୋକେ ପାନୀୟ ଭାବେ ବ୍ୟବହାର କରୁଥିବାରୁ କେତେକ ଗାଁରେ ଝାଡାବାନ୍ତି ବ୍ୟାପିବା ଥିବା ଡାକ୍ତରୀ ଦଳ ଅନୁମାନ କରୁଥିବା ପ୍ରକାଶ କରିଛନ୍ତି । ଏହଦିନ ଗାଁକୁ ସ୍ଥାନୀୟ ତହସିଲଦାର ସୋନାଲୀ ପାତ୍ର ପରିଦର୍ଶନ କରି ଲୋକଙ୍କ ସମସ୍ୟା ଉପରେ ଅବଗତ ହୋଇଥିବା ଜଣାପଡିଛି। ଡାକ୍ତରୀ ଦଳରେ ଫାର୍ମାଶିଷ୍ଟ ବିଘୁଟି ସାହୁ, ପୁଲସ୍ତି ବୁଢିଆ, ତାପସ ରଞ୍ଜନ ସାହୁ, ସ୍ଥାନୀୟ ଆଶାକର୍ମୀ ଓ ରାମଜୀ ଚୌଧୁରୀ, ଗଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ସାରସମାଲରେ ଦେଓଗାଁ ଭ୍ରାମ୍ୟମାଣ ଡାକ୍ତରୀ ଦଳ ଝାଡାବାନ୍ତି ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି ।

### ଅଗ୍ନିକାଣ୍ଡରେ ମା, ଦୁଇପୁଅ ଗୁରୁତର

**ମୁରିବାହାଲ,୪।୯(ଡି.ଏନ୍.ଏ.)**

ମୁରିବାହାଲ ବ୍ଲକ ଗୁଡ଼ିଘାଟ ପଞ୍ଚାୟତର ଘୁଣ୍ଟୁରାମୁଣ୍ଡା ଗ୍ରାମର ବୁଧବାର ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ଏଥିରେ ଗୋଟିଏ ବାଇକ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ସୂଚନାନୁଯାୟୀ ଗ୍ରାମର ବୈଦ୍ୟନାଥ ମେହେରଙ୍କର ୨ପୁଅ, ଦେବ କୁମାର (୧୦), ଦିଶାନ୍ତ (୮) ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଘରେ ଖେଳୁଥିବା ବେଳେ ନିକଟରେ ଥିବା ବାଇକ ତଳେ ପଡ଼ିଯାଇଥିଲା। ଏହି ସମୟରେ ରୋଷେଇ ଘରେ ଲାଗିଥିବା ନିଆଁ ବାଇକ ଓ ସେମାନଙ୍କ ଦେହରେ ଲାଗି ଯାଇଥିଲା । ପିଲା ୨ଜଣଙ୍କୁ ଉଦ୍ଧାର କରିବାକୁ ଯାଇ ମା’ ପଦ୍ମିନୀ ମେହେର ମଧ୍ୟ ଆହତ ହୋଇଥିଲେ। ତାଙ୍କ ଶରୀରର ବହୁଅଂଶ ପୋଡି ଯାଇଥିଲା। ଖବରପାଇ ମୁରିବାହାଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ୩ଜଣଙ୍କୁ ଗ୍ରାମବାସୀଙ୍କ ସହାୟତାରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ରୋଷେଇ ଘରେ କିପରି ନିଆଁ ଲାଗିଲା ତାହା ଜଣା ପଡିନାହିଁ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଅଭିଯୋଗ

**ଭେଡ଼େନ,୪।୯(ଡ଼ି.ଏନ.ଏ):** ପଶ୍ଚିମ ଓଡ଼ିଶା ସାରା ନଆଖାଇ ପର୍ବ ଧୁମଧାମରେ ପାଳିତ ହେଉଥିବା ବେଳେ ବରଗଡ଼ ଜିଲା ଭେଡ଼େନ ଥାନା ଅର୍ଜୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଡ଼କପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି। ଏହି ଘଟଣାରେ ଗ୍ରାମର ନନ୍ଦିଘୋଷ ମାହାର (୪୨)ଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଭାଇ ଏକାଦଶିଆ ମାହାରଙ୍କ ଅଭିଯୋଗ ଅନୁସାରେ ଭେଡ଼େନ ଥାନାରେ ଆଇପିସି ଧାରା ୪୫୨, ୨୯୪, ୫୦୬, ୩୦୨ ଏବଂ ୩୪ରେ ଏକ ମାମଲା (ନଂ.୧୩୮/୧୯) ରୁଜୁ ହୋଇଛି । ଏହି ମାମଲାର ଅଭିଯୁକ୍ତ ଖଗେଶ୍ୱର ମାହାର ମଧ ଆହତ ହୋଇ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି । ଅଭିଯୋଗ ମୁତାବକ, ଖଗେଶ୍ୱର ସରକାରୀ ଜମି ଜବରଦଖଲ କରିଥିବା ବେଳେ ନନ୍ଦିଘୋଷଙ୍କ ଉଦ୍ୟମ କ୍ରମେ ସେହି ଜମି ପୁଣି ଗ୍ରାମବାସୀଙ୍କ କବଜାକୁ ଆସିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଖଗେଶ୍ୱର ନନ୍ଦିଘୋଷଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ତେବେ ଏହି ଘଟଣାକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଛି ।

# ଲଗାଣ ବର୍ଷା, ପୋଲ ଉପରେ ବନ୍ୟାଜଳ

## ଯାତାୟାତ ବ୍ୟାହତ, ଚାଷ ଜମି ଜଳମଗ୍ନ



ପୋଲ ଉପରେ ୪ ଫୁଟ ଉଚ୍ଚର ପାଣି।

**ସୋନପୁର,୪।୯(ନି.ପ୍ର.)**

ବର୍ଷା ବୁଧବାର ହ୍ରାସ ପାଇଛି । କିନ୍ତୁ ମଙ୍ଗଳବାର ରାତିର ଲଗାଣ ବର୍ଷା ଜିଲାରେ ନାହିଁ ନଥିବା କ୍ଷତି କରିଛି। ଗତ ୨୪ ଘଣ୍ଟାରେ ଜିଲାରେ ମୋଟ ୬୫୬ ମିଲିମିଟର ବର୍ଷା ହୋଇଛି। ବୀରମହାରାଜପୁର ଉପଖଣ୍ଡର ଉଲୁଣ୍ଡା ବ୍ଲକରେ ସର୍ବାଧିକ ୨୦୪ ମିମି. ଓ ବୀରମହାରାଜପୁର ବ୍ଲକରେ ୧୪୦ମିମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏଥିଯୋଗୁଁ ନଦୀ ନାଳ ପରିବେଷ୍ଟିତ ଜିଲାର ଅନେକ ଅଞ୍ଚଳରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ବିଭିନ୍ନ ପୋଲ ଉପରେ ପାଣି ଚାଲୁଥିବା ବେଳେ ଉଲୁଣ୍ଡା ବ୍ଲକର ରକ୍ସା ଛକରେ ଥିବା ଏକ ମଠ ପାଣି ଘେରରେ ରହିଛି। ସ୍ଥାନୀୟ ନାଳରେ ବନ୍ୟା ଜଳ ପ୍ରବାହିତ ହେଉଛି। ବୀରମହାରାଜପୁର-ଚାରମାଲ ରାସ୍ତାର ହରିହରଯୋର ପୋଲ ଉପରେ ୩ ଫୁଟ୍‌ର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟତ ବନ୍ଦ ରହିଛି। ସେହିପରି ସ୍ଥାନୀୟ ଘୁଙ୍ଗିନାଳ ଉପରେ ୪ ଫୁଟ୍‌ର ପାଣି ଚାଲିଛି। ଲେହେଡି-ପାଇକପାଲି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଉଲୁଣ୍ଡା ବ୍ଲକର କୁକିଆ ଦେଇ ଯାଇଥିବା ନାଳ ଉପରେ ୫ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି । ପଞ୍ଚମହଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବର୍ଷା ଜଳ ପ୍ରବେଶ କରିଛି । ବର୍ତ୍ତମାନ ବର୍ଷା ଛାଡିଥିବା ବେଳେ ବନ୍ୟା ଜଳ କମିନାହିଁ। ଶତାଧିକ ଏକର ଚାଷ ଜମି ଉପରେ ବନ୍ୟା ଜଳ ପ୍ରବାହିତ ହେବାରୁ ଚାଷ କ୍ଷତି ହେବାର ଆଶଙ୍କା କରାଯାଉଛି। ଜିଲାର ଉଲୁଣ୍ଡା ବ୍ଲକର କୁକିଆ ଗ୍ରାମରେ ବନ୍ୟାଜଳ ମାଡି ଯାଇଥିବା ବେଳେ ବିଦ୍ୟାଳୟ ପରିସରରେ ଆଣ୍ଠୁଏ ପାଣି ଜମି ରହିଛି। ଲମକାଇ ଗ୍ରାମର ନୂଆବନ୍ଧରେ ଘାଇ ସୃଷ୍ଟି ହୋଇଛି । ସେହିପରି ମେନକା ଯୋରର ବନ୍ୟାପାଣି ଜଗନ୍ନାଥ ପାଲି, ଲୋମକାନୀ, ଧୁଲଧୁଲା ଓ ବଡମାଲ ଆଦି ଗାଁ ଗୁଡିକରେ ବନ୍ୟା ଜଳ ପ୍ରବେଶ କରିଛି । ହରିହରଯୋର ଡ୍ୟାମର ୪ଟି ଫାଟକ ଖୋଲାଯିବାରୁ ଉଭୟ ପାର୍ଶ୍ୱରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନାଳଗୁଡିକ ଫୁଲି ଉଠିବାରୁ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । କୃଷ୍ଣପାଲି ଗାଁ ଭିତରକୁ ପାଣି ପସି ଯାଇଛି। ମେନକାଯୋରରେ ବନ୍ୟା ଜଳ ଯୋଗୁଁ କୁକିଆ-କପାସିରା ରାସ୍ତା ବିଚ୍ଛିନ୍ନ ହୋଇଛି । ହରିହରଯୋର ଡ୍ୟାମ ଫାଟକ ବନ୍ଦ କରାଯିବା ପରେ ଜଳପ୍ରବାହ ହ୍ରାସ ପାଇଛି । ଯାତାୟତ ଏବେ ସ୍ୱାଭାବିକ ହୋଇଛି । ତରଭା ବ୍ଲକର ପାଇକବାହାଲ ପଞ୍ଚାୟତର ରାକ୍ଷାସ ଯୋର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ପଞ୍ଚାୟତର ବିଭିନ୍ନ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ସେହିପରି ସୋନପୁର ବ୍ଲକର ଅର୍ଜୁନପୁର-ମୟୁରଉଡାନ ରାସ୍ତାର କୁଲତାଯୋରରେ ୫ ଫୁଟ୍ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଖଲିଆପାଲି-ଲଛିପୁର ରାସ୍ତାର ଜାମଯୋର ପୋଲ ଉପରେ ୪ ଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଲିଆପାଲି-ନନ୍ଦନମାଲ ରାସ୍ତାର କୁମ୍‌କିନାଳରେ ସାଢେ ୩ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

■ ଗୁଣ୍ଡୁରୁଚୁଆଁରେ ବିଜେଡିର ନୂଆଁଖାଇ ଭେଟଘାଟ

# ‘ଦଳ ପାଇଁ ମିଶି କାମ କରିବାକୁ ଆହ୍ୱାନ’

**ସମ୍ବଲପୁର,୪।୯(ବ୍ୟୁରୋ)**



ଗୁଣ୍ଡୁରୁଚୁଆଁରେ ବିଜେଡି ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥିମାନେ।

ଜମନକିରା ବ୍ଲକ ଗୁଣ୍ଡୁରୁଚୁଆଁରେ ବିଜେଡି ପକ୍ଷରୁ ବୁଧବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ବଲପୁର ଓ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନିକାନ୍ତ ପ୍ରଧାନ ଯୋଗ ଦେଇ ଦଳ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ମନାନ୍ତର ଓ ମତାନ୍ତର ଭୁଲିବାକୁ ହେବ। ଦଳ ପାଇଁ ନୂଆ ସଭ୍ୟ ସଂଗ୍ରହ କରି ତୃଣମୂଳ ସ୍ତରରୁ ଦଳକୁ ଅଧିକ ମଜବୁତ କରିବାକୁ ପଡିବ। ରାଜ୍ୟ ସରକାରଙ୍କ ଲୋକଭିମୁଖୀ ଯୋଜନାକୁ ଉଚିତ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ବିଧାୟକ କୃଷ୍ଣଚନ୍ଦ୍ର ନାଏକ, ଏସ୍‌ଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ଜମନକିରା ବ୍ଲକ ଅଧକ୍ଷ ଅରୁଣ ନାୟକ, କୁଚିଣ୍ଡା ବ୍ଲକ ଅଧକ୍ଷ ତିଳୋତ୍ତମା ନାୟକ, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିଭଳି କୁଚିଣ୍ଡା ବିଜେଡି ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବାମରା ବ୍ଲକ ବିଜେଡି ସଭାପତି ରାଜ କୁମାର ଶୁକ୍ଳା, କୁଚିଣ୍ଡା ନଗର ସଭାପତି ଗଣେଶରାମ ଅଗ୍ରୱାଲ, ଜମନକିରା ବ୍ଲକ ସଭାପତି ରାଜେଶ ନାୟକ, ବରିଷ୍ଠ ନେତା ଭୁବନେଶ୍ୱର କିସାନଙ୍କ ସମେତ ଶତାଧିକ କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ।

## ଧରିତ୍ରୀ ଏଜେଣ୍ଟଙ୍କ ମାତୃ ବିୟୋଗ

**ପାଇକମାଳ, ୪।୯(ଡି.ଏନ.ଏ.):** ପାଇକମାଳର ଧରିତ୍ରୀ ବିତରକ ସଚ୍ଚିଦାନନ୍ଦ ସ୍ୱାଇଁଙ୍କ ମାତା ଲଳିତା ସ୍ୱାଇଁଙ୍କ ବୁଧବାର ଭୋର ୪ଟା ସମୟରେ ପରଲୋକ ହୋଇଯାଇଛି।



ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ପ୍ରାୟ ୧ ମାସ ହେବ ସେ ଶଯ୍ୟାଶାୟୀ ଥିଲେ। ସେ ତାଙ୍କ ପଛରେ ତିନି ପୁଅ, ବୋହୂ, ଗୋଟିଏ ଝିଅ ଓ ୧୦ଜଣ ନାତିନାତୁଣୀଙ୍କୁ ଛାଡି ଯାଇଛନ୍ତି। ବଡପୁଅ ଭବାନୀ ଶଙ୍କର ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ପାଇକମାଳ ଅଞ୍ଚଳର ବହୁ ଲୋକ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ଲଳିତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଗୋ ହତ୍ୟା ଅଭିଯୋଗରେ ୩ ଗିରଫ

**ବାମରା,୪।୯(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ହାଡକୁଟିପଡ଼ାରେ ଜଣେ ବ୍ୟକ୍ତି ଏକ ଗୋରୁକୁ ମାରି ମାଂସ ଖାଇବା ନେଇ ଗ୍ରାମବାସୀ ମହୁଲପାଲି ଥାନାରେ ଅଭିଯୋଗ ଛନ୍ତି। ଏଥିରେ ୩ଜଣଙ୍କୁ ଗିରଫ କରାଯାଇଛି। ଅଭିଯୋଗ ଅନୁସାରେ ମହୁଲପାଲି ହାଡକୁଟିପଡ଼ାର ପାଉଲୁମ ମୁଣ୍ଡାଙ୍କ ୨ ଭ୍ରାଇଁ ତାଙ୍କ ଘରକୁ କୁଣିଆ ଆସିଥିଲେ। ତାଙ୍କ ପାଇଁ ସେ ଏକ ଗୋରୁ ମାରି ମାଂସ ରାନ୍ଧି ଥଲେ। ଆଖପାଖ ଲୋକ ଏହା ଜାଣିବା ପରେ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନଂ. ୧୨୨/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ପାଉଲୁମ ମୁଣ୍ଡା(୬୦) ସହ ତାଙ୍କ ୨ ଭ୍ରାଇଁ ସାରେମମାଲର ଲକି କେନ୍ଦୁ(୩୦) ଓ ପାନପୋଷର ରକି ଧାନ(୩୫)ଙ୍କୁ ଗିରଫ କରିଛି। ଗୋରୁହତ୍ୟା ପାଇଁ ବ୍ୟବହାର ଅସ୍ତ୍ରକୁ ମଧ ପୋଲିସ ଜବତ କରିଛି।



ଗିରଫ ୩ ଅଭିଯୁକ୍ତ।

# ରୁପା ଦର ୫୦ ହଜାର ଟପିଲା

**ନୂଆଦିଲ୍ଲୀ,୪।୯**

ବିଶ୍ୱ ବଜାରରେ ସୁନା ଦର ମଙ୍ଗଳବାର ବୃଦ୍ଧି ପାଇଥିବା ବେଳେ ବୁଧବାର ସ୍ଥାନୀୟ ବଜାରରେ କ୍ରମାଗତ ଦ୍ୱିତୀୟ ଦିନ ଅର୍ଥାତ୍ ବୁଧବାର ଏହା ୧୨୨ ଟଙ୍କା ବୃଦ୍ଧି ପାଇ ୩୯,୨୪୮ ଟଙ୍କା ପ୍ରତି ୧୦ ଗ୍ରାମରେ କାରବାର ବନ୍ଦ ହୋଇଛି। ତେବେ ରୁପା ଦର ଅହେତୁକ ଭାବେ ବଢ଼ିଚାଲିଛି। ବୁଧବାର ରୁପା ଦର କେଜି ୨୦୭୦ ଟଙ୍କା ବୃଦ୍ଧି ପାଇ ୫୦,୧୨୫ ଟଙ୍କାରେ ପହଞ୍ଚିଯାଇଛି। ସୁନା ଦର ମଙ୍ଗଳବାର ୩୯,୧୨୬ ଟଙ୍କା ଥିଲା। ସେହିପରି ରୁପା ଦର ୪୮,୦୫୫ ଟଙ୍କା ରହିଥିଲା। ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର ବରିଷ୍ଠ ବିଶ୍ଳେଷକ(କମୋଡିଟିଜ) ତପନ ପଟେଲ କହିଛନ୍ତି ଯେ, ମଙ୍ଗଳବାର ସୁନା ଦର ଯଥେଷ୍ଟ ବଢ଼ିଥିଲା। ବୁଧବାର ସକାଳୁ ସୁନା ଦର ମାତ୍ର ୧୨୨ ଟଙ୍କା ବଢ଼ିଛି। ଅନ୍ତଃରାଷ୍ଟ୍ରୀୟ ବଜାରରେ ନ୍ୟୁୟର୍କରେ ସୁନା ଦର ହ୍ରାସ ପାଇ ପ୍ରତି ଆଉନ୍ସ ୧୫୩୭ ଡଲାର ରହିଛି। ସେହିପରି ରୁପା ଦର ପ୍ରତି ଆଉନ୍ସ ସାମାନ୍ୟ ବୃଦ୍ଧି ପାଇ ୧୯.୨୭ ଡଲାର ରହିଛି।

# ଆଇଆର୍‌ସିଟିସିର ସ୍ୱତନ୍ତ୍ର ବିମାନ ଟୁର୍ ପ୍ୟାକେଜ

■ ଦିଲ୍ଲୀ ସମେତ ୫ସ୍ଥାନରୁ ଆସିବେ ପର୍ଯ୍ୟଟକ
■ ସାତପଡ଼ାରେ ଡଲଫିନ ଓ ବୋଟିଂର ମଜା ନେବେ
■ ଜାନୁୟାରୀ ୨୨ରୁ ଓଡ଼ିଶା ପର୍ଯ୍ୟଟକ ବୁଲିବେ ଗୁଆହାଟୀ, ଶିଲଂ

**ଭୁବନେଶ୍ୱର, ୪।୯(ବ୍ୟୁରୋ)**

ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟସ୍ଥଳ ଭ୍ରମଣ ପାଇଁ ଆଇଆର୍‌ସିଟିସି ପ୍ରସ୍ତୁତ କରିଛି ସ୍ୱତନ୍ତ୍ର ବିମାନ ଟୁର ପ୍ୟାକେଜ। ଡିସେମ୍ବର ୧ରୁ ଆରମ୍ଭ ହେଉଥିବା ଅନ୍ତର୍ଜାତୀୟ କୋଣାର୍କ ନୃତ୍ୟ ଉତ୍ସବ ଓ ବାଲୁକା କଳା ଉତ୍ସବକୁ ଉପଭୋଗ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ଏହି ପ୍ୟାକେଜ ପ୍ରସ୍ତୁତ କରାଯାଇଛି। ଏହା ସହ ଚିଲିକା ହ୍ରଦ, ମନ୍ଦିରମାଳିନୀ ଭୁବନେଶ୍ୱର ସହ ୬ଟି ଭିନ୍ନ ଭିନ୍ନ ସହରକୁ ନେଇ ଏହି ସ୍ୱତନ୍ତ୍ର ଟୁର ପ୍ୟାକେଜ ଘୋଷଣା କରିଛି ଆଇଆରସିଟିସି। ଆଇଆରସିଟିସି ରେଲୱେରେ ଟୁର ଓ କ୍ୟାଟେରିଂ ସେବା ଯୋଗାଉଥିବା ବେଳେ ଏହି ପ୍ୟାକେଜଟି ବିମାନ ଯୋଗେ ରହିଛି। କୋଣାର୍କ ନୃତ୍ୟ ଉତ୍ସବ ଓ ବାଲୁକା କଳା ସହ ଭୁବନେଶ୍ୱରର ଜନଜାତି ସଂଗ୍ରହାଳୟ, ଖଣ୍ଡଗିରି-ଉଦୟଗିରି ଗୁମ୍ଫା, ଲିଙ୍ଗରାଜ ମନ୍ଦିର, ଧଉଳିଶାନ୍ତିସ୍ତୂପ, ସାତପଡ଼ା(ଚିଲିକା)ରେ ବୋଟିଂ ଓ ଡଲଫିନ ଦେଖା, ଅଲାରନାଥ ମନ୍ଦିର ଓ ଶ୍ରୀ ଜଗନ୍ନାଥ ମନ୍ଦିର ବୁଲିବେ ଯାତ୍ରୀ। ଯାତ୍ରୀମାନଙ୍କ ପାଇଁ ଉଭୟ ଉତ୍ସବ ଉପଭୋଗ କରିବାର ସ୍ୱତନ୍ତ୍ର ବ୍ୟବସ୍ଥା ସହ ତାରକା ହୋଟେଲରେ ରହଣି ବ୍ୟବସ୍ଥା ହୋଇଛି ବୋଲି ଆଇଆରସିଟିସି ପକ୍ଷରୁ କୁହାଯାଇଛି। ସମସ୍ତ ୫ଟି ପ୍ୟାକେଜ ୨୯ ନଭେମ୍ବରରୁ ଆରମ୍ଭ ହୋଇ ଡିସେମ୍ବର ୨ରେ ସରିବ। ହାଇଦ୍ରାବାଦ, ଚେନ୍ନାଇ, ବାଙ୍ଗାଲୋର, ଦିଲ୍ଲୀ, ମୁମ୍ବାଇ ଓ କୋଲକାତାରୁ ବିମାନ ଯୋଗେ ୨୯ରେ ଭୁବନେଶ୍ୱର ଆସିବେ ଯାତ୍ରୀ। ଏହି ସ୍ୱତନ୍ତ୍ର ଯାତ୍ରାର ମୂଲ୍ୟ ୧୫ ହଜାର ଟଙ୍କାରୁ ନେଇ ୩୦ ହଜାର ଟଙ୍କା ଯାଏଁ ରହିଛି।

ସେହିଭଳି ଉତ୍ତରପୂର୍ବ ଭାରତର ପର୍ଯ୍ୟଟନସ୍ଥଳୀଗୁଡିକ ବୁଲିବା ଲାଗି ଆଇଆରସିଟିସି ଆଉ ଏକ ଟୁର ପ୍ୟାକେଜ ଘୋଷଣା କରିଛି। ଏହି ସେବା ମଧ୍ୟ ବିମାନ ଯୋଗେ ବ୍ୟବସ୍ଥା କରାଯାଇଛି। ଉପରୋକ୍ତ ଟୁର ପ୍ୟାକେଜ ବାହାର ସହରରୁ ଓଡ଼ିଶାକୁ ରହିଥିବା ବେଳେ ଏହାକୁ ଭୁବନେଶ୍ୱରରୁ ରଖାଯାଇଛି। ଏଥିରେ ଯାତ୍ରୀମାନେ ଗୁଆହାଟୀ ଓ ଶିଲଂର ବିଭିନ୍ନ ସ୍ଥାନ ବୁଲିବେ। ଏହା ଜାନୁୟାରୀ ୨୨ରୁ ଆରମ୍ଭ ହୋଇ ୨୭ରେ ସରିବ। ଏହି ଯାତ୍ରାର ମୂଲ୍ୟ ୧୫ ହଜାରରୁ ୪୧ ହଜାର ଟଙ୍କା ସୁବିଧା ହିସାବରେ ଧାର୍ଯ୍ୟ କରାଯାଇଛି। ଯାତ୍ରା ବିଷୟରେ ଅଧିକ ସୂଚନା ଆଇଆରସିଟିସି ୱେବସାଇଟ (www.irctctourism.com)ରେ ଉପଲବ୍ଧ।

## ଫଟୋରେ ଖବର





ସମ୍ବଲପୁର କ୍ଷେତରାଜପୁର ପୋଦାର କଲୋନୀ ଷ୍ଟାର କ୍ଲବ ଗଣେଶ ପୂଜା ମଣ୍ଡପରେ ବାଳିକା ବାଳକମାନେ ଦେବୀଦେବ ବେଶରେ ସଜ୍ଜିତ ହୋଇଛନ୍ତି (ବାମ) । ବୁଢ଼ାରଜା ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ଶପଥ ଗ୍ରହଣ କରୁଛନ୍ତି ।







ବୁର୍ଲା ନିକଟ ଜୁନାପାଣି କୁଷ୍ଠ କଲୋନୀର କୁଷ୍ଠରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଅବସରରେ ଭିମସାରର ଡାକ୍ତର ଶଙ୍କର ରାମଚନ୍ଦାନୀ ଓ କୁଷ୍ଠରୋଗୀମାନେ (ବାମ) । ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଡ.ଜୟଦୀପ ଗୁପ୍ତା ବୁଧବାର ମୁନିଗୁଡା ଫାଟକ ରକ୍ଷକ କେ.ଭି. ଏମ. କୁମାରଙ୍କୁ ପୁରସ୍କୃତ କରୁଛନ୍ତି ।

ୟୁଟ୍ୟୁବ୍‌ରେ ପିଲାଙ୍କ ତଥ୍ୟ ରଖିବା ଅଭିଯୋଗ

## ଗୁଗଲକୁ ୧୭୦ ମିଲିୟନ ଡଲାର ଜରିମାନା

**ନୂଆଦିଲ୍ଲୀ,୪।୯:** ବିଶ୍ୱର ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ଗୁଗଲକୁ ୧୭୦ ମିଲିୟନ ଡଲାର ଜରିମାନା ଦେବା ଲାଗି ଆମେରିକା ଫେଡେରାଲ ଟ୍ରେଡ୍ କମିଶନ(ଏଫ୍‌ଟିସି) ନିର୍ଦ୍ଦେଶ ଦେଇଛନ୍ତି। ଗୁଗଲର ସହଯୋଗୀ ଭିଡ଼ିଓ ଶେୟାରିଂ କମ୍ପାନୀ ୟୁଟ୍ୟୁବ୍ ବେଆଇନ ଭାବେ ପିଲାମାନଙ୍କ ଡାଟାକୁ ଏକତ୍ରିତ କରୁଥିବାର ଅଭିଯୋଗ ହୋଇଥିଲା। ଏହି ଡାଟାକୁ ୟୁଟ୍ୟୁବ୍ ପରେ ଅନ୍ୟ ତୃତୀୟ ପକ୍ଷ କମ୍ପାନୀଗୁଡ଼ିକୁ ବିକ୍ରି କରାଯାଉଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ପିଲାମାନଙ୍କ ଡାଟା ସଂଗ୍ରହ ବେଳେ ୟୁଟ୍ୟୁବ୍ ମାତାପିତାଙ୍କ ସହମତି ନେଇ ନଥିଲା। ଗୁଗଲ ଏଫ୍‌ଟିସି ଏବଂ ନ୍ୟୁୟର୍କ ଷ୍ଟେଟ୍ ଆର୍ଟର୍ନିଙ୍କ ନିକଟରେ ନିଜର ଭୁଲ୍ ସ୍ୱୀକାର କରି ଜରିମାନା ଦେବାକୁ ରାଜି ହୋଇଛି। ଏଫ୍‌ଟିସି ଅଧକ୍ଷ ଜୋ ସିମନ୍ସ କହିଛନ୍ତି ଯେ, ୟୁଟ୍ୟୁବ୍‌କୁ ପିଲାମାନେ ଅଧିକ ପସନ୍ଦ କରନ୍ତି। ଏଭଳି ସ୍ଥିତିରେ ପିଲାମାନଙ୍କ ତଥ୍ୟ ଅନ୍ୟ କୌଣସି ତୃତୀୟ ପକ୍ଷକୁ ଦେବା ଆମେରିକା ଆଇନର ବିରୁଦ୍ଧାଚରଣ କରୁଛି। ପିଲାମାନଙ୍କ ଗୋପନୀୟତା ଭଙ୍ଗ ମାମଲାରେ ଆମେରିକା ଉପଭୋକ୍ତା ସୁରକ୍ଷା ନିୟାମକ ଫେଡେରାଲ ଟ୍ରେଡ କମିଶନ ଦ୍ୱାରା ଅଦ୍ୟାବଧି ସର୍ବବୃହତ୍ ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି।

## ୭୩% ହ୍ରାସ ପାଇଛି ସୁନା ଆମଦାନୀ

**ନୂଆଦିଲ୍ଲୀ,୪।୯:** ଭାରତର ସୁନା ଆମଦାନୀ ୭୩% ହ୍ରାସ ପାଇଛି। ସୁନା ଦର ରେକର୍ଡ ସ୍ତରରେ ପହଞ୍ଚିଯିବାରୁ ଲୋକେ ଏହାକୁ କିଣିବାରୁ ଦୂରେଇ ରହୁଛନ୍ତି। ଗତ ୩ ବର୍ଷ ଭିତରେ ସୁନା ଆମଦାନୀ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଅଗଷ୍ଟରେ ଦେଶରେ ମାତ୍ର ୩୦ ଟନ ସୁନା ଆମଦାନୀ କରାଯାଇଥିବା ବେଳେ ଗତବର୍ଷ ଏହି ସମୟରେ ଏହା ୧୧୧.୪୭ ଟନ ଥିଲା। ଅନ୍ୟପକ୍ଷରେ ସୁନା ଆମଦାନୀକୁ ହ୍ରାସ କରିବା ଲାଗି ସରକାର ଏହା ଉପରେ ଆମଦାନୀ ଶୁଳ୍କ ବଢ଼ାଇଛନ୍ତି। ସୁନା ଦର ଗତ ୬ବର୍ଷର ରେକର୍ଡ ସ୍ତରରେ ପହଞ୍ଚିଗଲାଣି।

## ପାଣିରେ ବୁଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ

**ବରଗଡ଼ ଅଫିସ୍, ୪।୯**

ବରଗଡ଼ ଜିରା ନଦୀରେ ବୁଡି ବୁଧବାର ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ୧୦ ନଂ ୱାର୍ଡ ବାସିନ୍ଦା କମଳେଶ ଷଣ୍ଢ। ସେ ନିଜର ଜଣେ ସାଙ୍ଗ ସହିତ ଜିରା ନଦୀକୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗ ଜଣକ ଶୌଚ ପାଇଁ ଯାଇଥିବା ବେଳେ କମଳେଶ ଗାଧୋଇବାକୁ ପାଣି ଭିତରକୁ ପଶିଥିଲେ। ତେବେ ସେଠାରେ ପାଣି ବହୁତ ଥିବାରୁ ସେ ବୁଡିଯାଇଥିଲେ।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ଫିଜିଓଥେରାପି ଫୋରମ ଗଠିତ

**ସମ୍ବଲପୁର,୪।୯ (ବ୍ୟୁରୋ)-** ସମ୍ବଲପୁର ବୁଢ଼ରଜା ଫିଜିଓଥେରାପି କ୍ଲିନିକ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଫିଜିଓଥେରାପି ଡାକ୍ତରମାନେ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ଭାବେ ଡାକ୍ତର ଆଲୋକ ଶର୍ମା, ସାଧାରଣ ସଂପାଦକ ଭାବେ ଶ୍ୟାମାକାନ୍ତ ବିଶି, ଉପସଭାପତି ଭାବେ ଡାକ୍ତର ସଲୋନୀ ତିର୍କି ,ସଂପାଦକ ଭାବେ ଡାକ୍ତର ଚିରଞ୍ଜିବୀ ପାଣିଗ୍ରାହୀ, ସଂଯୋଜକ ଭାବେ ଡାକ୍ତର ଶୁଭଶ୍ରୀ ପଣ୍ଡାଙ୍କୁ ମନୋନିତ କରାଯାଇଛି।

### ଫେସ୍‌ବୁକ୍‌ରେ ଯୁବକଙ୍କୁ ହତ୍ୟା ଧମକ

**ସମ୍ବଲପୁର,୪।୯(ବ୍ୟୁରୋ)-** ମୁଦିପଡାର ଗତିକୃଷ୍ଣ ଷଡଙ୍ଗୀଙ୍କୁ ଫେସବୁକରେ ହତ୍ୟାଧମକ ସହ ଗାଳିଗୁଲଜ କରାଯାଇଥିବା ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ସହରରେ କାହାରି ସହିତ ଶତ୍ରୁତା ନାହିଁ । ହେଲେ ଦେବ ମହାକାଳ ନାମକ ଫେସବୁକ ଆକାଉଣ୍ଟରୁ ଏଭଳି ମେସେଜ ଗୁଡିକ ଆସୁଛି। ଏଣୁ ସେ ଓ ତାଙ୍କ ପରିବାର ଭୟଭୀତ ଅଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ ଅଭିଯୋଗ କରିଛନ୍ତି।

### ୨ ଟ୍ରକ୍‌ରୁ ବ୍ୟାଟେରି ଚୋରି

**ସମ୍ବଲପୁର,୪।୯ (ବ୍ୟୁରୋ)-** ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲି ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଟି ଟ୍ରକ୍ (ଓଆର ୧୫- ଆର- ୩୭୬୩ ଏବଂ ଓଆର-୧୫ -ଜି- ୨୧୫୬)ରୁ ବ୍ୟାଟାରି ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଯୋଗପାଲ ସିଂ ନାମକ ଜଣେ ବ୍ୟକ୍ତି ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ।

### ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ଲଖନପୁର,୪।୯(ଡି.ଏନ୍.ଏ.):** ଝାରସୁଗୁଡା ଜିଲା ବନ୍ଧବାହାଲ ଫାଣ୍ଡି ପୋଲିସ୍ ବାଇକ୍ ଚୋରି ଅଭିଯୋଗରେ ବୁଧବାର ଜଣକୁ ଗିରଫ କରିଛି। ତାଙ୍କ ଘର କର୍ପାବାହାଲ ଗାଁରେ। ତାଙ୍କ ନିକଟରୁ ପୋଲିସ୍ ଓଡି୨୩ଇ-୪୨୧୮ନଂ.ଚୋରି ବାଇକ୍ ଉଦ୍ଧାର କରିଛି। ପୋଲିସ କହିଛି ଯେ, ବାଇକ୍ ମାଲିକ ସୁରେଶ ରଣା ଗତ ସୋମବାର ବନ୍ଧବାହାଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ୍ ବନହରପାଲି ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ବନ୍ଧବାହାଲ ଫିଲ୍ଟର ପ୍ଲାଣ୍ଟ ସମ୍ମୁଖ ଏକ ଗ୍ୟାରେଜ୍‌ରେ ବାଇକ୍ ରଖା ଯାଇଥିବାବେଳେ ଏହା ଚୋରି ହୋଇଯାଇଥିଲା । ଚୋରି କରିବା ପରେ ବାଇକ୍‌କୁ ମରାମତି କରିବା ପାଇଁ ଏକ ଗ୍ୟାରେଜ୍‌ରେ ଦିଆ ଯାଇଥିଲା। ବାଇକ୍ ଚୋରିକୁ ନେଇ ଫାଣ୍ଡି ଅଧିକାରୀ ଅଶୋକ ଦାସ ବିଭିନ୍ନ ଗ୍ୟାରେଜ୍ ଖାନ୍‌ତଲାସି କରିଥିଲେ। ଏତିକିବେଳେ ଉକ୍ତ ଗ୍ୟାରେଜ୍‌ରୁ ଚୋରି ବାଇକ୍ ମିଳିଥିଲା।

## ଫଟୋରେ ଖବର



ଋଣ ଭାରରେ ଅସହ୍ୟ ହୋଇ ବିଷ ପିଇ ଆତ୍ମହତ୍ୟା କରିଥିବା ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଖଇରମାଲ ଗ୍ରାମର ଅବଧୂତ ପ୍ରଧାନଙ୍କ ପରିବାର ।



ସମ୍ବଲପୁରର ଏକ ଘରୋଇ ମେଡିକାଲ ଟଙ୍କା ପାଇଁ ଅବଧୂତଙ୍କ ମୃତଦେହ ନ ଛାଡିବାରୁ ପରିବାର ଲୋକେ ଓ ବିଜେଡି କର୍ମକର୍ତ୍ତା ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।



ସମ୍ବଲପୁର ମ୍ୟୁନିସିପାଲଟିସ୍ଥିତ ଗଣେଶ ପୂଜା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ସର୍ବଧର୍ମ ମହାଆଳତି କାର୍ଯ୍ୟକ୍ରମରେ ଭକ୍ତମାନେ ସାମିଲ ହୋଇଛନ୍ତି।

### ମାନଧାତା ବାବା ମନ୍ଦିରରେ ଭେଟଘାଟ: ଶିଶୁ ଚିତ୍ରକରଙ୍କୁ ସମ୍ବର୍ଦ୍ଧନା

# ପାରିବାରିକ ସମ୍ପର୍କକୁ ବାନ୍ଧିରଖେ ନୂଆଁଖାଇ

**ସମ୍ବଲପୁର,୪।୯ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାରିବାରିକ ସମ୍ପର୍କକୁ ବାନ୍ଧି ରଖିଥାଏ। ଏହିଦିନ ବାହାରେ ରହୁଥିବା ପରିବାରର ସମସ୍ତ ସଦସ୍ୟ ଘରକୁ ଫେରନ୍ତି। ଚାଷୀଙ୍କ ପାଇଁ ଏହି ପର୍ବର ମହତ୍ତ୍ୱ ଅଧିକ ରହିଛି। ଚାଷୀମାନେ ଏହିଦିନ ଚାଷଜମିକୁ ଯାଇ ପୂଜାର୍ଚ୍ଚନା କରି ଅଧିକ ଅମଳ ପାଇଁ ମାଟି ମାଆଙ୍କୁ ପ୍ରାର୍ଥନା କରନ୍ତି। ଏବେ ଗାଁଠାରୁ ଆରମ୍ଭ କରି ଦେଶ ବାହାରେ ମଧ୍ୟ ଏହି ପର୍ବ ପାଳନ କରାଯାଉଛି ବୋଲି ମନେଶ୍ୱର ମାନଧାତା ବାବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ୨୩ତମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରେ ଯୋଗଦେଇ ଅତିଥିମାନେ ପ୍ରକାଶ କରିଥିଲେ।

ଟ୍ରଷ୍ଟ ସଭାପତି ସୁବାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରି ନାୟକ, ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ବ୍ୟଙ୍ଗକବି ମନୋରଞ୍ଜନ ଲୁହା, ନିତେଶ ଆଚାର୍ଯ୍ୟ ଯୋଗଦେଇଥିଲେ। ବୋର୍ଡ ସଦସ୍ୟ ରବି ନାରାୟଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ମନ୍ଦିରରେ ଥିବା ସମସ୍ୟା ଉପସ୍ଥାପନା କରିଥିଲେ। ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ବିଧାୟକ ନାୟକ ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିରକୁ ସ୍ୱତନ୍ତ୍ର ପାଣି ବ୍ୟବସ୍ଥା, ରୋଷେଇଘର ଓ ଅନ୍ୟାନ୍ୟ ଉନ୍ନୟନ କାମ ପାଇଁ ଅନୁଦାନ ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ଶିଶୁ ଚିତ୍ରକର ରେନିତ କୁମାର ପୋଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ତୁଷାର ରଞ୍ଜନ ବାରିକ ମଞ୍ଚ ପରିଚାଳନା କରିଥିଲେ। ମନୋଜ ପାଣିଗ୍ରାହୀ, ସନ୍ତୋଷ ବଡ଼ପଣ୍ଡା, କ୍ଷୀରୋଦ ମିଶ୍ର, ବଳରାମ ଦୀକ୍ଷିତ, ଜଗନ୍ନାଥ ଦୀକ୍ଷିତ, ଶିବ ଶିଳା, ଏସ୍. ମନୋଜ, ପ୍ରକାଶ ସାହୁ, ଯତୀନ୍ଦ୍ର ବାରିକ, ଅନୀଲ ବର୍ମା, ଟିଲୁ ବେହେରା, ହରିଶଙ୍କର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ମାନେଶ୍ୱର ସମେତ ଆଖପାଖ ଗ୍ରାମର ଶତାଧିକ ଲୋକଙ୍କ ସମାଗମ ହୋଇଥିଲା।

### ବିଭିନ୍ନ ଡାକ୍ତରଖାନା ପରିଦର୍ଶନ କଲେ ଜିଲାପାଳ

# ସମୟାନୁବର୍ତ୍ତୀ ହେବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ

**ସମ୍ବଲପୁର,୪।୯ (ବ୍ୟୁରୋ)**

ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା ବୁଧବାର ଅଚାନକ ଧନକଉଡା, ଧନୁପାଲି, ଅଇଁଠାପାଲି, ହୀରାକୁଦ, କ୍ଷେତରାଜପୁର ଆଦି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ପରିଦର୍ଶନ କରିଛନ୍ତି। ଏହି ଅବସରରେ ରୋଗୀ ଓ ସମ୍ପର୍କୀୟମାନଙ୍କ ସହ ଜିଲାପାଳ ଆଲୋଚନା କରିଛନ୍ତି। ତେବେ ଅନେକ କର୍ମଚାରୀ ବିଳମ୍ବରେ ପହଞ୍ଚୁଥିବା ଜାଣିବା ପରେ ଠିକ୍ ସମୟରେ ଆସିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତେ ଠିକ୍ ସମୟରେ ମେଡିକାଲ ନ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହଛନ୍ତି। ସେହିପରି ମେଡିକାଲ ପରିସରରେ ଥିବା ଡ୍ରେନ ଗୁଡିକ ସଫେଇ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ମହାନଗର ନିଗମ ଅଧିକାରୀଙ୍କୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ପରିସରରେ ଲାବ୍, ନିରାମୟ ଯୋଜନା, ପରିବାର ନିୟୋଜନ, ପରିସ୍ରାଗାର ଆଦି ଜିଲାପାଳ ବୁଲି ଦେଖିଥିଲେ । ରୋଗୀଙ୍କୁ ମାଗଣା ଔଷଧ, ରକ୍ତ ପରୀକ୍ଷା ଉପରେ ପଚାରି ବୁଝିଥିଲେ। ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀମାନଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଏଡିଏମ୍‌ଓ ପଞ୍ଚାନନ ନାୟକ, ଏଡିଏମଓ କୁବେର ମହନ୍ତଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।



ସମ୍ବଲପୁର ଜିଲାପାଳ ଶୁଭମ ସକସେନା ମେଡିକାଲ ପରିସର ବୁଲି ଦେଖୁଛନ୍ତି ।



ସମ୍ବଲପୁର ଅଇଁଠାପାଲିସ୍ଥିତ ଏଲଆଇସିର ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ସୂଚନା ଦେଉଛନ୍ତି।

### ଦେଶର ଆର୍ଥିକ ବିକାଶରେ ଏଲ୍‌ଆଇସି ସହଯୋଗ କରୁଛି

# ଗ୍ରାହକସେବା ଯୋଗାଇଦେବା ମୂଳ ଲକ୍ଷ୍ୟ

**ସମ୍ବଲପୁର,୪।୯ (ବ୍ୟୁରୋ)**

ଦେଶରେ ଆର୍ଥିକ ବିକାଶରେ ଭାରତୀୟ ଜୀବନ ବୀମା କମ୍ପାନୀ (ଏଲଆଇସି) ସହଯୋଗ କରୁଛି । ଏହା ସହ ସାମାଜିକ ଦାୟିତ୍ୱ ତୁଲାଉଛି । ଶିକ୍ଷା, ସ୍ୱାସ୍ଥ୍ୟ ଦିଗରେ ନିଜର ଭୂମିକା ବହନ କରୁଛି । ଗ୍ରାହକ ସେବା ଯୋଗାଇ ଦେବାର ମୂଳ ଲକ୍ଷ୍ୟ ରଖି ସବୁ ସମୟରେ କାମ କରୁଛି । ତେଣୁ ବୀମା କମ୍ପାନୀ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରି ପାରୁଛି । ଅଇଁଠାପାଲିସ୍ଥିତ ଏଲଆଇସିର ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏଏଆଇସିର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ ପଣ୍ଡା ଏହା କହିଛନ୍ତି। ।

ଏଲଆଇସି ୪୦ କୋଟି ଗ୍ରାହକ, ୩୧.୧୨ ଲକ୍ଷ କୋଟିର ସମ୍ପତ୍ତି ଓ ୨୮ .୨୮ ଲକ୍ଷ କୋଟିର ଲାଇଫ ଫଣ୍ଡ ତିଆରି କରି ଦେଶରେ ବିରାଟ ଆର୍ଥିକ ସଂସ୍ଥା ଭାବେ ଉଭା ହୋଇ ପାରିଛି । ୨୦୧୮ -୧୯ ଆର୍ଥିକ ବର୍ଷରେ ୯୨.୯୫ ପ୍ରତିଶତ ମାଚୁରିଟି ଓ ୯୮.୨୭ ପ୍ରତିଶତ ମୃତ୍ୟୁ ଦାବି ପୂରଣ କରି ସମସ୍ତ ଜୀବନ ବୀମା କମ୍ପାନୀକୁ ପଛରେ ପକାଇ ଦେଶରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଏଏଆଇସିକୁ ୬୩ ବର୍ଷ ପୂରି ଯାଇଛି । ଏହାକୁ ନେଇ ମଣ୍ଡଳ କାର୍ଯ୍ୟାଳୟରେ ବୀମା ସପ୍ତାହ ପାଳନ କରାଯିବ। ସେହିଭଳି ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବା ସହ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ଅନ୍ୟପକ୍ଷେ ଏଲଆଇସି ପକ୍ଷରୁ ଏକ ଆପ୍ ବ୍ୟବହାର କରାଯାଉଛି। ଏଥିରେ ଗ୍ରାହକ ନିଜର ପଲିସି ସମ୍ପର୍କରେ ଜାଣି ପାରିବେ ବୋଲି ସେ ସୂଚନା ଦେଇଛନ୍ତି। ବିପଣନ ପ୍ରବନ୍ଧକ ସୀତାଂଶୁ ପଟ୍ଟନାୟକ ଓ ଅନ୍ୟତମ ବରିଷ୍ଠ ଅଧିକାରୀ ସରୋଜିନୀ କୁଜୁର ଏଥିରେ ଉପସ୍ଥିତ ଥିଲେ।

### ଓପିଜିସିରେ ଠିକାଶ୍ରମିକ ନିଯୁକ୍ତିକୁ ନେଇ ଆଜି ସମୀକ୍ଷା

**ଲଖନପୁର,୪।୯(ଡି.ଏନ୍.ଏ.)**

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ ଇତି ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ଏହାକୁ ପରିଚାଳନା କରିବା ପାଇଁ କମ୍ପାନୀ ଟେଣ୍ଡର ମାଧ୍ୟମରେ କେତେକ ଠିକାସଂସ୍ଥାକୁ ନିୟୋଜିତ କରିଛି । ଏହିସବୁ ଠିକାସଂସ୍ଥା ଅଧୀନରେ ବିଭିନ୍ନ କୁଶଳୀ ଓ ଅଣକୁଶଳୀ ଠିକାଶ୍ରମିକମାନେ ନିଯୁକ୍ତି ହୋଇଛନ୍ତି। ଏଥିରେ ବାହାର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ଉପେକ୍ଷା କରାଯାଉଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟା ବୃଦ୍ଧି ପାଉଛି। ଏ ନେଇ ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ଜିଲା ଶ୍ରମ ଅଧିକାରୀ(ଡିଏଲ୍‌ଓ)ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ସର୍ବଶେଷ ତଥ୍ୟ ଜାଣିବା ପାଇଁ ସେ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଗତ ୨୬ତାରିଖରେ ଓପିଜିସିର ଦୃଷ୍ଟି ଆକର୍ଷଣ କରିଛନ୍ତି। ଇବ୍‌ଥର୍ମାଲରେ ଗୁରୁବାର ବିଧାୟକ ମହାନ୍ତି ଏକ ସମୀକ୍ଷା ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିରେ ଠିକାସଂସ୍ଥା ଓ ପେଟି ଠିକାଦାରମାନେ ଉପସ୍ଥିତ ରହି ନିଜନିଜର ମାନବ ସମ୍ବଳ ସମ୍ପର୍କୀତ ସର୍ବଶେଷ ତଥ୍ୟ ପ୍ରଦାନ କରିବା ପାଇଁ କମ୍ପାନୀ ନିର୍ଦ୍ଦେଶ ଦେଇଛି।

# ଦାୟିତ୍ୱ ନେଲେ ଝାରସୁଗୁଡ଼ା ଜିଲାପାଳ ସରୋଜ ସାମଲ

**ଝାରସୁଗୁଡା ଅଫିସ୍/ଲଖନପୁର, ୪।୯ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲାରେ ନୂତନ ଜିଲାପାଳ ଭାବେ ସରୋଜ କୁମାର ସାମଲ ଯୋଗଦେଇ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ ନିର୍ବାହ କରୁଥିଲେ। ତେବେ ଜିଲାପାଳ ଭାବେ ସାମଲ ଦାୟିତ୍ୱ ଗ୍ରହଣ କଲା ପରେ ତାଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଶିବ ଟପ୍ପୋ, ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ସରକାରୀ କାର୍ଯ୍ୟର ସ୍ୱଚ୍ଛତା ସାଙ୍ଗକୁ ସମୟାନୁବର୍ତ୍ତିତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସହ ହିତାଧିକାରୀମାନଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଛନ୍ତି।





ସମ୍ବଲପୁର ପ୍ରେସ୍ ଭବନଠାରେ ବିଧାୟକ ଜୟନାରାୟଣ ମିଶ୍ର ସମ୍ବଲପୁର ବିକାଶ ନେଇ ସୂଚନା ଦେଉଛନ୍ତି ।

# 'ସମ୍ବଲପୁର ସହରର ବିକାଶ ଲକ୍ଷ୍ୟ ପୂରଣ ହୋଇନି'

**ସମ୍ବଲପୁର,୪।୯ (ବ୍ୟୁରୋ)**

ସମ୍ବଲପୁର ବିଧାନସଭା କ୍ଷେତ୍ର ଅଞ୍ଚଳରେ ଯେଭଳି ଭାବେ ବିକାଶ ହେବା କଥା ତାହା ହୋଇନାହିଁ। ଏଠି ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ହେଲେ ଲକ୍ଷ୍ୟ ପୂରଣ ହେଉନାହିଁ। ଏଥିରେ ସାଧାରଣଙ୍କ ଅପେକ୍ଷା ଅନ୍ୟମାନେ ବେଶି ଲାଭବାନ ହେଉଛନ୍ତି । ଆଜି ବି ସହରର ବିଭିନ୍ନ ସ୍ଥାନରେ ପକଳ୍ପ ଗୁଡିକ ଅଧୁରା ହୋଇ ପଡି ରହିଛି। ନିମ୍ନମାନର କାମ ଯୋଗୁ ରାସ୍ତାଘାଟ, ଡ୍ରେନ୍ ସମସ୍ୟା ରହିଛି । ଖୁବ୍ ଶୀଘ୍ର ସରକାରଙ୍କ ପାଖରେ ଏହି ସମସ୍ୟା ଉପରେ ଦାବି ଉପସ୍ଥାପନ କରାଯିବ। ନିଜ ପାଣ୍ଠି ଓ ଅନ୍ୟାନ୍ୟ ଅନୁଦାନରୁ ଉନ୍ନୟନ ମୂଳକ କାମ ହାତକୁ ନିଆଯିବ । ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ସମ୍ବଲପୁର ପ୍ରେସ୍ ଭବନଠାରେ ମିଟ୍ ଦି ପ୍ରେସ୍ କାର୍ଯ୍ୟକ୍ରମରେ ଯୋଗଦେଇ ବୁଧବାର ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଏହା କହିଛନ୍ତି। ସମ୍ବଲପୁରରେ ଗ୍ରେଟର ରିଂରୋଡ ନିର୍ମାଣ କରାଯିବ। ମହାନଦୀରେ ଥିବା ଆନିକଟ ଅବସ୍ଥା ଠିକ୍ ନାହିଁ। ତେଣୁ ଆଉ ଗୋଟିଏ ବ୍ୟାରେଜ ସଂଲଗ୍ନ ବ୍ରିଜ ନିର୍ମାଣ କରାଯିବ। ଅମୃତ ଯୋଜନାରେ ପ୍ରତି ପରିବାର ପାଖକୁ ପାଣି ଯୋଗାଇ ଦିଆଯିବ । ବିଦ୍ୟୁତ୍ ସେବା ଓ ପରିମଳ ଉପରେ କାମ କରାଯିବ । ଆବର୍ଜନା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବା ଭଳି ଅନେକ ଯୋଜନା ରହିଛି। କିଛି ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ହେଲେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କାମର ମନ୍ଥରତା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରେସ୍ କ୍ଲବ୍ ସଭାପତି ତ୍ରିବିକ୍ରମ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ହେମନ୍ତ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ସମ୍ପାଦକ ଭାବନୀ ଶଙ୍କର ଭୋଇଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

### ଜମନକିରା ଜଗନ୍ନାଥ ମନ୍ଦିରରେ ଚାଷୀଙ୍କ ବୈଠକ

# ଚାଷୀ, ଚାଷ ସମସ୍ୟା ସମ୍ପର୍କରେ ଆଲୋଚନା

**ଜମନକିରା, ୪।୯ (ଡି.ଏନ୍.ଏ.)**

ଜମନକିରା ଜଗନ୍ନାଥ ମନ୍ଦିରରେ ଆଞ୍ଚଳିକ ସମସ୍ୟା ସମାଧାନ ମଞ୍ଚ ପକ୍ଷରୁ ଏକ ବୈଠକ ବସିଛି। ଖଇରଡ଼ିହି ଓ ଜମନକିରା ମୌଜାର ଚାଷୀମାନେ ଉପସ୍ଥିତ ଥିଲେ। ଜଳ କର ଦେବା ପରେ ବି ଚାଷ ଜମିକୁ କେନାଲ ପାଣି ମାଡୁନି। ଏଣୁ ମରୁଡିର ଶିକାର ହେବାକୁ ପଡୁଛି। ଗୃହ ପାଳିତ ପ୍ରାଣୀଙ୍କ ପାଇଁ ଚାରଣ ଭୂମିର ଅଭାବ ହେତୁ ଖାଦ୍ୟାଭାବ ଦେଖା ଦେଇଛି । ଫଳରେ ଲୋକେ ଗୃହ ପାଳିତ ପ୍ରାଣୀ ରଖିବାରୁ ବିମୁଖ ହେଉଛନ୍ତି। ଏଣୁ ଉପରୋକ୍ତ ସମସ୍ୟା ସ୍ଥାୟୀ ସମାଧାନ ଦିଗରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ସରକାର ମିଳିତ ଭାବେ ଉଦ୍ୟମ କରିବା ଉଚିତ୍। ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ଚାଷୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଜିଲା ପରିଷଦ ସଭ୍ୟ ଜୁନାସ ବିପିନ କିଶୋର ଖାଖା ଅଧ୍ୟକ୍ଷତା କରିଥିଲେ। ସଂଗଠନର ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ସମ୍ପାଦକ ସାଲେକରାମ ପଧାନ ବିବରଣୀ ପାଠ କରିଥିଲେ। ଜମନକିରା ଅତିରିକ୍ତ ତହସିଲଦାର ସଞ୍ଜିବ କୁଲୁ, ବ୍ଲକ୍ ପ୍ରାଣ ଚିକିତ୍ସାଧିକାରୀ ଡା: ସାରଦାପ୍ରସାଦ ସିଂବରିହା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ୱାର୍ଡ଼ ସଭ୍ୟ ସୁଶାନ୍ତ ବାଘ, ଖେଡ଼ା କିସାନ, ଚାଷୀ ସଂଗଠନ ସଭାପତି ନବୀନ କୁମାର ପଟେଲ, ମାର୍ଶେଲ ଡୁଙ୍ଗଡୁଙ୍ଗ, ପଞ୍ଚାନନ ମହାକୁଳ, ଅନିରୁଦ୍ଧ ବେହେରା, ବିପିନ ମହାକୁଳ, ଭୁବନେଶ୍ୱର ପଧାନ, ନଗେନ୍ଦ୍ର ନାୟକ, ବୀରେନ୍ଦ୍ରନାଥ କାରୱାର, ପ୍ରତାପ ନାୟକ, ବିଶିକେଶନ ଦେହୁରୀ, ମନୋଜ ନାୟକ, ସମିତିସଭ୍ୟ ସରୋଜ ସେଠ, ଅଖିଳ ଖୁଣ୍ଟିଆ ପ୍ରମୁଖ ଏଥିରେ ଯୋଗ ଦେଇ ଥିଲେ। ଶେଷରେ ନରୋତ୍ତମ ଭଇଁଷା ଧନ୍ୟବାଦ ଅର୍ପଣ କରିଥିଲେ।



ଜମନକିରା ଜଗନ୍ନାଥ ମନ୍ଦିରରେ ଆଞ୍ଚଳିକ ସମସ୍ୟା ସମାଧାନ ମଞ୍ଚ ପକ୍ଷରୁ ବସିଥିବା ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ ।



ଆଲିୟା

# ରିଂ ସେରିମନି ପାଇଁ ପ୍ରସ୍ତୁତି

କେବଳ ଆଲିୟା ନୁହନ୍ତି, ରଣବୀର କପୁରଙ୍କ ଖୁସି କହିଲେ ନ ସରେ। କାରଣ ଦୁହିଁଙ୍କର ରିଂ ସେରିମନି ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଛି। ଦୁଇ ପରିବାର ପକ୍ଷରୁ ଏ ନେଇ ଆନୁଷ୍ଠାନିକ ଭାବେ ଏ କଥା ଘୋଷଣା କରାଯାଇ ନ ଥିଲେ ମଧ୍ୟ ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଗଲାଣି। ପୁଣି ଶୁଣିବାକୁ ମିଳୁଛି ଯେ, ଏହି ହାଇଭୋଲ୍‌ଟେଜ ରିଂ ସେରିମନି ଲଣ୍ଡନରେ ଅନୁଷ୍ଠିତ ହେବ। ଏ ନେଇ ଆଲିୟାଙ୍କୁ ପଚାରିଲେ ସେ ଏହାକୁ ଆଭଏଡ୍ କରି ଅନ୍ୟ ପ୍ରସଙ୍ଗ ଆଲୋଚନା କରୁଛନ୍ତି। କେବଳ ଏତିକି କହୁଛନ୍ତି ଯେ, ସମୟ ଆସିଲେ ସବୁ କଥା ଜଣାଇ ଦିଆଯିବ। ତେବେ ଏହି ଯୋଡ଼ି କେବେ ସତସତିକା ପତିପତ୍ନୀ ସାଜୁଛନ୍ତି, ତାହା ଦେଖିବାକୁ ବାକି ରହିଲା।



ରଶ୍ମିକା ମ୍ୟାଣ୍ଡାନା

ଆଉ ଜଣେ ନବାଗତା ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ ରଶ୍ମିକା ମ୍ୟାଣ୍ଡାନା। କନ୍ନଡ ଫିଲ୍ମ ଜଗତରେ ସେ ହେଉଛନ୍ତି ଜଣେ ପରିଚିତା ଅଭିନେତ୍ରୀ। ଶାହୀଦ କପୁର ଅଭିନୟ କରିବାକୁ ଯାଉଥିବା ଏକ ନୂଆ ସିନେମାରେ ତାଙ୍କୁ ନାୟିକା ଭୂମିକାରେ ଦେଖିବାକୁ ମିଳିବ। ଏହି ଚିତ୍ରର ପ୍ରଯୋଜକ ଜଣେ ଚୁଲ୍‌ବୁଲି ନାୟିକା ସନ୍ଧାନରେ ଥିଲେ। ହଠାତ୍ ତାଙ୍କ ମନକୁ ରଶ୍ମିକାଙ୍କ ନାମ ଆସିଥିଲା। ତାଙ୍କୁ ନାୟିକା ଭାବେ ନିଆଯିବ କି ନାହିଁ ସେ ନେଇ ଶାହୀଦ ମଧ୍ୟ ନିଜର ସମ୍ମତି ଜଣାଇଥିଲେ। ସେପଟେ ଏପରି ସୁଯୋଗକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଏହି କନ୍ନଡ ସିନେମାର ନାୟିକା। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ପ୍ରାରମ୍ଭିକ କାମ ଏବେ ଚାଲୁ ରହିଛି।

ଅପେରା ହାଲଚାଲ

# କର୍ଣ୍ଣଙ୍କ ତାପସ



'କର୍ଣ୍ଣ ଖୋଜୁଛି ନୂଆ ଠିକଣା ନାଟକର ମୁଖ୍ୟ ଚରିତ୍ର କର୍ଣ୍ଣ। ଯୁଗେ ଯୁଗେ ଆମ ସମାଜରେ କର୍ଣ୍ଣ ଅଛନ୍ତି। ଅନେକ ସମୟରେ ପରିସ୍ଥିତି, ପରିବେଶ ତାକୁ ଦୁର୍ବଳ କରିଦିଏ, ଯେଉଁଥିପାଇଁ ସେ ତ୍ୟାଗର ପ୍ରତୀକ ହୋଇଯାଏ।'

ଥରେ ମନେପକାନ୍ତୁ ନା ଯାତ୍ରାଶ୍ରୀ ବିଶ୍ୱଦରବାର ପରିବେଷିତ ସୁପରହିଟ୍ ନାଟକ 'ଗୁପ୍ତ ସମ୍ପର୍କ'କୁ। ଯୁବ ନିର୍ଦ୍ଦେଶକ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶନା କ୍ୟାରିୟରର ଏହା ହେଉଛି ଅନ୍ୟତମ ମାଇଲଖୁଣ୍ଟ। ଚଳିତ ଅପେରା ସିଜନ୍ ଆରମ୍ଭରୁ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଏଥର ତାଙ୍କ ନିର୍ଦ୍ଦେଶନାରେ ପାଞ୍ଚଟି ନାଟକରୁ ଦର୍ଶକ ଭିନ୍ନ ଭିନ୍ନ ସ୍ୱାଦର ଏଣ୍ଟରଟେନ୍‌ମେଣ୍ଟ ପାଇବେ ବୋଲି ତାପସ ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି। ବର୍ତ୍ତମାନ ସେ ଧଉଳି ଗଣନାଟ୍ୟର ନୂଆ ନାଟକ 'କର୍ଣ୍ଣ ଖୋଜୁଛି ନୂଆ ଠିକଣା'ର ନିର୍ଦ୍ଦେଶନା ଦେବାରେ ବ୍ୟସ୍ତ ଅଛନ୍ତି। ଏହି ନାଟକ ସମ୍ପର୍କରେ ସେ କହନ୍ତି, 'ମୋ ନାଟକରେ କାହାଣୀ ଯାହା ଚାହିଁଥାଏ ତାକୁ ମୁଁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ ଚେଷ୍ଟା କରେ। 'କର୍ଣ୍ଣ ଖୋଜୁଛି ନୂଆ ଠିକଣା'ର ମୁଖ୍ୟ ଚରିତ୍ର କର୍ଣ୍ଣ। ଯୁଗେ ଯୁଗେ ଆମ ସମାଜରେ କର୍ଣ୍ଣ ଅଛନ୍ତି। ଅନେକ ସମୟରେ ପରିସ୍ଥିତି, ପରିବେଶ ତାକୁ ଦୁର୍ବଳ କରିଦିଏ, ଯେଉଁଥିପାଇଁ ସେ ତ୍ୟାଗର ପ୍ରତୀକ ହୋଇଯାଏ। ଠିକ୍ ସେହିପରି ଏହି ନାଟକରେ କର୍ଣ୍ଣ ଚରିତ୍ରରେ କି ରହସ୍ୟ ଲୁଚି ରହିଛି ତାହା ଦର୍ଶକ ଦେଖିଲେ ଜାଣିପାରିବେ।' ଚଳିତ ଅପେରା ସିଜନରେ ସଫଳତା ସାଉଁଟୁଥିବା ତାଙ୍କ ନିର୍ଦ୍ଦେଶିତ ଅନ୍ୟ ନାଟକଗୁଡ଼ିକ ହେଲା 'ମୁଁ ସେହି ଭଦ୍ରକିଆ ଟୋକା' (ରଙ୍ଗମହଲ), 'ଅସତୀ ଚଉରା ସତୀ ତୁଳସୀ' (ସ୍ୱର୍ଣ୍ଣମହଲ), 'ସବୁ ଅଧା ଅଧା ନାଁଟି ରାଧା' (ଶିବାନୀ ଗଣନାଟ୍ୟ) ଏବଂ ନବଗଠିତ ଯାତ୍ରା ନ୍ୟୁ ସଚ୍ଚିଦାନନ୍ଦର ନାଟକ 'ବାପାର ନୁହେଁ କି ମାଆର ନୁହଁ'।

# ଖବର ଟବର



ଅନୁଭା

❖ଅନୁଭା ସୌର୍ଯ୍ୟାଙ୍କ ଅଭିନୀତ 'ପରଦେଶୀ ଚଢ଼େଇ' ରିଲିଜ୍ ଅପେକ୍ଷାରେ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୁରଲୀକ୍ରିଷ୍ଣା।

❖ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନିର୍ମାଣାଧୀନ 'ବାଜିବଲୋ ସାହାନାଇ' ଚଳଚ୍ଚିତ୍ରର ଶେଷଭାଗ ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନାୟକ ଭୂମିକାରେ ଅମ୍ଲାନ କୁମାର ଅଭିନୟ କରୁଛନ୍ତି।

❖ଓଡ଼ିଆ ଚଳଚ୍ଚିତ୍ର 'ଶହୀଦ ରଘୁ ସର୍ଦ୍ଦାର'ର ଶୁଟିଂ ଆରମ୍ଭ ହୋଇଯାଇଛି। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ରାଜୀବ ମହାନ୍ତି ଏବଂ ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବାଶିଷ ପାତ୍ର।

❖ବିନ୍ନି ପଟ୍ଟନାୟକ ଏବଂ ସଚ୍ଚିକାନ୍ତ ଜେନାଙ୍କ ପ୍ରଯୋଜିତ 'ହୀରାଲାଲ୍ ମୋତିଲାଲ୍' ରିଲିଜ୍ ଅପେକ୍ଷାରେ ରହିଛି। ଏଥିରେ କମେଡିଆନ୍ ଅମର ପ୍ରଥମ ଥର ପାଇଁ ନାୟକ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବେ।

❖ବି.ଏମ୍. ପ୍ରଡକ୍ସନ ବ୍ୟାନରରେ 'ତୁ କହିଦେ ଆଇ ଲଭ୍ ୟୁ' ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି। ଫିଲ୍ମର ପ୍ରଯୋଜନା ବିକ୍ରମ ମହାପାତ୍ର-ପ୍ରଭାତ କୁମାର ମହାପାତ୍ର କରିଥିବା ବେଳେ ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସତ୍ୟବ୍ରତ ନାୟକ। ରାକେଶ, ଦିବ୍ୟା, ସନ୍‌ମିତା, ମିହିର ଦାସ, ପ୍ରୀତିରାଜ, ନମ୍ରତା ଦାଶ, ପ୍ରଜ୍ଞା, ଜୀବନ ପଣ୍ଡା, ସନ୍ତୋଷ ନାୟକ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

ନୂଆ ସିନେମା

# ମନମୟୂରୀ-୨



ବୁଲ୍‌ଟି-ସରୋଜ

ନିର୍ଦ୍ଦେଶକ ରୁଦ୍ର ନାରାୟଣ ମହାନ୍ତି ଏବେ ତାଙ୍କର ନୂଆ ସିନେମା 'ମନମୟୂରୀ-୨'ର ଶୁଟିଂରେ ବ୍ୟସ୍ତ। 'ମନମୟୂରୀ' ଶୁଟିଂ ଶେଷ ହେବା ପରେ ସେ ଏହାର ସିକ୍ୱେଲ ନିର୍ମାଣ କରିବାକୁ ସ୍ଥିର କରିଥିଲେ। 'ଏକ ନୂଆ ଧରଣର ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ପ୍ରସ୍ତୁତ କରାଯାଉଛି। ଦର୍ଶକଙ୍କୁ ସବୁବେଳେ କିପରି ଭିନ୍ନ ଭିନ୍ନ ସ୍ୱାଦର ସିନେମା ଭେଟି ଦେବି ସେନେଇ ସତର୍କ ରହିଥାଏ। ଏହି ସିକ୍ୱେଲ ଫିଲ୍ମର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଛି। ସିନେମାଟିଏ ନିର୍ଦ୍ଦେଶନା ଦେବା ସହଜ ନୁହେଁ। ହେଲେ ନୂଆ କଳାକାରଙ୍କୁ ନେଇ ମୁଁ ରିସ୍କ ଉଠାଇଛି। ବାକି ଦର୍ଶକଙ୍କ ଉପରେ ହିଁ ନିର୍ଭର କରେ ବୋଲି କହନ୍ତି ରୁଦ୍ର। ପ୍ରଗତି କ୍ରିଏଟିଭ୍ ବ୍ୟାନରରେ ଏହା ହେଉଛି ଚତୁର୍ଥ ଫିଲ୍ମ। ଚିତ୍ରଟିର ବିଭିନ୍ନ ଭୂମିକାରେ ସରୋଜ କୁମାର, ବୁଲଟି ପ୍ରଧାନ, ଅଶ୍ରୁମୋଚନ ମହାନ୍ତି, ବାବୁ ପ୍ରଧାନ, ଅକ୍ଷୟ ବସ୍ତିଆ, ଥୀନ୍, ସୁଜିତ କାଶ୍ୟପ, ବିକ୍ରମ ଏବଂ ବଙ୍ଗଳା ଅଭିନେତ୍ରୀ ସୋମନା ଦାସ ଅଭିନୟ କରିଛନ୍ତି।



କରନ୍ ଦେଓଲ-ସାହିର ବାମ୍ବା

# କରନ୍‌ଙ୍କ ନୂଆ ଯୋଜନା

ସନ୍ନି ଦେଓଲଙ୍କ ପୁତ୍ର କରନ୍ ଖୁବ୍‌ଶୀଘ୍ର ବଡ଼ ପରଦାରେ ମୁହଁ ଦେଖାଇବେ। ଫିଲ୍ମଟି ହେଲା 'ପଲ୍ ପଲ୍ ଦିଲ୍ କି ପାସ୍'। ଏକ ଟିନ୍ ଏଜ୍ ଲଭ୍‌ଷ୍ଟୋରିକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ନିଜର ଡେବ୍ୟୁ ଫିଲ୍ମକୁ ନେଇ ସେ ବେଶ୍ ଉତ୍ସାହିତ ଅଛନ୍ତି। ନିକଟରେ ବଲିଉଡ୍‌ରେ ନିଜ କ୍ୟାରିୟର ସମ୍ପର୍କରେ ସୂଚନା ଦେଉ ଦେଉ ସେ ଭାବପ୍ରବଣ ହୋଇପଡ଼ିଥିଲେ। କାରଣ ଏହି ସମୟରେ ତାଙ୍କର ସ୍କୁଲ ସମୟ କଥା ମନେପଡ଼ିଯାଇଥିଲା। ସେତେବେଳେ ତାଙ୍କର ସାଙ୍ଗ ତାଙ୍କୁ ସେମାନଙ୍କ ସହ ଫାଇଟ୍ କରିବାକୁ ଆହ୍ୱାନ କରି କହୁଥିଲେ, ଆରେ! ତୁ ଯଦି ସତରେ ସନ୍ନି ଦେଓଲଙ୍କ ପୁଅ ତେବେ ଡେରି କାହିଁକି କରୁଛି। ଆ, ଆମ ସହ ଫାଇଟ୍ କର। ହେଲେ ମୁଁ ଡରିଯାଉଥିଲି। କାରଣ ମୁଁ ନିଜ ପରିଚୟରେ ବଞ୍ଚିବାକୁ ଚାହେଁ। ଏ କଥା ସତ, ମୋତେ ଆଜି ଏପର୍ଯ୍ୟନ୍ତ ଆଣିବାରେ ପାପା ଏବଂ ମମି (ପୂଜା ଦେଓଲ)ଙ୍କ ଯେଉଁ ଭୂମିକା ରହିଛି ତାହାକୁ ଭୁଲିପାରିବି ନାହିଁ। ସେତେବେଳର ଅନେକ ରୋମାଞ୍ଚକର କଥା ଏବେ ବି ମୋ ମନରେ ସତେଜ ହୋଇ ରହିଛି।' ଏଥିରେ କରନ୍‌ଙ୍କ ନାୟିକା ସାଜିଛନ୍ତି ନବାଗତା ସାହିର ବାମ୍ବା। ସନ୍ନି ଦେଓଲଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମଟି ଚଳିତ ମାସ ୨୦ରେ ରିଲିଜ ହେବାକୁ ଯାଉଛି।



ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ କୁମାରୀ ସେଲ୍‌ଜାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିଯୁକ୍ତ କରାଯାଇଛି। ପୂର୍ବରୁ କେନ୍ଦ୍ରରେ ମନ୍ତ୍ରୀ ଥିବା ସେଲ୍‌ଜା କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଅଛନ୍ତି। ହରିୟାଣା ପିସିସି ମୁଖ୍ୟ ଥିବା ଅଶୋକ ତନଓ୍ବାର ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ହୋଇଥିଲେ ହେଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡାଙ୍କ ସହ ବିବାଦ କାରଣରୁ ତାଙ୍କୁ ଉକ୍ତ ପଦରୁ ହଟାଇଦିଆଯାଇଛି। ହୁଡା କଂଗ୍ରେସ ବିଧାୟକ ଦଳ ନେତା ରହିବା ସହ ନିର୍ବାଚନ ପରିଚାଳନା କମିଟି ସଭାପତି ନିଯୁକ୍ତ ହୋଇଛନ୍ତି।

# ୧୦ ଦିନ ଇଡି ରିମାଣ୍ଡରେ ଶିବକୁମାର

**ନୂଆଦିଲ୍ଲୀ/ବେଙ୍ଗାଲୁରୁ,୪।୯(ପି.ଟି.)**

ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କର୍ନାଟକ କଂଗ୍ରେସର ଟାଣୁଆ ନେତା ଡି.କେ. ଶିବକୁମାରଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଥିଲା। ବୁଧବାର ତାଙ୍କୁ ଦିଲ୍ଲୀର ଏକ ଅଦାଲତରେ ହାଜର କରାଯିବା ପରେ ୧୩ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ପଠାଯାଇଛି। ତଦନ୍ତରେ ସହଯୋଗ କରୁ ନ ଥିବାରୁ ହାଜତ ଜେରା ପାଇଁ ୧୪ ଦିନ ରିମାଣ୍ଡରେ ନେବାକୁ ଇଡି ଆବେଦନ କରିଥିଲା। ରାମମନୋହର ଲୋହିଆ ହସ୍ପିଟାଲରେ ଶିବକୁମାରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାରଙ୍କ ଅଦାଲତରେ ହାଜର କରାଯାଇଥିଲା। ଆୟକର ତଦନ୍ତ ଓ ବିଭିନ୍ନ ସାକ୍ଷୀଙ୍କ ବୟାନରୁ ଶିବକୁମାରଙ୍କ ବିରୋଧରେ ଅପରାଧର ପ୍ରମାଣ ମିଳିଥିବା ଇଡି କୋର୍ଟଙ୍କୁ ଜଣାଇଥିଲା। ଶିବକୁମାରଙ୍କ କଥାରେ ତାଳମେଳ ରହୁନାହିଁ ଓ ସେ ତଦନ୍ତରେ ସହଯୋଗ କରୁ ନ ଥିବାରୁ ହାଜତ ଜେରାର ଆବଶ୍ୟକତା ଥିବା ଇଡି ପକ୍ଷରୁ କୁହାଯାଇଥିଲା। ତେବେ ତାଙ୍କୁ ୩୩ ଘଣ୍ଟା ଜେରା କରାଯାଇଥିବା ଶିବକୁମାରଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ।

ଅନ୍ୟପକ୍ଷରେ ଶିବକୁମାରଙ୍କ ଗିରଫଦାରି ପ୍ରତିବାଦରେ ବୁଧବାର କର୍ନାଟକର ବିଭିନ୍ନ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ବ୍ୟାପକ ବିକ୍ଷୋଭ ଓ ପୋଡ଼ାଜଳା ହୋଇଛି। ତାଙ୍କ ନିଜ ଜିଲା ରାମନଗର ସମେତ ଚେନ୍ନାପଟ୍ଟନା ଏବଂ ଅନ୍ୟ ସହରରେ ବନ୍ଦ ପାଳନ ସହ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ସତର୍କତା ପଦକ୍ଷେପ ସ୍ୱରୂପ ଜିଲା ପ୍ରଶାସନ ସ୍କୁଲ କଲେଜକୁ ଛୁଟି ଘୋଷଣା କରିଥିଲେ। ବିକ୍ଷୋଭକାରୀମାନେ ଜବରଦସ୍ତ ଦୋକାନ ବଜାର ବନ୍ଦ କରିଦେଇଥିଲେ। ୧୫ରୁ ଊର୍ଦ୍ଧ୍ୱ ସରକାରୀ ବସ୍‌କୁ ଟେକାମାଡ଼ କରିବା ସହ ଭଙ୍ଗାରୁଜା କରିବାରୁ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। କନକପୁରା ଓ ବେଙ୍ଗାଲୁରୁରେ ଦୁଇଟି ବସ୍ ପୋଡ଼ିଦେବାକୁ ଉଦ୍ୟମ ହୋଇଥିଲା ବୋଲି ପୋଲିସ କହିଛି।



କୋର୍ଟ ପରିସରରୁ ଶିବକୁମାରଙ୍କୁ ଇଡି କାର୍ଯ୍ୟାଳୟକୁ ନିଆଯାଉଛି।

**ମନିଲଣ୍ଡରିଂ ମାମଲା**
- ଗିରଫଦାରି ପ୍ରତିବାଦରେ କର୍ନାଟକରେ ବିକ୍ଷୋଭ
- ପ୍ରତିଶୋଧ ରାଜନୀତି କହିଲେ ରାହୁଲ

କର୍ନାଟକ କଂଗ୍ରେସରେ ସଙ୍କଟମୋଚନ ଭାବେ ପରିଚିତ ଶିବକୁମାରଙ୍କ ଗିରଫଦାରିକୁ ବିରୋଧୀ ଦଳଗୁଡିକ ପକ୍ଷରୁ ନିନ୍ଦା କରାଯାଇଛି। ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାକୁ ପ୍ରତିଶୋଧ ରାଜନୀତି କହିଛନ୍ତି। କେନ୍ଦ୍ର ସରକାର ନିଜ ବିଫଳତାରୁ ଲୋକଙ୍କ ନଜର ହଟାଇବା ପାଇଁ ଏଭଳି ପଦକ୍ଷେପ ନେଉଥିବା କଂଗ୍ରେସ କହିଛି। ଗତ ମାସରେ ପି.ଚିଦାମ୍ବରମଙ୍କୁ ଗିରଫ କରାଯାଇଥିଲା। ଶାସକ ଭାଜପା ପ୍ରତିଶୋଧ ନେଉଥିବା ବିରୋଧୀ ଦଳଗୁଡିକ ଅଭିଯୋଗ କରିଛନ୍ତି। ବିରୋଧୀ ନେତାଙ୍କ ସ୍ୱରକୁ ଚାପିଦେବା ଲାଗି ଭାଜପା କେନ୍ଦ୍ରୀୟ ସଂସ୍ଥାଗୁଡିକୁ ବ୍ୟବହାର କରୁଥିବା କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି। ଅନ୍ୟ ପକ୍ଷରେ ଆଇନ ତା' ବାଟରେ ଯିବ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିବା ସହ କଂଗ୍ରେସ ନେତା ଦୋଷମୁକ୍ତ ହେଲେ ସେ ସବୁଠୁ ବେଶି ଖୁସି ହେବେ ବୋଲି କହିଛନ୍ତି।

ମାଣ୍ଡ୍ୟା, ହାସନ, ଚିକ୍କାବଲ୍ଲପୁର, କୋଲାର, ବେଲାରି, ବେଙ୍ଗାଲୁରୁରେ ବନ୍ଦ ପାଳନ କରାଯାଇଥିବାବେଳେ ସବୁ ଜିଲା ଶାଖାକୁ ବିକ୍ଷୋଭ ପ୍ରଦର୍ଶନ କରିବା ଲାଗି କର୍ନାଟକ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। କେତେକ ସ୍ଥାନରେ ବିକ୍ଷୋଭରେ କଂଗ୍ରେସ ସହଯୋଗୀ ଦଳ ଜେଡିଏସ୍ ମଧ୍ୟ ସାମିଲ ହୋଇଥିଲା। ଶିବକୁମାର ୪ ଦିନ ହେଲା ଇଡି କାର୍ଯ୍ୟାଳୟରେ ହାଜର ହୋଇ ସେମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛନ୍ତି। ତଦନ୍ତରେ ସେ ଆଦୌ ଅସହଯୋଗ କରିନାହାନ୍ତି। ଏହା ସତ୍ତ୍ୱେ ତାଙ୍କୁ ଗିରଫ କରାଯିବା ଘଟଣାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା ସମାଲୋଚନା କରିଛନ୍ତି।

### କଶ୍ମୀର ନିଷ୍ପତ୍ତି ସମ୍ପର୍କରେ ପୁଟିନଙ୍କୁ ଜଣାଇଲେ ମୋଦି

## ମିଥ୍ୟା ପ୍ରସାର କରୁଛି ପାକ୍



**ଭ୍ଲାଡିଭୋଷ୍ଟକ୍,୪।୯**

ଜମ୍ମୁ-କଶ୍ମୀର ମାମଲାରେ ହସ୍ତକ୍ଷେପ କରିବା ପାଇଁ ପାକିସ୍ତାନର ଅନୁରୋଧକୁ ରୁଷିଆ ପୂର୍ବରୁ ପ୍ରତ୍ୟାଖ୍ୟାନ କରିଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। କଶ୍ମୀର ପ୍ରସଙ୍ଗରେ ଇସ୍‌ଲାମାବାଦ ମିଥ୍ୟା ଏବଂ ବିଭ୍ରାନ୍ତିକର ତଥ୍ୟ ପ୍ରସାର କରୁଥିବା ପୁଟିନ୍‌ଙ୍କୁ ପ୍ରଧାନମନ୍ତ୍ରୀ ଜଣାଇଛନ୍ତି।

ଦୁଇଦିନିଆ ରୁଷିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ବୁଧବାର ପୁଟିନଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ସେ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ନିଷ୍ପତ୍ତି ସମ୍ପର୍କିତ ବାସ୍ତବତା ସମ୍ପର୍କରେ ପୁଟିନ୍‌ଙ୍କୁ ଅବଗତ କରାଇଥିଲେ ବୋଲି ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଏଥିରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ବୋଲି ରୁଷିଆ ଇସ୍‌ଲାମାବାଦକୁ ରୋକଠୋକ ଶୁଣାଇଥିଲା। କୌଣସି ଦେଶର ଆଭ୍ୟନ୍ତରୀଣ ମାମଲାରେ ବାହ୍ୟ ହସ୍ତକ୍ଷେପକୁ ଉଭୟ ଭାରତ ଓ ରୁଷିଆ ବିରୋଧ କରନ୍ତି ବୋଲି ଗଣମାଧ୍ୟମକୁ ଦୁଇନେତା କହିଥିଲେ। ଫଳରେ କଶ୍ମୀର ମାମଲାରେ ଅନ୍ୟ ଦେଶର ହସ୍ତକ୍ଷେପ ପାଇଁ ଉଦ୍ୟମ ଚଳାଇଥିବା ପାକ୍‌କୁ ଶକ୍ତ ଝଟ୍‌କା ଲାଗିଛି।

ରୁଷିଆ ବିଶ୍ୱାସର ପ୍ରତୀକ ବୋଲି ମୋଦି କହିଥିବାବେଳେ ଭାରତ-ପାକ୍ ସମ୍ପର୍କ ଉପରେ ପୁଟିନ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ତେବେ ଭାରତର ଆଭିମୁଖ୍ୟକୁ ରୁଷିଆ ଦୃଢ଼ ସମର୍ଥନ କରୁଥିବା ଗୋଖ୍‌ଲେ ସୂଚନା ଦେଇଛନ୍ତି। ହସ୍ତକ୍ଷେପ ପାଇଁ ବିଭିନ୍ନ ରାଷ୍ଟ୍ରକୁ ଅନୁରୋଧ କରି ବିଫଳ ହେବା ପରେ ପାକିସ୍ତାନର କେତେଜଣ ମନ୍ତ୍ରୀ ଭାରତ ବିରୋଧରେ ଯୁଦ୍ଧ ଭୟ ସୃଷ୍ଟି କରୁଛନ୍ତି।

ମୋଦି ଓ ପୁଟିନ୍‌ଙ୍କ ମଧ୍ୟରେ ଆଲୋଚନା ବେଶ୍ ଉତ୍ସାହଜନକ ଥିଲା। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂଆ ଶିଖରକୁ ନେବା ଲାଗି ରାଜି ହୋଇଥିବା ଗୋଖ୍‌ଲେ ଗଣମାଧ୍ୟମକୁ କହିଛନ୍ତି। ଆସନ୍ତାବର୍ଷ ମେ'ରେ ରୁଷିଆ ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଜୟର ୭୫ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ଏଥିରେ ଯୋଗଦେବା ପାଇଁ ମୋଦିଙ୍କୁ ରାଷ୍ଟ୍ରପତି ପୁଟିନ ଆମନ୍ତ୍ରଣ କରିଛନ୍ତି।

### ଗିରଫ ଲଶ୍କର ଆତଙ୍କବାଦୀ ମାନିଲେ

## ପାକ୍ ସହାୟତାରେ ଅନୁପ୍ରବେଶ କରିଥିଲେ

**ଶ୍ରୀନଗର,୪।୯**

ଗତ ମାସରେ ଜମ୍ମୁ-କଶ୍ମୀର ସୀମାନ୍ତରୁ ଗିରଫ ହୋଇଥିବା ଲଶ୍କର-ଇ-ତୋଇବାର ଦୁଇଜଣ ଆତଙ୍କବାଦୀ ପାକିସ୍ତାନ ସରକାରଙ୍କ ସହାୟତାରେ ଅନୁପ୍ରବେଶ କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ଜମ୍ମୁ-କଶ୍ମୀରରେ ଆକ୍ରମଣ କରିବା ଲାଗି ସେମାନଙ୍କୁ ପଠାଯାଇଥିଲା ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଜଣେ ବରିଷ୍ଠ ସେନାଧିକାରୀ ସୂଚନା ଦେଇଛନ୍ତି।

ଦୁଇ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଗତମାସ ୨୧ରେ ସେନା ଯବାନ ଗିରଫ କରିଥିଲେ। ଲଶ୍କର ପାଇଁ କାମ କରୁଥିବା ଏବଂ ସେମାନଙ୍କ ଆକ୍ରମଣ ଯୋଜନା ସମ୍ପର୍କରେ ଜେରାବେଳେ ସ୍ୱୀକାର କରିଛନ୍ତି। ସେମାନେ ସୀମା ଆରପଟେ ପାକିସ୍ତାନର କଚେରବାନ୍‌ଠାରେ ସପ୍ତାହେ ତାଲିମ ନେଇଥିଲେ ବୋଲି ଚିନାର କର୍ପସ୍ କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ କେଜେଏସ୍ ଡିଲୋଁ ସୂଚନା ଦେଇଛନ୍ତି। ସେମାନଙ୍କ ସ୍ୱୀକାରୋକ୍ତି ସମୟର ଭିଡିଓ ସେନା ପକ୍ଷରୁ ଶେୟାର କରାଯାଇଛି। ଜଣେ ଆତଙ୍କବାଦୀ ରାଓ୍ବଲପିଣ୍ଡିର ଜଲେବି ଚୌକରୁ ଆସିଥିବା କହିଛନ୍ତି। ସେ ଓ ତାଙ୍କ ସହଯୋଗୀ ନଜିମ୍ ୪/୫ ବର୍ଷ ହେଲା ମୁଜାହିଦ୍ଦିନ ଓ ଲଶ୍କର ସଂଗଠନ ପାଇଁ କାମ କରୁଥିଲେ। ଜମ୍ମୁ-କଶ୍ମୀରରେ ଆକ୍ରମଣ ଉଦ୍ଦେଶ୍ୟରେ ପାକ୍ ସରକାରଙ୍କ ସହାୟତା ନେଇ ସେମାନେ ଅନୁପ୍ରବେଶ କରିଥିବା କହିଛନ୍ତି।

ଗୁଲମାର୍ଗ ଓ ଅନ୍ୟ ଅଞ୍ଚଳ ଦେଇ କ୍ରମାଗତ ଭାବେ ଅନୁପ୍ରବେଶ ଉଦ୍ୟମ ଜାରି ରହିଥିବା ଭିଡିଓରୁ ସ୍ପଷ୍ଟ ହୋଇଛି ବୋଲି ପୋଲିସ ଅତିରିକ୍ତ ଡିଜି ମୁନିର ଖାନ୍ କହିଛନ୍ତି। ଅଗଷ୍ଟ ୫ରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ଏଥିପାଇଁ ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ଏପର୍ଯ୍ୟନ୍ତ ଉପତ୍ୟକାରେ ଜଣେ ହେଲେ ହିଂସାରେ ପ୍ରାଣ ହରାଇନାହାନ୍ତି। ଏହାର ଶ୍ରେୟ ସେଠାରେ ମୁତୟନ ସବୁ ବାହିନୀକୁ ମିଳିବା ଆବଶ୍ୟକ ବୋଲି ଖାନ୍ କହିଛନ୍ତି।

## ଭାରତୀୟ ଦୂତାବାସ ବାହାରେ ବିକ୍ଷୋଭ, ଭଙ୍ଗାରୁଜା



**ନୂଆଦିଲ୍ଲୀ,୪।୯(ପି.ଟି.)**

**ପାକିସ୍ତାନକୁ ଦୋଷ ଦେଲା ନୂଆଦିଲ୍ଲୀ**

ପାକିସ୍ତାନ ପ୍ରରୋଚନାରେ କେତେଜଣ ଅସାମାଜିକ ଯୁବକ ଲଣ୍ଡନସ୍ଥିତ ଭାରତୀୟ ଦୂତାବାସ ବାହାରେ ମଙ୍ଗଳବାର ବେଆଇନ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଭଙ୍ଗାରୁଜା କରିଛନ୍ତି। ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଏହି ଘଟଣାରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୂଆଦିଲ୍ଲୀ ବ୍ରିଟେନକୁ କହିଛି।

ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ପ୍ରତିବାଦରେ ବ୍ରିଟେନରେ ଥିବା ପାକିସ୍ତାନୀ ସଂଗଠନ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ଏହି ହିଂସାତ୍ମକ ବିକ୍ଷୋଭ ଯୋଗୁ ଭାରତୀୟ ଦୂତାବାସ ପରିସର କ୍ଷତିଗ୍ରସ୍ତ ହୋଇଛି। ଗତମାସ ୧୫ରେ ମଧ୍ୟ ଉପରୋକ୍ତ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ ବେଳେ ଭଙ୍ଗାରୁଜା କରିଥିଲେ। ଏହା ଆଦୌ ଗ୍ରହଣୀୟ ନୁହେଁ, ବ୍ରିଟେନ ଆବଶ୍ୟକ ପଦକ୍ଷେପ ନେଉ ବୋଲି ବହିର୍ବ୍ୟାପାର ବିଭାଗ ମୁଖପାତ୍ର ରବୀଶ୍ କୁମାର କହିଛନ୍ତି। ଅନ୍ୟପକ୍ଷରେ ବ୍ରିଟିଶ ବହିର୍ବ୍ୟାପାର ସଚିବ ଡୋମିନିକ୍ ରାବ୍ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏଭଳି ଘଟଣା ଦୁଃଖଦାୟକ ବୋଲି କହିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟ ଦ୍ୱାରା ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା କମିବା ପରିବର୍ତ୍ତେ ବୃଦ୍ଧି ପାଇବ ବୋଲି ସେ ବ୍ରିଟିଶ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ କହିଛନ୍ତି।

## ମୁମ୍ବାଇରେ ପ୍ରବଳ ବର୍ଷା

**ମୁମ୍ବାଇ, ୪।୯(ପି.ଟି.)**

- ରେଳ ଓ ବିମାନ ଯାତ୍ରା ପ୍ରଭାବିତ
- ସବୁ ସ୍କୁଲ ବନ୍ଦ କରାଗଲା
- ରେଡ୍ ଆଲର୍ଟ ଜାରି

ମୁମ୍ବାଇ ସମେତ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ବୁଧବାର ପ୍ରବଳ ବର୍ଷା ହେବା ପରେ ସହରତଳି ଅଞ୍ଚଳର ଅବସ୍ଥା ସାଂଘାତିକ ହୋଇପଡ଼ିଛି। ଲୋକମାନେ ଯାତାୟାତରେ ଘୋର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନେକ ଲୋକାଲ୍ ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ବିମାନ ଯାତ୍ରା ମଧ୍ୟ ପ୍ରଭାବିତ ହୋଇଛି। ମୁମ୍ବାଇରେ ସ୍କୁଲଗୁଡିକ ବନ୍ଦ କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯିବା ସହ ରେଡ୍ ଆଲର୍ଟ ଜାରି କରାଯାଇଛି। ପରିସ୍ଥିତିର ମୁକାବିଲା ଓ ପ୍ରସ୍ତୁତି ଲାଗି ଅଧିକାରୀମାନଙ୍କୁ ସତର୍କ କରାଯାଇଛି। ରାସ୍ତାଘାଟ ଜଳାର୍ଣ୍ଣବ ହୋଇପଡ଼ିବାରୁ ଗଡ଼ଚିରୋଲି ଓ ବିଦର୍ଭ ଅଞ୍ଚଳର ଗୋନ୍ଦିଆରେ ଶତାଧିକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ରତ୍ନଗିରି, ସିନ୍ଧୁଦୁର୍ଗ, ରାୟଗଡ଼ ଅଞ୍ଚଳରେ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।



## ୬ ଆଇଏସ୍ ଆତଙ୍କବାଦୀ ନିହତ

**କରାଚୀ, ୪।୯(ପି.ଟି.)**

ପାକିସ୍ତାନର ବେଲୁଚିସ୍ତାନ ଅନ୍ତର୍ଗତ କ୍ୱେଟାରେ ବୁଧବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଜଣେ ମହିଳାଙ୍କ ସମେତ ୬ ଆଇଏସ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ଅପରେଶନରେ ଜଣେ କର୍ମଚାରୀ ପ୍ରାଣ ହରାଇଥିବାବେଳେ ୮ ସୁରକ୍ଷାକର୍ମୀ ଆହତ ହୋଇଥିବା ଆଇଜିପି ମହସିନ୍ ହାସନ୍ ବଟ୍ଟ ପ୍ରକାଶ କରିଛନ୍ତି। ଆତଙ୍କବାଦୀମାନେ ଲୁଚିଥିବା ଖବର ମିଳିବା ପରେ ସେଠାରେ ସୁରକ୍ଷାକର୍ମୀମାନେ ଚଢାଉ କରିଥିଲେ। ଆତ୍ମଘାତୀ ଜ୍ୟାକେଟ୍ ପିନ୍ଧିଥିବା ଜଣେ ମହିଳା ଆତଙ୍କବାଦୀ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଆତଙ୍କବାଦୀଙ୍କୁ ଧରିବା ଲାଗି ପ୍ରାୟ ୬ ଘଣ୍ଟା ଅପରେଶନ ଚାଲିଥିଲା। ଏଥିରେ ଗୋଇନ୍ଦା ଏଜେନ୍ସି, ଆତଙ୍କ ନିରୋଧୀ ବାହିନୀ ପ୍ରମୁଖ ସାମିଲ ଥିଲେ। ନିହତ ୬ ଆଇଏସ୍ ଆତଙ୍କବାଦୀଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ପ୍ରକାଶ। ବେଲୁଚିସ୍ତାନରେ ବିସ୍ଫୋରଣ ସହ ସିରିଜ୍ ହତ୍ୟାକାଣ୍ଡରେ ଏହି ଆତଙ୍କବାଦୀମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି।

## ଭିଜାମୁକ୍ତ ଯାତ୍ରା ଲାଗି ଭାରତ-ପାକ୍ ସହମତି

**କର୍ତ୍ତାରପୁର କରିଡର ଆଲୋଚନା**

**ଅଟ୍ଟାରି/ନୂଆଦିଲ୍ଲୀ, ୪।୯(ପି.ଟି.):** ପାକିସ୍ତାନର ଗୁରଦ୍ୱାର ଦରବାର ସାହିବ୍‌କୁ କର୍ତ୍ତାରପୁର କରିଡ଼ର ଦେଇ ଭାରତୀୟ ତୀର୍ଥଯାତ୍ରୀ ଭିଜାମୁକ୍ତ ଯାତ୍ରା କରିପାରିବେ। ଏନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବୁଧବାର ବୁଝାମଣା ହୋଇଛି। ଦୁଇପକ୍ଷ ମଧ୍ୟରେ ଅଟ୍ଟାରିଠାରେ ବସିଥିବା ବୈଠକରେ ପାକିସ୍ତାନ ପକ୍ଷରୁ ସେବା କର ଲାଗୁକରିବା ସମ୍ପର୍କରେ ଦାବି କରାଯାଇଥିଲା ବେଳେ ଭାରତ ଏହାକୁ ବିରୋଧ କରିଛି। ଭିଜାମୁକ୍ତ ଯାତ୍ରା ଲାଗି ଭାରତ ଓ ପାକିସ୍ତାନର ଅଧିକାରୀମାନେ ସବୁଜସଂକେତ ଦେଇଥିବାବେଳେ କରିଡର୍ ନେଇ ଚିଠାଚୁକ୍ତି ଚୂଡ଼ାନ୍ତ ହୋଇ ନ ଥିବା କୁହାଯାଇଛି। ତେବେ ପ୍ରତ୍ୟେକ ଦିନ ୫ ହଜାର ତୀର୍ଥଯାତ୍ରୀ କର୍ତ୍ତାରପୁର ଗୁରଦ୍ୱାରକୁ ଯାଇପାରିବେ।

### ନ୍ୟୂନତମ ବାସଯୋଗ୍ୟ ସହର ତାଲିକା

## ୫ମ ସ୍ଥାନରେ କରାଚୀ

**କରାଚୀ:** ବିଶ୍ୱର ନ୍ୟୂନତମ ବାସଯୋଗ୍ୟ ସହର ତାଲିକାରେ କରାଚୀ ରହିଛି। ବିଶ୍ୱ ବାସଯୋଗ୍ୟ ସୂଚକାଙ୍କ-୨୦୧୯ ବୁଧବାର ପ୍ରକାଶ ପାଇଥିବାବେଳେ ଇକନମିଷ୍ଟ ଗ୍ରୁପ୍‌ର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ଡିଭିଜନ୍‌ର ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ (ଇଆଇୟୁ)ର ରିପୋର୍ଟରୁ ଏହି ସୂଚନା ମିଳିଛି। ଚଳିତ ବର୍ଷ ଏହି ତାଲିକାରେ କରାଚୀ ୧୩୬ତମ ସ୍ଥାନରେ ରହି ବିଶ୍ୱର ପଞ୍ଚମ ନ୍ୟୂନତମ ବାସଯୋଗ୍ୟ ସହର ମାନ୍ୟତା ପାଇଛି। ଅବଶ୍ୟ ସହର ପରିଚାଳନା କ୍ଷେତ୍ରରେ କରାଚୀ ସିରିଆ, ଦାମାସ୍କସ୍ ନାଇଜେରିଆର ଲାଗୋସ, ବାଂଲାଦେଶର ଢାକା ଏବଂ ଲିବ୍ୟାର ଟ୍ରିପୋଲିଠାରୁ ଅପେକ୍ଷାକୃତ ଉନ୍ନତ ମାନ ପ୍ରଦର୍ଶନ କରିଛି। ୧୦ ନ୍ୟୂନତମ ବାସଯୋଗ୍ୟ ସହର ତାଲିକାରେ ରହିଛନ୍ତି ଭେନିଜୁଏଲାର କାରାକାସ, ଆଲଜେରିଆର ଆଲଜିୟର୍ସ, କାମେରୁନ୍‌ର ଡୋଉଆଲା, ଜିମ୍ବାବ୍ୱେର ହାରାରେ ଏବଂ ପାପୁଆ ନ୍ୟୁଗିନିର ପୋର୍ଟ ମୋରେସବାଏ। ତେବେ କରାଚୀର ର୍‍ୟାଙ୍କିଂ ପୂର୍ବବର୍ଷ ତୁଳନାରେ ଗୋଟିଏ ସ୍ତରକୁ ବୃଦ୍ଧି ପାଇଛି। ୨୦୧୮ରେ ଏହା ୧୩୭ତମ ସ୍ଥାନରେ ଥିଲା। ଅଷ୍ଟ୍ରିଆର ରାଜଧାନୀ ଭିଏନା ବିଶ୍ୱର ସର୍ବାଧିକ ବାସଯୋଗ୍ୟ ସହର ର୍‍ୟାଙ୍କ୍‌ରେ ରହିଛି। ଭିଏନା ଚଳିତବର୍ଷ ଅଷ୍ଟ୍ରେଲିଆର ମେଲବୋର୍ନ ସହରଠାରୁ ଗୋଟିଏ ର୍‍ୟାଙ୍କ ଆଗରେ ରହିଛି। ମେଲବୋର୍ନ ୭ବର୍ଷ ଧରି ସର୍ବାଧିକ ବାସଯୋଗ୍ୟ ସହର ତାଲିକାର ଶୀର୍ଷରେ ରହି ଆସିଥିଲା। ଏଥିପାଇଁ କୌଣସି ସହରର ଡିଜିଟାଲ୍, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ନିରାପତ୍ତାକୁ ବିଚାରକୁ ନିଆଯାଏ। କରାଚୀ ଡିଜିଟାଲ୍ ନିରାପତ୍ତାରେ ୫୨ତମ, ସ୍ୱାସ୍ଥ୍ୟରେ ୫୯ତମ, ଭିତ୍ତିଭୂମିରେ ୫୫ତମ ଏବଂ ବ୍ୟକ୍ତିଗତ ନିରାପତ୍ତା କ୍ଷେତ୍ରରେ ୫୮ତମ ସ୍ଥାନରେ ରହିଛି।



**[ଇତିହାସର ଆଇନାରେ]**

**ସେପ୍ଟେମ୍ବର ୫ର ପ୍ରମୁଖ ଘଟଣା**

୧୯୮୬ ସେପ୍ଟେମ୍ବର ୫ରେ ମୁମ୍ବାଇରୁ ଉଡାଣ କରିଥିବା ପାନ୍ ଆମ୍ ଫ୍ଲାଇଟ୍ ୭୩ ବିମାନକୁ କରାଚୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଅପହରଣ କରି ନିଆଯାଇଥିଲା। ପାନ୍ ଆମ୍ ଫ୍ଲାଇଟ୍ ୭୩ ହେଉଛି ଏକ ପାନ୍ ଆମେରିକାନ୍ ଓ୍ବାର୍ଲଡ ଏୟାରଓ୍ବେଜ୍ ଫ୍ଲାଇଟ୍। ଏହା ମୁମ୍ବାଇରୁ ନ୍ୟୁୟର୍କ ଯାତ୍ରା କରିବା ବେଳେ ପାକିସ୍ତାନର କରାଚୀ ଏବଂ ପଶ୍ଚିମ ଜର୍ମାନୀର ଫ୍ରାଙ୍କଫର୍ଟ୍‌ଠାରେ ଧାର୍ଯ୍ୟ ରହଣି କରିଥାଏ।

୧୯୯୦ ସେପ୍ଟେମ୍ବର ୫ରେ ଶ୍ରୀଲଙ୍କା ସେନା ଆକ୍ରମଣରେ ୧୫୮ ଲୋକ ନିହତ ହୋଇଥିଲେ। ଏହା ଥିଲା ଶ୍ରୀଲଙ୍କା ଗୃହଯୁଦ୍ଧ ସମୟର ଘଟଣା। ଇଷ୍ଟର୍ନ ୟୁନିଭର୍ସିଟି କ୍ୟାମ୍ପସରେ ଆଶ୍ରୟ ନେଇଥିବା ଶ୍ରୀଲଙ୍କାର ତାମିଲ ଶରଣାର୍ଥୀଙ୍କ ଗିରଫଦାରି ସହ ସେନା ଆକ୍ରମଣ ଯୋଗୁ ଘଟିଥିବା ଏହି ହତ୍ୟାକାଣ୍ଡକୁ ବଟ୍ଟିକାଲୋଆ କ୍ୟାମ୍ପସ ହତ୍ୟାକାଣ୍ଡ କୁହାଯାଏ।

## ଶ୍ରୀଦେବୀଙ୍କ ମହମ ପ୍ରତିମୂର୍ତ୍ତି ଅନାବରଣ

**ସିଙ୍ଗାପୁର**

ବଲିଉଡ ସୁପରଷ୍ଟାର ତଥା ସ୍ୱର୍ଗତା ଅଭିନେତ୍ରୀ ଶ୍ରୀଦେବୀଙ୍କ ମହମ ପ୍ରତିମୂର୍ତ୍ତି ବୁଧବାର ସ୍ଥାନୀୟ ମାଡାମ ଟୁସାଡ୍ସରେ ଅନାବରଣ ହୋଇଛି। ଏଥିପାଇଁ ଆୟୋଜିତ ଏକ ଉତ୍ସବରେ ଯୋଗଦେଇଥିଲେ ଅଭିନେତ୍ରୀଙ୍କ ସ୍ୱାମୀ ବୋନି କପୁର ଏବଂ ତାଙ୍କର ଦୁଇ କନ୍ୟା ଜାହ୍ନବୀ ଓ ଖୁସି। ୧୯୮୭ର ସୁପରହିଟ୍ ଫିଲ୍ମ 'ମିଷ୍ଟର ଇଣ୍ଡିଆ'ର ଲୋକପ୍ରିୟ ହିନ୍ଦୀ ସଙ୍ଗୀତ 'ହାଓ୍ବା ହାଓ୍ବାଇ' ଗାଇ ଶ୍ରୀଦେବୀ ଯେଉଁ ବାଙ୍କ ଚାହାଣି ମାରିଥିଲେ ତାହାର ଅବିକଳ ରୂପ ଏହି ପ୍ରତିମୂର୍ତ୍ତିରେ ଦେଖିବାକୁ ମିଳୁଛି। ଏହି କାର୍ଯ୍ୟକ୍ରମରେ ବୋନି ଖୁବ୍ ଅଳ୍ପ ସମୟ ପାଇଁ ବକ୍ତୃତା ଦେଇ ଶ୍ରୀଦେବୀଙ୍କୁ ସ୍ମରଣକରି ସାମାନ୍ୟ ଭାଙ୍ଗି ପଡ଼ିଥିଲେ। ଏ ସମ୍ପର୍କରେ ବୋନି ଟୁଇଟ୍ କରିଛନ୍ତି, 'ଶ୍ରୀଦେବୀ କେବଳ ଆମ ହୃଦୟରେ ନୁହଁ, ବରଂ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକଙ୍କ ହୃଦୟରେ ବଞ୍ଚି ରହିଛନ୍ତି।'

ସୁପରଷ୍ଟାର ଶ୍ରୀଦେବୀ ୮୦ଦଶକରେ ବଲିଉଡ ବକ୍ସ ଅଫିସରେ ବେଶ୍ ରାଜୁତି କରୁଥିଲେ। ଶ୍ରୀଦେବୀ ଦୁବାଇ ଗସ୍ତ କରିଥିବାବେଳେ ୨୦୧୮ ଫେବୃୟାରୀ ୨୪ରେ ଏକ ହୋଟେଲର ଗାଧୁଆକୁଣ୍ଡରେ ବୁଡ଼ିଯାଇ ପ୍ରାଣ ହରାଇଥିଲେ।







# ବିବର୍ତ୍ତିତ ବିଶ୍ୱରେ ଗୁରୁଙ୍କ ସ୍ୱରୂପ

**ଜନାର୍ଦ୍ଦନ ମିଶ୍ର**

ଆଜିର ଇଣ୍ଟରନେଟ ଓ ଡିଜିଟାଲ ଦୁନିଆରେ ବିଶ୍ୱଗୁରୁ ସାଜିଛି ଗୁଗୁଲ। ଆଖି ପଲକରେ ମିଳୁଛି ଯେକୌଣସି ସୂଚନା କିମ୍ବା ପ୍ରଶ୍ନର ସହଜ ଉତ୍ତର। ବିବର୍ତ୍ତିତ ବିଶ୍ୱରେ ମହାନନ ଗୁରୁଙ୍କର ସଂଖ୍ୟା ହ୍ରାସ ପାଇ ନ ଥିଲେ ବି ଗୁରୁ ପରମ୍ପରାରେ ଆସିଛି ଅନେକ ପରିବର୍ତ୍ତନ। ୨୦୧୭ ସୁଦ୍ଧା କେବଳ ଆମେରିକାରେ ଷାଠିଏ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅନ୍‌ଲାଇନ ଶିକ୍ଷା ସହିତ ଯୋଡ଼ି ହୋଇସାରିଛନ୍ତି। ପାରମ୍ପରିକ ଶିକ୍ଷା ଓ ଗୁରୁଙ୍କ ମୁଖ ନିଃସୃତ ଜ୍ଞାନ ଏମାନଙ୍କ ପାଇଁ ଗ୍ରହଣୀୟ ହୋଇପାରି ନାହିଁ। ସୁତରାଂ କ୍ଷୁର୍ଣ୍ଣ ହୋଇଛି ଗୁରୁଙ୍କ ଗରିମା ଓ ଶିଷ୍ୟଙ୍କର ସମର୍ପିତ ଭାବ, ଉଭେଇ ଯାଉଛି ଧୌମ୍ୟ-ଉପମନ୍ୟୁ ତଥା ଦ୍ରୋଣ-ଏକଲବ୍ୟଙ୍କ ପରି ସେହି ମହାନ ଗୁରୁ-ଶିଷ୍ୟ ସମ୍ପର୍କ।

ବିବର୍ତ୍ତନ ହିଁ ବିଶ୍ୱର ଅବଧାରିତ ବାସ୍ତବତା। ତେଣୁ ପ୍ରଚଳିତ ପରମ୍ପରାରେ ପରିବର୍ତ୍ତନ ହେବା ସ୍ୱାଭାବିକ। ପରିବର୍ତ୍ତନର ଏହି ପ୍ରବୃତ୍ତି ଜୀବନର ପ୍ରାୟ ସବୁ କ୍ଷେତ୍ରକୁ ସ୍ପର୍ଶ କରିଛି। ସେହିପରି ଏକ ସ୍ୱତନ୍ତ୍ର କ୍ଷେତ୍ର ହେଉଛି ବିଶ୍ୱସ୍ତରୀୟ ଗୁରୁ ପରମ୍ପରା। ଗୁରୁ ପରମ୍ପରା ଓ ଜୀବନରେ ଗୁରୁଙ୍କ ମହତ୍ତ୍ୱ ବିଷୟରେ ବିଶ୍ଳେଷଣ କଲାବେଳେ ମନେପଡ଼ନ୍ତି ଗୁରୁ ଗୋବିନ୍ଦ ସିଂ। ସେ ତାଙ୍କ ଦୋହାରେ ଉଲ୍ଲେଖ କରିଛନ୍ତି : ଗୁରୁ ଗୋବିନ୍ଦ ଦୌ ଖଡ଼େ, କାକେ ଲାଗୁଁ ପା। ବାଲିହାରୀ ଗୁରୁ ଆପ୍‌ନେ, ଯିନେ ଗୋବିନ୍ଦ ଦିୟୋ ବତାୟ। ଏହାର ଅର୍ଥ ହେଉଛି ଗୁରୁ ଅର୍ଥାତ ଆମ ଶିକ୍ଷକ ଏବଂ ଭଗବାନ ଏକାଠି ଠିଆ ହୋଇଥିଲେ ମନରେ ଦ୍ୱନ୍ଦ୍ୱ ଉପୁଜେ ଯେ କାହାର ଚରଣ ପ୍ରଥମେ ସ୍ପର୍ଶ କରିବା ଉଚିତ। ଏହି ଦ୍ୱନ୍ଦ୍ୱକୁ ସରଳ କରିବାକୁ ଯାଇ ଭଗବାନ ଉତ୍ତର ଦିଅନ୍ତି ଯେ, ଗୁରୁ ହିଁ ଭଗବାନଙ୍କ ନିକଟରେ ପହଞ୍ଚିବାରେ ରାସ୍ତା ଦେଖାଇଥାଆନ୍ତି। ଏଥିପାଇଁ ସର୍ବପ୍ରଥମେ ଗୁରୁଙ୍କ ଚରଣ ସ୍ପର୍ଶ କରିବା ଉଚିତ୍। ତେଣୁ ଗୁରୁଙ୍କର ନିଷ୍ଠା ଓ ପ୍ରତିବଦ୍ଧତାକୁ ସ୍ୱୀକାର କରିଛନ୍ତି ଅନେକ ଯଶସ୍ୱୀ।

ବିଶ୍ୱରେ ଗୁରୁବାଦର ଭିତ୍ତିଭୂମି ସର୍ବପୁରାତନ ସଭ୍ୟତା ମେସୋପୋଟାମିଆଁରୁ ହିଁ ଆରମ୍ଭ ହୋଇଥିଲା। ଅବଶ୍ୟ ତତ୍କାଳୀନ ମେସୋପୋଟାମିଆଁ ସମାଜରେ ଗୁରୁ ବା ଶିକ୍ଷକ ନ ଥିଲେ, ଥିଲେ ପୁରୋହିତ। ସେମାନେ ଥିଲେ ରାଜା ଓ ସମ୍ଭ୍ରାନ୍ତ ଶ୍ରେଣୀର ଶିକ୍ଷକ। ପ୍ରାୟ ଦୁଇ ହଜାର ବର୍ଷ ଏହି ପ୍ରକାର ଗୁରୁ ପରମ୍ପରା ଚାଲିଲା ପରେ ବିଦ୍ୟାଳୟ ପରମ୍ପରାର ଭିତ୍ତିପ୍ରସ୍ତର ପାଲଟିଲା ପ୍ରାଚୀନ ଗ୍ରୀସ। ସେଠାରେ ଆରମ୍ଭ ହେଲା ଯୁଦ୍ଧ, ସଙ୍ଗୀତ ଓ ଲିଖନ ଶୈଳୀ ପାଇଁ ସତନ୍ତ୍ର ବିଦ୍ୟାଳୟ। ହେଲେ ଗୁରୁ ପରମ୍ପରା ଆଦୌ ନଷ୍ଟ ହୋଇ ନ ଥିଲା। କାରଣ ସେସବୁ ବିଦ୍ୟାଳୟର ମୁଖ୍ୟ ପୁରୋଧାମାନେ ପାଲଟିଥିଲେ ପ୍ଲାଟୋ, ଆରିଷ୍ଟଟଲ ତଥା ଆହୁରି ଅନେକ ଦାର୍ଶନିକ। ସକ୍ରେଟିସୀୟ ଶିକ୍ଷା ପ୍ଲାଟୋଙ୍କ ଜୀବନକୁ କରିଥିଲା ସ୍ୱୟଂସମ୍ପୂର୍ଣ୍ଣ। ସେଥିପାଇଁ ପ୍ଲାଟୋଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ଦାର୍ଶନିକ ଆରିଷ୍ଟଟଲ। କ୍ରମେ ଗୁରୁ ପରମ୍ପରାର ଅବିରାମ ସ୍ରୋତ ବହି ଚାଲିଲା। ଆରିଷ୍ଟଟଲ୍‌ଙ୍କ ଆର୍ଶୀବାଦରୁ ତାଙ୍କର ପ୍ରତିଭାସମ୍ପନ୍ନ ଶିଷ୍ୟ ଆଲେକ୍‌ଜାଣ୍ଡାର ହୋଇପାରିଥିଲେ ବିଶ୍ୱ ବିଖ୍ୟାତ। ସେମାନଙ୍କ ଜୀବନ ଦର୍ଶନରୁ ସମସାମୟିକ ଶିକ୍ଷାର ପ୍ରଚାରପ୍ରସାର ହେବାସହ ଜୀବନକୈନ୍ଦ୍ରିକ ବା ଗୁରୁକୈନ୍ଦ୍ରିକ ଶିକ୍ଷା ପୃଥିବୀର ମାର୍ଗଦର୍ଶକ ହୋଇପାରିଥିଲା। ଗୁରୁଙ୍କ ଗୁରୁ ସମାଜରେ ଏକ ସତନ୍ତ୍ର ସ୍ଥାନ ନେଲେ। ପରେ ଗୁରୁ ସଂସ୍କୃତିକୁ ଆଗକୁ ନେଇଥିଲା ବିଶାଳ ରୋମ୍। ଗ୍ରୀସ୍ ପତନ ପରେ ସେଠାରୁ ବିତାଡିତ, ମୁକ୍ତ ଦାସମାନେ ରୋମ ସମାଜର ଶିକ୍ଷା ବ୍ୟବସ୍ଥାକୁ ସଜାଡିବାରେ ସହାୟକ ହେଲେ। ପରେ ରୋମୀୟ ବ୍ୟବସ୍ଥା ସମଗ୍ର ୟୁରୋପୀୟ ଶିକ୍ଷା ବ୍ୟବସ୍ଥାକୁ ବ୍ୟାପକ ଭାବରେ ପ୍ରଭାବିତ କଲା। କିନ୍ତୁ ମଧ୍ୟଯୁଗୀୟ ୟୁରୋପରେ ଶିକ୍ଷାଦାନର ସ୍ୱରୂପ ପରିବର୍ତ୍ତନ ହୋଇଗଲା। ଗୀର୍ଜାର ପାଦ୍ରୀମାନେ ଧର୍ମ ସହିତ ଶିକ୍ଷାକୁ ଏକାକାର କରିଦେଲେ। ଗୀର୍ଜାର ବାରଣ୍ଡାରେ ଗୁରୁ ସାଜିଲେ ଧର୍ମଗୁରୁ ଅର୍ଥାତ୍ ପାଦ୍ରିମାନେ। କିନ୍ତୁ ଷୋଡ଼ଶ ଶତାବ୍ଦୀର ପ୍ରୋଟେଷ୍ଟାଣ୍ଟଆନ୍ଦୋଳନ ୟୁରୋପରେ ସୃଷ୍ଟିକଲା ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ। ସେ ସବୁ ସଂସ୍ଥାରେ ନିଯୁକ୍ତି ପାଇଲେ ଅନେକ ଶିକ୍ଷୟିତ୍ରୀଶିକ୍ଷକ। ପୁଣି ଥରେ ଗୁରୁବାଦ ମହିମାନ୍ୱିତ ହେଲା। ଏହା ୟୁରୋପରୁ ପୃଥିବୀର ପ୍ରାୟ ସମସ୍ତ ଅଞ୍ଚଳକୁ ବ୍ୟାପୀ ଆଜି ପର୍ଯ୍ୟନ୍ତ ଦୀପ୍ତିମାନ। ବିଂଶ ଶତାବ୍ଦୀର ଅନେକ ମହାନ ଗୁରୁ ଓ ସେମାନଙ୍କ ଛାତ୍ରୀଛାତ୍ର ଆଜି ବି ଆମ ପାଇଁ ମହନୀୟ। ଆନି ସୁଲିଭାନ ଓ ତାଙ୍କର ଛାତ୍ରୀ, ଅନ୍ଧୁଣୀ ହେଲେନ କେଲର୍ କିମ୍ବା ରାମକୃଷ୍ଣ ପରମହଂସ ଓ ତାଙ୍କର ଛାତ୍ର ବିବେକାନନ୍ଦ ବିଶ୍ୱ ଦରବାରକୁ ବିମୋହିତ କରିଛନ୍ତି।

ପ୍ରତିବର୍ଷ ଭାରତରେ ଗୁରୁ ପୂର୍ଣ୍ଣିମା ଓ ଗୁରୁ ଦିବସ ପାଳନ କରାଯାଏ। ଗୁରୁ ପୂର୍ଣ୍ଣିମା ଦିନ ମହାଭାରତର ରଚୟିତା ବ୍ୟାସଦେବଙ୍କ ସମ୍ମାନାର୍ଥେ ଗୁରୁକୁଳ ଓ ଶିକ୍ଷା ଅନୁଷ୍ଠାନରେ ଗୁରୁପୂର୍ଣ୍ଣିମା ପାଳନ କରାଯାଉଥିବାବେଳେ ଭାରତର ଜଣେ ସର୍ବମାନ୍ୟ ଗୁରୁ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ ପୂଜା ପାଆନ୍ତି ଗୁରୁ ଦିବସ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖରେ। ବିଶ୍ୱସ୍ତରରେ ମଧ ଅକ୍ଟୋବର ୫ତାରିଖରେ ବିଶ୍ୱ ଗୁରୁ ଦିବସ ପାଳନ କରାଯାଏ। ଏସବୁ ଅବସରରେ ଆମେ ଅତୀତର ସେହି ମହାନ ଗୁରୁମାନଙ୍କ ସ୍ମୃତିଚାରଣ କରୁ ସତ, କିନ୍ତୁ ବାସ୍ତବ ଜୀବନରେ ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତଥା ପରଂବ୍ରହ୍ମଙ୍କ ସ୍ଥାନ ନେଇ ପାରନ୍ତିନି। କାରଣ ବିଶ୍ୱସ୍ତରରେ ଆଜି ସୃଷ୍ଟି ହୋଇଛି ଭିନ୍ନ ଏକ ପରମ୍ପରା। ଗୁରୁ ଆଉ କେବଳ ଜଣେ ବ୍ୟକ୍ତି ବିଶେଷ ହୋଇ ରହି ନାହାନ୍ତି। ଆଜିର ଗୁରୁଙ୍କ ଚିଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକଙ୍କ ସହିତ ଅଛନ୍ତି କମ୍ପ୍ୟୁଟର୍, ମୋବାଇଲ, ଖବର କାଗଜ, ଆହୁରି ଅନେକ କିଛି। ଆଜି କେବଳ ଗୁରୁଙ୍କ ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ ହୋଇନି, ପରିବର୍ତ୍ତନ ହୋଇଛି ଗୁରୁଙ୍କ ସଜ୍ଞାରେ। କାରଣ ଗୁରୁ ପୂର୍ଣ୍ଣିମା ଓ ଗୁରୁ ଦିବସ ବିଷୟରେ ଅଧିକ ଜାଣିବା ପାଇଁ ଆମେ ଧାଇଁଥାନ୍ତି ଗୁଗୁଲ ଗୁରୁଙ୍କ ନିକଟକୁ। ଗୁରୁବାଣୀ ଓ ପୁସ୍ତକ ପଠନର ପୌନଃପୌନିକତା ଭିତରେ ଆଜିର ଦୁନିଆ ସତରେ ଥକି ପଡ଼ିଛି। ସେଥିପାଇଁ ତୁରନ୍ତ ଜ୍ଞାନ ପ୍ରଦାନକାରୀ ଗୁଗଲ ଗୁରୁ ହିଁ ଆଜିର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ସବୁକିଛି। କ୍ଷିପ୍ର ଗତିରେ ବଦଳୁଥିବା ଆମ ସମୟର ଶିକ୍ଷା ବ୍ୟବସ୍ଥା ସହିତ ତାଳ ଦେଇ ବିଦ୍ୟାଳୟର ଶିକ୍ଷା ଓ ଗୁରୁଙ୍କର ଜ୍ଞାନ ବଦଳି ପାରିନି। ସେଥିପାଇଁ ଆମେ ଆପଣେଇଛୁ ଗୁରୁଙ୍କର ଭିନ୍ନ ଏକ ରୂପକୁ – ଗୁଗୁଲ ଗୁରୁଙ୍କୁ। କାରଣ ତାହା ସୁବିଧାରେ ଉପଲବ୍ଧ, ଚଳଚଞ୍ଚଳ, ଆଧୁନିକ ଓ ଜ୍ଞାନର ଭଣ୍ଡାର ସାଜି ପାରିଛି।

## ଏମାନେ ବି ଶିକ୍ଷକ ଥିଲେ...

**ସିଲ୍‌ଭର ସ୍କ୍ରିନ୍‌ର ପ୍ରତିଷ୍ଠିତ ତଥା ଲୋକପ୍ରିୟ କଳାକାରଙ୍କୁ ଆମେ ବେଶ୍ ଭଲଭାବେ ଜାଣିଥାଉ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକେ ଅଭିନୟ ଜଗତରେ ପାଦ ଦେବା ପୂର୍ବରୁ ଶିକ୍ଷକ ଥିଲେ। ତେବେ ଆସନ୍ତୁ ଜାଣିବା ଏହିଭଳି କିଛି ଅଭିନେତ୍ରୀଅଭିନେତାଙ୍କ ଜୀବନର ସେହି ଗୁରୁ ଭୂମିକାର ସମୟକୁ...**

### କାଦର ଖାନ୍



ଜଣେ ଉଚ୍ଚକୋଟୀର ଅଭିନେତା, ହାସ୍ୟଭିନେତା କାଦର ଖାନ୍‌ଙ୍କ ପ୍ରାରମ୍ଭିକ ବୃତ୍ତିଗତ ଜୀବନରେ ଏମ୍ ଏଚ୍ ସାବୋ ସିଦ୍ଦିକ କଲେଜ ଅଫ୍ ଇଞ୍ଜିନିୟରିଂରେ ଶିକ୍ଷାଦାନ କରିଥିଲେ। ସେ ସିଭିଲ ଇଞ୍ଜିନିୟରିଂର ପ୍ରାଧ୍ୟାପକ ଥିଲେ। ଏମିତିକି ସେ ଫିଲ୍ମରେ ଅଭିନୟ ଛାଡିବା ପରେ ୟୁଏଇକୁ ପଢ଼ାଇବାକୁ ଯାଇଥିଲେ। ସେ ସେଠାରେ ଉର୍ଦ୍ଦୁ ଏବଂ ଆରବିକ ବି ପଢାଉଥିଲେ। ସେ ଏକ ଶିକ୍ଷା କେନ୍ଦ୍ର ଖୋଲିବାକୁ ଯୋଜନା କରିଥିଲେ ଯାହା ସମ୍ଭବ ହୋଇପାରି ନ ଥିଲା।

### ଅକ୍ଷୟ କୁମାର



ଅକ୍ଷୟ କୁମାର ଏବେ ଫୋର୍ବ୍ସ ମାଗାଜିନର ହାଏଷ୍ଟ ପେଡ୍ ଆକ୍ଟର ତାଲିକାରେ ସ୍ଥାନ ପାଇଛନ୍ତି। ଅକ୍ଷୟ ବଲିଉଡ଼ରେ ନିଜର କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ଅନେକ ବୃତ୍ତିରେ ରହିଛନ୍ତି। ସେ ୱେଟର ଓ ଡିଶୱାଶର୍ ଭାବେ ବି କାର୍ଯ୍ୟ କରିଛନ୍ତି। ସେ ଯେତେବେଳେ ବ୍ୟାଙ୍କକ୍‌ରେ ରହିଥିଲେ ସେତେବେଳେ ମାର୍ଶାଲ ଆର୍ଟସ୍ ଶିକ୍ଷା କରିଥିଲେ। ତା' ପରେ ମୁମ୍ବାଇ ଫେରିବା ପେରେ ପିଲାମାନଙ୍କୁ ମାର୍ଶାଲ ଆର୍ଟସ ଶିକ୍ଷା ଦେଇଥିଲେ। ଏପରିକି ତାଙ୍କ ଜଣେ ଛାତ୍ରଙ୍କ ସହାୟତାରେ ସେ ମଡେଲିଂ ଜଗତକୁ ଆସିବାକୁ ସକ୍ଷମ ହୋଇଥିଲେ।

### ଚନ୍ଦ୍ରଚୂଡ ସିଂ



ଅମିତାଭ ବଚ୍ଚନ କର୍ପୋରେଶନ ଲିମିଟେଡ୍ ପ୍ରାୟୋଜିତ 'ତେରୀ ମେରୀ ସପ୍‌ନେ'ରେ ଫିଲ୍ମ ଦୁନିଆରେ ପାଦ ଥାପି ଚନ୍ଦ୍ରଚୂଡ ସିଂ ବେଶ୍ ଲୋକପ୍ରିୟ ହୋଇପାରିଥିଲେ। ମନୋରଞ୍ଜନ ଦୁନିଆକୁ ଆସିବା ପୂର୍ବରୁ ସେ ଡୁନ୍ ସ୍କୁଲରେ ଜଣେ ମ୍ୟୁଜିକ ଶିକ୍ଷକ ଥିଲେ। ଏମିତିକି ଏକ ଇଞ୍ଜୁରିକୁ ସାମନା କରି ପୁଣି ସ୍କୁଲକୁ ଶିକ୍ଷା ଦେବକୁ ଫେରିଯାଇଥିଲେ।

### ନନ୍ଦିତା ଦାସ



୧୦ଟି ଭାଷାରେ କରାଯାଇଥିବା ୪୦ଟି ଫିଚର ଫିଲ୍ମରେ ଅଭିନୟ କରିଥିବା ଓଡ଼ିଆ ଝିଅ ନନ୍ଦିତା ଦାସ ଅଭିନୟ ଜଗତକୁ ଆସିବା ପୂର୍ବରୁ ରିଷି ଭ୍ୟାଲି ସ୍କୁଲରେ ପଢାଉଥିଲେ। ଦିଲ୍ଲୀ ସ୍କୁଲ ଅଫ୍ ସୋସିଆଲ ୱାର୍କରୁ ମାଷ୍ଟର୍ସ ଡିଗ୍ରୀ କରିବା ପରେ ସେ ଶିକ୍ଷକତା କରିଥିଲେ।

### ଟମ୍ ଆଲ୍ଟର୍



କିମ୍ବଦନ୍ତୀ କଳାକାର ଟମ୍ ଆଲ୍ଟର। ବହୁ ହିନ୍ଦୀ ଫିଲ୍ମରେ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଆସୁଛି। ଉଭୟ ଖଳ ଓ ଚରିତ୍ର ଅଭିନୟ କ୍ଷେତ୍ରରେ ତାଙ୍କ ପାରିଦର୍ଶିତା ବେଶ ପ୍ରଶଂସନୀୟ ହୋଇପାରିଛି। ସେ ଅଭିନୟ ଜଗତକୁ ଆସିବା ପୂର୍ବରୁ ହରିୟାଣାର ସେଣ୍ଟ ଥମାସ ସ୍କୁଲରେ କ୍ରିକେଟ କୋଚ୍ ରହିଥିଲେ।

### ବଲରାଜ ସାହନୀ



ହିନ୍ଦୀ ସିନେମା ଜଗତକୁ ପ୍ରବେଶ କରିବା ପୂର୍ବରୁ ବଲରାଜ ସାହନୀ ଜଣେ ଶିକ୍ଷକ ଥିଲେ। ସେ ବି ଜଣେ ମଞ୍ଚ ଅଭିନେତା। ଲାହୋର ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ଡବଲ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିବା ବଲରାଜ ସାହନୀ ରବୀନ୍ଦ୍ରନାଥ ଟାଗୋରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ। ଏହାପରେ ସେ ବେଙ୍ଗଲକୁ ଆସି ଟାଗୋରଙ୍କ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଇଂଲିଶ ଓ ହିନ୍ଦୀ ପଢାଇଥିଲେ।

## ଗୁରୁଙ୍କ ପାଇଁ ସାହିତ୍ୟରେ ଆଗ୍ରହ ବଢ଼ିଥିଲା



ମା' ଓ ବାପା ମୋର ପ୍ରଥମ ଗୁରୁ। କାରଣ ତାଙ୍କ ଯୋଗୁ ମୁଁ ବହୁତ କମ୍ ବୟସରେ ଶୀଘ୍ର କଥା କହିପାରିଥିଲି। ଛୋଟବେଳେ ମା', ବାପା ପାଖରୁ ପୁରାଣ ଶୁଣି ଶୁଣି ୧୦ମାସ ବୟସରେ ପୂରା କଥା କହିବା ଆରମ୍ଭ କରି ଦେଇଥିଲି। ଏହାଛଡ଼ା ବାହାର ଦୁନିଆରେ ମୋର ଗୁରୁ ହେଉଛନ୍ତି ବିଜୟ ସାହୁ। ତାଙ୍କ ପାଖରେ ମୁଁ କ୍ଲାସ୍ ୬ରୁ ଟ୍ୟୁସନ୍ ଆରମ୍ଭ କରିଥିଲି। ତାଙ୍କ ପାଇଁ ମୋ ଜୀବନରେ ଏକ ପରିବର୍ତ୍ତନ ଆସିଥିଲା। ତାଙ୍କ ପାଇଁ ମୁଁ ଶୀଘ୍ର ଲେଖିବା ଶିଖିଥିଲି, ଯାହା ବର୍ତ୍ତମାନ ମୋତେ ମୋର ପ୍ରଫେଶନାଲ ଲାଇଫ୍‌ରେ ସହଯୋଗ କରୁଛି। ତାଙ୍କ ପାଇଁ ମୁଁ ଯୁକ୍ତ୨ରେ ସଂସ୍କୃତରେ ଗୋଲ୍ଡ ମେଡାଲ ପାଇଥିଲି। ଏହାଛଡ଼ା ସାହିତ୍ୟକୁ ମୁଁ ପସନ୍ଦ କରୁ ନ ଥିବା ବେଳେ ତାଙ୍କ ପାଖରେ ପଢ଼ିବା ପରେ ସାହିତ୍ୟ ପ୍ରତି ମୋର ଆଗ୍ରହ ବଢ଼ିଥିଲା। ତେଣୁ ଗୁରୁ ଦିବସ ଅବସରରେ ବିଜୟ ସାରଙ୍କୁ ଏତିକି କହିବି, ଆପଣ ଜାଣି ନାହାନ୍ତି ଯେ ଆପଣ ମୋ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ପାଇଁ ମୋ ଜୀବନରେ ଯେଉଁ ପରିବର୍ତ୍ତନ ହୋଇଛି ତାହା ଅବର୍ଣ୍ଣନୀୟ। ଆପଣଙ୍କ ଶିକ୍ଷା ଗ୍ରହଣ ଶୈଳୀ ଅନେକ ଭଲ ଭଲ ଛାତ୍ରୀଛାତ୍ର ସୃଷ୍ଟି କରୁ।

**– ଶୋଭନା ମିଶ୍ର, ଉପସ୍ଥାପିକା**

## ସାଇ ମୋର ପ୍ରଥମ ଗୁରୁ



ସାଇବାବାଙ୍କୁ ମୁଁ ମୋର ପ୍ରଥମ ଗୁରୁ ମାନେ। କେବଳ ମୁଁ ନୁହେଁ, ମୋ ପରିବାରର ସମସ୍ତେ ସାଇବାବାଙ୍କୁ ଗୁରୁ ମାନନ୍ତି। ସାଇଙ୍କ ଆଦର୍ଶରେ ମୁଁ ଅନୁପ୍ରାଣିତ ହୁଏ। ତାଙ୍କ ବହି ସବୁଦିନ ପଢେ ଓ ତାଙ୍କ ଜୀବନ ସଂଘର୍ଷ ମୋତେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁପ୍ରାଣିତ କରେ। ମୋ ବାବା ମା'ଙ୍କୁ ମୁଁ ଦ୍ୱିତୀୟ ଗୁରୁ ମାନେ। ପ୍ରତି ମୁହୂର୍ତ୍ତରେ ସେମାନେ ଆମକୁ ଭଲ ବାଟ ଦେଖାଇଥାନ୍ତି। ମୋ ବାବା ମା' ଦୁଇଜଣ ମୋ ସାଙ୍ଗଭଳି। ସେମାନଙ୍କ ସହ ମୁଁ ସବୁକିଛି ଶେୟାର କରିପାରେ। ଯେବେ ବି ଆବଶ୍ୟକ ପଡ଼େ ସେମାନେ ମୋତେ ଗାଇଡ୍ କରନ୍ତି, ରାଗନ୍ତି ଓ ଗାଳି କରନ୍ତି ହେଲେ ତା' ପରେ ଭଲଭାବେ ବୁଝାନ୍ତି। ଏହି ଗୁରୁ ଦିବସ ମୁଁ ମୋ ବାବା ମା'ଙ୍କୁ ଡେଡିକେଟ୍ କରିବି। ସେମାନେ ମୋତେ ଶିକ୍ଷା ଦେଇଛନ୍ତି, ଯୋଗ୍ୟ କରିଛନ୍ତି ଓ ଆଜି ମଣିଷ କରିଛନ୍ତି।

**– ଅନ୍ତରା ଚକ୍ରବର୍ତ୍ତୀ, କଣ୍ଠଶିଳ୍ପୀ**

## ଜୀବନର ସ୍ଥାୟୀ ଶିକ୍ଷକ ହେଲେ ମା'



ମୋ ଜୀବନର ପ୍ରଥମ ଶିକ୍ଷକ ହେଲେ ମୋ ମମି। ମୋ ଉପରେ ତାଙ୍କର ଯେତିକି ଭରସା ଅଛି ଦୁନିଆରେ ଆଉ କାହାର ନାହିଁ। ସେ ମୋ ପାଖରେ ରହିଲେ ମୁଁ ସବୁକିଛି କାମ କରିପାରେ। ଅସମ୍ଭବ ବି ସମ୍ଭବ ହୋଇଯାଏ। ୧୦ମ ଯାଏ ସେ ମୋତେ ଓ ଭଉଣୀକୁ ପାଠ ପଢାଇଛନ୍ତି। ଆମେ କେବେ ବି ଟ୍ୟୁସନ୍ ଉପରେ ନିର୍ଭର କରିନୁ। ସବୁବର୍ଷ ଆମେ ପ୍ରଥମେ ଆମ ମାମାଙ୍କୁ ଟିଚର୍ସ ଡେ' ୱିଶ୍ କରୁ। କେବଳ ପାଠପଢା ନୁହେଁ, ମୋ ଡ୍ୟାନ୍ସ ଶିଖିବାଠାରୁ ଆରମ୍ଭକରି ଫିଲ୍ମରେ ଅଭିନୟ କରିବା ପର୍ଯ୍ୟନ୍ତ, ସବୁବେଳେ ତାଙ୍କ ଉପସ୍ଥିତି ମୋତେ ଦରକାର ପଡ଼େ। ଶୁଟିଂ ବେଳେ ସିଏ ମୋ ପାଖରେ ରହିଲେ ଭଲ କରିବାକୁ ମୋ ଆତ୍ମବିଶ୍ୱାସ ବଢିଯାଏ। ସବୁ ଷ୍ଟେପ୍‌ରେ ଓ ସବୁ ସମୟରେ ସେ ହିଁ ମୋ ଗୁରୁ। ଜୀବନର ଯଦି କିଏ ଚିରସ୍ଥାୟୀ ଶିକ୍ଷକ ଥାନ୍ତି ସେ ହେଲେ ମା'।

**– ପୁନମ ମିଶ୍ର, ଅଭିନେତ୍ରୀ**

**ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ବହୁ ପ୍ରାଚୀନ। ଗୁରୁ ସବୁବେଳେ ନମସ୍ୟ। ଜୀବନର ଚଲାପଥରେ କିଏ କାହାକୁ କେଉଁ ଅବସ୍ଥାରେ ଗୁରୁ ଭାବେ ଗ୍ରହଣ କରନ୍ତି ତାହା କେବଳ ସେହି ବ୍ୟକ୍ତିବିଶେଷଙ୍କ ଉପରେ ହିଁ ନିର୍ଭର କରିଥାଏ। କେତେକ ନିଜ ମା' ବାପାଙ୍କୁ ଜୀବନର ଶ୍ରେଷ୍ଠ ଗୁରୁ ବୋଲି ମାନୁଥିବାବେଳେ ଆଉ କେତେକ ଯାହାଙ୍କ ଠାରୁ ଶିକ୍ଷା ଗ୍ରହଣ କରିଛନ୍ତି ସେମାନଙ୍କୁ ଗୁରୁ ବୋଲି ମାନୁଛନ୍ତି। ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ଏହିଭଳି କିଛି ବ୍ୟକ୍ତି ବିଶେଷଙ୍କ ମତକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା।**

## ଗୁରୁଙ୍କୁ ଆଦର କରିବା ଉଚିତ



ସ୍କୁଲ ପାଠ ପଢ଼ାଠାରୁ ଆରମ୍ଭ କରି ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମୋର ଗୁରୁ ରହିଛନ୍ତି। ସବୁ ଗୁରୁଙ୍କ ଠାରୁ କିଛି ନା କିଛି ଶିକ୍ଷା ଲାଭ କରିଛି। ତେବେ ମୋର ଗୁରୁ ଫିଲ୍ମ ପ୍ରଯୋଜକ ତଥା ନିର୍ଦ୍ଦେଶକ ସ୍ୱର୍ଗତ ହର ପଟ୍ଟନାୟକଙ୍କୁ ମୁଁ ସବୁ ବେଳେ ମନେ ପକାଏ। କାରଣ ତାଙ୍କରି ପାଇଁ ମୁଁ ଏହି ଚଳଚ୍ଚିତ୍ର ଜଗତକୁ ଆସିପାରିଛି। ତାଙ୍କଠାରୁ ଅଭିନୟ ବିଷୟରେ ବହୁତ କିଛି ଶିଖିଛି। ଆହୁରି କିଛି ଶିଖିବାର ମଧ ଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ପୂରଣ ହୋଇପାରିଲାନି। କେବଳ ଗୁରୁ ଦିବସ ନୁହେଁ, ଶୁଟିଂ ଶେଟ୍‌ରେ ମୋର ଶୁଟ୍ ଆରମ୍ଭ ହେଲେ ମୁଁ ତାଙ୍କୁ ମନେପକାଏ। ଶୁଟିଂ ପୂର୍ବରୁ କ୍ୟାମେରାକୁ ନମସ୍କାର କରିବା ବେଳେ ମୁଁ ହର ସାରଙ୍କୁ ମଧ ମନେପକାଇ ନମସ୍କାର କରିଥାଏ। ଗୁରୁ ଭଳି ସେ ମୋତେ ଯେଉଁ ଶିକ୍ଷା ଦେଇଛନ୍ତି ତାହା ଚିରସ୍ମରଣୀୟ ହୋଇ ରହିବ। ଗୁରୁଦିବସ ଅବସରରେ କହିବି, ଗୁରୁଙ୍କୁ ଆଦର କରନ୍ତୁ। ସମସ୍ତେ ଗୁରୁଙ୍କ ଛାତ୍ର ହୋଇ ରହିବା ପାଇଁ ଚେଷ୍ଟା କରନ୍ତୁ। କାରଣ ତୁମର ପ୍ରତ୍ୟେକ କାମରେ ସେ ଭୁଲ ଠିକ୍ ବାଛି ପାରିବେ।

**– ସ୍ୱରାଜ ବାରିକ, ଅଭିନେତା**

## ଗୁରୁ ଚେତନାର ମୂଳାଧାର



ସୃଷ୍ଟିରେ ଯିଏ ଆମକୁ ଯେକୌଣସି ଅନ୍ଧାରରୁ ବାହାର କରେ ସିଏ ହେଉଛନ୍ତି ଗୁରୁ ପଦବାଚ୍ୟ। ଆଜିକାଲିକା ପିଲା ଭାବୁଛନ୍ତି ଯେଉଁମାନେ ଆମକୁ କେବଳ ପାଠ ପଢାଉଛନ୍ତି, ପୁସ୍ତକଗତ ବିଦ୍ୟା ଦେଉଛନ୍ତି ସେମାନେ ଗୁରୁ। କିନ୍ତୁ ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ କାହାଠାରୁ ନା କାହାଠାରୁ କିଛି ଶିଖିଥାଉ। ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ଅନେକ କଥା ଶିଖିବାକୁ ପାଉ। ଅବଧୂତ ତାଙ୍କ ଜୀବନରେ ୨୪ ଗୁରୁ କରିଥିଲେ। ପ୍ରତ୍ୟକ୍ଷଭାବେ ସେ କାହାଠାରୁ ଜ୍ଞାନ ଆହରଣ କରି ନଥିଲେ। ପରୋକ୍ଷରେ ଯାହାଠାରୁ ଯାହା ଶିଖିବାକୁ ପାଇଥିଲେ, ତାଙ୍କୁ ସେ ଗୁରୁ ଭାବୁଥିଲେ। ସେମିତି ଆମେ ଆମ ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ କାହାଠାରୁ ନା କାହାଠାରୁ ଶିଖୁଛୁ। ସେମାନେ ସମସ୍ତେ ଗୁରୁ ପଦବାଚ୍ୟ। ଗୁରୁ ଏକ ମହାଚେତନା। ଗୁରୁ ଏକ ଭାବ ନୁହେଁ କି ଗୁରୁ ଏକ ଦିବସରେ ସୀମିତ ନୁହେଁ। ଗୁରୁ ଏକ ଚେତନାର ସ୍ୱରୂପ। ମୋ ଗୁରୁ ମୋତେ କହିଥିଲେ ସାରା ଜୀବନ ଶିଷ୍ୟ ହୋଇ ରହିବାକୁ। ଆଜି ବି ମୁଁ ନିଜକୁ ଶିଷ୍ୟ ଭାବୁଛି ଓ ଆଗକୁ ବି ଭାବିବି।

**– ଡ. ଶ୍ରୀନିବାସ ଘଟୁଆରୀ,**
**ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ସଂଯୋଜକ**

## ବାପା ଆଜି ନାହାନ୍ତି, ହେଲେ ତାଙ୍କ ଆଦର୍ଶ ଅଛି



ମୋ ବାପା ମୋ ଜୀବନର ସବୁଠାରୁ ଭଲ ଶିକ୍ଷକ। କେବଳ ଏହି ଗୁରୁ ଦିବସ ନୁହେଁ, ଜୀବନର ପ୍ରତି ଗୁରୁ ଦିବସକୁ ମୁଁ ତାଙ୍କ ନାମରେ କରୁଛି। ସମସ୍ତଙ୍କ ଜୀବନରେ ବାପା, ମା' ସବୁବେଳେ ପ୍ରଥମ ଶିକ୍ଷକ ହୋଇଥାନ୍ତି। ହେଲେ ମୋ ଜୀବନରେ ମୋ ବାପା ମୋର ରୋଲ୍ ମଡେଲ। ସେ କେବଳ ମୋର ବୋଲି କହୁନି, ତାଙ୍କ ଆଦର୍ଶ, ତାଙ୍କ ନୀତି ସବୁବେଳେ ମୋତେ ଉଚିତ ବାଟ ଦେଖାଇଛି। ମୁଁ ଯାହା ବି କରିବାକୁ ଚାହିଁଛି ସେ ସମର୍ଥନ କରିଛନ୍ତି। ମୋ ସ୍ୱପ୍ନକୁ ଅନୁକରଣ କରିବାକୁ ଓ ତାକୁ ପୂରା କରିବାକୁ ମୋ ସହ ରହିଛନ୍ତି ଓ ସମସ୍ତ ପ୍ରକାର ସ୍ୱାଧୀନତା ଯୋଗାଇ ଦେଇଛନ୍ତି। ଓଡ଼ିଆ ବ୍ରାହ୍ମଣ ପରିବାରରୁ ହୋଇ ମିସ୍ ଇଣ୍ଡିଆ ଭଳି ପାଜେଣ୍ଟରେ ଭାଗନେବା ଓ ମଡେଲିଂ କରିବା କେବେ ମୋ ପାଇଁ ସହଜ ନଥିଲା। ହେଲେ ସେ ମୋ ସହ ଛିଡା ହୋଇଥିଲେ ଓ ମୋତେ ବିଶ୍ୱାସ କରିଥିଲେ। ୩ମାସ ତଳେ ମୁଁ ତାଙ୍କୁ ସବୁଦିନ ପାଇଁ ହରାଇଦେଇଛି ସତ ହେଲେ ଶେଷରେ ସେ ମୋତେ କହିଯାଇଥିବା କିଛି ପଦ କଥା ସବୁବେଳେ ମୋ ପ୍ରେରଣା ହୋଇ ସାଙ୍ଗରେ ରହିଯାଇଛି।

**– ପୂଜା ମିଶ୍ର, ମିସ୍ ଇଣ୍ଡିଆ ଫାଇନାଲିଷ୍ଟ**

## ଗୁରୁ ହେବା ଭାବନା ରଖନ୍ତୁ ଶିଷ୍ୟ



ବଦଳିଛି ସମୟ। ପରିବର୍ତ୍ତନ ଆସିଛି ଶିକ୍ଷା ବ୍ୟବସ୍ଥା ଏବଂ ଶୈକ୍ଷିକ ପରମ୍ପରାରେ। ତଥାପି ଆଜି ବି ଗୁରୁ-ଶିଷ୍ୟ ମଧ୍ୟରେ ଥିବା ସମ୍ପର୍କ ଉଜ୍ଜିବୀତ ହୋଇରହିଛି। ମାତୃଗର୍ଭରୁ ଶ୍ମଶାନ ପର୍ଯ୍ୟନ୍ତ ଜୀବନର ସହଚର ହେଉଛି ଶିକ୍ଷା। ପ୍ରତ୍ୟେକଙ୍କ ପାଇଁ ଶିକ୍ଷା ଗ୍ରହଣ କରିବା ଅପରିହାର୍ଯ୍ୟ। ଯିଏ ଶିକ୍ଷା ଦିଏ ସେ ଗୁରୁ ଏବଂ ଯିଏ ଶିକ୍ଷା ଗ୍ରହଣ କରେ ସେ ଶିଷ୍ୟ। ଏହିଦୃଷ୍ଟିରୁ ମାତୃଗର୍ଭରୁ ହିଁ ଶିକ୍ଷାର ଆରମ୍ଭ ହୋଇସାରିଥାଏ। ଏହା ଘର, ପରିବାର, ସାଙ୍ଗସାଥୀ, ପରିବେଶ, ଶିକ୍ଷାୟତନ ଦେଇ ଶ୍ମଶାନରେ ଶେଷ ହୁଏ। ପ୍ରତି ଶିଷ୍ୟ ଭବିଷ୍ୟତରେ ଗୁରୁ ହେବା ଭାବନା ରଖିଲେ ସମାଜରେ ନିଶ୍ଚିତ ସକାରାତ୍ମକ ପରିବର୍ତ୍ତନ ଆସିବ।

**–ଅବିନାଶୀ ବାବା,**
**କୌପିନଧାରୀ ମହିମା ସମାଜ ପରିଚାଳକ**

# ନିଜ କଥା

**ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼ ରୋମିଓ ମହାପାତ୍ର**

# ବାପା ହିଁ ମୋର ଆଦର୍ଶ

ହୋଟେଲ, ଢାବା, ଗ୍ୟାରେଜରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରନ୍ତି ବୋଲି ତାଙ୍କୁ କିଏ କହେ 'ଛୁଆଧରା ଅଫିସର' । ବାଲ୍ୟ ବିବାହକୁ ବନ୍ଦ କରି ନାବାଳିକାଙ୍କୁ ଉଦ୍ଧାର କରୁ ଥିବାରୁ ତାଙ୍କୁ କେହି କେହି 'ଘର ଭଙ୍ଗା ଅଫିସର' ବୋଲି ଆକ୍ଷେପ କରନ୍ତି। ହେଲେ ସରକାରୀ କାଗଜପତ୍ରରେ ତାଙ୍କ ପରିଚୟ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼। ନାଁ ତାଙ୍କର ରୋମିଓ ମହାପାତ୍ର । ଜନ୍ମ ରାଉରକେଲାରେ । ଏକଧାରରେ ସେ ଜଣେ ଅଭିନେତା, ନିର୍ଦ୍ଦେଶକ ମଧ୍ୟ । ତାଙ୍କ ନିର୍ଦ୍ଦେଶିତ ଓ ଅଭିନୀତ ମଞ୍ଚ ନାଟକ ମଧ୍ୟରୁ ଅକ୍ଟୋପସ, ଚାରିଛକ, ଧୁନ୍ଦି, ଅନ୍ତରଦ୍ୱନ୍ଦ୍ୱ ଆଦି ପୁରସ୍କୃତ । ଦୂରଦର୍ଶନ ଟେଲିସିରିଏଲ 'ରୂପାଜହ୍ନ' ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଆଦିଭୂମି'ରେ ସେ ଅଭିନୟ କରି ବହୁ ପ୍ରଶଂସା ସାଉଁଟିଛନ୍ତି। ଏଥର ନିଜ କଥା ସ୍ତମ୍ଭରେ ତାଙ୍କ ନିଜ କଥା... ।

**ପ୍ରଥମ ଚାକିରି ସମ୍ପର୍କରେ କ'ଣ କହିବେ?**
- ହିମାଚଳ ପ୍ରଦେଶ ଶିମ୍ଲାର ଏକ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲି । ଯେଉଁଠି ପ୍ରଥମ ଶ୍ରେଣୀରୁ +୨ ପର୍ଯ୍ୟନ୍ତ ପିଲାମାନେ ପଢୁଥିଲେ। ସେଠାରୁ ଓଡ଼ିଶା ଫେରିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ ଦେବଗଡ଼ରେ ଆଜି କାମ କରୁଛି।

**ପ୍ରଥମ ଦରମା କ'ଣ କରିଥିଲେ?**
- କିଛି ଖର୍ଚ୍ଚ କରିଥିଲି, ଆଉକିଛି ମା'ଙ୍କ ପାଖକୁ ମନି ଅର୍ଡର କରି ପଠାଇ ଥିଲି।

**ଆପଣଙ୍କ ଆଦର୍ଶ କିଏ ?**
- ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଓ କ୍ରୀଡ଼ାବିତ୍ ତଥା ଜାତୀୟ ନାଟ୍ୟରତ୍ନ ମୋ ବାପା ହେମନ୍ତ ମହାପାତ୍ର ହିଁ ମୋର ଆଦର୍ଶ । କୌଣସି ପରିସ୍ଥିତିରେ ସେ ହାରି ନ ଯାଇ ନିର୍ଭୀକ ଭାବେ ଲଢ଼ିବାକୁ ପସନ୍ଦ କରନ୍ତି। ତାଙ୍କର ସେହି ଗୁଣ ମତେ ପ୍ରଭାବିତ କରେ।

**କଳା ପ୍ରତି ରୁଚି ରଖନ୍ତି ?**
- ମଞ୍ଚ ନାଟକ, ଟେଲି ସିରିଏଲ, ଫିଲ୍ମ ପାଇଁ ସମୟ ଓ ସୁଯୋଗ ପାଇଲେ ଅଭିନୟ କରେ, ନାଟକ ରଚନା ଓ ନିର୍ଦ୍ଦେଶନା ଦିଏ ।

**ଗୀତ ଶୁଣିବାକୁ ପସନ୍ଦ କରନ୍ତି ?**
- ପୁରୁଣା ଫିଲ୍ମ ଗୀତ ଓ ଗଜଲ ଭଲଲାଗେ ।

**ସିନେମା ଦେଖନ୍ତି କି, କେଉଁ ପ୍ରକାର ଫିଲ୍ମ ଭଲ ଲାଗେ?**
- ହିଁ। ହିନ୍ଦୀ ଫିଲ୍ମ ସୋଲେ, ଓଡ଼ିଆରେ ଧଉଳି ଏକ୍ସପ୍ରେସ ଓ ଇଂଲିଶରେ ଟାଇଟାନିକ ମୋ ପ୍ରିୟ ସିନେମା ।

**ବ୍ୟସ୍ତବହୁଳ ଜୀବନରେ ସମୟ ମିଳିଲେ କ'ଣ କରନ୍ତି?**
- ମୋ କୁନି ଝିଅ ସହ ଖେଳେ। ପୁରୁଣା ବନ୍ଧୁଙ୍କ ସହ କଥା ହୁଏ।

**ପରିବାରେ କିଏ କିଏ ଅଛନ୍ତି?**
- ବାପା ମାଆ, ଭଉଣୀ,ସହଧର୍ମିଣୀ ଓ ଗୋଟେ କୁନି ଝିଅ।

**ଆପଣଙ୍କ ରୁଚି ?**
- ଗିଟାର ବଜାଇବା

**ପୁସ୍ତକ ପଢ଼ିବାକୁ ଭଲ ପାଆନ୍ତି କି ?**
- ଜମା ନୁହେଁ।

**ଟିଭି ଦେଖନ୍ତି ?**
- ସାବଧାନ ଇଣ୍ଡିଆ, କିଛି ରିୟଲିଟି ଶୋ' ଓ ନ୍ୟୁଜ୍ ଦେଖେ।

**ଛାତ୍ର ଜୀବନର କିଛି ଅନୁଭୂତି ?**
- କଲେଜରେ ପଢ଼ିବା ବେଳେ ସ୍ମୃତି ନାମୀ ଜଣେ ବାନ୍ଧବୀଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇବାକୁ ଫୋନ କଲି। ତାଙ୍କ ବାପା ଫୋନ ଉଠାଇ ସେପଟୁ ପ୍ରଶ୍ନ କଲେ– କିଏ କହୁଛ ? ମୁଁ ଉତ୍ତର ଦେଲି– ରେମିଓ କହୁଛି । ମୋ ନାମ ଶୁଣି ମଉସା ଭାବି ନେଲେ ଯେ କେହି ଜଣେ ରୋଡ ରୋମିଓ ଝିଅକୁ ଫୋନ୍‌ରେ ହଇରାଣ କରୁଛି। ବାସ୍ ତା'ପରେ ଚେତାବନୀ ସାଙ୍ଗକୁ ମୋ ଉପରେ ଗାଳି ବର୍ଷଣ ହେଲା । ଛାତ୍ର ଜୀବନରେ ମୋ ନାଁ ପାଇଁ ବେଳେ ବେଳେ ଏମିତି ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇଛି।

**ଏଭଳି କିଛି ସ୍ମୃତି ଚିର ସ୍ମରଣୀୟ**
- ୨୦୦୨ ମସିହା କଥା । ଖୋର୍ଦ୍ଧାରେ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ମୋ ନିର୍ଦ୍ଦେଶିତ ଓ ଅଭିନୀତ ନାଟକ 'ଧୁନ୍ଦି'କୁ ବିଭିନ୍ନ ବର୍ଗରେ ସର୍ବମୋଟ ୯ ଟି ପୁରସ୍କାର ମିଳିଥିଲା। ମୁଁ ନିଜେ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲି। ମୁଖ୍ୟଅତିଥି ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କଠାରୁ ମୁଁ ବାରମ୍ବାର ପୁରସ୍କାର ଗ୍ରହଣ କରୁଥିଲି । ପୁଣିଥରେ ଯେତେବେଳେ ମୁଁ ପୁରସ୍କାର ଗ୍ରହଣ କରିବାକୁ ମଞ୍ଚ ଉପରକୁ ଗଲି ସେ ଥଟ୍ଟାରେ ଆଉ ପୁରସ୍କାର ଦିଆଯିବ ନାହିଁ ବୋଲି କହିଥିଲେ। ମୁଁ ମଞ୍ଚରୁ ଓହ୍ଲାଇ ଆସିବା ପରେ, ନିଜେ ମଞ୍ଚ ତଳକୁ ଆସି ମତେ କୁଣ୍ଢେଇଧରି ପୁରସ୍କାର ମୋ ହାତରେ ଧରାଇ ଦେଇ କହିଥିଲେ ''ତୁମ ଦାଢ଼ିକୁ ମୋ ଦାଢ଼ି, ଆସ ହେବା ଭିଡ଼ାଭିଡ଼ି''।



–ଶଶାଙ୍କ ଶେଖର ଝାଙ୍କର

# ଟ୍ରେଣ୍ଡ୍

# ଏଜୁକେଶନ ଟୁରିଜମ୍ ନୂଆ ସୁଯୋଗ

ଭାରତରେ ଏବେ ୧୦,୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ୩୮ ଲକ୍ଷରୁ ଅଧିକ ସିଟ୍ ରହିଛି। ଇଞ୍ଜିନିୟରିଂ, ଆର୍କିଟେକ୍ଟର, ମ୍ୟାନେଜମେଣ୍ଟ, ଫାର୍ମାସୀ, ଆର୍ଟ ଆଣ୍ଡ୍ କ୍ରାଫ୍ଟ ପରି ବିଷୟରେ ଅତି ବେଶିରେ ୨୦ ଲକ୍ଷ ସିଟ୍‌ରେ ନାମଲେଖା ହେଉଛି। ଆହୁରି ୧୮ ଲକ୍ଷ ସିଟ୍ ଖାଲିପଡୁଛି। ଏଭଳିସ୍ଥଳେ ବିକଶିତ ରାଷ୍ଟ୍ର ଭଳି ଏଜୁକେଶନ ଟୁରିଜମ୍ ମାଧ୍ୟମରେ ବିଦେଶୀ ଛାତ୍ରୀଛାତ୍ରଙ୍କୁ ଭାରତ ପ୍ରତି ଆକୃଷ୍ଟ କରିବାର ପ୍ରୟାସ କରାଯାଉଛି। ଏବେ ବିଦେଶରୁ ମାତ୍ର ୩୦ରୁ ୩୫ ହଜାର ଛାତ୍ରୀଛାତ୍ର ଭାରତକୁ ପଢ଼ିବାକୁ ଆସୁଛନ୍ତି। ଅନ୍ୟପକ୍ଷରେ ଭାରତରୁ ଲକ୍ଷାଧିକ ଛାତ୍ରୀଛାତ୍ର ବିଦେଶକୁ ଶିକ୍ଷାଲାଭ ପାଇଁ ଯାଉଛନ୍ତି। ଆଉ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ଦେଶରେ ଏଜୁକେଶନ ଟୁରିଜମ୍‌ର ବ୍ୟାପକତା ଉପରେ ଗୁରୁତ୍ୱ ଦେଉଛନ୍ତି। ଭାରତଠାରୁ ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ଦୁର୍ବଳ ଥିବା ଦେଶରେ ରୋଡ୍ ଶୋ' କରାଯାଇ ଭାରତରେ ଶିକ୍ଷା କ୍ଷେତ୍ରରେ ଥିବା ସୁଯୋଗ ସମ୍ପର୍କରେ ଅବଗତ କରାଯିବା ସହ ଏହାର ଭିତ୍ତିଭୂମି ସମ୍ପର୍କରେ ବିଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ସୂଚନା ଦିଆଯାଉଛି। ବିଶେଷକରି ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସୀ ଓ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଭଳି ପାଠ୍ୟକ୍ରମ ଅଧିକ ଫୋକସ୍‌ରେ ରହିଛି। ଗତ କିଛିବର୍ଷ ମଧ୍ୟରେ ଭାରତରେ ମେଡିକାଲ ଟୁରିଜମ୍ ଯେପରି ଲୋକପ୍ରିୟତା ହାସଲ କରିଛି ଠିକ୍ ସେଭଳି ଏଜୁକେଶନ ଟୁରିଜମ୍ ବା ଶିକ୍ଷା ପର୍ଯ୍ୟଟନ ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଭାରତ ଆସୁଥିବା ୩୦ ହଜାର ଛାତ୍ରୀଛାତ୍ର ଆଗାମୀ ୫ ବର୍ଷ ମଧ୍ୟରେ କିଭଳି ୫ ଲକ୍ଷ ଟପିବ ତାହା ଉପରେ ଜୋର୍ ଦିଆଯାଉଛି।

କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ଏହାଦ୍ୱାରା ଦେଶ ଓ ରାଜ୍ୟର ସଷ୍ଟେନେବଲ୍ ଟୁରିଜମ୍ ବା ଦୀର୍ଘସ୍ଥାୟୀ ପର୍ଯ୍ୟଟନର ବିକାଶ ଘଟିବ। ଏଜୁକେଶନ ଟୁରିଜମ୍ ବ୍ୟାପକ ହେବାପରେ ଓଡ଼ିଶା ମଧ ବିଶେଷଭାବେ ଉପକୃତ ହେବ। ଭୁବନେଶ୍ୱର ପୂର୍ବ ଭାରତର ଶିକ୍ଷା ହବ୍ ଭାବେ ଲୋକପ୍ରିୟତା ଅର୍ଜନ କରିଛି। ଶତାଧିକ ଇଞ୍ଜିନିୟରିଂ କଲେଜ ସହ ସରକାରୀ ଓ ବେସରକାରୀ ମେଡିକାଲ କଲେଜ, ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, ଏମ୍‌ସ, ଆଇଆଇଟି, ନାଇଜର୍, ଏନ୍‌ଆଇଟି, ଆଇଆଇଏମ୍‌ସି ଭଳି ବହୁ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ ଓଡ଼ିଶାରେ ରହିଛି। ସେହିଭଳି ଓଡ଼ିଶାରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଏବେ ମାତ୍ର ୩୦ ପ୍ରତିଶତ ସିଟ୍ ପୂରଣ ହେଉଥିବା ବେଳେ ୭୦ ପ୍ରତିଶତ ସିଟ୍ ଖାଲିପଡୁଛି। ଏଭଳିସ୍ଥଳେ ରାଜ୍ୟ ସରକାର ଯଦି ଶିକ୍ଷା ପର୍ଯ୍ୟଟନକୁ ଗୁରୁତ୍ୱ ଦିଅନ୍ତି ତା'ହେଲେ ଖାଲି ପଡ଼ିଥିବା ସିଟ୍ ପୂରଣ ହେବା ସହ ରାଜ୍ୟରେ ଦୀର୍ଘସ୍ଥାୟୀ ପର୍ଯ୍ୟଟନର ବିକାଶ ହୋଇପାରିବ।

–ସସ୍ମିତା ପାଇକରାୟ



ମେଡିକାଲ ଟୁରିଜମ୍, ରିକ୍ରିଏଶନାଲ ଟୁରିଜମ୍, ଆଡ୍‌ଭର ଟୁରିଜମ୍, କନ୍‌ଫରେନ୍ସ ଟୁରିଜମ୍, ଏଜୁକେଶନ ଟୁରିଜମ୍, ସ୍ପୋର୍ଟସ୍ ଟୁରିଜମ୍ ଏବେ ବିଶେଷ ଲୋକପ୍ରିୟତା ହାସଲ କରିଛି। କେବଳ ଆମୋଦ ପ୍ରମୋଦରେ ସୀମିତ ରହିଯାଉଥିବା ପର୍ଯ୍ୟଟନ କ୍ଷେତ୍ର ବି ବ୍ୟାପକ ହୋଇଛି। ଟୁରିଜମ୍ ଇଣ୍ଡଷ୍ଟ୍ରିକୁ ଆସୁଛି ନୂଆ ନୂଆ କନ୍‌ସେପ୍ଟ, ସୃଷ୍ଟି ହେଉଛି ନୂଆ ନୂଆ କ୍ଷେତ୍ର। ଏହାମଧ୍ୟରେ ସବୁଠୁ ଆଗରେ ରହିଛି ମେଡିକାଲ ଓ ଏଜୁକେଶନ ଟୁରିଜମ୍।

## ବେଦ, ଆୟୁର୍ବେଦ, ସଂସ୍କୃତ ଶିକ୍ଷା ଆମର ସ୍ୱତନ୍ତ୍ରତା

ଭୁବନେଶ୍ୱରକୁ ପୂର୍ବ ଭାରତର ଏଜୁକେଶନ ହବ୍ ବୋଲି କୁହାଯାଏ। ତେଣୁ ଏଜୁକେଶନ ଟୁରିଜିମ୍ ପାଇଁ ଆମ ପାଖରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏଠାରେ ଥିବା ଶତାଧିକ ଘରୋଇ ଏବଂ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନରେ ରାଜ୍ୟ ଏବଂ ଦେଶ ବାହାରୁ ଆସି ଛାତ୍ରୀଛାତ୍ରମାନେ ଶିକ୍ଷାଗ୍ରହଣ କରୁଛନ୍ତି। ବିଶେଷକରି ୬ ମାସିଆ ଓ ବର୍ଷିକିଆ ପାଠ୍ୟକ୍ରମରେ ଅଧିକାଂଶ ବାହାର ଶିକ୍ଷାର୍ଥୀମାନଙ୍କୁ ଦେଖିବାକୁ ମିଳୁଛି। ଏହାବ୍ୟତୀତ ବେଦ, ଆୟୁର୍ବେଦ ଓ ସଂସ୍କୃତ ଶିକ୍ଷା କରିବାକୁ ଭାରତକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ବିଦେଶୀ ଆସିଥାନ୍ତି। ଏହା ଆମର ସ୍ୱତନ୍ତ୍ରତା ଏବଂ ଏହା ମାଧ୍ୟମରେ ଆବେ ବିଦେଶୀଙ୍କୁ ଏଠାକୁ ଆକୃଷ୍ଟ କରିପାରିବା। ଯଦି ଶିକ୍ଷାକ୍ଷେତ୍ରରେ ଆମ ଦେଶରେ ଥିବା ସୁବିଧା ସୁଯୋଗ ସମ୍ପର୍କରେ ବାହାରେ ରୋଡ୍ ଶୋ' କରାଯାଇ ପ୍ରଚାର ପ୍ରସାର କରାଯାଆନ୍ତା ତାହେଲେ ଏଜୁକେଶନ ଟୁରିଜିମ୍ ପାଇଁ ଅଧିକ ସୁଯୋଗ ସୃଷ୍ଟି ହୋଇପାରନ୍ତା।

– ଡ. ସୁନୀଲ ପଟ୍ଟନାୟକ, ଡେପୁଟି ଡାଇରେକ୍ଟର, ଓଡ଼ିଶା ପର୍ଯ୍ୟଟନ

# ଖାଦ୍ୟରୁଚି

# ମାଟିହାଣ୍ଡି ଚିକେନ



ସବୁ ହୋଟେଲ ଓ ରେଷ୍ଟୁରାଣ୍ଟ ଗ୍ରାହକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଏବେ ଭିନ୍ନ ଭିନ୍ନ ଡିଶ୍ ପରଷୁଛନ୍ତି। କିନ୍ତୁ ଲୋକେ ବ୍ରଏଲର ଅପେକ୍ଷା ଦେଶୀ କୁକୁଡ଼ା ମାଂସର ଘର ତିଆରି ତରକାରି ଭଳି ସ୍ୱାଦ ଖୋଜୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବାରିପଦା କେସି ସର୍କଲ ସ୍ଥିତ ହୋଟେଲ ମୟୂରଭଞ୍ଜ ପକ୍ଷରୁ ହୋଟେଲର ଏକବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଡିଶ୍ 'ମାଟି ହାଣ୍ଡି ଚିକେନ' ଗ୍ରାହକଙ୍କୁ ପରଷୁଛନ୍ତି। ମାଟିହାଣ୍ଡିରେ ରୋଷେଇ କରି ମାଟିପାତ୍ରରେ ଏହି ଡିଶ୍‌କୁ ପରଷାଯାଉଛି। ଏହି ଡିଶ୍‌ର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ହୋଟେଲର ମାଷ୍ଟର ସେଫ୍ ରିଜୱାନ୍ ଅହମ୍ମଦ ଅଲି ଖାନ୍ ଯାହା କୁହନ୍ତି..

## ଆବଶ୍ୟକ ସାମଗ୍ରୀ

(ଗୋଟିଏ ପ୍ଲେଟ୍ ପାଇଁ )
- ଦେଶୀ ଚିକେନ୍–୨୫୦ ଗ୍ରାମ୍
- ଆଳୁ–୧୦୦ ଗ୍ରାମ୍
- ପିଆଜ–୧୫୦
- ଅଦା/ରସୁଣ ପେଷ୍ଟ–୭୫ ଗ୍ରାମ୍
- ତେଲ–୧୫୦ ଗ୍ରାମ୍
- ଆବଶ୍ୟକ ଅନୁସାରେ ଜିରାଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଗରମ ମସଲା (ମିକ୍ସ), କଶ୍ମୀରି ପାଉଡ଼ର, ଲୁଣ, ଡାଲଚିନି, ଲବଙ୍ଗ, ତେଜପତ୍ର, ଧନିଆପତ୍ର, କଞ୍ଚାଲଙ୍କା ଓ ଦେଶୀଘିଅ ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍ ଚୁଲାରେ ନିଆଁ ସଂଯୋଗ କରି ତା'ଉପରେ ମାଟିହାଣ୍ଡି ବସାନ୍ତୁ। ହାଣ୍ଡି ଗରମ ହେବା ପରେ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ଡାଲଚିନି, ତେଜପତ୍ର, ଲବଙ୍ଗ ପକାଇ ଭଲକରି ଭାଜି ତାହା ଉପରେ ପୂର୍ବରୁ କିମା କରି ରଖିଥିବା ପିଆଜ ପକାଇ ଭାଜନ୍ତୁ। ପରେ ଚିକେନକୁ ହାଣ୍ଡିରେ ପକାଇବା ପରେ କଟା ଆଳୁ ପକାଇ ଅଳ୍ପ ପାଣି ଦେଇ ଚିକେନକୁ ସିଝାନ୍ତୁ। ଚିକେନ ଭଲ ଭାବେ ସିଝିଲା ପରେ ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଗରମମସଲା (ମିକ୍ସ), ଲୁଣ ଓ କଶ୍ମୀରୀ ପାଉଡ଼ର ପକାଇ ଅଳ୍ପ ସମୟ ପାଇଁ ଭଲଭାବେ ଘାଣ୍ଟନ୍ତୁ। ଏବେ ତିଆରି ହୋଇଗଲା ମାଟି ହାଣ୍ଡି ଚିକେନ୍। ଏହାକୁ ଏକ ମାଟି ପାତ୍ରରେ ଢ଼ାଳି ଧନିଆ ପତ୍ର ଓ ଅଳ୍ପ ଦେଶୀଘିଅ ପକାଇ ପରଷି ଦିଅନ୍ତୁ। ଏହି ଡିଶ୍‌କୁ ଆରାମରେ ଘରେ ତିଆରି କରି ପାରିବେ। ନିଜେ ଖାଇ ଅନ୍ୟମାନଙ୍କୁ ବି ଖୁଆଇ ପାରିବେ। ରିପୋର୍ଟ: ରବି ନାରାୟଣ ଚଲାନ



ମାଷ୍ଟର ସେଫ୍ ରିଜବାନ୍ ଅହମ୍ମଦ ଅଲି ଖାନ

# ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ

smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/category/selfie



ଦେବଦତ୍ତ



ରଞ୍ଜିତ କୁମାର



ରଞ୍ଜିତା



ପ୍ରଜ୍ଞା



ସୋନାଲି



ମଞ୍ଜୁଲତା



ପ୍ରଶାନ୍ତ



ସୁଶାନ୍ତ

“ସଫ୍ଟୱେର ଡିଫାଇଣ୍ଡ ଷ୍ଟୋରେଜ କମ୍ପାନୀ ହେଡ୍‌ଭିଜ୍‌କୁ ୨୨୫ ମିଲିୟନ ଡଲାରରେ ନାସ୍‌ଡାକ୍‌ରେ ତାଲିକାଭୁକ୍ତ କମ୍ପାନୀ କମ୍‌ଭଲ୍ଟ କିଣିଛି।
– ସଞ୍ଜୟ ମିର୍‌ଚନ୍ଦାନୀ, କମ୍‌ଭଲ୍ଟ ସିଇଓ



“କ୍ୟାନ୍‌ସର ଚିକିତ୍ସାରେ ବ୍ୟବହାର ଲାଗି ଔଷଧ ନିର୍ମାତା ଲୁପିନ ପକ୍ଷରୁ ପ୍ରସ୍ତୁତ ନୂଆ ଔଷଧର ପ୍ରସାର ଲାଗି ଜର୍ମାନ କମ୍ପାନୀ ବୋଏରିଙ୍ଗର ସହ ଚୁକ୍ତି କରିଛି।
– ନିଲେଶ ଗୁପ୍ତା, ଲୁପିନ ଏମ୍‌ଡି



## ସଂକ୍ଷେପରେ

### ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇର ନିର୍ଦ୍ଦେଶ
## ସମସ୍ତ ଅସ୍ଥାୟୀ ସୁଧହାରକୁ ରେପୋ ରେଟ୍ ସହ ଯୋଡ଼

**ମୁମ୍ବାଇ,୪-୯:** ବ୍ୟାଙ୍କଗୁଡ଼ିକ ଗୃହ, ଅଟୋ ଓ ପର୍ସନାଲ ଋଣ ଉପରେ ଫିକ୍ସଡ ବା ସ୍ଥାୟୀ ,ଫ୍ଲୋଟିଂ(ଅସ୍ଥାୟୀ) ଓ ଏକ୍ସଟରନାଲ ବେଞ୍ଚମାର୍କ(ମାନବିନ୍ଦୁ) ସୁଧ ହାର ଘୋଷଣା କରିଛନ୍ତି। ଗ୍ରାହକ ନିଜ ପସନ୍ଦ ମୁତାବକ ଋଣ ସୁଧ ହାର ଚୟନ କରନ୍ତି। ତେବେ ଅକ୍ଟୋବର ପହିଲାରୁ ବ୍ୟାଙ୍କଗୁଡ଼ିକ ସମସ୍ତ ଅସ୍ଥାୟୀ ଓ ବେଞ୍ଚମାର୍କ ଆଧାରିତ ସୁଧ ହାରକୁ ରେପୋ ରେଟ୍ ସହ ଯୋଡିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ନିର୍ଦ୍ଦେଶ ଦେଇଛି। ଏହାବ୍ୟତୀତ ରେପୋ ଭଳି ବାହ୍ୟ ବେଞ୍ଚ ମାର୍କ ଅଧୀନରେ ଥିବା ସୁଧ ହାରକୁ ୩ ମାସରେ ଅତିକମ୍‌ରେ ଥରେ ବଦଳାଇବାକୁ ନିର୍ଦ୍ଦେଶରେ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବାରମ୍ବାର ରେପୋ ରେଟ ହ୍ରାସ କରାଯାଇଥିଲେ ସୁଦ୍ଧା ବ୍ୟାଙ୍କଗୁଡ଼ିକ ଏହାର ଫାଇଦା ଗ୍ରାହକଙ୍କ ନିକଟରେ ପହଞ୍ଚାଉ ନ ଥିବାରୁ ଆର୍‌ବିଆଇ କ୍ଷୁବ୍ଧ। ଇତିମଧ୍ୟରେ ଆର୍‌ବିଆଇ ମୋଟ୍‌ରେ ୧.୧୦ ପ୍ରତିଶତ ରେପୋ ରେଟ ହ୍ରାସ କରିସାରିଲେଣି। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ୦.୮୫% ରେପୋ ରେଟ ହ୍ରାସ କରିଛନ୍ତି। ଆର୍‌ବିଆଇର କହିବାନୁଯାୟୀ, ବ୍ୟାଙ୍କଗୁଡ଼ିକ ଅଗଷ୍ଟ ସୁଦ୍ଧା ୦.୩୦ ପ୍ରତିଶତ ସୁଧ ହାର ହ୍ରାସ କରିଛନ୍ତି, ଯାହା କି ଅତ୍ୟନ୍ତ ନଗଣ୍ୟ। ଅନ୍ୟପକ୍ଷରେ ବ୍ୟାଙ୍କଗୁଡ଼ିକ ଯୁକ୍ତି ଦର୍ଶାଇଛନ୍ତି ଯେ, ବକେୟା ଋଣ ମିଳିବା କମ୍ ହେଉଥିବାରୁ ରେପୋ ରେଟ୍ ହ୍ରାସର ଫାଇଦା ଦେବାରେ ବିଳମ୍ବ ହେଉଛି।

### କ୍ଷୁଦ୍ର ବ୍ୟବସାୟୀ ପାଇବେ ଶସ୍ତା ଋଣ

ଅକ୍ଟୋବର ପହିଲାରୁ ବେଞ୍ଚମାର୍କ ଆଧାରିତ ସୁଧ ହାରକୁ ରେପୋ ରେଟ ସହ ଯୋଡିବାକୁ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଫଳରେ କ୍ଷୁଦ୍ର ବ୍ୟବସାୟୀମାନେ ଏଣିକି ଶସ୍ତାରେ ଋଣ ପାଇବେ।

### ବିଏସ୍‌ଏନ୍‌ଏଲ୍‌ର ଖର୍ଚ୍ଚକାଟ ଯୋଜନା
# ୮୦ ହଜାର କର୍ମଚାରୀଙ୍କୁ ଭିଆର୍‌ଏସ୍




**ନୂଆଦିଲ୍ଲୀ,୪-୯:** କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ) ନିଜର ଜମି ଭଡା ଦେଇ ଆୟ ବଢ଼ାଇବାକୁ ପ୍ରୟାସ କରୁଛି। ଅପରପକ୍ଷରେ ଖର୍ଚ୍ଚକାଟ ଜରିଆରେ କ୍ଷତିକୁ ଯଥାସମ୍ଭବ କମାଇବା ଲାଗି ଏହା କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଏବେ ପଦକ୍ଷେପ ନେବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କର୍ମଚାରୀଙ୍କୁ ଆକର୍ଷଣୀୟ ପ୍ୟାକେଜ ପ୍ରଦାନ କରି କମ୍ପାନୀ ସେମାନଙ୍କୁ ଅବସର ନେବାକୁ ପ୍ରସ୍ତାବ ଦେବ। କର୍ମଚାରୀ ସଂଖ୍ୟାକୁ ବର୍ତ୍ତମାନର ସ୍ଥିତିର ଅଧାକୁ ହ୍ରାସ କରିବା ଲକ୍ଷ୍ୟ ରହିଛି। ଏହା ସମ୍ଭବ ହେଲେ ପ୍ରାୟ ୭୦ରୁ ୮୦ ହଜାର କର୍ମଚାରୀଙ୍କୁ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ସ୍କିମ୍ ବା ଭିଆର୍‌ଏସ୍ ପ୍ରଦାନ କରାଯିବ ବୋଲି ବିଏସ୍‌ଏନ୍‌ଏଲ୍ ଅଧ୍ୟକ୍ଷ ପ୍ରବୀଣ କୁମାର ପୁରୱାର ପ୍ରକାଶ କରିଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, କର୍ମଚାରୀ ସଂଖ୍ୟା କମାଇବା ଲକ୍ଷ୍ୟରେ ବିଏସ୍‌ଏନ୍‌ଏଲ୍ ଭିଆର୍‌ଏସ୍ ସମ୍ପର୍କରେ ବିଚାର କରୁଛି। ଏଥିପାଇଁ ପ୍ୟାକେଜକୁ ଆକର୍ଷଣୀୟ କରାଯିବ। ଏତେସଂଖ୍ୟାରେ କର୍ମଚାରୀଙ୍କୁ ବାଦ୍ ଦେବା ପରେ କାମ କିପରି ହେବ ବୋଲି ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, କମ୍ପାନୀ ନିଜର ଦୈନନ୍ଦିନ କାର୍ଯ୍ୟ ତୁଲାଇବା ଲାଗି ଆଉଟସୋର୍ସିଂ କରିବ। ସେହିପରି ଲୋକଙ୍କୁ ମାସିକ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦେବା ଲାଗି ମଧ୍ୟ ବିଚାର ଚାଲିଛି। ଏବେ ସୁଦ୍ଧା ବିଏସ୍‌ଏନ୍‌ଏଲ୍‌ରେ ଯଥେଷ୍ଟ ସଂଖ୍ୟାରେ କର୍ମଚାରୀ ରହିଛନ୍ତି।

### ରାଜସ୍ୱ ଆୟ ପ୍ରାଥମିକତା

ପୁରୱାର କହିଛନ୍ତି ଯେ, ଅନ୍ୟ ଟେଲିକମ କମ୍ପାନୀ ଭଳି ବିଏସ୍‌ଏନ୍‌ଏଲ୍‌କୁ ମଧ୍ୟ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡୁଛି। ସେ କହିଛନ୍ତି ଯେ, ଏହି କାରଣରୁ କମ୍ପାନୀ ପାଇଁ ରାଜସ୍ୱ ଆୟ ବଢ଼ାଇବା ତାଙ୍କର ପ୍ରାଥମିକତା ରହିଛି। ଏଥିଲାଗି କେତେକ ନୀତିଗତ ନିଷ୍ପତ୍ତି ନେବାକୁ ହେବ। ସେହିପରି ଅପରେଶନାଲ ଖର୍ଚ୍ଚ ହ୍ରାସ ଦ୍ୱିତୀୟ ପର୍ଯ୍ୟାୟରେ ହେବ। ସେହିପରି ଏପରି କେତେକ ଖର୍ଚ୍ଚ ରହିଛି, ଯାହାର ପୁନର୍ବିଚାର କରାଯାଇପାରେ। କେତେକ ପଦକ୍ଷେପ ଦ୍ୱାରା ଏହାକୁ ନିୟନ୍ତ୍ରିତ କରାଯାଇପାରେ। ଆଉଟସୋର୍ସିଂକୁ କମାଯାଇପାରେ। ଏହା କିପରି ସମ୍ଭବ ହେବ ତାହା ଦେଖିବାକୁ ହେବ। ଏ କ୍ଷେତ୍ରରେ କମ୍ପାନୀରେ ଥିବା ପ୍ରତିଭାଶାଳୀ କର୍ମଚାରୀଙ୍କ ସହାୟତା ନିଆଯାଇପାରେ। ବିଏସ୍‌ଏନ୍‌ଏଲର ବିଜୁଳି ଖର୍ଚ୍ଚ ସର୍ବାଧିକ। ଏ ବାବଦରେ ପ୍ରାୟ ୨୭୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏଣୁ ଶକ୍ତି ବ୍ୟୟ ୧୫% ହ୍ରାସ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

### ଜମିରୁ ମିଳିବ ଅର୍ଥ

ବିଏସ୍‌ଏନ୍‌ଏଲ୍ ନିକଟରେ ବହୁ ଜମି ରହିଛି। କମ୍ପାନୀ ଏହାକୁ ଲିଜ୍ ଅଥବା ଭଡ଼ାରେ ଦେଇ ଅତିରିକ୍ତ ଆୟ କରୁଛି। ବର୍ତ୍ତମାନ ସ୍ଥିତିରେ ବାର୍ଷିକ ପ୍ରାୟ ୨୦୦ କୋଟି ଟଙ୍କା ଆୟ ହେବ ବୋଲି ଆଶାକରାଯାଉଛି। ଆଗାମୀ ଦିନରେ ଏହାକୁ ୧୦୦୦ କୋଟି ଟଙ୍କାକୁ ବୃଦ୍ଧି କରିବାର ଯୋଜନା ରହିଛି। ଆସନ୍ତା ୧୨ରୁ ୧୫ ମାସ ମଧ୍ୟରେ ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯିବ। ଦ୍ୱିତୀୟତଃ କମ୍ପାନୀ ନିକଟରେ ୬୮ ହଜାର ଟାୱାର ରହିଛି। ଅନ୍ୟ ଟେଲିକମ୍ କମ୍ପାନୀଙ୍କୁ ବିଏସ୍‌ଏନ୍‌ଏଲ୍ ଭଡ଼ାରେ ୧୩ରୁ ୧୪ ହଜାର ଟାୱାର ଦେଇଛି। ଟାୱାର ଭଡ଼ା ବଢ଼ାଇବାର ସମ୍ଭାବନା ଖୋଜାଚାଲିଛି। ଏହାଦ୍ୱାରା ଅତିରିକ୍ତ ରାଜସ୍ୱ ଆୟ ହେବ ବୋଲି ପୁରୱାର କହିଛନ୍ତି।

### ଖୁବ୍‌ଶୀଘ୍ର ମିଳିବ ୪ଜି ସ୍ପେକ୍ଟ୍ରମ

ବିଏସ୍‌ଏନ୍‌ଏଲ୍ ଅଧ୍ୟକ୍ଷ କହିଛନ୍ତି ଯେ, କମ୍ପାନୀକୁ ୪ଜି ସ୍ପେକ୍ଟ୍ରମ ନ ମିଳିବା କାରଣରୁ ଏହା ଅନ୍ୟ ଟେଲିକମ୍ କମ୍ପାନୀଙ୍କ ସହ ପ୍ରତିଯୋଗିତାରେ ସାମିଲ ହୋଇପାରୁନାହିଁ। ଏହି କାରଣରୁ କମ୍ପାନୀର କ୍ଷତି ବଢ଼ି ବଢ଼ି ଚାଲିଛି। ୪ଜି ସ୍ପେକ୍ଟ୍ରମ ସେବା ଦେବା ଲାଗି ବିଏସ୍‌ଏନ୍‌ଏଲ୍ ଦୀର୍ଘଦିନ ହେଲା ଦାବିକରିଆସୁଛି। ତେବେ ସରକାରଙ୍କ ସହ ତାଙ୍କର ବିଭିନ୍ନ ସ୍ତରରେ ଆଲୋଚନା ହୋଇଛି ଏବଂ ଖୁବଶୀଘ୍ର କମ୍ପାନୀକୁ ୪ଜି ସ୍ପେକ୍ଟ୍ରମ ମିଳିବ। ଏହା କମ୍ପାନୀ ପୁନରୁଦ୍ଧାର ପ୍ୟାକେଜର ଅଂଶବିଶେଷ ହେବ ବୋଲି ପୁରୱାର କହିଛନ୍ତି।

## ୨୦ ବର୍ଷରେ ପଦାର୍ପଣ କଲା ବିସ୍କଫାର୍ମ



**କଲିକତା, ୪-୯**

ପ୍ରମୁଖ ବେକରି କମ୍ପାନୀ ବିସ୍କ ଫାର୍ମ ଚଳିତ ବର୍ଷ ଅଗଷ୍ଟରେ ୨୦ ବର୍ଷରେ ପଦାର୍ପଣ କରିଛି। ଗ୍ରାହକଙ୍କ ଭଲ ପାଇବା ଲାଭ କରିବା ସହ ଏହା ଦେଶର ୨୦ ରାଜ୍ୟରେ ପ୍ରଡକ୍ଟ ଯୋଗାଉଥିବା ସୂଚନା ଦେଇଛି। ଦେଶର ବେକରୀ ଶିଳ୍ପରେ ଏହା ନୂତନତ୍ୱ ଆଣିବା ଦିଗରେ ଯୋଗଦାନ ଜାରି ରଖିଛି। ବିସ୍କୁଟ, କେକ୍, କୁକିଜ, ରସ୍କ, ସ୍ନାକ୍ସ, ଫିଲଡ ୱାଟର, ଏଥେନିକ ଇଣ୍ଡିଆନ ସ୍ନାକ୍ସ ଭଳି ଅନ୍ୟ କେତେକ ବର୍ଗରେ ୧୪୦ରୁ ଊର୍ଦ୍ଧ୍ୱ ବ୍ରାଣ୍ଡର ପ୍ରଡକ୍ଟ ଉତ୍ପାଦନ କରୁଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଏହା ପ୍ରଡକ୍ଟରେ ଭିନ୍ନତାକୁ ନଜର ରଖିଛି। ଗ୍ରାହକଙ୍କଠାରୁ ଆଦୃତି ଲାଭ କରିଥିବାରୁ କମ୍ପାନୀର ଅଭିବୃଦ୍ଧିରେ ଏହା ସହାୟକ ହେଉଥିବା ସୂଚନା ରହିଛି। କମ୍ପାନୀ ଦେଶର ୫ ପ୍ରମୁଖ ବିସ୍କୁଟ ମାନୁଫାକଚରର ମଧ୍ୟରେ ସ୍ଥାନିତ ହୋଇଛି। ଏହାର ପୂର୍ବାଞ୍ଚଳରେ ୪ ଏବଂ ନାଗପୁରସ୍ଥିତ ଫ୍ୟାକ୍ଟ୍ରିରେ ୬ ହଜାର ଲୋକ କାମ କରୁଛନ୍ତି। ବାଙ୍ଗାଲୋରରେ ନୂଆ ଫ୍ୟାକ୍ଟ୍ରି କାମ ଚାଲୁ ରହିଛି। ୨୦ ବର୍ଷ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ କେ.ଡି. ପଲ୍ କହିଛନ୍ତି, ଗ୍ରାହକଙ୍କ ସନ୍ତୁଷ୍ଟିକୁ କମ୍ପାନୀ ସର୍ବଦା ପ୍ରାଥମିକତା ଦେଇ ଆସିଛି। କମ୍ପାନୀ ନୂତନତ୍ୱ ସହ ଆଗକୁ ବଢିବା ଦିଗରେ ସର୍ବଦା ଧ୍ୟାନ କେନ୍ଦ୍ରିତ କରିଛି। ସୁସ୍ୱାଦୁ ଅଫରିଂ ଦ୍ୱାରା ବଜାରର ଖରାପ ସ୍ଥିତି ସତ୍ତ୍ୱେ ଅଭିବୃଦ୍ଧି କରିବାକୁ ସକ୍ଷମ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏହି ବର୍ଗରେ ଦେଶର ପ୍ରମୁଖ ୩ କମ୍ପାନୀ ମଧ୍ୟରେ ସ୍ଥାନିତ ହେବା ନେଇ ଲକ୍ଷ୍ୟ ରହିଥିବା ସେ କହିଛନ୍ତି।

# ବଜାରରେ ରେନୋର ନୂଆ ଟ୍ରାଇବର

- ବଜାର ଦର ୪.୯୫ ଲକ୍ଷ ଟଙ୍କାରୁ ଆରମ୍ଭ
- ୧.୦ ପେଟ୍ରୋଲ ଇଞ୍ଜିନରେ ଉପଲବ୍ଧ




**ଭୁବନେଶ୍ୱର, ୪-୯(ବ୍ୟୁରୋ)**

ରେନୋ ପକ୍ଷରୁ ଏହାର ନୂଆ ଯାନ ଟ୍ରାଇବରକୁ ଓଡ଼ିଶା ବଜାରରେ ପ୍ରବେଶ କରାଯାଇଛି। ସ୍ଥାନୀୟ ସିଆର୍‌ପି ଛକ ନିକଟସ୍ଥ ଗର୍ଗସନ ଅଟୋମୋବାଇଲର ରେନୋ ଭୁବନେଶ୍ୱର ଶୋ'ରୁମରେ ଏହାକୁ ବୁଧବାର ଉନ୍ମୋଚନ କରାଯାଇଛି। ଗର୍ଗସନ ଅଟୋମୋବାଇଲର ଏମ୍‌ଡି ସତିଶ ଗର୍ଗ, ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ, ଭିପି ରଞ୍ଜନ ମହାପାତ୍ର ଏବଂ ଗୁପ୍ତା ପାୱାରର ଅଧ୍ୟକ୍ଷ ମହେନ୍ଦ୍ର ଗୁପ୍ତା ନୂଆ ଯାନଟିକୁ ଶୁଭାରମ୍ଭ କରିଛନ୍ତି। ଯାନଟିର ବଜାର ଦର ୪.୯୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକ ଏଥିରେ ଅନେକ ଆକର୍ଷଣୀୟ ଫିଚର ପାଇ ପାରିବେ। ରେନୋ ଏହାକୁ ସୁପର ସ୍ପେସିୟସ ଏବଂ ଅଲ୍ଟ୍ରା ମଡ୍ୟୁଲାର ଗେମ୍ ଚେଞ୍ଜର ଭାବେ ପରିକଳ୍ପନା କରିଛି। ଯାନଟିରେ ମନଲୋଭା ଡିଜାଇନ ରହିଛି। ସେହିଭଳି ପର୍ଯ୍ୟାପ୍ତ ରୁମ, ଲିଟର ପିଛା ୨୦.୦୫ କି.ମି ମାଇଲେଜ, ମଡ୍ୟୁଲାର ଭିତ୍ତିକ ୪ ମିଟର ମଧ୍ୟରେ ୭ ଜଣ ବସିବାର ସୁବିଧା କରାଯାଇଛି।

ଏହା ୪ଟି ଟ୍ରିମ୍‌ରେ ଉପଲବ୍ଧ। ନୂଆ ଯାନଟିରେ ରହିଛି ୨୦ ପ୍ରମୁଖ ବୈଶିଷ୍ଟ୍ୟ। ଏହାବାଦ ୧୦ରୁ ଅଧିକ ସିଟ କନଫିଗରେଶନ, ଇଜି ଫିକ୍ସ ସିଟ୍, ଏସ୍‌ୟୁଭି ସ୍କିଡ ପ୍ଲେଟ, ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୨ୟ ଏବଂ ତୃତୀୟ ଧାଡିରେ ଦ୍ୱୈତ ଏସି ଭେଣ୍ଟ, ୧୮୨ ଏମ୍‌ଏମ୍ ମିଟରର ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ, ୮ ଇଞ୍ଚର ଟଚ୍ ସ୍କ୍ରିନ ମିଡିଆ ଏନ୍‌ଏଭି ଇଭୋଲ୍ୟୁଶନ ସିଷ୍ଟମ ଏଥିରେ ରହିଛି। ଯାନଟି ୧.୦ ଲିଟର ପେଟ୍ରୋଲ ଇଞ୍ଜିନ ସହ ଆସୁଛି, ଯାହା ଉନ୍ନତ ଇନ୍ଧନ ଦକ୍ଷତା ପ୍ରଦାନ କରିବ। ଅପରପକ୍ଷରେ ଗ୍ରାହକ ଏଥିରେ କମ୍ ମୂଲ୍ୟରେ ରକ୍ଷଣାବେକ୍ଷଣ ପ୍ୟାକେଜ ଏବଂ କ୍ଲାସ ଲିଡିଂ ସମ୍ପ୍ରସାରିତ ପ୍ୟାକେଜ ଲାଭ କରିପାରିବେ। କାର୍ଯ୍ୟକ୍ରମରେ ସେଲ୍‌ସ ଡିଜିଏମ୍ ଅମୂଲ୍ୟରତ୍ନ ମହାପାତ୍ର ଯାନଟିର ବିଶେଷଜ୍ଞ ଉପରେ ଏକ ପ୍ରେଜେଣ୍ଟେଶନ ରଖିଥିଲେ।

### ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଫିଚର

ରେନୋର ନୂଆ ଟ୍ରାଇବର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଫିଚର ପ୍ରଦାନ କରିବ। କମ୍ପାନୀର ଏହି ମଡେଲଟି ଗ୍ରାହକଙ୍କ ଠାରୁ ଭଲ ରେସପନ୍ସ ପାଇବ ବୋଲି ଆଶାବାଦୀ ରହିଛୁ। ଏହି ମଡେଲ ଦ୍ୱାରା ଗ୍ରାହକ ସୁଲଭତା, ସ୍ପେସ, ବେଷ୍ଟ ଇନ କ୍ଲାସ ଟେକ୍ନୋଲୋଜି ପାଇ ପାରିବେ। ଶୋ'ରୁମରେ ଏହି ଯାନ ସମ୍ପର୍କରେ ସମସ୍ତ ସୂଚନା ଦେବା ଲାଗି ଅଭିଜ୍ଞ ଟିମ୍ ରହିଛନ୍ତି। କୌଣସି ଗ୍ରାହକ ସେମାନଙ୍କ ପରିବାର ସହ ଆସି ଏହାର ଟେଷ୍ଟ ଡ୍ରାଇଭ ନେଇ ପାରିବେ।

- ସିଦ୍ଧାର୍ଥ ଗର୍ଗ, ଡାଇରେକ୍ଟର, ଗର୍ଗସନ ଅଟୋମୋବାଇଲ

### ଓଡ଼ିଶା ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ

ନୂଆ ରେନୋ ଟ୍ରାଇବର ମଡେଲ ଜାତୀୟ ସ୍ତରରେ ଶୁଭାରମ୍ଭ ହୋଇଥିବା ବେଳେ ଏହାକୁ ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଇଛି। ଏହା ଉନ୍ନତ ବୁକିଂ ଲାଭ କରିବ ବୋଲି ଆଶା ରଖିଛୁ। ବର୍ତ୍ତମାନ ସୁଦ୍ଧା ଗ୍ରାହକଙ୍କଠାରୁ ଭଲ ରେସପନ୍ସ ମିଳିଛି। ଏହି ଧାରା ଜାରି ରହିବା ନେଇ ବେଶ ଆଶାବାଦୀ ରହିଛୁ। ଯାନଟି ଉକ୍ତ ବର୍ଗରେ ସ୍ୱତନ୍ତ୍ର ହୋଇଥିବାରୁ ଓଡ଼ିଶା ଗ୍ରାହକଙ୍କ ଦ୍ୱାରା ଏହା ଆଦୃତ ହେବ।

- ରଞ୍ଜନ ମହାପାତ୍ର, ଭିପି ଗର୍ଗସନ ଅଟୋମୋବାଇଲ

## ଜୟରାମ ଲେଙ୍କାର ବମ୍ପର ଲକି ଡ୍ର




**ତାଳଚେର,୪-୯(ନି.ପ୍ର.)**

ତାଳଚେର ହାଟତୋଟା ଠାରେ ଥିବା ଅତ୍ୟାଧୁନିକ ଗାର୍ମେଣ୍ଟସ ଶୋ'ରୁମ ଜୟରାମ ଲେଙ୍କା ପକ୍ଷରୁ ସୋମବାର ସନ୍ଧ୍ୟାରେ ବମ୍ପର ଲକି ଡ୍ର ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଓକିଲ ସଂଘ ସଭାପତି ରଞ୍ଜିତ କୁମାର ଘୋଷ ଯୋଗଦେଇ ଅନୁଷ୍ଠାନ ତାହାର ଗୁଣବତ୍ତା, ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର ଆଗାମୀ ଦିନରେ ବଜାୟ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ। ଖବରଦାତା ଦେବୀ ମିଶ୍ର ଅନୁଷ୍ଠାନର ଉନ୍ନତି ନିମନ୍ତେ ମା' ହିଙ୍ଗୁଳାଙ୍କ ଠାରେ ପ୍ରାର୍ଥନା କରିଥିଲେ। ଶୋ'ରୁମ୍ ସ୍ୱତ୍ୱାଧିକାରୀ ତଥା ମାଲିକ ରବୀନ୍ଦ୍ର କୁମାର ଲେଙ୍କା ଓ ସହଧର୍ମିଣୀ ସନ୍ତୋଷୀ ଲେଙ୍କା ତାଳଚେରବାସୀଙ୍କ ସ୍ନେହ, ଶ୍ରଦ୍ଧା ତାଙ୍କୁ ଏଠାକୁ ଟାଣି ଆଣିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ରଶ୍ମୀରଞ୍ଜନ ମିଶ୍ର, ମନୋଜ ନନ୍ଦ, ମନୋଜ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମ୍ୟାନେଜର ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁନା ମହାରଣା, ସରୋଜ ସାହୁ, ସୁଧୀର ଦାସ, ରଞ୍ଜନ ଦାସ, ଚନ୍ଦନ ଜେନା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରେ ବମ୍ପର ଲକି ଡ୍ର ଉଠାଣ ହୋଇଥିଲା। ତାଳଚେର ସହରର ପ୍ରକାଶ କୁମାର ସାହୁ ବମ୍ପର ପ୍ରାଇଜ ଭାବେ ଏକ କାର ପାଇଥିଲେ। ଏହି ଅବସରରେ ୧୫ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ୨ ଦିନ ବନ୍ଦ ରହିବ ମାରୁତି ସୁଜୁକି ପ୍ଲାଣ୍ଟ
### ମାନ୍ଦାବସ୍ଥା ଯୋଗୁ ୨୦୧୨ ପରେ ପ୍ରଥମ

**ନୂଆଦିଲ୍ଲୀ,୪-୯**

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥାର ପ୍ରଭାବରୁ ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ସୁଜୁକି ୨ଦିନ ୭ ଓ ୯ ତାରିଖରେ ହରିୟାଣାସ୍ଥିତ ଗୁଡ଼ଗାଓଁ ଏବଂ ମାନେସର ପ୍ଲାଣ୍ଟକୁ ବନ୍ଦ ରଖିବ। ଏହି ଦୁଇ ଦିନକୁ କମ୍ପାନୀ 'ନୋ ପ୍ରଡକ୍ସନ ଡେ' ବା ଉତ୍ପାଦନ ବନ୍ଦ ଦିବସ ଭାବେ ଘୋଷଣା କରିଛି। ୨୦୧୨ ପରେ କମ୍ପାନୀ ପକ୍ଷରୁ ଏଭଳି ନିଷ୍ପତ୍ତି ପ୍ରଥମଥର ନିଆଯାଇଛି। ୭ ତାରିଖ ଶନିବାର ଓ ୯ ତାରିଖ ସୋମବାର ପଡୁଛି। ଏମିତିରେ ରବିବାର ମାରୁତି ସୁଜୁକିରେ କୌଣସି ପ୍ରକାର କାର୍ଯ୍ୟ ହୁଏନି। ଏଭଳି ଦେଖିଲେ ମାରୁତିରେ ଆସନ୍ତା ୩ ଦିନ କାର୍ଯ୍ୟ ବନ୍ଦ ରହିବ। କମ୍ପାନୀ ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ପ୍ରଦାନ କରାଯାଇଛି। ସୂଚନାଥାଉ କି, ଅଟୋ ସେକ୍ଟରରେ ମାନ୍ଦାବସ୍ଥାର ପ୍ରଭାବ ଅତ୍ୟନ୍ତ ଗମ୍ଭୀର ହୋଇଛି। ମାରୁତିରେ ଏହାର ପ୍ରଭାବ ଜବରଦସ୍ତ ଦେଖିବାକୁ ମିଳିଛି। କମ୍ପାନୀକୁ ଅଗଷ୍ଟରେ ନିଜର ଉତ୍ପାଦନ ୩୩.୯୯ ପ୍ରତିଶତ ହ୍ରାସ କରିବାକୁ ପଡିଛି। କମ୍ପାନୀ ଗତ ୭ ମାସ ହେବ ଉତ୍ପାଦନ ହ୍ରାସ କରିଚାଲିଛି। ଅଗଷ୍ଟରେ ୧,୧୧,୩୭୦ ୟୁନିଟ ଗାଡ଼ି ତିଆରି ହୋଇଥିଲା। ଗତବର୍ଷ ଏହି ସମୟରେ ଗାଡ଼ି ଉତ୍ପାଦନ ୧,୬୮,୭୨୫ ୟୁନିଟ ହୋଇଥିଲା। ଅଗଷ୍ଟରେ ବିକ୍ରି ୩୨.୭ ପ୍ରତିଶତ କମି ୧,୦୬,୪୧୩ରେ ପହଞ୍ଚିଛି, ଯାହା କି ଗତବର୍ଷ ୧,୫୮,୧୮୯ ଥିଲା।

OHPC
ISO 9001-14001 18001 Certified
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
No. UIHEP/SGM (EL.)/TW/ PSDF / 2120 (Part – VII) / 3687 / Dated 29.08.2019
1st CORRIGENDUM TO Tender Call Notice No. 05/2019-20 DATE.26.07.2019
Name of work: Procurement, Erection, Testing & Commissioning of 220 KV Current Transformer.
The period of sale / submission and opening of this office Tender Call Notice No.05/2019-20 Dtd.26.07.2019 for – “Procurement, Erection, Testing & Commissioning of 220 KV Current Transformer” is extended as follows -
1. Sale of tender paper – Up to 13:00 Hrs of 13.09.2019
2. Last date and time of Receipt of tender paper – Up to 13:00 Hrs of 13.09.2019
3. Date and time of Opening of tender – On 17.09.2019 (at 12:00 Hrs.)
All other terms and conditions of the original tender call notice remain unaltered.
Please visit us at www.ohpcltd.com
32136/11/0014/1920
-Sd- Unit Head UIHEP, Mukhiguda
No. CAD-347

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
ANANDAPUR BARRAGE PROJECT, SALAPADA.
(E-mail id: cceabp-eicwr.od@nic.in/loabp-eicwr.od@nic.in)
E-procurement Notice No. CCEABP - 03 of 2019-20
No. 210-A

| E-Procurement officer | Name of the work | Bid id No | Tender cost in Lakhs (Appx) | Bid security in lakhs (Online) | Cost of Bid Document (Online) | Class of contractor | Period of completion | Availability of tender on line for bidding From | Availability of tender on line for bidding To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer A.B Project, Salapada | Providing Cement Concrete Lining to Salandi Left Main Canal (SLMC) from RD 16080M to 18017M of Integrated Anandapur Barrage Project under AIBP. | ABP-BCD-02/1 of 2019-20 | 770.00 | 7.70 | 10,000/- | Spl & Super Class | 06 calendar months | 05.09.19 11.30AM | 21.09.19 17.00PM | 23.09.19 11.30AM |

Further details can be seen from the Govtwebsitewww.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only .
32068/11/0002/1920
Chief Construction Engineer, Anandapur Barrage Project, Salapada.

OHPC
ISO 9001-14001 18001 Certified
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
No. UIHEP/SGM (EL.)/TW/ 2330 (Part – II) / 3708 / Date 30.08.2019
1st CORRIGENDUM TO TENDER CALL NOTICE NO. 07/2019-20 DATE.03.08.2019
Name of work: Hiring of 03 (Three) Nos. Indica eV2 or equivalent Light Vehicle for all the three Wing Heads of UIHEP, Mukhiguda for (03) three years.
The period of sale / submission and opening of this office Tender Call Notice No.07/2019-20 Dtd.03.08.2019 for – “Hiring of 03 (Three) Nos. Indica eV2 or equivalent Light Vehicle for all the three Wing Heads of UIHEP, Mukhiguda for (03) three years” is extended as follows -
1. Sale of tender paper – Up to 13:00 Hrs of 13.09.2019
2. Last date and time of Receipt of tender paper – Up to 13:00 Hrs of 13.09.2019
3. Date and time of Opening of tender – On 16.09.2019 (at 16:30 Hrs.)
All other terms and conditions of the original tender call notice remain unaltered.
Please visit us at www.ohpcltd.com
-Sd- Unit Head UIHEP, Mukhiguda
32136/11/0017/1920
No. CAD-350

GOVERNMENT OF ODISHA, “e”-PROCUREMENT NOTICE
WORKS DEPARTMENT
E-mail : ceroads.bbsr@gmail.com
Bid Identification No. CE-DPI & R-11/2019-20
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road/ Bridge works as mentioned below :
2. Nature of work : Road works
3. No. of work : 06 Nos.
4. Tender Paper cost : Rs.10,000.00
5. Class of Contractor : ‘A’ Class/ Special Class/ Super Class as noted against each work
6. Available of bid document in the website : From 10.00 A.M. of 13.09.2019 to 5.00 PM of 10.10.2019
7. Date of opening of Bid : Dt.11.10.2019 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.
34117/11/0021/1920
Sd./- Chief Engineer (DPI & Roads), Odisha
No. 148-B

## ଜିମ୍ବାୱେ ଅଧିନାୟକ ମାସ୍‌କାଡ୍‌ଜାଙ୍କ ଅବସର



**ହରାରେ,୪।୯:** ଜିମ୍ବାୱେ କ୍ରିକେଟ ଦଳର ଅଧିନାୟକ ହାମିଲଟନ ମାସକାଡ୍‌ଜା ୧୮ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରକୁ ଅନ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଂଲାଦେଶରେ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍ ତାଙ୍କ କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ଇଭେଣ୍ଟ ହେବ ବୋଲି ସେ ଘୋଷଣା କରିଛନ୍ତି। ଆଫଗାନିସ୍ତାନକୁ ନେଇ ହେବାକୁ ଥିବା ସିରିଜ୍ ଚଳିତ ମାସ ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ୩୬ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ୩୮ ଟେଷ୍ଟ, ୨୦୯ ଦିନିକିଆ ଓ ୬୨ ଟି୨୦ ଖେଳି ମୋଟ ୯,୪୧୦ ରନ୍ କରିଛନ୍ତି। ଏଥିରେ ୧୦ ଶତକ ଓ ୪୨ ଅର୍ଦ୍ଧଶତକ ରହିଛି। ସର୍ବାଧିକ ଟେଷ୍ଟ ଓ ଦିନିକିଆ ରନ କରିଥିବା ଜିମ୍ବାୱେ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ମାସକାଡ୍‌ଜା ୪ର୍ଥ ସ୍ଥାନରେ ରହିଛନ୍ତି। ୨୦୦୧ରେ ଏହି ବ୍ୟାଟ୍ସମ୍ୟାନ ୧୭ ବର୍ଷ ୩୫୪ ଦିନରେ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରିଥିଲେ। ସେତେବେଳେ ସର୍ବକନିଷ୍ଠ ଖେଳାଳି ଭାବେ ପଦାର୍ପଣ ମ୍ୟାଚ୍‌ରେ ଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନ ହୋଇପାରିଥିଲେ। ଏହାପରେ ବାଂଲାଦେଶର ମହମ୍ମଦ ଅଶ୍ରଫୁଲ ଏହି ରେକର୍ଡ ଭାଙ୍ଗିଥିଲେ।

> ୨୦୦୧ରେ ଇଡେନ ଗାଡେନ୍‌ରେ ହୋଇଥିବା ଐତିହାସିକ ହ୍ୟାଟ୍ରିକ ଉଇକେଟ୍ ଘଟଣାରେ ଆଡାମ ଗିଲ୍‌ଖ୍ରୀଷ୍ଟ କାନ୍ଦିବା ବନ୍ଦ କରନ୍ତୁ।
> –ହରଭଜନ ସିଂ, ଭେଟେରାନ ଭାରତୀୟ କ୍ରିକେଟର



> ଆମ୍ଭେମାନେ ମିଳିତ ଭାବେ ଓ ନିର୍ଭୟରେ ଖେଳିଲେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ପ୍ରଥମ ମ୍ୟାଚ୍‌ରେ ଓମାନକୁ ପରାସ୍ତ କରିପାରିବୁ।
> –ଗୁରପ୍ରୀତ୍ ସିଂ ସାନ୍ଧୁ, ଭାରତୀୟ ଫୁଟ୍‌ବଲ ଗୋଲକିପର



# କ୍ୱାର୍ଟରରୁ ଫେଡରରଙ୍କ ବିଦାୟ



ପରାଜୟ ପରେ ମର୍ମାହତ ରୋଜର ଫେଡରର।

**ନ୍ୟୁୟର୍କ, ୪।୯ (ଏଏଫ୍‌ପି):** ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍‌ର କ୍ୱାର୍ଟର ଫାଇନାଲରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ତଥା କିମ୍ବଦନ୍ତୀ ସୁଇଜରଲାଣ୍ଡ ଟେନିସ ଖେଳାଳି ରୋଜର ଫେଡରର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୩୮ ବର୍ଷୀୟ ଫେଡରର ୩-୬, ୬-୪, ୩-୬, ୬-୪, ୬-୨ ସେଟ୍‌ରେ ଟୁର୍ନାମେଣ୍ଟର ସର୍ବନିମ୍ନ ମାନ୍ୟତାପ୍ରାପ୍ତ ବୁଲଗେରିଆର ଗ୍ରିଗର ଦିମିତ୍ରୋଭାଙ୍କ ନିକଟରୁ ପରାଜୟବରଣ କରିଛନ୍ତି। ବିଶ୍ୱ ମାନ୍ୟତାର ୭୮ତମ ସ୍ଥାନରେ ରହିଥିବା ୨୮ ବର୍ଷୀୟ ଦିମିତ୍ରୋଭା ସେମିଫାଇନାଲରେ ୫ମ ସିଡ୍ ରୁଷିଆର ଡାନିଲ ମେଡଭେଡେଭଙ୍କୁ ଶୁକ୍ରବାର ଭେଟିବେ। ଦିମିତ୍ରୋଭାଙ୍କ ବିପକ୍ଷରେ ଶେଷ ୭ଟି ମୁକାବିଲାରେ ବିଜୟ ହାସଲ କରି ଫେଭରାଉଟ୍ ବିବେଚିତ ହେଉଥିବା ୫ଥର ୟୁଏସ୍ ଓପନ୍ ବିଜେତା ଫେଡରରଙ୍କୁ କିନ୍ତୁ ଶେଷରେ ନିରାଶ ହେବାକୁ ପଡ଼ିଛି। ଦିମିତ୍ରୋଭା କ୍ୟାରିୟରର ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ଅନ୍ତିମ-୪ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୯୯୧ରେ ଜିମ୍ମି କନର୍ସ (୧୭୪ତମ)ସର୍ବନିମ୍ନ ମାନ୍ୟତା ପ୍ରାପ୍ତ ଖେଳାଳି ଭାବେ ୟୁଏସ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏବେ କିନ୍ତୁ ଦିମିତ୍ରୋଭା ସର୍ବନିମ୍ନ ମାନ୍ୟତାପ୍ରାପ୍ତ ଖେଳାଳିଭାବେ ଏଠାରେ ସେମିଫାଇନାଲରେ ପହଞ୍ଚିଛନ୍ତି।

## ସେରେନାଙ୍କ ୧୦୦ତମ ୟୁଏସ୍ ଓପନ୍ ବିଜୟ

ଆମେରିକାର ଷ୍ଟାର୍ ମହିଳା ଟେନିସ ଖେଳାଳି ସେରେନା ୱିଲିୟମ୍ସ କ୍ୟାରିୟରରେ ୧୦୦ତମ ୟୁଏସ୍ ଓପନ୍ ମ୍ୟାଚ୍ ଜିତିଛନ୍ତି। ଏଠାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅବସରରେ ସେରେନା ଏହି କୃତୀତ୍ୱ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେରେନା ୬-୧, ୬-୦ ସିଧାସଳଖ ସେଟ୍‌ରେ ଚାଇନାର ୱାଙ୍ଗ୍ କ୍ୱିଙ୍ଗ୍‌ଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିବା ସହ ନ୍ୟୁୟର୍କରେ ୧୦୦ତମ ବିଜୟ ସ୍ୱାଦ ଚାଖିଛନ୍ତି। ଛ'ଥର ୟୁଏସ୍ ଓପନ୍ ବିଜୟିନୀ ସେରେନାଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୪୪ ମିନିଟ୍ ସମୟ ଲାଗିଥିଲା। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟରେ ସବୁଠାରୁ କମ୍ ସମୟ ମଧ୍ୟରେ ଶେଷ ହୋଇଥିବା ମ୍ୟାଚ୍‌ର ମାନ୍ୟତା ପାଇଛି। ସେମିଫାଇନାଲରେ ୩୭ ବର୍ଷୀୟା ସେରେନାଙ୍କ ମୁକାବିଲା ୫ମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ସହ ହେବ। ଅନ୍ୟଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଏଲିନା ୬-୪, ୬-୪ ସିଧାସଳଖ ସେଟ୍‌ରେ ବ୍ରିଟେନର ଜୋହାନ କୋଣ୍ଟାଙ୍କୁ ପରାସ୍ତ କରି ଅନ୍ତିମ-୪ରେ ପ୍ରବେଶ କରିଛନ୍ତି। ୨୦୧୭ ସେପ୍ଟେମ୍ବରରେ ମାତୃତ୍ୱ ଲାଭ କରିବା ପରଠାରୁ ସେରେନା କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଜିତିପାରି ନାହାନ୍ତି।



ସେରେନା ୱିଲିୟମ୍ସ

# ଅନୁପମାଙ୍କ ପାଇଁ ଏସିଆନ ଗେମ୍ସ ସମ୍ଭାବନା

ଭୁବନେଶ୍ୱର, ୪।୯(କ୍ରୀଡ଼ା ପ୍ରତିନିଧି)

ଦକ୍ଷିଣ କୋରିଆର ଚୁଙ୍ଗ୍ ଜୁଠାରେ ଅନୁଷ୍ଠିତ ବିଶ୍ୱ ମାର୍ଶାଲ ଆର୍ଟର ଅଲିମ୍ପିକ୍ ଭାବେ ବିବେଚିତ ହେଉଥିବା ମାଷ୍ଟରଶିପ୍ ପ୍ରତିଯୋଗିତାର ଜୁଜୁଟ୍‌ସୁ ଫାଇଟିଂ (କଣ୍ଟାକ୍ଟ)ରେ ବ୍ରୋଞ୍ଜ ପଦକ ଜିତିଥିବା ଅନୁପମା ଓଡ଼ିଶା ଫେରି ଆସିଛନ୍ତି। ପ୍ରଦର୍ଶନ ଆଧାରରେ ସେ ୨୦୨୨ ଏସିଆନ ଗେମ୍ସର ଜୁଜୁଟ୍‌ସୁ ଇଭେଣ୍ଟ ପାଇଁ ପ୍ରାରମ୍ଭିକ ଭାବେ ମନୋନୟନ ହୋଇଛନ୍ତି। କ୍ରମାଗତଭାବେ ସେ ଏହି ଇଭେଣ୍ଟରେ ଭଲ ପ୍ରଦର୍ଶନ ଜାରି ରଖିଲେ ଏସିଆନ ଗେମ୍ସ ପାଇଁ ଫାଇନାଲ ଟିକେଟ ପାଇ ପାରିବେ। ଏକାଧିକ କ୍ରୀଡ଼ାରେ ଜାତୀୟ/ଅନ୍ତର୍ଜାତୀୟ ସଫଳତା ଲାଭ କରିଥିବା ଅନୁପମା ଏଥିପାଇଁ ବେଶ୍ ଆଶାବାଦୀ। ନିଜର ସଫଳତା ପାଇଁ ସେ ସମସ୍ତ ଶ୍ରେୟ କୋଚ୍ ଡ. ହରି ପଟ୍ଟନାୟକଙ୍କୁ ଦେଇଛନ୍ତି। ଉପଯୁକ୍ତ ଟ୍ରେନିଂ ନେଲେ ସେ ନିଶ୍ଚିତ ବଡ଼ ପ୍ରତିଯୋଗିତାରେ ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିପାରିବେ ବୋଲି ଦୃଢ଼ତାର ସହ କହିଛନ୍ତି ଏହି ଓଡ଼ିଆ ଯୁବତୀ। ଜୁଜୁଟ୍‌ସୁ ନେୱାଜା ବିଭାଗରେ ମଧ୍ୟ ସେ ଭାଗନେଇ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ତେବେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଯୁବ ବୟସରେ ଏପରି ଏକ ବଡ଼ ସଫଳତା ତାଙ୍କୁ ବେଶ୍ ଉତ୍ସାହିତ କରିଛି। ବିଶ୍ୱ ସଂଘଦ୍ୱାରା ଅନୁପମାଙ୍କୁ ବିଶ୍ୱର ଜଣେ ଏଲାଇଟ ଖେଳାଳିଭାବେ ସ୍ୱୀକୃତି ମିଳିଥିବାରୁ ତାଙ୍କର ସମସ୍ତ ଖର୍ଚ୍ଚ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଆୟୋଜକ କମିଟି ବହନ କରିଥିଲା।

ଅନୁପମାଙ୍କୁ ଉତ୍କଳ କରାଟେ ସ୍କୁଲ ପରିସରରେ ବୁଧବାର ଓଡ଼ିଶା ଜୁଜୁଟ୍‌ସୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି।



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଅନୁପମା ସ୍ୱାଇଁ।

### ଓଡ଼ିଶା ଜୁଜୁଟ୍‌ସୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା ଜୁଜୁଟ୍‌ସୁ ସଂଘ ସଭାପତି ଗୌରୀ ମହାନ୍ତି, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କୋଚ୍ ହରିପ୍ରସାଦ, ହିମାଂଶୁ ଶେଖର ଦାସ, ମୀର ଅଜମତ ଅଲୀ, ଅବିନାଶ ପୁନ୍ଦିର, ଯିଶୁ କର, ଜାନକୀ ବଲ୍ଲଭ ମିଶ୍ର, ଦେବାଶିଷ ଆଚାର୍ଯ୍ୟ, ଅନ୍ତର୍ଜାତୀୟ କରାଟେକା ଦିଲୀପ କୁମାର ଜେନା, ସୁସ୍ମିନି ପାଲଟାସିଂ, ସିନ୍ଧୁତନୟା ଖୁଣ୍ଟିଆ, ମଧୁପ୍ରିୟା, ଅନ୍ତର୍ଜାତୀୟ ଭାରୋତ୍ତୋଳନକାରୀ ଶୁଭସ୍ମିତା ମହାନ୍ତି ପ୍ରମୁଖ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଜୁଜୁଟ୍‌ସୁ ବ୍ୟତୀତ ଏସୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଏବଂ କରାଟେରେ ରାଜ୍ୟଗୋଷ୍ଠୀ ପଦକ ମଧ୍ୟ ହାସଲ କରିଛନ୍ତି।

## ଚାଇନିଜ ତାଇପେ ଓପନ୍ ଦ୍ୱିତୀୟ ରାଉଣ୍ଡରେ ସୌରଭ

**ତାଇପେଇ, ୪।୯ (ପି.ଟି.):** ପୂର୍ବତନ ଚାମ୍ପିୟନ ସୌରଭ ବର୍ମା ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଥିବା ୫ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଚାଇନିଜ ତାଇପେଇ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ସୌରଭ ୨୨-୨୦, ୨୧-୧୩ ସିଧାସଳଖ ଗେମ୍‌ରେ ଜାପାନର କାଜୁମାସା ସାକାଇଙ୍କୁ ପରାସ୍ତ କରିଛନ୍ତି। ମ୍ୟାଚ୍ ଜିତିବାକୁ ସୌରଭଙ୍କୁ ମାତ୍ର ୩୮ ମିନିଟ୍ ସମୟ ଲାଗିଥିଲା। ପରବର୍ତ୍ତୀ ରାଉଣ୍ଡରେ ସୌରଭଙ୍କ ମୁକାବିଲା ଘରୋଇ ପ୍ରତିଯୋଗୀ ଚୋଉ ତିଏନ୍ ଚେନ୍‌ଙ୍କ ସହ ହେବ। ଗତ ମାସରେ ହାଇଦ୍ରାବାଦ ଓପନ୍ ଜିତିଥିବା ସୌରଭ ଏକମାତ୍ର ଭାରତୀୟ ପ୍ରତିଯୋଗୀ ଭାବେ ଏହି ଟୁର୍ନାମେଣ୍ଟରେ ତିଷ୍ଠି ରହିଛନ୍ତି। ମହିଳା ସିଙ୍ଗଲ୍ସରେ ରିୟା ମୁଖାର୍ଜୀ ଓ ମହିଳା ଡବଲ୍ସରେ ଅପର୍ଣ୍ଣା ବାଲାନ ଓ ପ୍ରଜକ୍ତା ସାୱନ୍ତ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ହାରି ବିଦାୟ ନେଇସାରିଛନ୍ତି।



ମା' ମଧୁଙ୍କ ସହ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ୟୁଏସ୍ ଓପନ ମ୍ୟାଚ୍ ଉପଭୋଗ କରୁଛନ୍ତି।

## ଇଣ୍ଡିଆ ଗ୍ରୀନ୍‌ର ବ୍ୟାଟିଂ ବିପର୍ଯ୍ୟୟ

**ବେଙ୍ଗାଲୁରୁ, ୪।୯ (ପି.ଟି.):** ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ୍ ଟ୍ରଫିର ଫାଇନାଲ ମ୍ୟାଚ୍ ଇଣ୍ଡିଆ ଗ୍ରୀନ୍ ଓ ଇଣ୍ଡିଆ ରେଡ୍ ମଧ୍ୟରେ ବୁଧବାରଠାରୁ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ପିଙ୍କ୍ ବଲ୍‌ରେ ଖେଳାଯାଉଥିବା ଏହି ପାଞ୍ଚଦିବସୀୟ ମ୍ୟାଚ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଇଣ୍ଡିଆ ଗ୍ରୀନ୍ ଷ୍ଟମ୍ପ ଅପସାରଣ ସୁଦ୍ଧା ୪୯ ଓଭରରେ ୮ ଉଇକେଟ୍ ହରାଇ ୧୪୭ ରନ୍ ସଂଗ୍ରହ କରିଛି। ମୟଙ୍କ ମାର୍କଣ୍ଡେ ୩୨ ଓ ତନବୀର ଉଲ୍ ହକ୍ ୮ ରନ୍ କରି କ୍ରିଜରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଫୈଜ ଫଜଲ (୧୨), ଅକ୍ଷଥ ରେଡ୍ଡୀ (୧୬), ଧ୍ରୁବ ସୋରୀ (୨୩), ଆକାଶଦୀପ ନାଥ (୨୯) ପ୍ରମୁଖ ବ୍ୟାଟିଂରେ ବିଫଳ ହୋଇଛନ୍ତି। ଇଣ୍ଡିଆ ରେଡ୍ ପକ୍ଷରୁ ସଫଳ ବୋଲର ଭାବେ ବାମହାତୀ ଦ୍ରୁତ ବୋଲର ଜୟଦେବ ଉନାଦକଟ୍ ସର୍ବାଧିକ ୪ଟି ଉଇକେଟ୍ ନେଇଛନ୍ତି।



ଜୟଦେବ ଉନାଡକଟ୍

### ରାଜେଶ ମହାନ୍ତିଙ୍କ ଦୁଲୀପ୍ ଟ୍ରଫି ପଦାର୍ପଣ

ଇଣ୍ଡିଆ ଗ୍ରୀନ୍ ଦଳରେ ସ୍ଥାନ ପାଇଥିବା ଡାହାଣହାତୀ ଓଡ଼ିଆ ଦ୍ରୁତ ବୋଲର ରାଜେଶ ମହାନ୍ତି ଏହି ମ୍ୟାଚ୍ ଜରିଆରେ ଦୁଲୀପ୍ ଟ୍ରଫିରେ ପଦାର୍ପଣ କରିଛନ୍ତି। ଇଣ୍ଡିଆ ଗ୍ରୀନ୍ ଇନିଂସରେ ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ରାଜେଶ ବ୍ୟାଟିଂରେ ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ୩ଟି ବଲ୍‌ର ସାମ୍ନା କରି ରାଜେଶ ଜୟଦେବ ଉନାଡକଟ୍‌ଙ୍କ ବଲରେ ଉଇକେଟ୍‌କିପର ଇଶାନ କିଶାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଥିପୂର୍ବରୁ ରାଉଣ୍ଡ-ରବିନ ପର୍ଯ୍ୟାୟରେ ରାଜେଶଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା। ରାଜେଶ ୧୯ ବର୍ଷରୁ କମ୍ ଏସିଆ କପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ମଧ୍ୟ ରହିଥିଲେ।

# ଆଜିଠାରୁ ଇଷ୍ଟ ଜୋନ୍ ସ୍ନୁକର

ଭୁବନେଶ୍ୱର, ୪।୯(ସ୍ପୋର୍ଟ୍ସ ବ୍ୟୁରୋ)

ଫାଲକନ ଚିଲିକା ଫ୍ରେଶ୍ ଆନୁକୂଲ୍ୟରେ ସ୍ଥାନୀୟ ପଟିଆ ସ୍ଥିତ ୬ ପକେଟ୍ସଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍। ଏହି ପ୍ରତିଯୋଗିତା ୧୪ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପଡୋଶୀ ରାଜ୍ୟ ପଶ୍ଚିମ ବଙ୍ଗ, ଝାଡଖଣ୍ଡ, ବିହାର, ଛତିଶଗଡ଼ରୁ ମୋଟ ୭୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଜାତୀୟସ୍ତରରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ପାଇଁ ପ୍ରତିନିଧିତ୍ୱ କରୁଥିବା ଶାହାବାଜ ଆଦିଲ ଖାଁ ପ୍ରତିଯୋଗିତାର ଟପ୍ ସିଡ ମାନ୍ୟତା ପାଇଛନ୍ତି। ସେହିପରି ଜାତୀୟସ୍ତରରେ ରେଲୱେ ତରଫରୁ ପ୍ରତିନିଧିତ୍ୱ କରୁଥିବା ପଶ୍ଚିମ ବଙ୍ଗର ଅନ୍ୟତମ ଖେଳାଳି ନୀରଜ କୁମାର ଦ୍ୱିତୀୟ ସିଡ, ଓଡ଼ିଶାର ସୁବ୍ରତ ଦାସ ତୃତୀୟ, ଅନ୍ୟତମ ଓଡ଼ିଆ ଖେଳାଳି ତଥା ଗେଲ୍ ତରଫରୁ ପ୍ରତିନିଧିତ୍ୱ କରୁଥିବା ଆଶୁତୋଷ ପାଢ଼ୀ ଚତୁର୍ଥ ସିଡ, ପଶ୍ଚିମ ବଙ୍ଗର ୧ ନମ୍ବର ଖେଳାଳି ମନୀଷ ଜୈନ ପଞ୍ଚମ ଓ ଓଡ଼ିଶାର ଆକାଶ ମହାପାତ୍ର ଷଷ୍ଠ ସିଡ ମାନ୍ୟତା ପାଇଛନ୍ତି। ନକ୍‌ଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ସିଡେଡ ଖେଳାଳିମାନେ ସିଧାସଳଖ ପ୍ରି- କ୍ୱାର୍ଟର ଫାଇନାଲରୁ ଅଭିଯାନ ଆରମ୍ଭ କରିବେ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୬ ପକେଟ୍ସର ପ୍ରତିଷ୍ଠାତା ତଥା ମାଲିକ ଜୀତେନ ଷଡଙ୍ଗୀ, ଟୁର୍ନାମେଣ୍ଟ କୋର୍ଡିନେଟର ତଥା ସିନିୟର ଖେଳାଳି ଗୋବିନ୍ଦ ଶର୍ମା, ଟୁର୍ନାମେଣ୍ଟ ଅନ୍ୟତମ ପ୍ରାୟୋଜକ ତଥା ବ୍ଲୁ ଟେକ୍ ପ୍ରଡକ୍ଟ ମାଲିକ ମିଶାଲ ସ୍ୱାଇଁ ସୂଚନା ଦେଇଥିଲେ। ଏହି ଟୁର୍ନାମେଣ୍ଟ ରାଜ୍ୟରେ ସ୍ନୁକରର ଲୋକପ୍ରିୟତା ବଢ଼ାଇବାରେ ସହାୟକ ହେବ ବୋଲି ଶର୍ମା କହିଥିଲେ।

ଟୁର୍ନାମେଣ୍ଟରେ ମୋଟ ବ୍ୟୟବରାଦ ଏକ ଲକ୍ଷ ଟଙ୍କା ରଖାଯାଇଛି। ଟ୍ରଫି ସହ ଚାମ୍ପିୟନ ଖେଳାଳିଙ୍କୁ ୨୦ ହଜାର ଟଙ୍କା, ରନରଅପ୍‌ଙ୍କୁ ଟ୍ରଫି ସହ ୧୦ ହଜାର ଟଙ୍କା, ସେମିଫାନାଲିଷ୍ଟଙ୍କୁ ୫ ହଜାର ଟଙ୍କା, କ୍ୱାର୍ଟର ଫାନାଲିଷ୍ଟଙ୍କୁ ୨୫୦୦ ଟଙ୍କା, ପ୍ରି- କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୧୨୫୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ୭୫ରୁ ଊର୍ଦ୍ଧ୍ୱ ଉଚ୍ଚତମ ବ୍ରେକ୍ ପାଇଁ ୫ ହଜାର ଟଙ୍କା ପୁରସ୍କାର ରଖାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ମଧ୍ୟ ରଖାଯାଇଛି।

୨୦୧୮ ମାର୍ଚ୍ଚ ୪ ତାରିଖରୁ ଜିତେନ ଷଡଙ୍ଗୀଙ୍କ ଦ୍ୱାରା ୬ ପକେଟ୍ସ ଆରମ୍ଭ ହୋଇଥିଲା। ରାଜ୍ୟରେ ସ୍ନୁକର ପ୍ରତିଭାଗୁଡ଼ିକର ବିକାଶ ପାଇଁ ଏହା କାର୍ଯ୍ୟ କରିଆସୁଛି ଓ ସୁବିଧାସୁଯୋଗ ପ୍ରଦାନ କରୁଛି। ପୁଣି ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଚାମ୍ପିୟନଶିପ୍ ଆୟୋଜନ ହେବ। ତେବେ ଗତ ବର୍ଷ ସେପ୍ଟେମ୍ବରରେ ମଧ୍ୟ ୬ ପକେଟ୍ସ ଅଲ୍ ଓଡ଼ିଶା ୬ ରେଡ୍ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜନ କରିଥିଲା। ଚାମ୍ପିୟନଶିପ୍ ପାଇଁ ଏକାଧିକ ପ୍ରାୟୋଜକ ରହିଛନ୍ତି। ଫାଲକନ୍ ଚିଲିକା ଫ୍ରେସ ଟୁର୍ନାମେଣ୍ଟର ଟାଇଟଲ ପ୍ରାୟୋଜକ ରହିଛି। ସେହିପରି ଚାମ୍ପିୟନଶିପ୍‌ର ଅନ୍ୟତମ ପ୍ରାୟୋଜକମାନେ ହେଲେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସ୍ପେଶିଆଲ, ପିଜିଏଲ୍ ହୋଣ୍ଡା ଓ ଓଡିଟେକ୍ ପ୍ରପର୍ଟିଜ୍, ବ୍ଲୁଟେକ୍ ପ୍ରଡକ୍ଟସ୍ ଆଣ୍ଡ ବିହାନ ସୋଲାର। ପ୍ରତିଯୋଗିତାର ବେଭେରେଜ ପାର୍ଟନର ରହିଛି ଇହା, ଫୁଡ ପାର୍ଟନର ରହିଛି ଲିଙ୍ଗରାଜ ବିସ୍କୁଟ୍ସ ଓ ଭୁଝା, ଟ୍ରାଭେଲ ପାର୍ଟନର ଟ୍ରିପ୍ରୋସେସ, ରେଡିଓ ଓ ମିଡିଆ ପାର୍ଟନର ରହିଛନ୍ତି ୯୩. ୫ ରେଡ୍ ଏଫ୍.ଏମ୍. ଓ ସିଟି ମିରର। ସେହିପରି ଚାମ୍ପିୟନଶିପ୍‌ର ହସ୍ପିଟାଲିଟି ପାର୍ଟନର ରହିଛି ପିପୁଲ ହୋଟେଲ ଆଣ୍ଡ ରିସର୍ଟ।



ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସଂଯୋଜକ ଗୋବିନ୍ଦ ଶର୍ମା, ୬ ପକେଟ୍ସର ପ୍ରତିଷ୍ଠାତା ତଥା ମାଲିକ ଜୀତେନ ଷଡଙ୍ଗୀ, ପ୍ରାୟୋଜକ ତଥା ବ୍ଲୁ ଟେକ୍ ପ୍ରଡକ୍ଟ ମାଲିକ ମିଶାଲ ସ୍ୱାଇଁ।

### ଭାଗନେବେ ୭୦ରୁ ଊର୍ଦ୍ଧ୍ୱ ଖେଳାଳି

## ବାଙ୍ଗରଙ୍କୁ ପ୍ରଶ୍ନ କରିପାରେ ବିସିସିଆଇ



**ନୂଆଦିଲ୍ଲୀ,୪।୯(ପି.ଟି.):** ବିଦା ହୋଇଥିବା ଭାରତୀୟ ବ୍ୟାଟିଂ କୋଚ ସଞ୍ଜୟ ବାଙ୍ଗର ଜାତୀୟ ଚୟନକର୍ତ୍ତା ଦେବାଙ୍ଗ ଗାନ୍ଧୀଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କିମ୍ବା ମ୍ୟାନେଜର ସୁନୀଲ ସୁବ୍ରମନିୟମ ଅଫିସିଆଲ ରିପୋର୍ଟ କଲେ ବାଙ୍ଗରଙ୍କୁ ପ୍ରଶ୍ନ କରାଯିବ ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। କିଛି ରିପୋର୍ଟ ଅନୁଯାୟୀ, ନିକଟରେ ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ ଗସ୍ତରେ ଗାନ୍ଧୀ ନିଜ ହୋଟେଲ ରୁମ୍‌ରେ ଥିବାବେଳେ ବାଙ୍ଗର ଅସଦାଚରଣ କରିଥିଲେ। ଏଭଳି ସ୍ଥିତିରେ ଜଣକୁ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ପଡ଼ିବ। ବାଙ୍ଗର ଚୟନକର୍ତ୍ତା ଗାନ୍ଧୀଙ୍କୁ ଅପମାନିତ କରିଥିବା ଅଭିଯୋଗ ହୋଇଛି। ସେ ଏ ନେଇ ଅଫିସିଆଲ ରିପୋର୍ଟ କରିବା ଦରକାର ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। ଜାତୀୟ ଚୟନ କମିଟି ସପୋର୍ଟ ଷ୍ଟାଫଙ୍କୁ ଚୟନ କରିଥିଲା। ସହାୟକ କୋଚ୍‌ଙ୍କ ମଧ୍ୟରେ କେବଳ ଗୋଟିଏ ପରିବର୍ତ୍ତନ ହୋଇଥିଲା। ବାଙ୍ଗରଙ୍କ ସ୍ଥାନରେ ବିକ୍ରମ ରାଠୋର ନୂଆ ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ମ୍ୟାନେଜର ସୁବ୍ରମନିୟମ ତାଙ୍କ ମାଣ୍ଡାଟୋରି ରିପୋର୍ଟରେ ଉକ୍ତ ଘଟଣା ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ପଡ଼ିବ। ବାଙ୍ଗରଙ୍କ ରିପୋର୍ଟିଂ ମୁଖ୍ୟ ଶାସ୍ତ୍ରୀଙ୍କୁ ମଧ୍ୟ ଲିଖିତ ଆକାରରେ ଉକ୍ତ ଘଟଣା ବ୍ୟାଖ୍ୟା କରିବାକୁ ପଡ଼ିବ। ଯଦି ଏହି ସମସ୍ତ ଆବଶ୍ୟକତା ପୂରଣ ନ ହୁଏ, ତେବେ ସିଓଏ ନିକଟକୁ ଏହି ଘଟଣା ପଠାଯିବ ନାହିଁ ବୋଲି ସେ କହିଛନ୍ତି।



ୟୁଏସ୍ ଓପନ୍ କ୍ୱାର୍ଟର ଫାଇନାଲରେ ମୋ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। କିନ୍ତୁ ଏହା ଗ୍ରିଗର ଦିମିତ୍ରୋଭାଙ୍କ ଦିନ ଥିଲା। ତେଣୁ ଜିତି ପାରି ନ ଥିଲି।

**– ରୋଜର ଫେଡରର, କିମ୍ବଦନ୍ତୀ ଟେନିସ ଖେଳାଳି**



ବର୍ମିଂହାମରେ ହେବାକୁ ଥିବା ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶୁଟିଂକୁ ସାମିଲ କରିବା ପାଇଁ ବ୍ରିଟେନ କ୍ରୀଡ଼ାମନ୍ତ୍ରୀ ନିକ୍କି ମୋର୍ଗାନ ହସ୍ତକ୍ଷେପ କରନ୍ତୁ।

**–କିରନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ**

# ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ନେଦରଲାଣ୍ଡ୍ସ

**ନୂଆଦିଲ୍ଲୀ, ୪।୯(ପି.ଟି.)**

ଏଫଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଆସନ୍ତାବର୍ଷ ଜାନୁୟାରୀ୧୮ରେ ଏହାର ପ୍ରଥମ ମ୍ୟାଚ ଘରୋଇ ପରିବେଶରେ ଖେଳିବ। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ନେଦରଲାଣ୍ଡ୍ସ। ଏଫଆଇଏଚ୍ ପ୍ରୋ ଲିଗ୍ ସିଜନ-୨ ପାଇଁ ବୁଧବାର ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ୧୯ ତାରିଖରେ ଭାରତ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ଭେଟିବ। ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରୁ ଭାରତ ଓହରି ଯାଇଥିଲା। ଏହାପରେ ଭାରତ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମକୁ ଫେବୃୟାରୀ ୮ ଓ ୯ ତାରିଖରେ ଭେଟିବ। ପରବର୍ତ୍ତୀ ୨ଟି ମ୍ୟାଚ ଫେବୃୟାରୀ ୨୨ ଓ ୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ସେହି ଘରୋଇ ପରିବେଶରେ ଖେଳିବ। ୬ଟି ମ୍ୟାଚ ଖେଳି ସାରିବାପରେ ଭାରତ ବାହାର ପରିବେଶରେ ମ୍ୟାଚ ଖେଳିବାକୁ ବାହାରିବ। ଦଳ ଏପ୍ରିଲ ୨୫ ଓ ୨୬ରେ ଜର୍ମାନୀ ଏବଂ ମେ ୨ ଓ ୩ରେ ଗ୍ରେଟ ବ୍ରିଟେନ ସହିତ ବାହାର ପରିବେଶରେ ଖେଳିବ। ଏହାପରେ ଦଳ ପୁଣି ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ମେ ୨୩, ୨୪ରେ ମ୍ୟାଚ ଖେଳିବା ପରେ ଆର୍ଜେଣ୍ଟିନା ଯାଇ ଜୁନ ୫ ଓ ୬ରେ ୨ଟି ମ୍ୟାଚ ଖେଳିବ। ପ୍ରୋ-ଲିଗ୍‌ରେ ଭାରତ ଏହାର ଶେଷ ରାଉଣ୍ଡ ରବିନ ମ୍ୟାଚ ସ୍ପେନରେ ଜୁନ ୧୩ ଓ ୧୪ରେ ଖେଳିବ। ଭାରତ ଘରୋଇ ପରିବେଶରେ ମୋଟ ୮ଟି ଗେମ୍ ଖେଳିବ। ସେଥିରୁ ଜାନୁୟାରୀ-ଫେବୃୟାରୀରେ ୬ଟି ଏବଂ ମେ'ରେ ୨ଟି ମ୍ୟାଚ ହେବ।




### ମନପ୍ରୀତ୍ ବ୍ୟଗ୍ର

ଏଫଆଇଏଚ୍ ପ୍ରୋ ଲିଗ୍ ସିଜନ-୨ କାର୍ଯ୍ୟସୂଚୀ ଘୋଷଣା ହେବାପରେ ତାଙ୍କ ଦଳର ବ୍ୟଗ୍ରତା ପ୍ରକାଶ କରିଛନ୍ତି ଭାରତୀୟ ଦଳର ଅଧିନାୟକ ମନପ୍ରୀତ୍ ସିଂ। ''ଘରୋଇ ପରିବେଶରେ ଆସନ୍ତା ଜାନୁୟାରୀରେ ପ୍ରୋ ଲିଗ୍ ଆରମ୍ଭ କରିବାପାଇଁ ଆମେ ବ୍ୟଗ୍ର। ଏହି ଲିଗ୍‌ରେ ବିଶ୍ୱର ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିବାର ସୁଯୋଗ ମିଳିବ। ତେଣୁ ସମସ୍ତ ମ୍ୟାଚ ଚ୍ୟାଲେଞ୍ଜିଂ ହେବା ସମ୍ଭାବନା। ଏହା ଅଲିମ୍ପିକ୍ସ ବର୍ଷ ହୋଇଥିବାରୁ କ୍ରମାଗତଭାବେ ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିଲେ ଆମକୁ ନିଶ୍ଚିତ ଫାଇଦା ମିଳିବ। କୋର ଗ୍ରୁପରେ ସ୍ଥାନ ପାଇଥିବା ଖେଳାଳିମାନେ ଭଲଭାବେ ଅଭ୍ୟାସ କରିପାରିବେ। ଘରୋଇ ପରିବେଶରେ ଆମେ ନେଦରଲାଣ୍ଡ୍ସ, ବେଲଜିୟମ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାକୁ ଥିବାରୁ ଭାରତୀୟ ଦର୍ଶକମାନେ ହକି ରୋମାଞ୍ଚ ଦେଖିବାକୁ ପାଇବେ। ଘରୋଇ ପରିବେଶରେ ଆମେ ଏହିସବୁ ଦଳଗୁଡ଼ିକ ବିପକ୍ଷରେ ଖେଳୁଥିବାବେଳେ ମ୍ୟାଚକୁ ବେଶ୍ ଉପଭୋଗ କରୁ'' ବୋଲି ମନପ୍ରୀତ କହିଛନ୍ତି। ଭାରତୀୟ କୋଚ୍ ଗ୍ରାହାମ ରିଡ୍




ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ଭାରତ ନିୟମିତଭାବେ ବଡ଼ ଦଳଗୁଡ଼ିକ ବିପକ୍ଷରେ ଖେଳିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ''ଆମେ ଆସନ୍ତାବର୍ଷ ପ୍ରୋ ଲିଗ୍‌ରେ ଖେଳିବାକୁ ଅତ୍ୟନ୍ତ ଆଗ୍ରହର ସହିତ ଅପେକ୍ଷା କରିଛୁ। ଏହାଦ୍ୱାରା ଆମେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଖେଳିପାରିବୁ। ଫଳରେ ଆମର ଯୁବ ଖେଳାଳିମାନେ କେତେ ପାରଙ୍ଗମ ତାହା ଜଣାପଡ଼ିବ। ମୋଟାମୋଟି କହିବାକୁ ଗଲେ ଆମେ ଯଦି ନଭେମ୍ବରରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବୁ ତେବେ ଏହି ଲିଗ୍‌ରେ ସବୁଠାରୁ ଭଲ ମ୍ୟାଚ ଅଭ୍ୟାସ ମିଳିପାରିବ'' ବୋଲି ରିଡ୍ କହିଛନ୍ତି।

# ଲାବୁସ୍କାନ, ସ୍ମିଥ୍‌ଙ୍କ ଅର୍ଦ୍ଧଶତକ

**ଆଶେସ ଚତୁର୍ଥ ଟେଷ୍ଟ**

**ଓଲ୍ଡ ଟ୍ରାଫର୍ଡ, ୪।୯:** ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ଷ୍ଟାଡିୟମରେ ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟ ଚତୁର୍ଥ ଆଶେସ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିବସରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ରିପୋର୍ଟ ଲେଖାହେବା ବେଳକୁ ଅଷ୍ଟ୍ରେଲିଆ ୪୩ ଓଭରରେ ୩ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଛି। ଷ୍ଟିଭେନ୍ ସ୍ମିଥ୍ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ଟ୍ରାଭିସ୍ ହେଡ ୧୪ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ତାରକା ଓପନର ଡେଭିଡ ୱାର୍ନର ଖାତା ଖୋଲିବା ପୂର୍ବରୁ ଷ୍ଟୁଆର୍ଟ ବ୍ରଡଙ୍କ ବଲ୍ ଉଇକେଟକିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ୟତମ ଓପନର ମାର୍କସ ହାରିସ୍ ୧୩ ରନ କରିଥିବା ବେଳେ ଏଲ୍‌ବିଡବ୍ଲ୍ୟୁ ହୋଇ ବ୍ରଡଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ମାର୍ନସ ଲାବୁସ୍କାନ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି କ୍ରେଗ୍ ଓଭରଟନଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ବ୍ରଡ ୨ ଓ ଓଭରନଟନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଚଳିତ ଆଶେସ ୧-୧ ସମାନସ୍ତରରେ ରହିଛି।

# ଟାର୍ଗେଟ୍ ୧୯୩: ଭାରତ-ଏ ୫୬/୧

**ଥିରୁଭାନନ୍ତପୁରମ,୪।୯(ପି.ଟି.):** ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାର ଭାରତ ଏ' ଓ ଦକ୍ଷିଣ ଆଫ୍ରିକା ଏ' ମଧ୍ୟରେ ଖେଳା ଯାଇଥିବା ଚତୁର୍ଥ ଅନ୍ ଅଫିସିଆଲ ଦିନିକିଆ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଫଳରେ ଖେଳ ରିଜର୍ଭ ଡେ ଅର୍ଥାତ ଗୁରବାରକୁ ଘୁଞ୍ଚାଇ ଦିଆଯାଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୨୫ ଓଭରରେ ଗୋଟିଏ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ରେଜା ହେଣ୍ଡ୍ରିକ୍ସ ୬୦, ଉଇକେଟକିପର ବ୍ୟାଟ୍ସମ୍ୟାନ ହେନେରିଚ୍ କ୍ଲାସେନ ୨୧ ରନକରି ଅପରାଜିତ ରହିଥିଲେ। ଅନ୍ୟତମ ଓପନର ମାଥ୍ୟୁ ବ୍ରିଜକ ୨୫ ରନ କରି ରାହୁଲ ଚହରଙ୍କ ବଲ୍‌ରେ ତୁଷାର ଦେଶପାଣ୍ଡେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଧିନାୟକ ଟେମ୍ବା ବଭୁମା ୨୮ ରନ କରି ରିଟାୟାର୍ଡ ହର୍ଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ୨୨ ଓଭରରେ ଗୋଟିଏ ଉଇକେଟ ହରାଇ ୧୨୨ ରନ କରିଥିବା ବେଳେ ବର୍ଷା ହୋଇଥିଲା। ଫଳରେ ମ୍ୟାଚ୍ ୨୫ ଓଭରକୁ କମାଇ ଦିଆଯାଇଥିଲା। ପୁଣି ଖେଳ ହେବା ପରେ ଦକ୍ଷିଣ ଆଫ୍ରିକା ଅଧିକ ୨୫ ରନ ସଂଗ୍ରହ କରିଥିଲା। ଫଳରେ ଭାରତ ପାଇଁ ୨୫ ଓଭରରେ ୧୯୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ୭.୪ ଓଭରରେ ଗୋଟିଏ ଉଇକେଟ ହରାଇ ୫୬ ରନ କରିଥିବା ବେଳେ ପୁଣି ବର୍ଷା ହୋଇଥିଲା। ମ୍ୟାଚ୍ ଗୁରୁବାରକୁ ଘୁଞ୍ଚାଇ ଦିଆଯାଇଥିଲା। ଓପନର ଶିଖର ଧାୱନ ୨୧ ବଲରୁ ୬ ଚୌକା ସହ ୩୪ ଓ ପ୍ରଶାନ୍ତ ଚୋପ୍ରା ୬ ରନ କରି ଅପରାଜିତ ରହିଥିଲେ।

# ମିସ୍‌ବା ପାକିସ୍ତାନ ଦଳର ମୁଖ୍ୟ କୋଚ୍

**ଲାହୋର,୪।୯(ଏଏଫପି):** ପୂର୍ବତନ ଅଧିନାୟକ ମିସ୍‌ବା ଉଲ ହକ୍‌ଙ୍କୁ ପାକିସ୍ତାନ କ୍ରିକେଟ ଦଳର ମୁଖ୍ୟ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ପଦରେ ନିଯୁକ୍ତ କରାଯାଇଛି। ପାକିସ୍ତାନ ୨୦୧୯ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଏଥିଯୋଗୁ କୋଚ୍ ମିକି ଆର୍ଥରଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ପିସିବି ମନା କରି ଦେଇଥିଲା। ବୋଲିଂ କୋଚ୍ ଆଝାର ମେହମୁଦ ଓ ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱରଙ୍କୁ ମଧ୍ୟ ବିଦା କରାଯାଇଥିଲା। ମିସ୍‌ବାଙ୍କୁ ଆଗାମୀ ତିନି ବର୍ଷ ପାଇଁ ସମସ୍ତ ଫର୍ମାଟର ଦାୟିତ୍ୱ ଦିଆଯାଇଛି। ମିସ୍‌ବା



ଦେଶର ୩୦ତମ ମୁଖ୍ୟ କୋଚ୍। ହେଲେ ପୂର୍ବରୁ ମୁଖ୍ୟ କୋଚ୍‌ଙ୍କୁ କଦାପି ଚୟନ କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇ ନାହିଁ। ତେବେ ନ୍ୟୁଜିଲାଣ୍ଡରେ ଏହି ସିଷ୍ଟମ ପ୍ରଚଳିତ। ସେହିଭଳି ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତୀ ପେସର ୱାକର ୟୁନିସଙ୍କୁ ସମାନ ଅବଧି ପାଇଁ ପାକିସ୍ତାନ ବୋଲିଂ କୋଚ୍ ପଦ ଦିଆଯାଇଛି। ସେ ପୂର୍ବରୁ ଦୁଇ ଥର ଜାତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳି ସାରିଛନ୍ତି। ମିସ୍‌ବା ଓ ୟୁନିସ ଆଗାମୀ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ଓ ଦିନିକିଆ ସିରିଜ୍‌ରୁ ଅଭିଯାନ ଆରମ୍ଭ କରିବେ। ମିସ୍‌ବାଙ୍କ ନେତୃତ୍ୱରେ ଦଳ ୫୬ ଟେଷ୍ଟ ଖେଳି ୨୬ ବିଜୟ ସହ ୧୧ ମ୍ୟାଚ୍ ଡ୍ର' ରଖିଥିଲା। ସେ ୭୫ ଟେଷ୍ଟ, ୧୬୨ ଦିନିକିଆ ଓ ୩୯ ଟି୨୦ ଖେଳିଛନ୍ତି।

# ଲୋୟରପୁଲ୍‌କୁ ଖସିଲେ ରାଜ୍ୟର ଉଭୟ ଦଳ

**କଟକ ଅଫିସ,୪।୯**

**ଜାତୀୟ ସବଜୁନିୟର ବାସ୍କେଟବଲ**




ଛତିଶଗଡ଼ ଓ ଉତ୍ତର ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କଟକରେ ଚାଲିଥିବା ୪୬ତମ ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଉଭୟ ଓଡ଼ିଶା ବାଳିକା ଓ ବାଳକ ଦଳ ବିଜୟୀ ହୋଇଛନ୍ତି। ଗ୍ରୁପ-ଡିରେ ସ୍ଥାନ ପାଇଥିବା ବାଳିକା ଦଳ ଗୋଆକୁ ୩୬-୨୩ ପଏଣ୍ଟରେ ହରାଇଛି। ଓଡ଼ିଶା ପକ୍ଷରୁ ପି.ଶବର ସର୍ବାଧିକ ୧୦ ପଏଣ୍ଟ ସ୍କୋର କରିଥିଲେ। ତେବେ ବାଳିକା ଦଳ ଉଦ୍‌ଘାଟନୀ ଦିବସରେ ମଧ୍ୟପ୍ରଦେଶ ଠାରୁ ୨୩-୩୨ ପଏଣ୍ଟରେ ହାରିଥିବାରୁ ଅପରପୁଲକୁ ଉନ୍ନୀତ ହେବାର ଆଶା ମଉଳିଛି। ଦଳ ଏବେ ଲୋୟରପୁଲରେ ମ୍ୟାଚ୍ ଖେଳିବ। ରାଜ୍ୟ ବାଳକ ଦଳ ବୁଧବାର ୫୦-୩୫ ପଏଣ୍ଟରେ କେରଳକୁ କରାସ୍ତ କରିଥିଲା। ୧୭-୨୪ ପଏଣ୍ଟରେ ଦଳ ପଛୁଆ ଥିବା ବେଳେ ଓଡ଼ିଶାର ଉପାସକ ମହାନ୍ତି ଓ ପ୍ରତ୍ୟୁଷ ଯଥାକ୍ରମେ ୧୨, ୧୧ ପଏଣ୍ଟ ଲେଖାଏ ସ୍କୋର ଦଳକୁ ବିଜୟ ଅଭିମୁଖେ ଅଗ୍ରସର କରାଇଥିଲେ। ରାଜ୍ୟ ବାଳକ ଦଳ ଗ୍ରୁପ-ଏଫରେ ରହିଛି। ଉଦ୍‌ଘାଟନୀ ଦିବସରେ ଦଳ ଚଣ୍ଡୀଗଡ଼ ଠାରୁ ୭୦-୫୬ ପଏଣ୍ଟରେ ପରାସ୍ତ ହୋଇଥିଲା। ତେଣୁ ରାଜ୍ୟ ବାଳକ ଦଳ ମଧ୍ୟ ଲୋୟରପୁଲରେ ମ୍ୟାଚ୍ ଖେଳିବ। ଗୁରୁବାର ପୁଡୁଚେରୀ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ ଓଡ଼ିଶା।

ବାଳକ ବର୍ଗର ଅନ୍ୟମ୍ୟାଚ୍ ଗୁଡ଼ିକରେ ଝାଡ଼ଖଣ୍ଡ ୩୨-୨୮ ପଏଣ୍ଟରେ ହିମାଚଳପ୍ରଦେଶକୁ, ହରିୟାଣା ୭୩-୫୬ ପଏଣ୍ଟରେ ଛତିଶଗଡ଼କୁ, ତାମିଲନାଡୁ ୭୭-୪୩ ପଏଣ୍ଟରେ କର୍ଣାଟକକୁ, ମଧ୍ୟପ୍ରଦେଶ ୭୪-୧୫ ପଏଣ୍ଟରେ ଝାଡ଼ଖଣ୍ଡକୁ, ପଶ୍ଚିମବଙ୍ଗ ୫୩-୨୦ ପଏଣ୍ଟରେ ହିମାଚଳପ୍ରଦେଶକୁ, ଗୁଜୁରାଟ ୫୧-୧୪ ପଏଣ୍ଟରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ବାଳିକା ବର୍ଗରେ ଅନୁଷ୍ଠିତ ମ୍ୟାଚ୍‌ରେ ପଶ୍ଚିମବଙ୍ଗ ୪୦-୨୬ ପଏଣ୍ଟରେ ହିମାଚଳପ୍ରଦେଶକୁ, ପୁଡୁଚେରୀ ୩୧-୧୦ ପଏଣ୍ଟରେ ବିହାରକୁ, କେରଳ ୪୩-୧୭ ପଏଣ୍ଟରେ ହରିୟାଣାକୁ, ଝାଡ଼ଖଣ୍ଡ ୨୭-୧୩ ପଏଣ୍ଟରେ ମଣିପୁରକୁ, ହିମାଚଳପ୍ରଦେଶ ୩୫-୨୫ ପଏଣ୍ଟରେ ପୁଡୁଚେରୀକୁ, ମହାରାଷ୍ଟ୍ର ୫୬-୩୦ ପଏଣ୍ଟରେ ପଞ୍ଜାବକୁ, ତାମିଲନାଡୁ ୫୦-୩୧ ପଏଣ୍ଟରେ ଉତ୍ତରପ୍ରଦେଶକୁ, ତେଲେଙ୍ଗାନା ୫୬-୪୧ ପଏଣ୍ଟରେ ଚଣ୍ଡୀଗଡ଼କୁ, ଦିଲ୍ଲୀ ୫୮-୩୬ ପଏଣ୍ଟରେ ରାଜସ୍ଥାନକୁ ହରାଇଥିଲା। ଓଡ଼ିଶା ବାସ୍କେଟବଲ ଆସୋସିଏଶନ(ଓବିଏ) ଓ ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମସ୍ଥିତ ବାସ୍କେଟବଲ ଇନଡୋର କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତାର ମ୍ୟାଚ ଖେଳାଯାଉଛି।

# ବିନା ଲଢ଼େଇରେ ୱେଷ୍ଟଇଣ୍ଡିଜର ଆତ୍ମ ସମର୍ପଣ

**ସୌରଭ ଗାଙ୍ଗୁଲି**

ଭାରତର ୱେଷ୍ଟଇଣ୍ଡିଜ୍ ଗସ୍ତ ସଫଳ ହୋଇଛି। ଟି୨୦ ପରେ ଦିନିକିଆ ଓ ଶେଷରେ ଟେଷ୍ଟ ସିରିଜରେ ଭାରତ ବାଜି ମାରିଛି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ କ୍ଲିନ୍ ସୁଇପ୍ କରିଛି। ବିନା ଲଢ଼େଇରେ ୱେଷ୍ଟଇଣ୍ଡିଜ ଆତ୍ମ ସମର୍ପଣ କରିଛି। ଏବେ ୱେଷ୍ଟଇଣ୍ଡିଜ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଆତ୍ମ ଚିନ୍ତନର ବେଳ ଆସି ପହଞ୍ଚିଛି। ୱେଷ୍ଟଇଣ୍ଡିଜ୍‌ରେ ପ୍ରତିଭା ରହିଛି। ତେବେ ଏହାକୁ କାମରେ ଲଗାଇବାରେ ଖେଳାଳିମାନେ ବିଫଳ ହୋଇଛନ୍ତି। ପ୍ରତ୍ୟେକ ଫର୍ମାଟରେ ଖେଳାଳିମାନେ ବିଫଳ ହୋଇଛନ୍ତି। ଏବେଠାରୁ ୱେଷ୍ଟଇଣ୍ଡିଜ ତ୍ରୁଟି ସୁଧାରିବାର ଆବଶ୍ୟକତା ରହିଛି। ଏହା ଉପରେ ହିଁ ୱେଷ୍ଟଇଣ୍ଡିଜ କ୍ରିକେଟର ଭବିଷ୍ୟତ ନିର୍ଭର କରୁଛି।

ବିଶ୍ୱକପ୍ ବିପର୍ଯ୍ୟୟ ପରେ ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତ କେତୋଟି ବିଭାଗରେ ସଫଳ ପ୍ରଦର୍ଶନ କରିଛି। ଏହା ପଛରେ କେତେଜଣ କ୍ରିକେଟରଙ୍କ ଭୂମିକା ରହିଛି। ତେବେ ଭିନ୍ନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତ ପାଇଁ କେତୋଟି ସମସ୍ୟା ମଧ୍ୟ ରହିଛି। ଓପନିଂରେ ଥିବା ସମସ୍ୟାକୁ ଭାରତ ଦୂର କରିପାରି ନାହିଁ। ମୟଙ୍କ ଅଗ୍ରୱାଲ ଭଲ ଖେଳୁଥିଲେ ମଧ୍ୟ ତାଙ୍କୁ ଆଉ କେତୋଟି ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ଓପନର ହିସାବରେ ଲୋକେଶ ରାହୁଲ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି।

ରୋହିତ ଶର୍ମାଙ୍କୁ ପୂର୍ବରୁ ଓପନିଂ କରିବାର ସୁଯୋଗ ଦିଆଯିବା ଉପରେ ମୁଁ ଆଲୋକପାତ କରିଥିଲି। ତାଙ୍କୁ ଏଥିପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ରୋହିତ ଜଣେ ଉଚ୍ଚକୋଟୀର କ୍ରିକେଟର। ବିଶ୍ୱକପ୍‌ରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଟେଷ୍ଟ ଫର୍ମାଟ୍‌ରେ ମଧ୍ୟ ସେ ସଫଳ ହେବେ ବୋଲି ମନେକରେ। ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରି ଏହି ସିରିଜ୍‌ରେ ଭଲ ପ୍ରଦର୍ଶନ କରି ମିଡଲ ଅର୍ଡରରେ ସ୍ଥାନ ପକ୍କା କରିଛନ୍ତି। ତେଣୁ ମିଡଲ ଅର୍ଡରରେ ଅଦଳବଦଳ କରିବାର ଆବଶ୍ୟକତା ନାହିଁ।

ଦ୍ରୁତ ବୋଲିଂରେ ଯଶପ୍ରୀତ ବୁମ୍ରାଙ୍କ ଅଭ୍ୟୁଦୟ ହୋଇଛି ଓ ସେ ଏହି ସିରିଜରେ ଭାରତ ପାଇଁ ଏକ ବଡ଼ ଆବିଷ୍କାର ସାବ୍ୟସ୍ତ ହୋଇଛନ୍ତି। ଦିନକୁ ଦିନ ବୁମ୍ରା ଉନ୍ନତି କରିବାରେ ଲାଗିଛନ୍ତି।


SEAGRAM'S
ROYAL STAG
MEGA MUSIC CDs


ଆଗାମୀ ଦିନରେ ସେ ବିଶ୍ୱ କ୍ରିକେଟରେ ପ୍ରଭାବ ବିସ୍ତାର କରିବେ। କେବଳ ଗତି ନୁହଁ, ଲାଇନ୍ ଲେନ୍ଥ ଓ ବିବିଧତାରେ ତାଙ୍କର ଉତ୍କୃଷ୍ଟତା ପ୍ରଶଂସନୀୟ ବୋଲି କୁହାଯାଇପାରେ। ସବୁ ଫର୍ମାଟରେ ସେ ବ୍ୟାଟ୍ସମ୍ୟାନଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛନ୍ତି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ସତର୍କତାର ସହ ହ୍ୟାଣ୍ଡଲ କରିବାର ଆବଶ୍ୟକତା ରହିଛି। ନହେଲ ଇଞ୍ଜୁରି ସମସ୍ୟାରେ ସେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଦ୍ରୁତ ବୋଲିଂରେ ଉମେଶ ଓ ସାମି ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ତୁଲାଇଛନ୍ତି। ଭୁବନେଶ୍ୱର କୁମାର, ଉମେଶ ଯାଦବ ଓ ନବଦୀପ ସଇନି ସୁଯୋଗ ଅପେକ୍ଷାରେ ରହିଛନ୍ତି। ଭାରତୀୟ ଦ୍ରୁତ ବୋଲିଂ ବିଭାଗ ଏବେ ବୋଲରଙ୍କ କାର୍ଯ୍ୟଭାରରେ ସନ୍ତୁଳନ ରଖିବାରେ ସଫଳ ହୋଇଛନ୍ତି। ଅବଶ୍ୟ ଏହି ପ୍ରକ୍ରିୟାରେ ଦଳର ପ୍ରଦର୍ଶନ ଆଦୌ ପ୍ରଭାବିତ ହୋଇନାହିଁ। ଏବେକାର ଦ୍ରୁତ ବୋଲରମାନଙ୍କ ପ୍ରଦର୍ଶନ ପ୍ରଭାବିତ ହେଇ ଭାରତ ଘରୋଇ ପରିବେଶରେ ବାଉନ୍ସ ପିଚ୍ ପ୍ରସ୍ତୁତ୍ କରିବାକୁ ପଛାଇବ ନାହିଁ ବୋଲି ଭାବୁଛି।

ସ୍ପିନ୍ ବିଭାଗରେ ରବିଚନ୍ଦ୍ରନ ଅଶ୍ୱିନ୍, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ଟେଷ୍ଟ ଫର୍ମାଟରେ ଭଲ ପ୍ରଦର୍ଶନ କରିବା ଅପେକ୍ଷାରେ ରହିଛନ୍ତି। ଅଧିନାୟକ ବିରାଟ କୋହଲି ମଧ୍ୟ ଠିକ୍ ସମୟରେ ଉପଯୁକ୍ତ ଖେଳାଳିଙ୍କୁ ସୁଯୋଗ ଦେବେ ବୋଲି ଆଶା କରାଯାଉଛି।

–(ଗେମ୍ ପ୍ଲାନ)

**ଜାତୀୟ ଅନ୍‌ଇକ୍ୟୁପ୍‌ମେଣ୍ଟ ଶକ୍ତିଉତ୍ତୋଳନ**

# ଓଡ଼ିଶା ଜୁନିୟର ଦଳ ଘୋଷିତ

**ଭୁବନେଶ୍ୱର, ୪।୯(କ୍ରୀଡ଼ା ପ୍ରତିନିଧି)**

ଚଳିତମାସ ୨୬ରୁ ୩୦ ପର୍ଯ୍ୟନ୍ତ କେରଳର ଇଦୁକିଠାରେ ଜାତୀୟ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ଅନ୍‌ଇକ୍ୟୁପ୍‌ମେଣ୍ଟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଜୁନିୟର ଦଳପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇ ଓଡ଼ିଶା ଦଳ ଘୋଷିତ ହୋଇଛି। ଜୁନିୟର ବାଳକ ବିଭାଗରେ ରଞ୍ଜନ ହାଁସଦା, ସୁଦାମ ସିଂ, ଦେବାଶିଷ ମହାନ୍ତି, ମହେନ୍ଦ୍ର କୁମାର ରାଉତ, ସମୀର ବିଶ୍ୱାଳ, ସୁଜିତ ପ୍ରତାପ ଚୌଧୁରୀ, ଆଶିଷ କୁମାର ବେଜ୍ ଏବଂ ବାଳିକା ବିଭାଗରେ ଭାରତୀ ପାତ୍ର, ପ୍ରଭାତି ସିଂ, ଦେବୀ ସିଂ, ପଦ୍ମାବତୀ ସିଂ, ମାମୁନି ପଲେଇ, ସୁଷମା ରାଏ, ଗାୟତ୍ରୀ ବେହେରା ଓ ପ୍ରିୟମ୍ବଦା ପରିଡ଼ା ମନୋନୀତ ହୋଇଥିବା ରାଜ୍ୟ ସଂଘ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁଙ୍କ ସୂତ୍ରରୁ ପ୍ରକାଶ। ମନୋନୟନ ପ୍ରକ୍ରିୟାକୁ ପ୍ରଦୀପ ପାତ୍ର, ଶକ୍ତିରଞ୍ଜନ ବାରିକ, ସତ୍ୟବ୍ରତ ବେହେରା, ରୁଦ୍ରନାରାୟଣ ସାହୁ, ବିଚିତ୍ର କୁମାର ନାୟକ, ସୂର୍ଯ୍ୟକାନ୍ତ ଦାସ ପରିଚାଳନା କରିଥିଲେ। ପୂର୍ବରୁ ଅନ୍ୟ ବିଭାଗଗୁଡ଼ିକ ପାଇଁ ଓଡ଼ିଶା ଦଳ ଘୋଷଣା ହୋଇଥିଲା।

# ଟି୨୦ ସିରିଜ ଜିତିଲା ନ୍ୟୁଜିଲାଣ୍ଡ

ପାଲିକେଲ, ୪।୯: ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୨ଟି ବଲ୍ ଥାଇ ୪ ଉଇକେଟରେ ବିଜୟୀ ହୋଇଛି। ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏହି ମୁକାବିଲାରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ୬ ଉଇକେଟ ହରାଇ ୧୬୫ ରନ କରି ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୦ରେ ଅଗ୍ରଣୀ ହେବା ସହ ନ୍ୟୁଜିଲାଣ୍ଡ ଆଗୁଆ ସିରିଜ ହାତେଇ ନେଇଛି। ୪ ଓଭର ବୋଲିଂ କରି ୧୮ ରନ ବ୍ୟୟ କରିବା ସହ ମୂଲ୍ୟବାନ ୨ ଉଇକେଟ ନେଇଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ତଥା ଅଧିନାୟକ ଟିମ୍ ସୌଦି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।


ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସୁଷମା ଦାସ
ଧବଳଗିରି, ଯାଜପୁରରୋଡ଼, ଯାଜପୁର
ଆବିର୍ଭାବ: ୧୯୪୫ ମସିହା
ତିରୋଧାନ: ୨୬.୦୮.୨୦୦୯
ନଅବର୍ଷ ହେଲା କୁଆଡ଼େ ଗଲ ବୋଉ,
(ଆଉ) ଦେଖା ତ ଦେଲ ନାହିଁ
ତୁମ ଗଲା ବାଟକୁ ଅନାଇ ଅନାଇ
ଦିନ ଆମ ସରୁ ନାହିଁ
ତୁମେ ପରା ଥିଲ ଦୂର ଆକାଶର ଚାନ୍ଦପରି
ତୁମ କଥା ମାନ ମନରେ ପଡ଼ିଲେ
କୋହରେ ହୃଦୟ ଯାଏ ଭରି
କେତେ ଦିନ ଆଉ ମନେ ପକାଇବୁ
କିଏ କହିବ ଏଇ କଥା
ତଥାପି ତୁମକୁ ଭୁଲି ପାରିବୁନି
ଭାବିଲେ ମନରେ ଲାଗୁଛି ବ୍ୟଥା।
ଏବେ ଆମ ବୋଉ ଯେଉଁଠି ଥାଆନ୍ତୁ ମନରେ ଆମକୁ ରଖିଣ ଥାଆନ୍ତୁ
ଠାକୁରଙ୍କ ପାଖେ ପ୍ରାର୍ଥନା କରୁଛୁ ସୁଖରେ ଦିନ କଟାଉ ଥାନ୍ତୁ।
'ଇତି'
ହତଭାଗ୍ୟ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-୧୪୨୧୮

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



✓ ହରିହର ଦାଶ
ଧାଙ୍ଗୁଡିଶୋଳ, ମୟୁରଭଞ୍ଜ
ଆବିର୍ଭାବ - ୦୯.୦୫.୧୯୩୬
ତିରୋଧାନ - ୦୬.୦୯.୨୦୧୮
ବାପା, ତୁମ ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଆମର ପ୍ରେରଣା ର ଉତ୍ସ, ତୁମ ଆଶିର୍ବାଦ ଆମମାନଙ୍କ ଉପରେ ସବୁବେଳେ ଥାଉ ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା।
ଶୋକ ସନ୍ତପ୍ତ
ପୁତ୍ର-କୃଷ୍ଣ, ପୁତ୍ରବଧୂ-ରୁବି, ଝିଅ-ଗିତା, ବେବି, ମାନୁ, ଜ୍ୱାଇଁ-ଅମଲ, ରତନ, ଦିଲ୍ଲିପ୍, ନାତି-ପିଙ୍କୁ, ନିଙ୍କୁ, ଟିକନ,ଚିକୁ, ନାତୁଣୀ-ରିଙ୍କି, ପିଙ୍କି, ଟିକିଲ୍, ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୪୨୧୯

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୫/୨୦୧୯ Sambalpur, Thursday, September 5 / 2019

## ସଂକ୍ଷେପରେ

### ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କ ଆତ୍ମହତ୍ୟା

ବେଲପାହାଡ଼,୪।୯ (ଡ଼ି.ଏନ୍.ଏ) ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ସମଡ଼ା ବଜାରପଡ଼ାରେ ଜଣେ ଅବସରପ୍ରାପ୍ତ ରେଳ କର୍ମଚାରୀ ଗଳାରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନଗେନ୍ଦ୍ର ଦାଶ (୬୨)। ଏହି ସମୟରେ ତାଙ୍କ ଘରେ କେହି ନ ଥିଲେ। ପୁଅ ଏକ ଘରୋଇ କମ୍ପାନୀରେ ଚାକିରୀ କରୁଥିବାରୁ ଘରେ ନ ଥିଲେ। ନଗେନ୍ଦ୍ରଙ୍କ ସ୍ତ୍ରୀ କୌଣସି କାମରେ ଗାଁକୁ ଯାଇଥିଲେ। ପୋଲିସ ଆତ୍ମହତ୍ୟା ସୂଚନା ପାଇ ଘର ଭିତରୁ ଝୁଲନ୍ତା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ଜଣା ପଡ଼ିନାହିଁ। ପାରିବାରିକ ଆଶାନ୍ତି ହିଁ ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

### ହାଇୱାରୁ ଖସି ଯୁବକ ମୃତ

ରାଉରକେଲା ଅଫିସ,୪।୯:ରଘୁନାଥପାଲି ଥାନା ରୂପଟୋଲା ଅଞ୍ଚଳରେ ବୁଧବାର ହାଇୱାରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ହାଇୱା (ନଂ. ଓଡ଼ି୧୪-ପି୫୫୪୯) ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ ଯୁବକ ଜଣକ ହାଇୱା ଡାଲାରେ ବସିଥିବା ବେଳେ ତଳକୁ ଖସିପଡ଼ିଥିଲେ। ପଛ ଚକ ତାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ବାରକୋଟ, ୪।୯(ଡି.ଏନ.ଏ.): ଦେବଗଡ଼ ଜିଲା ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ବସାଇଲ ଛକ ନିକଟରେ ଟ୍ରକ୍ ଧକ୍କାରେ ବୈକୁଣ୍ଠ ସାହୁ (୬୫) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୈକୁଣ୍ଠ ନିଜ ସ୍ତ୍ରୀ ମଧୁରା (୫୦)ଙ୍କ ଦେହ ଅସୁସ୍ଥ ଥିବାରୁ ଦେବଗଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରି ନିଜ ଗାଁ ବସାଇଲକୁ ଫେରୁଥିଲେ। ତାଙ୍କ ନାତି ରାଜା ସାହୁ ସହିତ ରାତି ୮ଟାରେ ବସରୁ ଓହ୍ଲାଇ ରାସ୍ତାପାର ହେଉଥିବାବେଳେ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣକାରୀ ସଂସ୍ଥାକୁ ଦାୟୀକରି ରାସ୍ତାରୋକୋ କରିଛନ୍ତି। ଦେବଗଡ଼ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ରାତି ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଦ୍ୟୁତ୍ ନେଲା ୬ ଜୀବନ

**ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜ୍ୟର ବିଭିନ୍ନ ସ୍ଥାନରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ଜିଲାରେ ଏକ ଦମ୍ପତିଙ୍କ ସହ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ନୟାଗଡ଼ ଜିଲାରେ ୨ ଜଣ ଓ ବରଗଡ଼ ଜିଲାରେ ଜଣେ ଯୁବକଙ୍କ ଜୀବନ ଯାଇଛି।**

### ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଦମ୍ପତି ମୃତ


ରଜନୀ ଓ ହେମନ୍ତଙ୍କ ମୃତ୍ୟୁ ପରେ ଅସହାୟ ହୋଇ ପଡ଼ିଥିବା ଦୁଇ ଝିଅ।

**ଲୋଇସିଂହା,୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ଗ୍ରାମରେ ବୁଧବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଜନୀ ନାଗ(୩୦) ଓ ତାଙ୍କ ସ୍ୱାମୀ ହେମନ୍ତ ନାଗ(୩୫)। ମଙ୍ଗଳବାର ହେମନ୍ତଙ୍କ ପରିବାର ବେଶ୍ ହସଖୁସିରେ ନୂଆଁଖାଇ ମନାଇଥିଲେ। ବୁଧବାର ସକାଳ ପ୍ରାୟ ୫ଟାରେ ରଜନୀ ଗାଧୋଇ ସାରି ଘର ଅଗଣାରେ ଓଦା କପଡା ଶୁଖାଉଥିଲେ। ଏହି ସମୟରେ ସେଠାରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସି ଯାଇଥିଲେ। ସ୍ତ୍ରୀଙ୍କ ଚିତ୍କାର ଶୁଣି ହେମନ୍ତ ସେଠାକୁ ଆସି ବିଦ୍ୟୁତ୍ ତାରକୁ ଏକ ବାଡିରେ ପିଟି ଦେଇଥିଲେ। ହେଲେ ତାରଟି ଛିଡି ଯାଇ ତାଙ୍କ ଗୋଡରେ ଛନ୍ଦି ହୋଇଯାଇଥିଲା। ଫଳରେ ଉଭୟେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ପଡିଥିଲେ। ପଡୋଶୀମାନେ ତାଙ୍କୁ ଉଦ୍ଧାର କରି ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଲୋଇସିଂହ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୧୯) ରୁଜୁ ହୋଇଛି। ନାଗ ଦମ୍ପତିଙ୍କ ମୃତ୍ୟୁ ପରେ ତାଙ୍କ ଦୁଇ ଝିଅ ଅସହାୟ ହୋଇ ପଡିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ କର୍ଡଙ୍ଗ ଗ୍ରାମର ମୂଳବାସିନ୍ଦା ହେମନ୍ତ ନାଗ ରଜନୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରଠାରୁ ଗତ ୧୦ବର୍ଷ ହେଲା ସେମାନେ ଆଗଲପୁର ଆସି ରହୁଥିଲେ। ତାଙ୍କର ୬ ଓ ୩ ବର୍ଷର ଦୁଇ ଝିଅ ଅଛନ୍ତି।

### ସାନଭଉଣୀ ପାଇଁ ବଡ଼ଭାଇ ଆଖି ବୁଜିଲେ

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗୁରୁଣ୍ଡା ଗ୍ରାମରେ ସେମିତି ଏକ ଅଭାବନୀୟ ଘଟଣା ବୁଧବାର ଘଟିଛି। ସାନ ଭଉଣୀକୁ ବଞ୍ଚାଇବାକୁ ଯାଇ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ସାନଭଉଣୀ ପ୍ରେମଲତା ସରାଫ(୧୬) ସକାଳେ ଘର ଓଳାଉଥିଲେ। ଏହି ସମୟରେ ଗଣେଶ ପୂଜା ପାଇଁ ଘରେ ଲାଗିଥିବା ଲିଚୁ ଲାଇଟ ସଂସ୍ପର୍ଶରେ ସେ ଆସି ଯାଇଥିଲେ। ଭଉଣୀଙ୍କ ଚିତ୍କାର ଶୁଣି ଅନ୍ୟ ଘରେ ଥିବା ବଡ଼ଭାଇ କର୍ଣ୍ଣଦାନୀ(୧୯)ସେଠାକୁ ଆସି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେଲେ ବିଦ୍ୟୁତ ଆଘାତରେ ସେ ଗୁରୁତର ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର କର୍ଣ୍ଣଦାନୀଙ୍କୁ ମୃତ ଘୋଷଣା କରିଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କଣ୍ଟାବାଞ୍ଜି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ ହୋଇଛି।

### ହୋଲ୍ଡର ମରାମତି ବେଳେ ୨ ମୃତ

**ରଣପୁର,(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡିର ରଙ୍କଦେଉଳି ଗାଁରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଲକ୍ଷ୍ମଣ ସାହୁ(୫୮) ଓ ରବି ପରିଡା(୩୦)। ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ ୧୧/୧୯) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ରଙ୍କଦେଉଳି ଗାଁର ଲକ୍ଷ୍ମଣ ବୁଧବାର ଘରେ ଏକୁଟିଆ ଥିଲେ। କୌଣସି କାରଣରୁ ସେ ଗାଁର ରବିଙ୍କୁ ଘରକୁ ଡାକିଥିଲେ। ଏହି ସମୟରେ ଲକ୍ଷ୍ମଣ ଏକ ଅଚଳ ହୋଲଡର ମରାମତି କରୁଥିଲେ। ଅସାବଧାନତା ଯୋଗୁ ତାଙ୍କୁ ହଠାତ୍ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ଚିତ୍କାର କରିବାରୁ ରବି ତାଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଉଭୟଙ୍କ ଚିତ୍କାର ଶୁଣି ଗାଁ ଲୋକେ ସେଠାରେ ପହଞ୍ଚି ବହୁ କଷ୍ଟରେ ଦୁହିଁଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିସାରିଥିଲା। ରବିଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଦ୍ୟୁତ୍ ତାର ଲାଗି ଯୁବକ ମୃତ

**ଗାଇସିଲେଟ, (ଡି.ଏନ.ଏ.):** ଗଣେଶ ଭସାଣି ଶୋଭାଯାତ୍ରା ସାରି ଏକ ଡିଜେ ଗାଡି ଉପରେ ବସି ଘରକୁ ଫେରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରେନ୍ଦ୍ର ବରିହା(୨୬)। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଗାଇସିଲେଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯) ରୁଜୁ ହୋଇଛି।

ବୁଧବାର ସନ୍ଧ୍ୟା ୬ଟାରେ ବରଗଡ଼ ଜିଲା ଗାଇସିଲେଟ ଥାନା ତାଲପାଲି ପଞ୍ଚାୟତର ଜେମକେରା ଗାଁରେ ଗଣେଶ ଭସାଣି ଶୋଭାଯାତ୍ରା ଥିଲା। ବୀରେନ୍ଦ୍ର ଏକ ଡିଜେ ଗାଡିରେ ବସି ଉକ୍ତ ଶୋଭାଯାତ୍ରାକୁ ଯାଇଥିଲେ। ସେଠାରେ ଶୋଭାଯାତ୍ରା ସରିବା ପରେ ବୀରେନ୍ଦ୍ର ଉକ୍ତ ଗାଡି ଉପରେ ବସି ଘରକୁ ଫେରୁଥିଲେ। ଚଂଘରିଆ ଗାଁ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ବୀରେନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା, ସ୍ୱାମୀ ଗିରଫ

### ଶାଶୁ ଥାନାରେ ଅଟକ

ସିନାପାଲି,୪।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ଖଲନା ଗ୍ରାମରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ କିରୋସିନ ଢାଳି ସ୍ୱାମୀ ନିଆଁ ଲଗାଇ ହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ମୁକ୍ତା ଛତ୍ରୀ (୩୬)। ଏ ନେଇ ସିନାପାଲି ଥାନାରେ ମୃତକଙ୍କ ବାପା ଅଭିଯୋଗ କରିଛନ୍ତି। ଖବର ପାଇ ସିନାପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ପୋଲିସ ଦଫା ୪୯୮, ୩୦୪, ୩୦୨, ୪ ଡିପି ଆକ୍ଟ ୩୪ ଆଇପିସିରେ ଏକ ମାମଲା (ନଂ.୧୯୭/୧୯) ରୁଜୁ କରିଛି। ପୋଲିସ ଏହି ଘଟଣାରେ ସ୍ୱାମୀ ହୀରାଧର ଛତ୍ରୀଙ୍କୁ ଗିରଫ କରିଛି। ଶାଶୁଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ୫ ବର୍ଷ ହେବ ହୀରାଧର ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ପିପଲପଦର ଗ୍ରାମର ହରେକୃଷ୍ଣ ନାଏକଙ୍କ ଝିଅ ମୁକ୍ତାଙ୍କୁ ପାରମ୍ପରିକ ରୀତିରେ ବିବାହ କରିଥିଲେ। ମଙ୍ଗଳବାର ତାଙ୍କ ଘରେ ନୂଆଁଖାଇ ପାଳିତ ହୋଇଥିଲା। ବୁଧବାର କାହିଁକି ମୁକ୍ତାଙ୍କୁ ତାଙ୍କ ସ୍ୱାମୀ ପୋଡି ହତ୍ୟା କଲେ ତା'ର ରହସ୍ୟ ଜଣାପଡିନାହିଁ। ତାଙ୍କ ଅନୁପସ୍ଥିତିରେ ମୁକ୍ତା ଚୁଲି ନିଆଁରେ ପୋଡି ମରିଯାଇଥିବା ହୀରାଧର କହିଛନ୍ତି। ତାଙ୍କର ୪ ବର୍ଷର ଏକ ଝିଅ ଓ ୮ ମାସର ଏକ ପୁଅ ଅଛି।

## ଋଣ ଭାର ଅସହ୍ୟ ହେଲା
# ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା

ସମ୍ବଲପୁର,୪।୯(ବ୍ୟୁରୋ)

- ବର୍ଷା ଅଭାବରୁ ୭ ଏକର ଜମି ପଡ଼ିଆ ପଡିଥିଲା
- ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଋଣ ବୋଝ ରହିଛି

ସମ୍ବଲପୁର ଜିଲାର ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଯୁଯୁମୁରା ଥାନା ଖଇରମାଲ ଗ୍ରାମର ଅବଧୂତ ପ୍ରଧାନ (୫୪)। ବୁଧବାର ପୂର୍ବାହ୍ନରେ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି। ବର୍ଷା ଅଭାବ ଯୋଗୁ ଚାଷ କାମରେ ବାଧା ଓ ଋଣଭାର ଚିନ୍ତାରେ ସେ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଅବଧୂତଙ୍କ ପୁଅ ମନୋଜଙ୍କ କହିବା ଅନୁସାରେ ତାଙ୍କର ସମୁଦାୟ ୮ ଏକର ଜମି ରହିଛି। ଏଥର ବର୍ଷା ଅଭାବରୁ ମାତ୍ର ୧ ଏକର ଜମିରେ ଧାନ ରୁଆ ହୋଇଥିଲା। ବାକି ଜମି ପଡିଆ ପଡିଥିଲା। ସମବାୟ ସମିତି ଓ ମହାଜନଙ୍କଠାରୁ ଅବଧୂତ ପ୍ରାୟ ୨ ଲକ୍ଷ ଟଙ୍କା ଋଣ କରିଥିଲେ। ସେଥିପାଇଁ ସେ ଅଧିକାଂଶ ସମୟ ଋଣ ପରିଶୋଧ ଚିନ୍ତାରେ ରହୁଥିଲେ। ଗତ ବୁଧବାର ବ୍ୟାଙ୍କରୁ ଫେରିବା ବାଟରେ ସେ କୀଟନାଶକ ପିଇ ଦେଇଥିଲେ। ଘରେ ପହଞ୍ଚି ଦେହ ଭଲ ଲାଗୁ ନ ଥିବା କହିଥିଲେ। ତାଙ୍କୁ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଆଇସିୟୁ ନ ଥିବା କହି ତାଙ୍କୁ କଟକ ରେଫର କରାଯାଇଥିଲା। ହେଲେ ଘର ଲୋକେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦକୁ ଟଙ୍କା ବାକି ଥିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତଦେହ ଛାଡିବାକୁ ମନା କରି ଦେଇଥିଲେ। ଏହି ଖବର ପାଇ ବିଜେଡି ଜିଲା ସଭାପତି ପ୍ରମୋଦ ରଥ ଓ ଗ୍ରାମର ଚାଷୀମାନେ ସେଠାରେ ପହଞ୍ଚି ଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି କରି ପରିବାର ବର୍ଗ ମୃତଦେହ ନେଇଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଯୁଯୁମୁରା ତହସିଲଦାର ସୁକାନ୍ତ ନାଏକ କହିଛନ୍ତି, ଅବଧୂତ ଚାଷ ପାଇଁ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯିବ।

### କାମ ଦେଲାନି ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ

ଅବଧୂତଙ୍କ ନାମରେ ବିଜୁ କୃଷକ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ରହିଛି। ହେଲେ ଏହି ଘରୋଇ ମେଡିକାଲରେ ସେ କୌଣସି ସୁବିଧା ପାଇ ପାରିଲେ ନାହିଁ। ୮ ଦିନରେ ମେଡିକାଲରେ ୭୪ ହଜାର ଟଙ୍କା ବିଲ୍ ହୋଇଛି। ଘର ଲୋକେ ଧାର, କରଜ କରି ପ୍ରାୟ ୧୫ ହଜାର ଟଙ୍କା ପୈଠ ଦେଇଛନ୍ତି। ବାକି ଟଙ୍କା ଦେଇ ପାରୁବେ ନାହିଁ ବୋଲି କହିଥିଲେ। ସ୍ୱାସ୍ଥ୍ୟ ବୀମା କାର୍ଡ ରହିଛି। ହେଲେ କିଛି କାମ ଦେଲା ନାହିଁ ବୋଲି ଅବଧୂତଙ୍କ ପୁଅ ମନୋଜ ଅଭିଯୋଗ କରି ସରକାରୀ ବ୍ୟବସ୍ଥା ଉପରେ କ୍ଷୋଭ ପ୍ରକାଶ କରିଛନ୍ତି।

## ପୋଲ ତଳକୁ ଖସିଲା କାର୍: ୨ମୃତ, ୨ଗୁରୁତର


ପୋଲ ତଳକୁ କାର ଖସିପଡ଼ିଛି।

ବଡ଼ଗାଁ, ୪।୯ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାମରା ଯିବା ରାସ୍ତାର ମାଲିପଡ଼ା ଗାଁ ନିକଟରେ ଥିବା ପୋଲ ତଳକୁ ଭାରସାମ୍ୟ ହରାଇ ଏକ କାର ଖସି ପଡ଼ିଛି। ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ବୁଧବାର ଅପରାହ୍ନ ୪ଟାରେ ବାମରା ଥାନା ଅନ୍ତର୍ଗତ ସର୍ଗୀଡିହି ଗ୍ରାମର ବୀରେନ୍ଦ୍ର ନାଏକ (୪୦), ସୌମ୍ୟରଞ୍ଜନ ନାଏକ(୪୩), ବଡ଼ଗାଁ ଥାନା ରାଏଡିହି ଗ୍ରାମର ନରେନ୍ଦ୍ର ସା (୪୫) ଓ ଚେମଠାପଡ଼ା ଗ୍ରାମର ଭବାନୀଶଙ୍କର ଗୌଡ଼ (୪୩) ଏକ କାର ନଂ. ଓଡି୧୫ଜେ-୫୪୫୩ରେ ବାମରା ଆଡ଼କୁ ଯାଉଥିଲେ। ପୋଲ ନିକଟରେ ନିୟନ୍ତ୍ରଣ ହରାଇ କାର ତଳକୁ ଖସିପଡ଼ିଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ବଡ଼ଗାଁ ଡାକ୍ତରଖାନା ଅଣାଯାଇଥିଲା। ବଡ଼ଗାଁ ଡାକ୍ତରଖାନାରେ ବୀରେନ୍ଦ୍ର ନାଏକଙ୍କ ମୃତ୍ୟୁ ଘଟିଥିଲା। ନରେନ୍ଦ୍ର ସାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସୁନ୍ଦରଗଡ଼ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବଡ଼ଗାଁ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ଦସ୍ତାବିଜ ଦେବ ନାଗରିକତ୍ୱର ପ୍ରମାଣ

ଭୁବନେଶ୍ୱର, ୪।୯ (ବ୍ୟୁରୋ)




ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଆସାମର ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି)ର ଚୂଡ଼ାନ୍ତ ତାଲିକା ୩୧ ଅଗଷ୍ଟ ୨୦୧୯ରେ ପ୍ରକାଶ ପାଇଛି। ଏଥିରେ ୩ କୋଟି ୧୧ ଲକ୍ଷ ୨୧ ହଜାର ୪ ଜଣ ସାମିଲ ହୋଇଛନ୍ତି। ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏଥିରୁ ବାଦ୍ ପଡ଼ିବା ପରେ ଆସାମ ସମେତ ଦେଶବ୍ୟାପୀ ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଛି। କୁହାଯାଉଥିଲା ଆସାମକୁ ବେଆଇନ ଭାବେ ଅନୁପ୍ରବେଶ କରିଥିବା ବାଂଲାଦେଶୀ ମୁସଲମାନଙ୍କୁ ତଡ଼ିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। କିନ୍ତୁ ୧୯୬୦ ପୂର୍ବରୁ ପୂର୍ବ ପାକିସ୍ତାନରୁ ଆସିଥିବା ହିନ୍ଦୁମାନେ ମଧ୍ୟ ତାଲିକାରୁ ବାଦ୍ ପଡ଼ିଯାଇଛନ୍ତି। ଏନ୍ଆର୍ସି ଏବେ ଆସାମରେ ବିଭେଦର ରେଖା ଟାଣିଥିବା ବେଳେ ଓଡ଼ିଶା ସମେତ ଅନ୍ୟାନ୍ୟ କେତେକ ରାଜ୍ୟରେ ସମାନ ବ୍ୟବସ୍ଥା ଲାଗୁ କରାଗଲେ ଅନୁପ୍ରବେଶକାରୀମାନଙ୍କୁ ଠାବ କରାଯାଇପାରିବ ବୋଲି କଥା ଉଠିଲାଣି। ଏଭଳି ସ୍ଥଳେ କେଉଁମାନେ ନାଗରିକତ୍ୱ ପାଇବା ପାଇଁ ହକ୍ଦାର ଓ ଏଥିଲାଗି ରହିଥିବା ସର୍ତ୍ତ ପୂରଣ କିଭଳି ହୋଇପାରିବ ତାହା ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଆସାମରେ ଏନ୍ଆର୍ସି ଚିଠା ତାଲିକାରୁ ପ୍ରଥମେ ଯେଉଁମାନେ ବାଦ୍ ପଡିଥିଲେ, ସେମାନଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ କରିବା ପାଇଁ ସୁପ୍ରିମକୋର୍ଟ ବର୍ଷକ ତଳେ (୫ ସେପ୍ଟେମ୍ବର ୨୦୧୮) ୧୦ଟି ଦଲିଲର ପ୍ରମାଣ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ଅନ୍ୟ ପକ୍ଷମାନଙ୍କ ମତାମତ ଲୋଡ଼ିଥିଲେ। ଏନେଇ ଅଦାଲତ ଆସାମ ପବ୍ଲିକ୍ ୱାର୍କସ, ଆସାମ ସମ୍ମିଳିତ ମହାସଂଘ, ନ୍ୟାଶନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଫ୍ ବୋଡୋଲାଣ୍ଡ (ପ୍ରୋଗ୍ରେସିଭ୍), ଇଣ୍ଡିଜେନିଅସ୍ ଟ୍ରାଇବାଲ ପିପୁଲ୍ସ ଫେଡେରେଶନ, ଅଲ୍ ଆସାମ ଭୋଜପୁରୀ ପରିଷଦ, ବଙ୍ଗାଳୀ ଶରଣାର୍ଥୀ ମିଳିତ କ୍ରିୟାନୁଷ୍ଠାନ କମିଟି, ଅଲ୍ ଆସାମ ମାଇନରିଟି ଷ୍ଟୁଡେଣ୍ଟସ୍ ୟୁନିୟନ ଏବଂ ଜାମିଆତ ଉଲେମା-ଇ-ହିନ୍ଦ୍ ସଂଗଠନଙ୍କୁ ମଧ୍ୟ ଜବାବ ମାଗିଥିଲେ। ତେବେ ନାଗରିକତ୍ୱ ହାସଲ ସକାଶେ ୧୦ଟି ପରିଚୟ ଦସ୍ତାବିଜ୍ ପ୍ରାମାଣିକ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ରୋହିଣ୍ଟନ ଫଲି ନରିମାନ କହିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇରେ ଆସାମରେ ଏନ୍ଆରସି ଚିଠା ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରେ ୨ କୋଟି ୮୯ ଲକ୍ଷ ୮୩ ହଜାର ୬୭୭ ଜଣ ସାମିଲ ହୋଇଥିଲେ। ୩ କୋଟି ୨୯ ଲକ୍ଷ ୯୧ ହଜାର ୩୮୪ ଜଣ ଆବେଦନ କରିଥିବାବେଳେ ୪୦ ଲକ୍ଷ ୭ ହଜାର ୭୦୭ ଜଣ ତାଲିକାରୁ ବାଦ୍ ପଡିଥିଲେ। ସେମାନଙ୍କ ମଧ୍ୟରୁ ପ୍ରକୃତ ଯୋଗ୍ୟଙ୍କୁ ଏନ୍ଆର୍ସିରେ ସାମିଲ କରିବା ପାଇଁ ଏହାର ଆସାମ ଆବାହକ ପ୍ରତୀକ ହାଜେଲା ଦେଇଥିବା ପରିଚୟ ଦସ୍ତାବିଜ୍ ପ୍ରସ୍ତାବ ମଧ୍ୟରୁ ଜଷ୍ଟିସ ରଞ୍ଜନ ଗୋଗୋଇ ଓ ନରିମାନଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୦ଟିକୁ ଚୟନ କରିଥିଲା। ସେଗୁଡ଼ିକ ହେଲା-ଜମି ପଟ୍ଟା, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଏଲ୍ଆଇସି ପଲିସି, ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ପାଇଥିବା ଲାଇସେନ୍ସ ଅଥବା ପ୍ରମାଣପତ୍ର, ସରକାରୀ କିମ୍ବା ରାଷ୍ଟ୍ରାୟତ୍ତ କମ୍ପାନୀରେ ନିଯୁକ୍ତି ସମ୍ପର୍କିତ ଦସ୍ତାବିଜ୍, ବ୍ୟାଙ୍କ କିମ୍ବା ପୋଷ୍ଟଅଫିସ୍ ଆକାଉଣ୍ଟ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଇସ୍ୟୁ ହୋଇଥିବା ଜନ୍ମ ପ୍ରମାଣପତ୍ର, ବୋର୍ଡ କିମ୍ବା ବିଶ୍ୱବିଦ୍ୟାଳୟ ଦେଇଥିବା ଶିକ୍ଷାଗତ ପ୍ରମାଣପତ୍ର, ବିଚାର ବିଭାଗୀୟ ରେକର୍ଡ ଏବଂ ରାଜସ୍ୱ ଅଦାଲତର ରେକର୍ଡ। ଏହିସବୁ ଦସ୍ତାବିଜ ୧୯୭୧ ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ରହିଥିବା ଆବଶ୍ୟକ ବୋଲି ଏନ୍ଆର୍ସିରେ ଉଲ୍ଲେଖ କରାଯାଇଛି।

### ଏନ୍ଆର୍ସି ଲାଗି ୧୦ ସର୍ତ୍ତ

- ଜମି ପଟ୍ଟା
- ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର
- ଏଲ୍ଆଇସି ପଲିସି
- ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ପାଇଥିବା ଲାଇସେନ୍ସ ଅଥବା ପ୍ରମାଣପତ୍ର
- ସରକାରୀ କିମ୍ବା ରାଷ୍ଟ୍ରାୟତ୍ତ କମ୍ପାନୀରେ ନିଯୁକ୍ତି ସମ୍ପର୍କିତ ଦସ୍ତାବିଜ୍
- ବ୍ୟାଙ୍କ କିମ୍ବା ପୋଷ୍ଟଅଫିସ୍ ଆକାଉଣ୍ଟ
- ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଇସ୍ୟୁ ହୋଇଥିବା ଜନ୍ମ ପ୍ରମାଣପତ୍ର
- ବୋର୍ଡ କିମ୍ବା ବିଶ୍ୱବିଦ୍ୟାଳୟ ଦେଇଥିବା ଶିକ୍ଷାଗତ ପ୍ରମାଣପତ୍ର
- ବିଚାର ବିଭାଗୀୟ ରେକର୍ଡ
- ରାଜସ୍ୱ ଅଦାଲତର ରେକର୍ଡ

## ନାବାଳିକାଙ୍କୁ ଅସଦାଚରଣ
# ଅଭିଯୁକ୍ତଙ୍କୁ ନିର୍ଘାତ ପିଟିଲେ ପୀଡ଼ିତାଙ୍କ ମା'

ରାଉରକେଲା ଅଫିସ, ୪।୯

- ଗୁରୁତର ଅଭିଯୁକ୍ତ ବୁର୍ଲା ସ୍ଥାନାନ୍ତର
- ଥାନାରେ ମାମଲା ରୁଜୁ

ଘରେ କେହି ନ ଥିବାର ସୁଯୋଗ ନେଇ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଅସଦାଚରଣ ଓ ବଳାତ୍କାର ଉଦ୍ୟମ କରାଯାଇଥିବା ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପଟେ ପୀଡ଼ିତାଙ୍କ ମା'ଙ୍କ ମାଡ଼ରେ ଅଭିଯୁକ୍ତ ମାଲଗୋଦାମ ଅଞ୍ଚଳର ସନ୍ତୁ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆର୍ଜିଏଚ୍ରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁଧବାର ବୁର୍ଲା ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ପୋଲିସ ସୂଚନା ଅନୁଯାୟୀ, ନାବାଳିକାଙ୍କ ମା' ପରିବା କିଣିବାକୁ ନିକଟସ୍ଥ ବଜାରକୁ ଯାଇଥିଲେ। ଘରେ ନାବାଳିକା ଏକାକୀ ଥିଲେ। ଏହି ସୁଯୋଗରେ ସନ୍ତୁ ନାବାଳିକାଙ୍କୁ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଚିତ୍କାର କରିବାରୁ ପଡ଼ୋଶୀମାନେ ଆସିଯାଇଥିଲେ। ଫଳରେ ସନ୍ତୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ନାବାଳିକାଙ୍କ ମା' ବଜାରରୁ ଫେରି ସବୁକଥା ଶୁଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦଫା ୪୫୨, ୩୫୪ ଓ ପୋକ୍ସୋ ଆଇନ ଅନୁସାରେ ଏକ ମାମଲା (ନଂ-୨୭୧/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ମା' ମଧ୍ୟ ସନ୍ତୁଙ୍କୁ ଧରିବା ପାଇଁ ଖୋଜାଖୋଜି କରିଥିଲେ। ରାତିରେ ସନ୍ତୁଙ୍କୁ ମାଲଗୋଦାମ ଅଞ୍ଚଳରେ ଠାବ କରି ତାଙ୍କୁ ନିର୍ଘାତ ମାଡ଼ ମାରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୫ ସେପ୍ଟେମ୍ବର ,୨୦୧୯



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ମୋବାଇଲ ଚୋରି, ଦୁଇ ଗିରଫ

**ବରଗଡ଼ ଅଫିସ/ପାଇକମାଳ, ୪।୯(ଡି.ଏନ.ଏ.):** ମୋବାଇଲ ଚୋରି ଅଭିଯୋଗରେ ବରଗଡ଼ ସଦର ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବରଗଡ଼ ସହର ତଳିପଡାର ଆକାଶ ଠେଲା । ତାଙ୍କ ପାଖରୁ ୬ଟି ମୋବାଇଲ ଜବତ ହୋଇଛି । ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି । ସେହିପରି ପାଇକମାଳ ଥାନା ମିଠାପାଲି ଗ୍ରାମପଞ୍ଚାୟତ ଡୁଙ୍ଗୁରୀପାଲି ଗ୍ରାମର ଜଣେ ମୋବାଇଲ ଚୋରକୁ ପୋଲଇସ ବୁଧବାର ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଦୀପକ ଦଣ୍ଡସନା(୨୨) । ଗୁରୁବାର ତାଙ୍କୁ ପଦ୍ମପୁର କୋର୍ଟକୁ ପଠାଯିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି। ସୂଚନା ଅନୁସାରେ, ଗତ ସୋମବାର ରାତିରେ ବୁଧିମାନ ସାହୁ ବିଜୁ ଏକ୍ସପ୍ରେସ ୱେ କ୍ୟାମ୍ପରେ ଶୋଇଥିବାବେଳେ ତାଙ୍କର ଦୁଇଟି ମୋବାଇଲ ଚୋରି ହୋଇଥିଲା । ସେ ଏ ନେଇ ମଙ୍ଗଳବାର ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ସନ୍ଦେହରେ ଦୀପକଙ୍କୁ ଥାନାକୁ ଆଣି ପଚରାଉଚରା କରିବାବେଳେ ସେ ଉକ୍ତ ମୋବାଇଲ ଚୋରି କରିଥିବା ସ୍ୱୀକାର କରିଥିଲା ବୋଲି ପୋଲିସ ଜଣାଇଛି ।

### ଯୁବକଙ୍କୁ ହତ୍ୟା ଅଭିଯୋଗ

**ଭେଡ଼େନ,୪।୯(ଡ଼ି.ଏନ.ଏ):** ପଶ୍ଚିମ ଓଡ଼ିଶା ସାରା ନଆଖାଇ ପର୍ବ ଧୁମଧାମରେ ପାଳିତ ହେଉଥିବା ବେଳେ ବରଗଡ଼ ଜିଲା ଭେଡ଼େନ ଥାନା ଅର୍ଜୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଡ଼କପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି। ଏହି ଘଟଣାରେ ଗ୍ରାମର ନନ୍ଦିଘୋଷ ମାହାର (୪୨)ଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଭାଇ ଏକାଦଶିଆ ମାହାରଙ୍କ ଅଭିଯୋଗ ଅନୁସାରେ ଭେଡ଼େନ ଥାନାରେ ଆଇପିସି ଧାରା ୪୫୨, ୨୯୪, ୫୦୬, ୩୦୨ ଏବଂ ୩୪ରେ ଏକ ମାମଲା (ନଂ.୧୩୮/୧୯) ରୁଜୁ ହୋଇଛି । ଏହି ମାମଲାର ଅଭିଯୁକ୍ତ ଖଗେଶ୍ୱର ମାହାର ମଧ ଆହତ ହୋଇ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି । ଅଭିଯୋଗ ମୁତାବକ, ଖଗେଶ୍ୱର ସରକାରୀ ଜମି ଜବରଦଖଲ କରିଥିବା ବେଳେ ନନ୍ଦିଘୋଷଙ୍କ ଉଦ୍ୟମ କ୍ରମେ ସେହି ଜମି ପୁଣି ଗ୍ରାମବାସୀଙ୍କ କବଜାକୁ ଆସିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଖଗେଶ୍ୱର ନନ୍ଦିଘୋଷଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ତେବେ ଏହି ଘଟଣାକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଛି ।

### ବାଉଁସେନପାଲିରେ ଗଣେଶପୂଜା

**ଜାମଟିକ୍ରା,୪।୯(ଡିଏନଏ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ପଞ୍ଚାୟତର ବାଉଁସେନପାଲି ଗ୍ରାମ ଗଣେଶ ପୂଜା ପାଇଁ ଉତ୍ସବମୁଖର ହୋଇପଡ଼ିଛି। ସ୍ଥାନୀୟ ନେତାଜୀ ଯୁବକ ସଂଘର ସଦସ୍ୟମାନେ ଦୀର୍ଘ ୨୫ ବର୍ଷ ହେଲା ଆଡମ୍ବର ସହ ଏହି ପୂଜା କରିଆସୁଛନ୍ତି। ସେମାନେ ଏବର୍ଷ ରୌପ୍ୟଜୟନ୍ତୀ ପାଳନ କରୁଛନ୍ତି। ପ୍ରତ୍ୟେକ ଦିନ ନାଚଗୀତର ଆସର ଜମୁଛି। ଗୁରୁବାର ଦଣ୍ଡନୃତ୍ୟ ପରିବେଷିତ ହେବ ବୋଲି ପୂଜା କମିଟି ତରଫରୁ କୁହାଯାଇଛି। ଏହି ଉତ୍ସବ ଦେଖିବା ପାଇଁ ଆଖାପାଖ ଅଞ୍ଚଳରୁ ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

### ଧରିତ୍ରୀ ଏଜେଣ୍ଟଙ୍କ ମାତୃ ବିୟୋଗ

**ପାଇକମାଳ, ୪।୯(ଡି.ଏନ.ଏ.):** ପାଇକମାଳର ଧରିତ୍ରୀ ବିତରକ ସଚ୍ଚିଦାନନ୍ଦ ସ୍ୱାଇଁଙ୍କ ମାତା ଲଳିତା ସ୍ୱାଇଁଙ୍କ ବୁଧବାର ଭୋର ୪ଟା ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ପ୍ରାୟ ୧ ମାସ ହେବ ସେ ଶଯ୍ୟାଶାୟୀ ଥିଲେ। ସେ ତାଙ୍କ ପଛରେ ତିନି ପୁଅ, ବୋହୂ, ଗୋଟିଏ ଝିଅ ଓ ୧୦ଜଣ ନାତିନାତୁଣୀଙ୍କୁ ଛାଡି ଯାଇଛନ୍ତି। ବଡପୁଅ ଭବାନୀ ଶଙ୍କର ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ପାଇକମାଳ ଅଞ୍ଚଳର ବହୁ ଲୋକ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ଲଳିତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।





ବରଗଡ କଳାଜୀବୀର କଳାକାରଙ୍କ ଆଦିବାସୀ ନୃତ୍ୟ ପରିବେଷଣ ।



ସୁରଝୁମକୀର କଳାକାରଗଣ ପଞ୍ଚରସି ନୃତ୍ୟ ପରିବେଷଣ କରୁଛନ୍ତି ।

# ବିଶ୍ୱ ଭ୍ରାତୃତ୍ୱର ବାରତା ଦେଉଛେ ନୂଆଁଖାଇ

**ବିଜେପୁର ୪।୯(ଡି.ଏନ.ଏ)**

ଦିନୁ ଦିନକେ ନୂଆଁଖାଇ ତିହାର ପଛିମ ଓଡ଼ିଶାର ସୀମା ସରହଦ ଡେଗି କରି ଦେଶ ବିଦେଶଥିଁ ଫଏଲି ବସଲାନ। ରୁଷାଫୁଲା, ହିଁସା ଅହଁକାର ଭୁଲି ସମକୁଁ ସଁସେର ଡୁରେ ଏକ କରି ବାନଧି ଦେଉଛେ। ତାର ସାଁଗେ ପୁରୁନା କାଲିଆ ଯୌଥ ପରିବାରକେ ସୁରତା କରି ଇହାଦେ ଭିନ ଭିନ ଗାଁଥି ଏକ କିଆ ନୂଆଁ ଖାଇବାର ସୁନ୍ଦର ରିକମାଟେ ମୁଲ ହେଇଗଲାନ। ବିଶ୍ୱଭାତୃତ୍ୱର ବାରତା ଦେଉଛେ ନୂଆଖାଇ। ସେଥର ଲାଗି ନୂଆଁଖାଇ ତିହାରକେ ଜାତୀୟ ପର୍ବର ମାଏନତା ମିଳିବା ଚାହି (ଆବଶ୍ୟକ)। ବରଗଡ଼ ଜିଲା ବିଜେପୁର ବ୍ଲକ ପଡ଼ା ଗ୍ରାମର ଲକ୍ଷ୍ମୀଲୀଳା ମଣ୍ଡପରେ ଆୟୋଜିତ ନୂଆଁଖାଇ ଭେଟଘାଟ–୨୦୧୯ ସମାରୋହରେ ଯୋଗ ଦେଇଥିବା ଅତିଥିଗଣ ଏହି ମତପ୍ରକାଶ କରିଥିଲେ। ଭାରତୀୟ ମୁକ୍ତି ସଂଗ୍ରାମର ସେନାନୀ ଭାଗିରଥୀ ପଟ୍ଟନାୟକ, ଜମ୍ବୋବତୀ ପଟ୍ଟନାୟକ, ପ୍ରଫୁଲ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ ସାଂସ୍କୃତିକ କର୍ମୀ ପ୍ରକାଶ ଦେବତାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭାପତି ପ୍ରଦୀପ ପଧାନଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ବଳଭଦ୍ର ପଧାନ ମୁଖ୍ୟଅତିଥି, ସାମାଜିକ କର୍ମୀ ଜନାର୍ଦ୍ଦନ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ କବିରାଜ ମାଝି, ନାଟ୍ୟକାର ମୋହନ ସିଂ, କଳାକାର ଜିତେନ୍ଦ୍ରିୟ ମେହେର, ସଙ୍ଗଠକ ପାଣ୍ଡବ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟସ୍ତରୀୟ ରକବି କ୍ରୀଡ଼ା ପ୍ରତିଯୋଗିତାରେ ଛତିଶଗଡ଼ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ପଡ଼ା ଗ୍ରାମର ଗିରିଶ ଚନ୍ଦ୍ର ପଧାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଳିଙ୍ଗାଡେରାର ସୁର ଝୁମକୀ ସାଂସ୍କୃତିକ ଅନୁଷ୍ଠାନର ବ୍ୟବସ୍ଥାପକ ସୁଶାନ୍ତ ଲୁହାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅହଲ୍ୟା ପଧାନ, ଯଦୁମଣି ପଟେଲ, ବାବଲୁ ଦାଶ, ତରଣୀସେନ ପଧାନ ପ୍ରମୁଖ ନିମନ୍ତ୍ରିତ କବିଗଣ କବିତା ପାଠ କରିଥିଲେ। ଲିଖିତ କୁଇଜ ପ୍ରତିଯୋଗିତାରେ ସ୍ୱସ୍ତିକ ପଧାନ ପ୍ରଥମ, ଚିନ୍ମୟ ପଧାନ ଦ୍ୱିତୀୟ ଓ ଫିଲସ ପଧାନ ତୃତୀୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ନଡ଼ିଆଭଙ୍ଗା ପ୍ରତିଯୋଗିତାରେ ଗୋପାଳଜୀ ଦେବତା ଓ ଚନ୍ଦନ ପଧାନ ଯୁଗ୍ମ ଭାବେ ବିଜେତା ଘୋଷିତ ହୋଇଥିଲେ । ଏହି ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଦିଲୀପ କୁମାର ଦେବତା ସମାରୋହ ସଂଯୋଜନା କରିଥିଲେ। ସ୍ଥାନୀୟ ପ୍ରକାଶ ସାଂସ୍କୃତିକ ସଂସଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅକ୍ଷୟ ଦାଶ, ସଦାନନ୍ଦ ପଧାନ, ଛାୟାକାନ୍ତ ଦେବତା, ପ୍ରମୋଦ ପଧାନ, ଟିକାଲାଲ ପ୍ରଧାନ, ସୁରେନ୍ଦ୍ର ଦାଶ, ରବି ଶଙ୍କର ଗୁରୁ, ଡା ଭୋଳାନାଥ ମେହେର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅମୀୟ ପ୍ରସାଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଏହି କ୍ଲବର ବାଞ୍ଜିଡୁଙ୍ଗରୀ ତଳିପଡ଼ା ଗଣେଶ ପୂଜା କମିଟି ପକ୍ଷରୁ ନୂଆଖାଇ ଭେଟଘାଟ ଉତ୍ସବରେ ଏକ ମେଗା ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ୫୦ଟି ନୃତ୍ୟଦଳ ସାମିଲ ହୋଇଥିଲେ। ସୋହେଲାର ବର୍ଷାରାଣୀ ତାଣ୍ଡି ପ୍ରଥମ, କନାପାଲିର ରଶ୍ମିତା ବିଶ୍ୱାଳ ଦ୍ୱିତୀୟ, ବୁଡ଼ାମାଳର ସରିତା ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ସମାଜସେବୀ ଗୁରୁ ବାବୁ ମୁଖ୍ୟଅତିଥି, ଭାଜପା ନେତା ହଳପାଣି ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶଶିଭୂଷଣ ସାହୁ, ମକରଧ୍ୱଜ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। କଳାକାର ମହେନ୍ଦ୍ର ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମରେକେଲ ଗ୍ରାମରେ ନୂଆଖାଇ ଭେଟଘାଟ

**ସୋହେଲା,୪।୯(ଡି.ଏନ.ଏ):** ସୋହେଲା ବ୍ଲକ ଟୁଙ୍ଗିବନ୍ଧଲୀ ପଞ୍ଚାୟତ ଅନ୍ତର୍ଗତ ମରେକେଲ ଗ୍ରାମର ନିଆଲି ଛକରେ ଗଣେଶ ପୂଜା କମିଟି ପକ୍ଷରୁ ବୁଧବାର ଦ୍ୱିତୀୟ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ ବିଜେଡି ନେତା ସୁବ୍ରତ ସିଂହ ମୁଖ୍ୟ ଅତିଥି ଓ ଚିତ୍ରସେନ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ। ନୂଆଖାଇ ଏକ ଭାବର ପର୍ବ। ଯିଏ ଯେଉଁଠି ଥିଲେ ମଧ୍ୟ ଏହି ପର୍ବ ପାଳନ କରିବା ପାଇଁ ନିଜ ନିଜ ଘରକୁ ଆସିଥାନ୍ତି। ନୂଆଖାଇ ଦିନ ସଭିଏଁ ନିଜ ନିଜ ମଧ୍ୟରେ ଥିବା ମନାନ୍ତର, ଭେଦଭାବ ଭୁଲି ଜୁହାର ଭେଟ ହୋଇଥାନ୍ତି ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଗିରୀଶ ଚନ୍ଦ୍ର ଦିଶ୍ରି ସ୍ୱାଗତ ଭାଷଣ ଓ ପୂର୍ବତନ ସରପଞ୍ଚ ସଞ୍ଜୟ ଚୌହାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟଙ୍ଗକବି ରଞ୍ଜିତ ପଧାନ ଓ ନରୋତ୍ତମ ସାହୁ, ଗୋବିନ୍ଦ ଖମାରୀ, ରବି ନାଏକ ଓ ମାନଭଞ୍ଜନ ପଧାନ ମଞ୍ଚ ପରିଚାଳନା କରିଥିଲେ। ନୂଆଖାଇ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ଜିଲାସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ସୌମ୍ୟରଞ୍ଜନ ଦିଶ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମର ଗୌନ୍ତିଆ ଛାୟାକାନ୍ତ ଦିଶ୍ରି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ବିକ୍ରମ ଦିଶ୍ରି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇଜ ଅଫ ଲାୟନ୍ସ ତରଫରୁ ନୂଆଖାଇ ଭେଟଘାଟ

**ସୋହେଲା,୪।୯(ଡି.ଏନ.ଏ):** ସୋହେଲାସ୍ଥିତ ଚେତନା ମଣ୍ଡପରେ ବୁଧବାର ରାଇଜ ଅଫ ଲାୟନ୍ସ ତରଫରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଓ ପୂର୍ବତନ ବିଧାୟକ ମହମ୍ମଦ ରଫିକ ସମ୍ମାନିତ ଅତିଥି, ସ୍ତମ୍ଭକାର ତଥା ଗବେଷକ ପ୍ରୀତିଶ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂଆଖାଇ ପାଳନର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ଗ୍ରାମର ଗୌନ୍ତିଆ ଶ୍ରୀମନ୍ତ ଗୋପାଳ ନାୟକ। ସର୍ବପ୍ରଥମେ ମାଁ ସମଲେଇଙ୍କ ଫଟୋଚିତ୍ର ସମ୍ମୁଖରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଧ୍ୟାପକ ତୁଷାରକାନ୍ତ ସାହୁ ସ୍ୱାଗତ ଭାଷଣ ଏବଂ ଅଧ୍ୟାପକ ତୁଷାରକାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଆଚାର୍ଯ୍ୟଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆଖାଇ ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ସିଂ ପୁରସ୍କୃତ କରିଥିଲେ। ଶେଷରେ ରାହୁଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡ କଳାଜୀବୀର କଳାକାରମାନେ ଡାଲଖାଇ ଓ ଆଦିବାସୀ ନୃତ୍ୟ ଏବଂ ମହୁଲପାଲି(ବରପାଲି)ର ଭାରତୀ କଳାପରିଷଦର କଳାକାରମାନେ ଘୁଡୁକାନାଚ ପରିବେଷଣ କରିଥିଲେ। ଇକବାଲ ଖେରାନୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୭ ପରିବାର ଏକାଠି ନୂଆଁ ଖାଇଲେ

**ଜାମଟିକ୍ରା ୪।୯(ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମରେ ୭ ବର୍ଷ ହେଲା ୧୭ଟି ଭୋଇ ସାଙ୍ଗିଆ କୁଲତା ପରିବାର ଏକାଠି ନୂଆଁଖାଇ ପାଳନ କରି ଏହି ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି। ୭ ବର୍ଷ ତଳେ ଗୋବିନ୍ଦ ଭୋଇ, ଶୁଶୀଲ ଭୋଇ, ବୁଲୁ ଭୋଇ, ରୋହିତ ଭୋଇ ପ୍ରମୁଖ ଯୁବକ ଗ୍ରାମରେ ଥିବା ଭୋଇବଂଶ ଏକାଠି ନୂଆଁଖାଇ ପାଳନ କରିବା ପ୍ରସ୍ତାବ କରି ଗ୍ରାମର ବୟୋଜ୍ୟେଷ୍ଠ ଟିକେଲାଲ ଭୋଇଙ୍କୁ କହିଥିଲେ। ସମସ୍ତେ ଏଥିରେ ରାଜି ହୋଇ ନିଜ ଶକ୍ତି ଅନୁସାରେ ଚାନ୍ଦା ଦେଇ ନୂଆଁ ଖାଇଲେ। ସେହିବର୍ଷ ଠାରୁ ପ୍ରତିବର୍ଷ ପ୍ରଥମେ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରି ୧୭ଟି ପରିବାରର ୬୭ ଜଣ ସଦସ୍ୟ ଏକାଠି ବସି ନୂଆଁ ଖାଇଲେ। ପରେ ଛୋଟମାନେ ବଡ଼ମାନଙ୍କୁ ଜୁହାର ଜଣାଇଲେ ଓ ବଡ଼ମାନେ ଛୋଟମାନଙ୍କୁ ଆଶୀର୍ବାଦ ପ୍ରଦାନ କଲେ। ଅପରାହ୍ନରେ ମହିଳାମାନେ ପିଠାପଣା ପ୍ରସ୍ତୁତ କରି ସମସ୍ତେ ଏକାଠି ଖାଇଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ନୂଆଖାଇ ଭେଟଘାଟରେ ମଞ୍ଚାସୀନ ଅତିଥିବୃନ୍ଦ ।



ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଇଚ୍ଛାପୁରରେ ଗଜାନନ ପୂଜା

**ଅତାବିରା,୪।୯(ଡି.ଏନ.ଏ)**

ଭେଡେନ ବ୍ଲକ ଇଚ୍ଛାପୁର ଗ୍ରାମ ଗଜାନନଙ୍କ ପୂଜନୋତ୍ସବରେ ଉତ୍ସବମୁଖର ହୋଇପଡିଛି। ସ୍ଥାନୀୟ ନଦୀରୁ ଭବ୍ୟ ସମାରୋହରେ ଜଳପୂର୍ଣ୍ଣ କଳସ ଆଣି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ଅଧିବାସ ସହ ରିତୀନୀତି ଅନୁସାରେ ପୂଜାକାର୍ଯ୍ୟ ହୋଇଥିଲା। ରାହୁଲ ଦୋରା ପୂଜାକର୍ତ୍ତା ଓ ଅଭିଷେକ ଦାଶ ପୁରୋହିତ କର୍ମ ସମ୍ପାଦନ କରିଥିଲେ। ସୁସ୍ଥ ପରିବେଶ ଓ ନିରାମୟ ଜୀବନ ପାଇଁ ପ୍ଲାଷ୍ଟିକ ବର୍ଜନ ଏକାନ୍ତ ଆନଶ୍ୟକ। ତେଣୁ ଚଳିତ ବର୍ଷ ପୂଜା ସାଜସଜ୍ଜାରେ କାଗଜ ଫୁଲ ବ୍ୟବହାର କରାଯାଇଛି। ପୁଣି ବିଘ୍ନ ବିନାଶନଙ୍କ ମୂର୍ତ୍ତିକୁ ପ୍ରାକୃତିକ ରଙ୍ଗରେ ରଙ୍ଗାୟିତ କରି ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଥିବା ପୂଜା କମିଟି ସଭାପତି ରୂପେଶ ଦୋରା ଓ ଉପସଭାପତି ସରଗମ ପଧାନ କହିଛନ୍ତି। ଗୁରୁବାର ଭବ୍ୟ ସମାରୋହରେ ବିଘ୍ନରାଜଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସୂତ୍ରରୁ ପ୍ରକାଶ।



ଗଜାନନଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି।

## ପାଣିରେ ବୁଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ

**ବରଗଡ଼ ଅଫିସ୍, ୪।୯**

ବରଗଡ଼ ସହର ମଧ ଦେଇ ବହିଯାଇଥିବା ଜିରା ନଦୀରେ ବୁଡି ବୁଧବାର ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ୧୦ ନଂ ୱାର୍ଡ ବାସିନ୍ଦା କମଲେଶ ଷଣ୍ଢ। ସେ ନିଜର ଜଣେ ସାଙ୍ଗ ସହିତ ଜିରା ନଦୀକୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗ ଜଣକ ଶୌଚ ପାଇଁ ଯାଇଥିବା ବେଳେ କମଲେଶ ଗାଧୋଇବାକୁ ପାଣି ଭିତରକୁ ପଶିଥିଲେ। ତେବେ ସେଠାରେ ପାଣି ବହୁତ ଥିବାରୁ ସେ ବୁଡିଯାଇଥିଲେ। ସାଙ୍ଗ ଜଣକ ଆସି ବହୁ ଖୋଜାଖୋଜି କରିଥିଲେ। ମାତ୍ର ତାଙ୍କ ପତ୍ତା ପାଇ ନ ଥିଲେ। ଖବର ପାଇ ଦମକଳ ବାହିନୀ ସେଠାକୁ ପହଞ୍ଚି ଖୋଜାଖୋଜି କରିବା ପରେ ପାଣି ଭିତରୁ କମଲେଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଇଛି ।

## ଫୁଟବଲ: ସିଆଲଖଣ୍ଡହଥା ଚାମ୍ପିୟନ

**ଗଣ୍ଡତୁରୁମ, ୪।୯(ଡି.ଏନ.ଏ)**

ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ମେଟାକାନୀ କ୍ଲବ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ ୨୦ତମ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ସିଆଲଖଣ୍ଡହଥା ଦଳ କଦଳୀପାଲି ଦଳକୁ ୧.୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ସେମିଫାଇନାଲ ମ୍ୟାଚରେ ଗୋଡଭଗାକୁ ହରାଇ ସିଆଲଖଣ୍ଡହଥା ଏବଂ ଟିହିକିପାଲି ଦଳକୁ କଦଳୀପାଲି ଦଳ ଟାଇବ୍ରେକର ଜରିଆରେ ପରାସ୍ତ କରି ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏମଡି ଆଲାମ ମୁଖ୍ୟ ଅତିଥି, ନାଏବ ସରପଞ୍ଚ ସଞ୍ଜୟ କର, ଗୁପ୍ତେଶ୍ୱର ପୁରୋହିତ, କଳିଙ୍ଗ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଖେଳ ଗୁଡ଼ିକୁ ହରେରାମ ପଶାୟତ, ଛାୟାକାନ୍ତ ତରିଆ ଓ ସରୋଜ ପାଣ୍ଡେ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ଦାଶ, ମନବୋଧ ସାହୁ, ପ୍ରମୋଦ ପଧାନ, ଜିକୁ ଦାଶ, ମିକୁ ଦାଶ, ଶ୍ରୀନିବାସ ବଢ଼େଇ ପ୍ରମୁଖ ସହଯୋଗ କରିଥିଲେ ।



ଫାଇନାଲ ଖେଳରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୫ ସେପ୍ଟେମ୍ବର, ୨୦୧୯



ମନ୍ଦିର, ମସ୍‌ଜିଦ୍‌, ଗିର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ତ କବୀର ଦାସ



## ସଂକ୍ଷେପରେ

### ନୂଆଁଖାଇ ପର ପର୍ବ ଜୁହାର ଭେଟ

**ଘଣ୍ଟାପଡ଼ା,୪।୯(ଡି.ଏନ.ଏ.):** କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଅଞ୍ଚଳରେ ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିର ନିର୍ଦ୍ଧାରିତ ଲଗ୍ନ ଅନୁସାରେ ଗ୍ରାମର ଆରାଧ୍ୟା ଦେବୀଙ୍କ ନିକଟରେ ଭୋଗ ଅର୍ପଣ ହୋଇଥିଲା। ପରେ ସମସ୍ତେ ନବାନ୍ନ ଭକ୍ଷଣ କରିସାରି ଜୁହାର ମୁଣ୍ଡିଆ ହୋଇଥିଲେ। ବୁଧବାର ଜନସାଧାରଣ ଗ୍ରାମର ଗୌନ୍ତିଆଁ, ୱାର୍ଡସଭ୍ୟ, ସରପଞ୍ଚ ଆଦିଙ୍କୁ ଜୁହାରି କରିଥିଲେ। ଜୁହାରିର ସ୍ୱାତନ୍ତ୍ର୍ୟ ହେଲା ଲୋକମାନେ ଗାଁ ଗୌନ୍ତିଆ କିମ୍ବା ପଦପଦବୀରେ ଥିବା ବ୍ୟକ୍ତିଙ୍କ ପଦଧୌତ ପୂର୍ବକ ଫୁଲ, ଚନ୍ଦନ ଲଗାଇ ବନ୍ଦାପନା କରନ୍ତି ଏବଂ ସାଙ୍ଗରେ ଆଣିଥିବା ଫୁଲମାଳକୁ ଗଳାରେ ପକାଇ କପଡ଼ା ଦାନ କରିଥାନ୍ତି। ସେହି ବ୍ୟକ୍ତି ଜନସାଧାରଣଙ୍କୁ କିଛି ଟଙ୍କା କିମ୍ବା ଖାସି ଦେଇ ବିଦାୟ ଦେଇଥାନ୍ତି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଭାଇଚାରାର ସମ୍ପର୍କ ନିବିଡ଼ ହୋଇଥାଏ।

### ଦୁର୍ଗାପୂଜା କମିଟି ଗଠିତ

**ବରପାଲି, ୪।୯(ଡି.ଏନ.ଏ.):** ବରପାଲି ଅଶୋକ କ୍ଲବ ପକ୍ଷରୁ ଆସନ୍ତା ଦୁର୍ଗାପୂଜାକୁ ଆକର୍ଷଣୀୟ କରିବା ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପ୍ରଫୁଲ୍ଲ ଦଫାଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଳିତବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା । ଏହି କମିଟିରେ ସନ୍ତୋଷ ସାହୁ ସଭାପତି, ଉପଗୁପ୍ତ ତ୍ରିପାଠୀ ଉପସଭାପତି, ରତ୍ନାକର ସାହୁ ସମ୍ପାଦକ, ଅସିତ ମହାରଣା ସହ ସମ୍ପାଦକ ଏବଂ ପୂର୍ବତନ ନଗରପାଳ ଗଜରାଜ ଗହୀର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି ।

### ଦୁର୍ଗାପୂଜା ପାଇଁ ଲୋଗୋ ଉନ୍ମୋଚନ

**ବରପାଲି, ୪।୯(ଡି.ଏନ.ଏ.):** ବରପାଲି ବ୍ଲକ ବିଶିପାଲି ଗ୍ରାମରେ ମଙ୍ଗଳବାର ନବାନ୍ନ ଅବସରରେ ଆସନ୍ତା ଦୁର୍ଗାପୂଜା ମହୋତ୍ସବ ପାଇଁ ଏକ ଲୋଗୋ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ କଲେଜ ଅଧ୍ୟକ୍ଷ ଡ. ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡାକ୍ତର ରଞ୍ଜନ ସାହୁ, ଖବରଦାତା ବିରେନ୍ଦ୍ର ପ୍ରଧାନ, କୁନାଲ ଭୋଇ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ସଞ୍ଜୀବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରମୋଦ ସାହୁ ପରିଚାଳନା କରିଥିଲେ ।

### ଫଟୋଗ୍ରାଫି କ୍ଲବ ଗଠିତ

**ବିନିକା,୪।୯(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଏକ ଫଟୋଗ୍ରାଫି କ୍ଲବ ଗଠନ କରଯାଇଛି । ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଜିତ ଶର୍ମାଙ୍କ ଆବାହକତ୍ୱରେ ବୁଧବାର ଫଟୋଗ୍ରାଫିକୁ ଭଲ ପାଉଥିବା ଯୁବକମାନଙ୍କୁ ନେଇ ଏହି କ୍ଲବ ଗଠିତ ହୋଇଛି। ସର୍ବସମ୍ମତିକ୍ରମେ କ୍ଲବ ସଭାପତି ଭାବେ ସୃଜନ କୁମାର ପଣ୍ଡା, ସମ୍ପାଦକ ଦଧିବାମନ ନାୟକ, ଉପସଭାପତି ନବଜୀବନ ପଣ୍ଡା, ସହସମ୍ପାଦକ ଆଶୁତୋଷ ଦାନୀ, କୋଷାଧ୍ୟକ୍ଷ କ୍ଷିରୋଦ୍ର ଚନ୍ଦ୍ର ସାମନ୍ତରାୟ ଚୟନ ହୋଇଛନ୍ତି। ସୋସିଆଲ୍ ସେଲ୍ ଏଡମିନ୍ ଦାୟିତ୍ୱ ସୁଜିତ କୁମାର ଶର୍ମାଙ୍କୁ ଦିଆଯାଇଛି। ବିନିକା ଅଞ୍ଚଳର ଲୁକ୍କାୟିତ କଳା, ସଂସ୍କୃତି ଓ ସାହିତ୍ୟକୁ ସର୍ବସମ୍ମୁଖରେ ପ୍ରଦର୍ଶିତ କରି ତାହାକୁ ସଂଗୃହୀତ କରିବା ପାଇଁ ଏହି କ୍ଲବ ଗଠନ କରାଯାଇଥିବା ସଭ୍ୟବୃନ୍ଦ ଜଣାଇଛନ୍ତି।

# ଛାତ୍ରୀଛାତ୍ରଙ୍କୁ ଅନୁଶାସନ ଶିକ୍ଷାଦିଏ ଏନ୍‌ସିସି

**ସୋନପୁର,୪।୯(ନି.ପ୍ର.)**

## ସୋନପୁର କଲେଜ ଏନ୍‌ସିସି ଶାଖାର ଚତୁର୍ଥ ବାର୍ଷିକ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ ।

ଏନ୍‌ସିସି(ନ୍ୟାଶନାଲ୍ କ୍ୟାଡେଟ୍ କପସ୍) ଛାତ୍ରୀଛାତ୍ରଙ୍କୁ ଅନୁଶାସନର ଶିକ୍ଷାଦିଏ। ଛାତ୍ରାବସ୍ଥାରୁ ସମାଜ, ପରିବାର ଓ ସହପାଠୀଙ୍କ ପ୍ରତି କିଭଳି ବ୍ୟବହାର କରାଯାଏ ଶିକ୍ଷା ମିଳେ। ଦେଶର ଜରୁରିକାଳୀନ ପରିସ୍ଥିତି ସମୟରେ କ୍ୟାଡେଟ୍‌ମାନେ ସେନାକୁ ସହାୟତା କରିଥାନ୍ତି। ଦେଶର ଯୁବାଶକ୍ତିଙ୍କୁ ଉଚିତ୍ ମାର୍ଗରେ ପରିଚାଳିତ କରିବା କ୍ଷେତ୍ରରେ ଏନ୍‌ସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୋନପୁର କଲେଜ ଏନସିସି ଶାଖାର ଚତୁର୍ଥ ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି । କଲେଜ ସଭାଗୃହରେ ବୁଧବାର ଉତ୍ସବ ଆୟୋଜିତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ୍‌ସିସିର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଚରିତ୍ର ଗଠନ, ମାତୃଭୂମିକୁ ଭଲ ପାଇବା ଓ ଆଦର୍ଶ ନାଗରିକ ଗଢି ତୋଳିବାରେ ଏନସିସିର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ଜିଲାପାଳ କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ୟାଡେଟ୍‌ମାନଙ୍କ ସେବା ମୂଳକ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏସ୍‌ପି ଏହି ଅବସରରେ ତାଙ୍କ ଛାତ୍ର ସମୟର ଅନୁଭୂତି କହିଥିଲେ। କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଏନ୍‌ସିସିର ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅବସରପ୍ରାପ୍ତ ଅଧ୍ୟାପକ ମେଜର କୃପାସିନ୍ଧୁ ପାଣିଗ୍ରାହୀ ଓ ସୋନପୁର କଲେଜର ଅଧ୍ୟକ୍ଷ ତରୁଣ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଭାରତ ସରକାର ୧୯୪୮ ମସିହାରେ ଏନସିସି ପ୍ରତିଷ୍ଠା କରିଥିଲେ ବୋଲି ସୂଚନା ଦେଇଥିଲେ। ଏନ୍‌ସିସି ଅଫିସର ମେଜର ଅନନ୍ତ ଦାଶ ସଭାକୁ ସଂଯୋଜନା କରି ବର୍ତ୍ତମାନ ଦେଶର ୨୮ଟି ରାଜ୍ୟର ୩୦ଲକ୍ଷ କ୍ୟାଡେଟ୍ ଥିବା କହିଥିଲେ। ୧୯୯୭ ମସିହାଠାରୁ ୨୦୧୯ ବ୍ୟାଚ୍ ପର୍ଯ୍ୟନ୍ତ କ୍ୟାଡେଟ୍‌ମାନେ ଉତ୍ସବରେ ଅଂଶଗ୍ରହଣ କରିଥିଲେ । ନୂଆଁଖାଇ ସକାଶେ ନିଜ ଘରକୁ ଆସିଥିବା ସେନା, କୋବ୍ରା ବାଟାଲିଆନ, ବିଏସ୍‌ଏଫ୍, ପୋଲିସ, ସାଧାରଣ ପ୍ରଶାସନିକ ବିଭାଗ ଓ ଅନ୍ୟ ସଂସ୍ଥାରେ କାଯର୍ୟ୍ୟ କରୁଥିବା ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ପ୍ରାକ୍ତନ କ୍ୟାଡେଟ୍ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଶୀ, ସମ୍ବଲପୁରୀ, ପଞ୍ଜାବୀ ଓ ଦଳଗତ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପ୍ରାକ୍ତନ କ୍ୟାଡେଟ୍ ପ୍ରଦୀପ ମହାନ୍ତି, ହରିଶଙ୍କର ପୁରୋହିତ, ଶ୍ୱେତା ମହାପାତ୍ର, ଦିବ୍ୟଜ୍ୟୋତି ରାୟଗୁରୁ, ଜ୍ୟୋତିରଞ୍ଜନ ମିଶ୍ର, ଜୟଦେବ ପାଢୀ, ବିକ୍ରମ ବିଶି, ଚମରା ପ୍ରଧାନ, ସନ୍ତୋଷ ବିଶ୍ୱାଳ, ନରସିଂହ ତରିଆ, ଜୟନାରାୟଣ ସାହୁ ଓ ଯୋଶବନ୍ତ ମେଣ୍ଡିଲି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଆସନ୍ତା ବର୍ଷ ନୂଆଁଖାଇ ପରଦିନ ଏହିଭଳି ଏନସିସି ମିଟ୍ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା ।

### ପାଣି ଘେରରେ ୩୦ ପରିବାର

**ଉଲୁଣ୍ଡା, ୪।୯ (ଡି.ଏନ.ଏ.)**

ମଙ୍ଗଳବାର ରାତିର ଲଗାଣ ବର୍ଷା ଫଳରେ ଉଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ଜଳବନ୍ଦୀ ଜୀବନ କାଟିଛନ୍ତି କେତେକ ପରିବାର। ପଞ୍ଚମହଲା ପଞ୍ଚାୟତର ଲମ୍ବକାନୀ ଏବଂ କୁକିଆ ଗ୍ରାମର ୩୦ପରିବାରର ଘରେ ପାଣି ପଶିଥିଲା। ସେହିପରି କପାସିରା ମେନକା ଜୋର ପୋଲ ଉପରେ ୬ ଫୁଟର ପାଣି ପ୍ରବାହିତ ହେବାରେ କପାଶିରା, ଡିଡିମାଲ, ଜଗନ୍ନାଥପାଲି, ବାଘପାଲି, ବଡମାଲ, ଲମ୍ବକାନୀ, ଧୁଲଧୁଲା ପ୍ରଭୃତି ଗାଁର ଲୋକ ପଞ୍ଚାୟତକୁ ଯୋଗାଯୋଗ କରି ପାରୁନାହାନ୍ତି। ଏହାସହ ପଞ୍ଚାୟତର ପ୍ରାୟ ୧ହଜାର ହେକ୍ଟର ଚାଷଜମିରେ ପାଣି ମାଡିଯିବାରୁ ଧାନଗଛ ସବୁ ପଚିଯିବାର ସମ୍ଭାବନା ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଉଲୁଣ୍ଡା ଯୁବ ମହାସଂଘ ବିପନ୍ନଙ୍କ ପାଖରେ ପହଞ୍ଚି ଚୂଡା, ଚିନି, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସଂଘ ସଭାପତି ପ୍ରମୋଦ କୁମାର ପଧାନଙ୍କ ସମେତ ତଥାଗତ ମହାକୁର, ମହେଶ ରଞ୍ଜନ ପୁରୋହିତ, ସରୋଜ ବିଶ୍ୱାଳ, ପ୍ରମୁଖ ସାମିଲ ହୋଇଥିଲେ।

## ମାହେଶ୍ୱରୀ ଫୁଟବଲ: ମରାଲୋଏ ଚାମ୍ପିୟନ

**ଉଲୁଣ୍ଡା, ୪।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମରାଲୋଏ ମା'ମାହେଶ୍ୱରୀ କ୍ଲବ ତରଫରୁ ଆୟୋଜିତ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସମ୍ପନ୍ନ ହୋଇଛି। ଫାଇନାଲ ଖେଳରେ ଆୟୋଜକ ମରାଲୋଏ ଦଳ ବାବୁପାଲି ଦଳକୁ ଟାଇବ୍ରେକର ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଉରୁକ୍ରମ ପାଣ୍ଡିଆ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖେଳାଯାଇଥିବା ମ୍ୟାଚ ଗୁଡିକରେ ଉଲୁଣ୍ଡା ଦଳ ହୁମାକୁ ୩-୨ ଗୋଲ, ବାବୁପାଲି ଦଳ ଆଠମଲ୍ଲିକକୁ ୪-୩ ଗୋଲରେ, ଘଣ୍ଟାପଡା ଦଳ ବୀରମହାରାଜପୁରକୁ ଓ ମରାଲୋଏ ଦଳ କନବାରକୁ ୪-୩ ଗୋଲରେ ପରାସ୍ତ କରିଥିଲା। ସେହିପରି ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ବାବୁପାଲି ଦଳ ଉଲୁଣ୍ଡାକୁ ୩-୨ ଗୋଲ ଏବଂ ମରାଲୋଏ ଦଳ ଘଣ୍ଟାପଡାକୁ ୪-୨ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଖେଳସବୁକୁ ନରସିଂହ ସେଠୀ, ପ୍ରଶାନ୍ତ ସେଠୀ, ସୁଦାମ ଜଗଦଲା ଓ ସିଦ୍ଧାର୍ଥ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପଦ୍ମନ ପଧାନ ଓ ଅକ୍ଷୟ ଆଚାର୍ଯ୍ୟ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରରେ ଆୟୋଜକ ସଭାପତି ବଚନ ଭୋଇ ଓ ସମ୍ପାଦକ ସନ୍ତୋଷ ଜଗଦଲାଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ପଣ୍ଡା, ସ୍ଥାନୀୟ ସରପଞ୍ଚ ସନ୍ତୋଷିନୀ ଭୋଇ, ଉଲୁଣ୍ଡା ଆଇଆଇସି ବିଧୁଭୂଷଣ ପୁଟା, ନରେନ୍ଦ୍ର ଆଚାର୍ଯ୍ୟ ଓ କୈଳାସ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ବିଜୟ ମରାଲୋଏ ଦଳକୁ ଟ୍ରଫି ସହ ୫ ହଜାର ଏବଂ ଉପବିଜେତା ବାବୁପାଲି ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ମରାଲୋଏର ମନୋଜ ପାଣ୍ଡେଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଓ ଶୁକଦେବ ମିର୍ଦ୍ଧାଙ୍କୁ ବେଷ୍ଟ ସ୍କୋରର ପୁରସ୍କାର ଦିଆଯାଇଥିଲା। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପୀତବାସ ଭୋଇ, ପଞ୍ଚାନନ ଭୋଇ, ଅଭିରାମ ଭୋଇ, ଜୟରାମ ସେଠ, ରବିନ୍ଦ୍ର ରଣା, ବାହାଦୁଲ ସେଠୀ ଓ ବିକାଶ ସେଠୀ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଫାଇନାଲ ମ୍ୟାଚର ଖେଳାଳିମାନେ।

### ନୂଆଁଖାଇ ଭେଟ୍‌ଘାଟ୍, ନୃତ୍ୟ କଳାକାର ପୁରସ୍କୃତ

**ବିନିକା, ୪।୯(ଡି.ଏନ୍.ଏ.)**

ବିନିକା ବ୍ଲକ୍ ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଳି ନେତାଜୀ କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁନିକୁନି କଳାକାରଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଟିକି ମଲ୍ଲିକ ୧ମ, ଅର୍ଚ୍ଚିତା ଭୂଏ ଦ୍ୱିତୀୟ ଏବଂ ଲୁସି ନାୟକ ୩ୟ ସ୍ଥାନ ହାସଲ କରିଥିଲେ। ବିଚାରକଭାବେ ରାଜକୁମାର ଧରୁଆ, ନାରାୟଣ ଭୂଏ, ନାରାୟଣ ଷାଣ୍ଡ ଦାୟିତ୍ୱ ତୁଲାଇଥିଲେ । କ୍ଲବ ସଭାପତି ନାରାୟଣ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୃତୀ ନୃତ୍ୟ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ମେଘଲା ପଞ୍ଚାୟତର ଜଶପୁର ଗ୍ରାମରେ ସରପଞ୍ଚ ମନୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୬ତାରିଖ ଯାଏଁ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ଅତିଥିଭାବେ ସିଲାଟି ପ୍ୟାକ୍ସ ସମ୍ପାଦକ ବଳରାମ ପଧାନ ଓ ମୂରଲୀ ଦନ୍ତା ଯୋଗ ଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ ବିତରଣ କରିଥିଲେ । ବୁଧବାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ନାଟକ ନାଇଟ୍ ହସ୍ପିଟାଲ ଏବଂ ଦରମରା ରାବଣ ବିଣାପାଣୀ ନାଟ୍ୟ କଳା ପରିଷଦ ତରଫରୁ ପରିବେଷିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଶ୍ୱନୀ କୁମାର ପାଣ୍ଡେ ଏବଂ ସମ୍ମାନୀତ ଅତିଥି କ୍ଷୀର ଭରାସାଗର, ସଞ୍ଜୀବ କୁମାର ପାତ୍ର, ପୂର୍ବତନ ବିଇଓ ନିରାକାର ନାଗ୍ ଓ ମୁଖ୍ୟବକ୍ତା ଭାବେ ଜିଲା ଓଷ୍ଟା ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ ।



ଛାତ୍ରୀଛାତ୍ର କାଦୁଅ ରାସ୍ତାରେ ସ୍କୁଲରୁ ଘରକୁ ଫେରୁଛନ୍ତି ।

## କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର

**ଜାମଟିକ୍ରା ୪।୯(ଡି.ଏନ.ଏ)**

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗାନ୍ଧୀ ଏମଇ ସ୍କୁଲ ଠାରୁ ୟୁପି ସ୍କୁଲ ପର୍ଯ୍ୟନ୍ତ ଅଧ କିଲୋମିଟର ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏବେ ବର୍ଷା ଦିନ ହୋଇଥିବାରୁ ରାସ୍ତାଟି କାଦୁଅରେ ଭର୍ତ୍ତି ହୋଇଛି। ଫଳରେ ପ୍ରତ୍ୟେକ ଦିନ ଉଭୟ ସ୍କୁଲକୁ ଛାତ୍ରୀଛାତ୍ରମାନେ ଆଣ୍ଠୁଏ କାଦୁଅ ରାସ୍ତାରେ ଦୟନୀୟ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାସ୍ତା ସାରା ଖାଲଖମା ହୋଇଥିବାରୁ ଯାତାୟାତ ବେଳେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଯାତାୟାତ ପାଇଁ ଏହି ରାସ୍ତା ବିପଦଜ୍ଜନକ ହୋଇପଡ଼ିଥିବା ବେଳେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ଦେଇ ଚାରିଚକିଆ ଯାନ ଚଳାଚଳ ଏକ ପ୍ରକାର ଠପ ହୋଇଯାଇଛି। ଆମ ଗାଁ ଆମ ବିକାଶ ଯୋଜନାରେ ବୁଗବୁଗା ପଞ୍ଚାୟତକୁ ୩୬ ଲକ୍ଷ ଟଙ୍କା ଅନୁଦାନ ଆସିଥିଲେ ମଧ ଜାମଟିକ୍ରା ଗ୍ରାମକୁ ଟଙ୍କାଟିଏ ମଧ ଆସିନାହିଁ। ରାସ୍ତା ଅବସ୍ଥା ଦେଖି କେତେକ ଛାତ୍ରୀଛାତ୍ର ସ୍କୁଲ କଲେଜ ଯିବାକୁ ମଙ୍ଗୁ ନାହାନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପୁଷ୍ପକାନ୍ତି ସେଟଙ୍କୁ ପଚାରିବାରୁ ଏହି ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ଚିରାଚରିତ ଢ଼ଙ୍ଗରେ କହିଛନ୍ତି ।

## ଆଶ୍ରମରୁ ୩ସାଧୁଙ୍କୁ ଉଦ୍ଧାର କଲା ଦମକଳ ବାହିନୀ

**ଉଲୁଣ୍ଡା, ୪।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା-ସୋନପୁର ମୁଖ୍ୟରାସ୍ତାର ରକ୍ସା ଛକ ନିକଟରେ ଥିବା ଏକ ଅଶ୍ରମରେ ୩ଜଣ ସାଧୁ ରହୁଥିଲେ। ତେବେ ମଙ୍ଗଳବାର ରାତିର ପ୍ରବଳ ବର୍ଷା ଯୋଗୁଁ ନିକଟବର୍ତ୍ତୀ ନାଳରେ ବର୍ଷା ପାଣି ମାଡି ଆସିଥିଲା। ଫଳରେ ମଠଟି ଜଳବନ୍ଦୀ ହୋଇଯାଇଥିଲା। ବର୍ଷା ଏତେ ଜୋରରେ ହୋଇଥିଲା ଯେ, ସାଧୁମାନେ ସେଠାରୁ ବାହାରି ପାରି ନ ଥିଲେ। ଧିରେଧିରେ ମଠଟି ବୁଡବାକୁ ଲାଗିଲା। ଖବର ପାଇ ବୁଧବାର ସକାଳେ ଉଲୁଣ୍ଡା ଦମକାଳ ବାହିନୀ ହାବିଲଦାର ରଣବୀର ଟେଟେଙ୍କ ନେତୃତ୍ୱରେ ଲାଇଭ ଜ୍ୟାକେଟ ପିନ୍ଧାଇ ଉକ୍ତ ତିନି ଜଣ ସାଧୁଙ୍କୁ ଉଦ୍ଧାର କରିଥିଲେ।

# ବୌଦ୍ଧ ସହରବାସୀଙ୍କୁ ମିଳୁନି ଦୁଇଓଳି ପାନୀୟଜଳ

**ବୌଦ୍ଧ,୪।୯(ସ୍ୱ.ପ୍ର)**

ବୌଦ୍ଧ ସହର ମହାନଦୀ କୂଳରେ ଅବସ୍ଥିତ । କିନ୍ତୁ ସହରବାସୀଙ୍କୁ ଦୁଇଓଳି ପାନୀୟ ଜଳ ମିଳୁନି । ପାଣି ଟିକିଏ ପାଇଁ ସହରବାସୀ ହଇରାଣ ହେଉଛନ୍ତି। ବୌଦ୍ଧ ସହରବାସୀଙ୍କ ପାଇଁ ଦୈନିକ ୩୫ଲକ୍ଷ ଲିଟର ପାନୀୟଜଳର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନର ଭିତ୍ତିଭୂମିରେ ମାତ୍ର ୨୪ ଲକ୍ଷ ଲିଟର ପାଣି ଯୋଗାଇ ଦିଆଯାଉଛି । ପୂର୍ବରୁ ଦୈନିକ ଦୁଇଓଳି ଦୁଇଘଣ୍ଟା ଲେଖାଏଁ ସହରବାସୀଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଥିଲା। ବର୍ତ୍ତମାନ ଏହା କେବଳ ଗୋଟିଏ ଓଳି ଦିଆଯାଉଛି । କିନ୍ତୁ ବର୍ତ୍ତମାନ ଉପଭୋକ୍ତାଙ୍କ ସଂଖ୍ୟା ଅଧିକ ହୋଇ ସାରିଥିବାରୁ ଦୈନିକ ଗୋଟିଏ ଓଳି ମାତ୍ର ଦେଢ ଘଣ୍ଟା ପାନୀୟଜଳ ଯୋଗାଣ କରାଯାଉଛି। ଫଳରେ ଅନେକ ପରିବାର ଆବଶ୍ୟକ ପାଣି ପାଇପାରୁ ନ ଥିବାରୁ ନଳକୂପ ଉପରେ ନିର୍ଭର କରୁଥିବା ଜଣାଯାଇଛି । ସହରରେ ପାନୀୟ ଜଳ ଯୋଗାଣ ନେଇ ୪୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ସହ ସହରର ରାସ୍ତା ଘାଟରେ ନୂତନ ପାଇପ ବିଛା ହୋଇଥିଲେ ମଧ୍ୟ କାମରେ ଲାଗୁନି। କେବଳ ଯେ ପାନୀୟ ଜଳ ତାହା ନୁହେଁ, ବୌଦ୍ଧ ସହରରେ ବିଦ୍ୟୁତ୍ କାଟ ଲୋକଙ୍କ ଦୁଃଖକୁ ବଢାଇ ଦେଇଛି। ବାରମ୍ବାର ବିଦ୍ୟୁତ କାଟ ହେଉଛି। ପାଣି ଆସୁଥିବା ସମୟରେ ବିଦ୍ୟୁତ୍ ନ ଥିଲେ ସେଦିନ ପାଣି ମିଳିପାରେ ନାହିଁ। ସହରରେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ କିନ୍ତୁ ବୌଦ୍ଧ ସହରର ଷ୍ଟ୍ରିଟ ଲାଇଟ ଦିନରାତି ଜଳୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କି ପ୍ରଶାସନର ଅଧିକାରୀଙ୍କୁ ଏହା ଦେଖାଯାଉନି । ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ମହାନଦୀ କୂଳରେ ରହୁଥିବା ବୌଦ୍ଧବାସୀ ପାନୀୟଜଳ ପାଇଁ ରାଜରାସ୍ତାକୁ ଓହ୍ଲାଇବାର ଆଶଙ୍କା ରହିଛି ।

# ଲଗାଣ ବର୍ଷା, ପୋଲ ଉପରେ ବନ୍ୟାଜଳ

**ସୋନପୁର,୪।୯(ନି.ପ୍ର.)**

## ଯାତାୟାତ ବ୍ୟାହତ, ଚାଷ ଜମି ଜଳମଗ୍ନ



ପୋଲ ଉପରେ ୪ ଫୁଟ ଉଚ୍ଚର ପାଣି।

ବର୍ଷା ବୁଧବାର ହ୍ରାସ ପାଇଛି । କିନ୍ତୁ ମଙ୍ଗଳବାର ରାତିର ଲଗାଣ ବର୍ଷା ଜିଲାରେ ନାହିଁ ନଥିବା କ୍ଷତି କରିଛି। ଗତ ୨୪ ଘଣ୍ଟାରେ ଜିଲାରେ ମୋଟ ୬୫୬ ମିଲିମିଟର ବର୍ଷା ହୋଇଛି। ବୀରମହାରାଜପୁର ଉପଖଣ୍ଡର ଉଲୁଣ୍ଡା ବ୍ଲକରେ ସର୍ବାଧିକ ୨୦୪ ମିମି. ଓ ବୀରମହାରାଜପୁର ବ୍ଲକରେ ୧୪୦ମିମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏଥିଯୋଗୁଁ ନଦୀ ନାଳ ପରିବେଷ୍ଟିତ ଜିଲାର ଅନେକ ଅଞ୍ଚଳରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ବିଭିନ୍ନ ପୋଲ ଉପରେ ପାଣି ଚାଲୁଥିବା ବେଳେ ଉଲୁଣ୍ଡା ବ୍ଲକର ରକ୍ସା ଛକରେ ଥିବା ଏକ ମଠ ପାଣି ଘେରରେ ରହିଛି। ସ୍ଥାନୀୟ ନାଳରେ ବନ୍ୟା ଜଳ ପ୍ରବାହିତ ହେଉଛି। ବୀରମହାରାଜପୁର-ଚାରମାଲ ରାସ୍ତାର ହରିହରଯୋର ପୋଲ ଉପରେ ୩ ଫୁଟ୍‌ର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟତ ବନ୍ଦ ରହିଛି। ସେହିପରି ସ୍ଥାନୀୟ ଘୁଙ୍ଗିନାଳ ଉପରେ ୪ ଫୁଟ୍‌ର ପାଣି ଚାଲିଛି। ଲେହେଡି-ପାଇକପାଲି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଉଲୁଣ୍ଡା ବ୍ଲକର କୁକିଆ ଦେଇ ଯାଇଥିବା ନାଳ ଉପରେ ୫ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି । ପଞ୍ଚମହଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବର୍ଷା ଜଳ ପ୍ରବେଶ କରିଛି । ବର୍ତ୍ତମାନ ବର୍ଷା ଛାଡିଥିବା ବେଳେ ବନ୍ୟା ଜଳ କମିନାହିଁ। ଶତାଧିକ ଏକର ଚାଷ ଜମି ଉପରେ ବନ୍ୟା ଜଳ ପ୍ରବାହିତ ହେବାରୁ ଚାଷ କ୍ଷତି ହେବାର ଆଶଙ୍କା କରାଯାଉଛି। ଜିଲାର ଉଲୁଣ୍ଡା ବ୍ଲକର କୁକିଆ ଗ୍ରାମରେ ବନ୍ୟାଜଳ ମାଡି ଯାଇଥିବା ବେଳେ ବିଦ୍ୟାଳୟ ପରିସରରେ ଆଣ୍ଠୁଏ ପାଣି ଜମି ରହିଛି। ଲମକାଇ ଗ୍ରାମର ନୂଆବନ୍ଧରେ ଘାଇ ସୃଷ୍ଟି ହୋଇଛି । ସେହିପରି ମେନକା ଯୋରର ବନ୍ୟାପାଣି ଜଗନ୍ନାଥ ପାଲି, ଲୋମକାନୀ, ଧୁଲଧୁଲା ଓ ବଡମାଲ ଆଦି ଗାଁ ଗୁଡିକରେ ବନ୍ୟା ଜଳ ପ୍ରବେଶ କରିଛି । ହରିହରଯୋର ଡ୍ୟାମର ୪ଟି ଫାଟକ ଖୋଲାଯିବାରୁ ଉଭୟ ପାର୍ଶ୍ୱରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନାଳଗୁଡିକ ଫୁଲି ଉଠିବାରୁ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । କୃଷ୍ଣପାଲି ଗାଁ ଭିତରକୁ ପାଣି ପସି ଯାଇଛି। ମେନକାଯୋରରେ ବନ୍ୟା ଜଳ ଯୋଗୁଁ କୁକିଆ-କପାସିରା ରାସ୍ତା ବିଚ୍ଛିନ୍ନ ହୋଇଛି । ହରିହରଯୋର ଡ୍ୟାମ ଫାଟକ ବନ୍ଦ କରାଯିବା ପରେ ଜଳପ୍ରବାହ ହ୍ରାସ ପାଇଛି । ଯାତାୟତ ଏବେ ସ୍ୱାଭାବିକ ହୋଇଛି । ତରଭା ବ୍ଲକର ପାଇକବାହାଲ ପଞ୍ଚାୟତର ରାକ୍ଷାସ ଯୋର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ପଞ୍ଚାୟତର ବିଭିନ୍ନ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ସେହିପରି ସୋନପୁର ବ୍ଲକର ଅର୍ଜ୍ଜୁନପୁର-ମୟୁରଉଡାନ ରାସ୍ତାର କୁଲତାଯୋରରେ ୫ ଫୁଟ୍ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଖଲିଆପାଲି-ଲଛିପୁର ରାସ୍ତାର ଜାମଯୋର ପୋଲ ଉପରେ ୪ ଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଲିଆପାଲି-ନନ୍ଦନମାଲ ରାସ୍ତାର କୁମ୍‌କିନାଳରେ ସାଢେ ୩ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖିନ ହୋଇଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୫ ସେପ୍ଟେମ୍ବର, ୨୦୧୯



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ, ଟ୍ରାକ୍ଟର ଚାପାରେ ଜଣେ ଗୁରୁତର

କୋମନା,୪।୯(ଡି.ଏନ.ଏ.)
ନୂଆପଡ଼ା ଜିଲା କୋମନା ବ୍ଲକ ଛତା ଗାଁରେ ବୁଧବାର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଟ୍ରାକ୍ଟର ଚାପାରେ ଜଣେ ଗୁରୁତର ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ସଦନ ନାଗ (୨୫)। ସୂଚନାରୁ ଅନୁସାରେ ଛତା ଗାଁର ଯୁବକମାନେ ଏକ ଟ୍ରାକର ଯୋଗେ ଗଣେଶ ମୂର୍ତ୍ତି ବିସର୍ଜନ କରିବା ପାଇଁ ନେଇ ଯାଉଥିଲେ । ଏହି ସମୟରେ କଉଣସି କାରଣ ବସତଃ ଏହି ଗାଁର ସଦନଙ୍କ ଗୋଟିଏ କାନ ଓ ଗୋଡରେ ମୂର୍ତ୍ତି ବୋଝେଇ ଟ୍ରାକ୍ଟର ମାଡି ଯାଇଥିଲା। ଫଳରେ ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ। ଆହତ ଯୁବକଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ଯୁବକଙ୍କୁ ନୂଆପଡା ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

### ସିନାପାଲି ପୋଲିସ, ବନ ବିଭାଗର ଚାରା ରୋପଣ କାର୍ଯ୍ୟକ୍ରମ

ସିନାପାଲି,୪।୯ (ଡି.ଏନ.ଏ.)- ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟ ପରିସରରେ ସିନାପାଲି ପୋଲିସ ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ସାମୂହିକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକ କର୍ମଚାରୀ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସାମିଲ ହୋଇଥିଲେ। ବିଦ୍ୟାଳୟ ପରିସରରେ ୩୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଚାରା ରୋପଣ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା । ପରେ ଚାରା ରୋପଣ କରାଯାଇଥିଲା । ଏଥିରେ ଥାନାଧିକାରୀ ଜୋତିରଞ୍ଜନ ଗୌଡ, ସବଇନସପେକ୍ଟର ସାଲଖାନ ମୁର୍ମୁ, ଏଏସଆଇ ଟି. ସାହା ପ୍ରମୁଖଙ୍କ ସମେତ ବନବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

### କମାର ସମ୍ପ୍ରଦାୟର ନୂଆଁଖାଇ ଭେଟ୍‌ଘାଟ୍

# ଜୀବନ ଜୀବିକା ପ୍ରତି ସରକାର ଅବହେଳା କରୁଛନ୍ତି

ନୂଆପଡ଼ା ଅଫିସ, ୪।୯

ଦେଶର ବିଭିନ୍ନ ପ୍ରାନ୍ତରେ କମାର ସମ୍ପ୍ରଦାୟର ଲୋକମାନେ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ନେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଉଛନ୍ତି । ଏପରିକି ପଡୋଶୀ ଛତିଶଗଡ ରାଜ୍ୟରେ ଏହି ସମ୍ପ୍ରଦାୟର ଲୋକେ ଅନୁସୂଚୀତ ଜନଜାତି ଭାବେ ସମସ୍ତ ସୁବିଧା ସୁଯୋଗ ପାଉଥିବାବେଳେ ଓଡିଶାରେ ଆମେ ଅବହେଳିତ। ଆମ ପ୍ରତି ସରକାର ଉଦାସୀନତା ଦେଖାଉଛନ୍ତି ବୋଲି କମାରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସ୍ଥାନୀୟ ଝାଞ୍ଜିମୁଣ୍ଡା ଗାଁରେ କମାର ସମ୍ପ୍ରଦାୟର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଏହା ମତ ପ୍ରକାଶ ପାଇଛି । କମାର ସମାଜର ଜିଲା ସଭାପତି ରାୟସିଂ ଲୁହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରୁ ବହୁପଦାଧିକାରୀ ଯୋଗଦେଇଥିଲେ। ଏଥିରେ ବରଗଡ ଜିଲା ସଭାପତି ସୁନ୍ଦର



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା କମାର ପରିବାରବର୍ଗ ।

କମାର, ବଲାଙ୍ଗୀର ଜିଲା ସଭାପତି ସାଧୁରାମ ଲୁହାର, ସମ୍ବଲପୁର ଜିଲା ସଭାପତି ମଦନ କମାର, ଝାରସୁଗୁଡା ଜିଲା ସଭାପତି ସଦା କମାର, ସୋନପୁର ଜିଲା ସଭାପତି ଚନ୍ଦ୍ର କମାର, କଳାହାଣ୍ଡି ଜିଲା ସଭାପତି ଦେବାର୍ଚନ କମାର, ଛତିଶଗଡ ରାଜ୍ୟ ପ୍ରଭାରୀ ବେଣୁ କମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କମାର ସମ୍ପ୍ରଦାୟର ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସମସ୍ତ ମହିଳା ପୁରୁଷମାନଙ୍କ ଏକ ରାଲି ବସ୍ତି ପରିକ୍ରମା କରିଥିଲା । ପୂଜାର୍ଚ୍ଚନା ପରେ ସମସ୍ତେ ପରସ୍ପର ପରସ୍ପରଙ୍କୁ ଭେଟଘାଟ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପିଠାପଣା ବଣ୍ଟନ କରାଯାଇଥିଲା । ଏହି ଅବସରରେ ବକ୍ତାମାନେ କମାର ସମ୍ପ୍ରଦାୟ ମଧ୍ୟରେ ଐତିହ୍ୟ, ଭାତୃତ୍ୱର ସ୍ଥାପନ କରିବାକୁ ଆଜିକୁ ବହୁ ବର୍ଷ ଧରି ଏହି ପ୍ରୟାସ କରାଯାଇ ଆସୁଛି। ଏଥିପାଇଁ ସମାଜକୁ ସଶକ୍ତ କରିବାକୁ ପଡିବ । ସମାଜରେ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦେବାକୁ ପଡିବ । ଶିକ୍ଷା ଯେ କୌଣସି ସମାଜକୁ ବିକାଶର ଶିଖରକୁ ନେଇ ପହଞ୍ଚାଇପାରେ ବୋଲି ବକ୍ତାମାନେ କହିଥିଲେ । ସରକାର ସମାଜର ଉନ୍ନତି ପ୍ରତି ବିଶେଷ ଧ୍ୟାନ ଦେଉ ନ ଥିବା ନେଇ ଅତିଥିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିପାଇଁ ସମାଜର ସବୁସ୍ତରରେ ଏକ ଅଭିଯାନର ଆବଶ୍ୟକତା ରହିଛି । ଏଥିପାଇଁ ସରକାରଙ୍କୁ କଡା ଜବାବ ଦେବାକୁ ପଡିବ ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ । କମାର ସମାଜ ଆଗକୁ ଆସି ଲଢିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ରାୟସିଂ ଲୁହାର ପରିଚାଳନା କରିଥିବାବେଳେ ସମସ୍ତ ଯୁବବର୍ଗ ସହଯୋଗ କରିଥିଲେ। ଶେଷରେ ଏକ ସହଭୋଜ କାର୍ଯ୍ୟକ୍ରମ ହୋଇଥିଲା । ବରଗଡ ଜିଲା ସଭାପତି ସୁନ୍ଦର କମାର ଧନ୍ୟବାଦ ଅର୍ପଣ କରିଥିଲେ ।



### ନୂଆଁଖାଇ ବାସି, ଅଘୋଷିତ କର୍ଫ୍ୟୁ

ରିଷିଡ଼ା,୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡ଼ା ଅଞ୍ଚଳରେ ନୂଆଁଖାଇ ଧୂମଧାମରେ ପାଳିତ ହୋଇଯାଇଛି। ବୁଧବାର ନୂଆଁଖାଇ ବାସି ଯୋଗୁ ରାସ୍ତାଘାଟ ଶୂନଶାନ ହୋଯାଇଛି। ଅଘୋଷିତ କର୍ଫ୍ୟୁ ଭଳି ଦୋକାନ ବଜାର, ବସ ତଥା ଯାନବାହନଗୁଡିକ ଚଳାଚଳ ବନ୍ଦ ହୋଇଯାଇଛି । ରାସ୍ତା ଘାଟରେ କେବଳ ପରସ୍ପର ଜୁହାର ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପରିବାର ସମସ୍ତେ ଘରେ ମାଂସ ତରକାରୀର ଆସର ଦେଖିବାକୁ ମିଳିଥିଲା। ରିଷିଡ଼ା ସମେତ ଅବୁଜବାହାଲ, ଗଜବାହାଲ, ଓଡିଆମୁଣ୍ଡା, ବଡଡୁଙ୍ଗୁରୀଗୁଡା, ଶିରାବାହାଲ ଆଦି ଅଞ୍ଚଳରେ ନୂଆଁଖାଇରେ ପରସ୍ପରକୁ ଭେଟଘାଟ ହୋଇଥିଲେ।

## କୋମନାରେ ନୂଆଁଖାଇ ପାଳିତ

କୋମନା,୪।୯ (ଡି.ଏନ.ଏ.)

ନୂଆପଡ଼ା ଜିଲା କୋମନା ସହିତ ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସରେ ପଶ୍ଚିମ ଓଡିଶାର କୃଷି ଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଗାଁରୁ ସହର ଚଳଞ୍ଚଳ ହୋଇଉଠିଥିଲା। ବାହାରେ ରହୁଥିବା ପରିବାର ସଦସ୍ୟମାନେ ଘରକୁ ଆସି ପରିବାର ସହ ଏକାଠି ନବାନ୍ନ ଭକ୍ଷଣ କରିଥିଲେ। ଏହି ମହାନ ପର୍ବ ପାଇଁ ମହିଳାମାନେ ପୂର୍ବରୁ ଘର ଦ୍ୱାର ପୋଛା ପୋଛି ସହ ମହୁଲ ପତ୍ର, କୁରେପତ୍ର, ନୂଆଁଧାନ, ନୂଆବସ୍ତ୍ର ଆଦି ଆବଶ୍ୟକ ଜିନିଷପତ୍ର ଯୋଗାଡ କରିଥିଲେ। ନୂଆଁଖାଇରେ ନୂଆଁଧାନରୁ ପ୍ରସ୍ତୁତ ଚୁଡା ଓ ଚାଉଳ ଭୋଗ ଇଷ୍ଟଦେବୀଙ୍କୁ ଚଢାଇବା ପରେ ନିଜ ପରିବାର ମଧ୍ୟରେ ଆନନ୍ଦର ସହ ନବାନ୍ନ ଭକ୍ଷଣ କରିଥିଲେ। ଏହା ପରେ ଜୁହାର ଭେଟ ପାଇଁ ଲୋକମାନେ ଗାଁ ଭ୍ରମଣ କରି ବଡମାନଙ୍କୁ ମୁଣ୍ଡିଆ ମାରି ଛୋଟମାନଙ୍କୁ ଆଶିଶ ପ୍ରଦାନ କରିଥିଲେ। ଏହି ଅବସରରେ କୋମନା, ମହୁଲଭଟା, ଟିକ୍ରାପଡା, ତରବୋଡ, ଉଧ୍ୟାନବନ୍ଧ, କରୁମପୁରି ଆଦି ସ୍ଥାନରେ ଜୁହାର ଭେଟ୍‌ଘାଟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ସ୍ଥାନରେ ସଂକୀର୍ତ୍ତନ ଦଳମାନେ ବୁଲି ବୁଲି ଗାଁରେ ଜୁହାର ଭେଟ ହୋଇଥିଲେ। ଯୁବକମାନଙ୍କ ଦ୍ୱାରା ଆଖିରେ ପଟି ବାନ୍ଧି ମାଠିଆ ଫୁଟା କାର୍ଯ୍ୟକ୍ରମ କରିଥିବା ଦେଖିବାକୁ ମିଳିଥିଲା।

## କାଦୁଅ ରାସ୍ତାରେ ଛାତ୍ରୀଛାତ୍ରଙ୍କ ଯାତାୟାତ

ଜାମଟିକ୍ରା ୪।୯(ଡି.ଏନ.ଏ)

ଅଡାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗାନ୍ଧୀ ଏମଇ ସ୍କୁଲ ଠାରୁ ୟୁପି ସ୍କୁଲ ପର୍ଯ୍ୟନ୍ତ ଅଧ କିଲୋମିଟର ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏବେ ବର୍ଷା ଦିନ ହୋଇଥିବାରୁ ରାସ୍ତାଟି କାଦୁଅରେ ଭର୍ତ୍ତି ହୋଇଛି। ଫଳରେ ପ୍ରତ୍ୟେକ ଦିନ ଉଭୟ ସ୍କୁଲକୁ ଛାତ୍ରୀଛାତ୍ରମାନେ ଆଣ୍ଠୁଏ କାଦୁଅ ରାସ୍ତାରେ ଦୟନୀୟ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାସ୍ତା ସାରା ଖାଲଖମା ହୋଇଥିବାରୁ ଯାତାୟାତ ବେଳେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଯାତାୟାତ ପାଇଁ ଏହି ରାସ୍ତା ବିପଦଜ୍ଜନକ ହୋଇପଡ଼ିଥିବା ବେଳେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ଦେଇ ଚାରିଚକିଆ ଯାନ ଚଳାଚଳ ଏକ ପ୍ରକାର ଠପ ହୋଇଯାଇଛି। ଆମ ଗାଁ ଆମ ବିକାଶ ଯୋଜନାରେ ବୁଗବୁଗା ପଞ୍ଚାୟତକୁ ୩୬ ଲକ୍ଷ ଟଙ୍କା ଅନୁଦାନ ଆସିଥିଲେ ମଧ ଜାମଟିକ୍ରା ଗ୍ରାମକୁ ଟଙ୍କାଟିଏ ମଧ ଆସିନାହିଁ। ରାସ୍ତା ଅବସ୍ଥା ଦେଖି କେତେକ ଛାତ୍ରୀଛାତ୍ର ସ୍କୁଲ କଲେଜ ଯିବାକୁ ମଙ୍ଗୁ ନାହାନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପୁଷ୍ପକାନ୍ତି ସେଟଙ୍କୁ ପଚାରିବାରୁ ଏହି ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ଚିରାଚରିତ ଢ଼ଙ୍ଗରେ କହିଛନ୍ତି ।

## ସ୍ପଞ୍ଜ, ପାୱାର କାରଖାନା ସମ୍ମୁଖରେ ଆନ୍ଦୋଳନ

ବଣାଇ, ୪।୯ (ସ୍ୱ.ପ୍ର.)

ବଣାଇ ବ୍ଲକ ଅନ୍ତର୍ଗତ ବର୍ହାମୂଷା ଗ୍ରାମରେ ଥିବା ଏସ୍.ଏନ. ମାହାନ୍ତି ସ୍ପଞ୍ଜ ଓ ପାୱାର ପ୍ଲାଣ୍ଟ କାରଖାନାରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। ବୁଧବାର ସକାଳେ କାରଖାନା ଫାଟକ ସମ୍ମୁଖରେ ସିଆଇଟିୟୁ ସମର୍ଥୀତ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜୁଦୂର ସଂଘ ପକ୍ଷରୁ ଶ୍ରମିକଙ୍କୁ ଶୋଷଣ ବିରୋଧରେ ଆନ୍ଦୋଳନ କରିଥିବା ଜଣାପଡିଛି। କାର୍ଯ୍ୟରତ ଶ୍ରମିକମାନେ ଫାଟକ ସମ୍ମୁଖରେ ୫ଦଫା ଦାବି ନେଇ ବିକ୍ଷୋଭ, ଧାରଣା, ସଭା କରିଥିଲେ। ନିକଟରେ ଏସ୍‌ଏମଏସ୍ ବିଭାଗରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ନିଜର ଦରମା ବୃଦ୍ଧି ପାଇଁ ଦାବି ଜଣାଇ ମାଡଖାଇଥିଲେ। ଏଥିନେଇ କାରଖାନା ପରିସରରେ ଉତ୍ତେଜନା ଦେଖାଯିବା ସହ ବଣାଇ ଥାନାରେ ମାଡ ଖାଇଥିବା ଶ୍ରମିକ ଏତଲା ଦେଇଥିଲେ। ଏସ୍‌ଏମ୍‌ଏସ୍ ପ୍ଲାଣ୍ଟରେ କାମ କରୁଥିବା ଶ୍ରମିକମାନେ ସେମାନଙ୍କର ଦରମା ବୃଦ୍ଧି ପାଇଁ କାରଖାନା କର୍ତ୍ତୃପକ୍ଷଙ୍କୁ ଆଗରୁ ବହୁବାର ଜଣାଇ ଆସୁଥିଲେ। କିନ୍ତୁ କର୍ତ୍ତୃପକ୍ଷ ବାହାର ଅଞ୍ଚଳରୁ ଶ୍ରମିକ ଆଣି ସେମାନଙ୍କୁ ଅଧିକ ଦରମା ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ଏଥିପାଇଁ ଉପେକ୍ଷା କରାଯାଉଛି। ଏହାର ପ୍ରତିବାଦ କରି ଏସ୍‌ଏମଏସ୍‌ର ଶ୍ରମିକମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ସେମାନେ କାର୍ଯ୍ୟକୁ ନ ଯାଇ ଶ୍ରମିକ କଲୋନୀ ପରିସରରେ ରହିଥିଲେ। ମାତ୍ର ଏସ୍‌ଏମଏସ ପ୍ଲାଣ୍ଟର ଜଣେ ଅଧିକାରୀ ରାତି ୨ଟାରେ ସିକ୍ୟୁରିଟି




କାରଖାନା ସମ୍ମୁଖରେ ଶ୍ରମିକମାନେ ଆନ୍ଦୋଳନ ଚଳାଇଛନ୍ତି।

ଗାର୍ଡଙ୍କୁ ସଙ୍ଗରେ ଧରି କଲୋନୀରେ ପହଁଞ୍ଚିଥିଲେ। ସେଠାରେ କାମକୁ ଯାଇ ନ ଥିବା ଶ୍ରମିକଙ୍କୁ ମାଡ ମାରିଥିଲେ। ଏଥିରେ ବଣାଇ ଥାନା ଅନ୍ତର୍ଗତ ନଳଘଟି ଗ୍ରାମର ଯାତ୍ରା କିଷାନ ଗୁରୁତର ହୋଇଥିଲେ। ଶ୍ରମିକମାନେ ମାଡ଼ ମାରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ମଧ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ନ ଦେବାରୁ ବାଧ୍ୟ ହୋଇ ଶ୍ରମିକମାନେ ବୁଧବାର ଆନ୍ଦୋଳନ କରିଥିଲେ। ଶ୍ରମିକମାନଙ୍କ ଅନ୍ୟାନ୍ୟ ଦାବିଗୁଡିକ ମଧ୍ୟରେ ୧୨ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା କାମ କରିବା କିମ୍ବା ୧୨ଘଣ୍ଟାର ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରିବା, ଶ୍ରମିକଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଉପକରଣ ଯୋଗାଇ ଦିଆଯିବା ରହିଛି। ସେହିପରି ଶିଳ୍ପନିତୀ ୧୯୪୮ ଅନୁଯାୟୀ ସମସ୍ତ ଶ୍ରମିକଙ୍କୁ ଛୁଟି ପ୍ରଦାନ ଏବଂ ଶ୍ରମିକଙ୍କୁ ଠିକା ସଂସ୍ଥା ପରିବର୍ତ୍ତେ କମ୍ପାନୀର ତାଲିକା ଭୁକ୍ତ କରିବା ପାଇଁ ଦାବି କରାଯାଇଥିଲା। ଏହି ଆନ୍ଦୋଳନରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଶ୍ରମିକ ନେତା ବାଣେଶ୍ୱର ସାହୁ, ଅନିରୁଦ୍ଧ ତ୍ରିପାଠୀ, ଭୁବନେଶ୍ୱର ସାହୁ, ଗିରିଧାରୀ ତ୍ରିପାଠୀ, ନରହରୀ ପାତ୍ର, ପ୍ରଦୀପ ସାହୁ, ଚିତ୍ତରଞ୍ଜନ ଖମାରୀ, କୁମୁଦ ନାଏକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହାପରେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନର ସହାୟତାରେ ଏକ ଦ୍ୱିପାକ୍ଷୀକ ଆଲୋଚନା କରାଯାଇ ଶ୍ରମିକଙ୍କ ଦାବି ଉପରେ ଆଲୋଚନା କରାଯାଇଥିଲା। ପ୍ରଶାସନ ପକ୍ଷରୁ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ, ବଣାଇ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ସହକାରୀ ଜିଲାପାଳ ରବୀନ୍ଦ୍ର ସେଠୀ ଯୋଗଦେଇ ଆଲୋଚନା କରିଥିଲେ। ବଣାଇ ଶ୍ରମ ଗ୍ରାମାଞ୍ଚଳ ନିରୀକ୍ଷକ ମେରୀ ସୁଡିନା ଲାକ୍ରା ଯୋଗଦେଇ ଶ୍ରମିକମାନଙ୍କ ଦାବି ଉପରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ପରେ ଆନ୍ଦୋଳନକାରୀ ଚଳାଇଥିବା ଧାରଣାକୁ ସେଠାରୁ ପ୍ରତ୍ୟାହର କରି ନେଇଯାଇଥିଲେ।

### ଟ୍ରକ୍ - ଧକ୍କାରେ ସାଇକେଲ ଆରୋହୀ ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ବାଲିଶଙ୍କରା, ୪।୯ (ଡି.ଏନ.ଏ.)

ସୁନ୍ଦରଗଡ଼ ବାଲିଶଙ୍କରା ରାସ୍ତାର ତୁମଲିଆ ପଞ୍ଚାୟତ ନିକଟରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ - ସାଇକେଲକୁ ଧକ୍କା ଦେବାରୁ ସାଇକେଲ ଆରୋହୀ ବିଶେଶ୍ୱର ବେହେରା (୪୩)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଆଖପାଖ ଗ୍ରାମର ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଫଳରେ ରାସ୍ତାରେ ଯିବାଆସିବା ବନ୍ଦ ହୋଇଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା। ପ୍ରକାଶ ଯେ, ବାଲିଶଙ୍କରା ବ୍ଲକ ତୁମଲିଆ ପଞ୍ଚାୟତ ସାବଡ଼ଗର ଗ୍ରାମର ବିଶେଶ୍ୱର କୌଣସି କାମରେ ସବ୍‌ଡ଼େଗା ଯାଇଥିଲେ। ସାଇକେଲରେ ନିଜ ଗାଁକୁ ଫେରୁଥିବାବେଳେ ତୁମଲିଆ ପଞ୍ଚାୟତ ନିକଟରେ ସମ୍ମୁଖରୁ ଆସୁଥିବା ଓଡ଼ି ୧୫ଏଚ ୪୫୦୫ ନଂ ବିଶିଷ୍ଟ ୧୨ ଚକିଆ ଟ୍ରକ୍ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ଫେରାର୍ ହୋଇଯାଉଥିବାବେଳେ ଲୋକେ ସବ୍‌ଡ଼େଗା ନିକଟରେ ଧରି ପୋଲିସକୁ ଖବର ଦେଇଥିଲେ।

### କାଳିନ୍ଦୀ ଚରଣ ସ୍ମାରକୀ କବାଡ଼ି ପ୍ରତିଯୋଗିତା

# ସାନଗୋଗୁଆ ଦଳ ଚାମ୍ପିୟନ

ବଣାଇ, ୪।୯ (ସ୍ୱ.ପ୍ର.)

ବଣାଇ ଉପଖଣ୍ଡର ଲହୁଣୀପଡା ବ୍ଲକ ଅନ୍ତର୍ଗତ ଧୁଡି ଗ୍ରାମଠାରେ ସ୍ୱର୍ଗତ କାଳିନ୍ଦୀ ଚରଣ ସ୍ମାରକୀ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଟି ଦଳ ଅଂଶଗ୍ରହଣ କରି ନକଆଉଟ ପର୍ଯ୍ୟାୟରେ ଖେଳିଥିଲେ। ଫାଇନାଲ ମ୍ୟାଚରେ ସାନଗୋଗୁଆ ଦଳ ପଏଣ୍ଟ ବ୍ୟବଧାନରେ ବଡଗୋଗୁଆ ଦଳକୁ ହରାଇ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଲହୁଣୀପଡା ଜିଲା ପରିଷଦ ସଭ୍ୟ କେଦାର ମାହାନ୍ତ, ଖୁଣ୍ଟଗାଁ ସରପଞ୍ଚ ଅଜୟ ନାୟକ ଏବଂ କୁଲିପୋଷ ସରପଞ୍ଚ ବୈଲୋଚନ ନାୟକ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ହରିହର ପାତ୍ର ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହା ପରେ ସେଠାରେ ସାମୂହିକ ବୃକ୍ଷ ରୋପଣ କରାଯାଇଥିଲା। ଖେଳଗୁଡିକ ରେଫରୀ ଭାବେ ବିଜୟ ବିଶ୍ୱାଳ, ମୋତିଲାଲ ପେଣ୍ଡେଇ, ବାବୁଲି ବିଶ୍ୱାଳ, ଦୁର୍ଯ୍ୟୋଧନ ମାହାନ୍ତ ଏବଂ ଜ୍ୟୋତିରଞ୍ଜନ କିଷାନ ପରିଚାଳନା କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଧୁଡି ନେହେରୁ ଯୁବକ ସଂଘର ସମୀର ନାୟକ, ସୁଧରୀ ନାୟକ, କିରଣ ନାୟକ, ବାବୁଲି ନାୟକ, ଅନନ୍ତ ଛଦିଆ, ବିରଞ୍ଚି ଧରୁଆ, ଉତ୍ତମ ଦାସ, ବ୍ୟୋମକେଶ ଦାସ ଏବଂ ଯୁବକ ସଂଘର ସଦସ୍ୟମାନେ ସହାୟତା କରିଥିଲେ।



କବାଡି ପ୍ରତିଯୋଗିତାର ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

### ବର୍ଷାରେ କ୍ଷତିଗ୍ରସ୍ତ ରାସ୍ତାଘାଟର ପୁନରୁଦ୍ଧାର ହୋଇନି

# ଆନ୍ଦୋଳନ ପାଇଁ ଲୋକେ ସଜବାଜ

ସିନାପାଲି,୪।୯ (ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଉପାନ୍ତ ଅଞ୍ଚଳରେ ଗତ ଅଗଷ୍ଟ ୮ ତାରିଖ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ ଏହାର ପୁନରୁଦ୍ଧାର ହୋଇପାରି ନାହିଁ। ଏଥିପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି। ନୂଆଁଖାଇ ସରବା ପରେ ବ୍ଲକ ଅଫିସ ଘେରାଉ ପାଇଁ ସେମାନେ ଏକ ପ୍ରସ୍ତୁତି ବୈଠରେ ନିଷ୍ପତ୍ତି ନେଇଥିବା ଜଣାପଡଛି। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୮ ତାରିଖରେ ଛତିଶଗଡ ସୀମାନ୍ତବର୍ତ୍ତୀ ନଙ୍ଗଲବୋଡ, ଘାଟମାଳ ଓ ନୂଆମାଲପଡା ଗ୍ରାମପଞ୍ଚାୟତ ଅଞ୍ଚଳରେ ପ୍ରବଳ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପାହାଡିଆ ଅଞ୍ଚଳ ହୋଇଥିବାରୁ ବର୍ଷା ଜଳ ପ୍ରବାହିତ ହୋଇ ଅନେକ ଚାଷଜମିରେ ବାଳିଚର ହୋଇଥିବା ବେଳେ ହୁଡା ଭାଙ୍ଗି ଜମିଗୁଡିକ ପୋତି ହୋଇଯାଇଥିଲା।



ଗତ ବନ୍ୟାରେ ଭାଙ୍ଗିପଡ଼ିଥିବା ପୋଲ।

ଏହା ସହିତ କେତେକ ସ୍ଥାନରେ ପୋଖରୀ ହୁଡା ଭାଙ୍ଗି ଅନେକଙ୍କ ଚାଷ ଉଜୁଡି ଯାଇଥିଲା। ଅନେକ ଛୋଟବଡ ପୋଲ ଭାଙ୍ଗି ରାସ୍ତାଗୁଡିକ ଧୋଇଯାଇଥିଲା। ଫଳରେ ଅନେକ ଗ୍ରାମଗୁଡିକ ବିଚ୍ଛିନ୍ନ ହୋଇପଡିଥିଲା। ଘଟଣା ଘଟିବା ପ୍ରାୟ ଏକ ମାସ ବିତି ଯାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀଙ୍କୁ ନାହିଁ ନ ଥିବା ଅସିବିଧା ସମ୍ମୁଖୀନ ହେବାକୁ ପଡୁଛି। ବର୍ଷା ବିପ୍ରାତ ଦ୍ୱାରା ହୋଇଥିବା କ୍ଷୟକ୍ଷତି ଆକଳନ ପାଇଁ ସ୍ଥାନୀୟ ବ୍ଲକ ପ୍ରଶାସନ ଘଟଣାସ୍ଥଳ ଯାଇ ଅନୁଧ୍ୟାନ କରିଥିଲେ। ହେଲେ ଆଜିପର୍ଯ୍ୟନ୍ତ କୌଣସି ରାସ୍ତା ମରାମତି କରାଯାଇନାହିଁ। ପ୍ରବଳ ବର୍ଷା ପ୍ରଭାବରେ ନୂଆମାଲପଡାରୁ ସିନାପାଲି ବ୍ଲକ ସଦର ମହକୁମା ଭାୟା ଅଖଡାଭଟ୍ଟା ରାସ୍ତାରେ ଥିବା ପୋଲ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଫଳରେ ସ୍ଥାନୀୟ ଲୋକଙ୍କ ଯିବାଆସିବା ବନ୍ଦ ହୋଇଯାଇଛି। ନୂଆମାଲପଡାରୁ ଛତିଶଗଡ ରାସ୍ତାରେ ଥିବା ପୋଲ ମଧ୍ୟ ଭାଙ୍ଗି ଯାଇଥିଲା। ନୂଆମାଲପଡାରୁ ଦବଡା ରାସ୍ତାରେ ଥିବା ସରପ୍ଲସ ଓ ନୂଆମାଲପଡା ଗ୍ରାମ ନିକଟରେ ଥିବା ଏକ ପୋଖରୀ ହୁଡା ଭାଙ୍ଗି ପ୍ରଧାନମନ୍ତ୍ରୀ ରାସ୍ତା ଧୋଇ ହୋଇଯାଇଛି । ଏହା ସହିତ ସମେତ ନଙ୍ଗଲବୋଡ ଓ ଘାଟମାଲ ଗ୍ରାମପଞ୍ଚାୟତ ଅନେକ ରାସ୍ତା ଧୋଇ ହୋଇଯାଇଛି। ଫଳରେ ସେହି ଅଞ୍ଚଳରୁ ଗ୍ରାମପଞ୍ଚାୟତ ସଦର ମହକୁମା ସମେତ ବ୍ଲକ ସଦର ମହକୁମାକୁ ଆସିବା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ସୁବିଧା କରାଯାଇ ନାହିଁ। ନଙ୍ଗଲବୋଡ ଯାଉଥିବା ସରକାରୀ ବସ୍ ରାସ୍ତା ଠିକ ହୋଇପାରି ନ ଥିବା ଯୋଗୁ ସିନାପାଲିଠାରେ ରାତିରେ ରହୁଛି। ଘଟଣାର ପ୍ରାୟ ଏକ ମାସ ଅତିବାହିତ ହୋଇଥିଲେ ମଧ୍ୟ ପ୍ରଶାସନ କୌଣସି ବ୍ୟବସ୍ଥା କରିପାରି ନ ଥିବାରୁ ସ୍ଥାନୀୟ ବାସୀନ୍ଦା ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ମହାରାଜା ଉଦିତ ପ୍ରତାପ ଦେଓଙ୍କ ବିୟୋଗରେ ଶୋକସଭା

ଭବାନୀପାଟଣା,୪।୯ (ଡି.ଏନ.ଏ.)- ସ୍ୱର୍ଗତ ମହାରାଜ ଉଦିତ୍ ପ୍ରତାପ ଦେଓଙ୍କ କ୍ରୀଡା କ୍ଷେତ୍ରରେ ଅବଦାନ ଥିବାରୁ କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥେଲେଟିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଶୋକସଭାରେ କ୍ରୀଡା ସଂସ୍ଥା ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା, ବିସିସିଆଇ କ୍ୟୁରେଟର ପଙ୍କଜ ପଟ୍ଟନାୟକ, କାଳି ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠୀ, ଅଶୋକ ପଟ୍ଟନାୟକ, ନିର୍ମଳ ସିଂ, ଝୁନୁ ପଣ୍ଡା, ରାମୁ ଜୈନ, ବିପିନ ମିଶ୍ର, ଅଜୟ ପଟ୍ଟନାୟକ, ପୁରନ୍ଦର ଭୋଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦେଓଙ୍କ ଫୁଟବଲ ଓ କ୍ରିକେଟ ପ୍ରତି ଥିବା ଆଗ୍ରହ, ସାହାଯ୍ୟ ଓ ସହଯୋଗ ଜିଲା କ୍ରୀଡା ସଂସ୍ଥା ସବୁଦିନ ମନେରଖିବ ବୋଲି ପ୍ରକାଶ କରିଥିଲେ। ଶୋକ ସନ୍ତପ୍ତ ପରିବାରକୁ ଶୋକବାର୍ତ୍ତା ପ୍ରେରଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ୩୨୯ ଛାତ୍ରୀଛାତ୍ରୀଙ୍କ ପାଇଁ ୪ ଶିକ୍ଷକ

ଭବାନୀପାଟଣା,୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ବିଦ୍ୟାଳୟ ପାଇଁ ଶ୍ରେଣୀ ଗୃହ ଅଭାବ ତ କେଉଁଠି ଶିକ୍ଷକ ଅଭାବ, ପୁଣି କେଉଁଠି ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ଅଭାବରୁ ବିଦ୍ୟାଳୟରେ ତାଲା ପଡିବାର ଅବସ୍ଥାରେ ରହିଛି । କେଉଁଠି କେଉଁଠି ତାଲା ପଡ଼ି ବନ୍ଦ ହେଇ ସାରିଛି । ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଦିନକୁ ଦିନ ନୂଆ ନୂଆ ଯୋଜନା କରୁଛନ୍ତି। ୬ରୁ ୧୪ ବର୍ଷ ଶିଶୁଙ୍କୁ ବିଦ୍ୟାଳୟ ମୁହାଁ କରାଇବା ପାଇଁ ମଧ୍ୟାହ୍ନ ଭୋଜନ, ମାଗଣା ପୋଷାକ, ବହି ଖାତା, ଜୋତା ସହ ସାଇକେଲ ପ୍ରଦାନ କରାଯାଉଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ୩୫ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ନିୟୋଜନ କରାଯିବା ଧାର୍ଯ୍ୟ କରାଯାଇଛି । କିନ୍ତୁ କଳାହାଣ୍ଡି ଜିଲା ଗ୍ରାମାଞ୍ଚଳର ଅନେକ ବିଦ୍ୟାଳୟ ଏବେ ବି ମାତ୍ର ଜଣେ ଶିକ୍ଷକଙ୍କ ଦ୍ୱାରା ପାଠପଢ଼ାଯାଉଛି । ଏପରିକି ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ୩୨୯ ଜଣ ଛାତ୍ରୀଛାତ୍ର ପାଠ ପଢୁଥିଲେ ମଧ୍ୟ ସେମାନଙ୍କ ପାଠପଢ଼ା ପାଇଁ ମାତ୍ର ୪ ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି।



ଓଡ୍ରି ଉନ୍ନିତ ପ୍ରାଥମିକ ବିଦ୍ୟାଳୟର ଏକ କୋଠରିରେ ଛାତ୍ରୀଛାତ୍ର ବସି ପାଠପଢୁଛନ୍ତି ।

#### ଥୁଆମୂଳ ରାମପୁର ବ୍ଲକ

କଳାହାଣ୍ଡି ଜିଲା ଆଦିବାସୀ ବହୁଳ ଥୁଆମୂଳ ରାମପୁର ବ୍ଲକ ଅଧୀନ ଓଡ୍ରି ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ଏହାର ଏକ ଉଦାହରଣ । ସବୁଠାରୁ ପରିତାପର ବିଷୟ ହେଉଛି ଏହି ବିଦ୍ୟାଳୟ ଉନ୍ନିତ ହେବା ପରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ପ୍ରାୟ ୧୦ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହି ଶ୍ରେଣୀ ପାଇଁ ଥିବା ଇଂଲିଶ, ବିଜ୍ଞାନ ଓ ଗଣିତ ଭଳି ପାଠପଢ଼ିବା ପାଇଁ ଅଭିଜ୍ଞ ଶିକ୍ଷକ ନିୟୋଜିତ କରାଯାଇନାହିଁ । ପ୍ରାଥମିକ ଶ୍ରେଣୀ ପାଇଁ ନିୟୋଜିତ ଶିକ୍ଷକ ହିଁ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ପାଠପଢ଼ାଉଛନ୍ତି । ଦୁଇରୁ ଅଧିକ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏଁ କୋଠରିରେ ବସାଇ ପାଠପଢ଼ା ଯାଉଛି। ଏହି ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୬୭ ଜଣ ଛାତ୍ର ଏବଂ ୧୫୦ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେହିଭଳି ନବମ ଓ ଦଶମ ଶ୍ରେଣୀରେ ୫୫ ଜଣ ଛାତ୍ର ଏବଂ ୫୭ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ସମଗ୍ର କଳାହାଣ୍ଡିର ଛାତ୍ରୀଙ୍କ ଉପସ୍ଥାନ ତୁଳନା କରାଗଲେ ଏହି ବିଦ୍ୟାଳୟର ସ୍ଥିତି ମଜଭୁତ ରହିଛି। କିନ୍ତୁ ଏଭଳି ବିଦ୍ୟାଳୟ ପ୍ରତି କେବଳ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ବ୍ୟତିତ ଅନ୍ୟ କେହି ଶିକ୍ଷା ବିଭାଗ ଅଧିକାରୀ ପରିଦର୍ଶନରେ ଆସୁ ନ ଥିବାରୁ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଶିକ୍ଷା ବିଭାଗ ଗୁରୁତ୍ୱ ଦେଉ ନ ଥିବା ଅନେକ ଛାତ୍ର ଅଭିଯୋଗ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଥୁଆମୂଳ ରାମପୁର ଭଳି ଦୁର୍ଗମ ଅଞ୍ଚଳରେ କେବଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୁହେଁ ସହକାରୀ ଶିକ୍ଷା ଅଧିକାରୀ ପଦବୀ ମଧ୍ୟ ଖାଲି ପଡିଛି । ପ୍ରାୟ ୬୦ କି.ମି. ପରିସୀମା ହେଇଥିବା ଏହି ବ୍ଲକ ଅଂଚଳରେ ରହିଛି ଇନ୍ଦ୍ରାବତୀ ଜଳ ଭଣ୍ଡାରର ୧୬ଟି ରାଜସ୍ୱ ଗ୍ରାମ ରାୟଗଡା ଜିଲା କାଶୀପୁର, କଲ୍ୟାଣସିଙ୍ଗପୁର ସୀମାନ୍ତକୁ ଲାଗି ରହିଛି କେରପାଇ, ସିଲେଟ, ନାକରୁଣ୍ଡି ଓ ତଲଆମପଦର ପଞ୍ଚାୟତ । ସେହିଭଳି କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ରହିଛି ଅନେକ ଅଗମ୍ୟ ଗ୍ରାମ । ଅନେକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନା ସାମଗ୍ରୀ ଯୋଗାଇବାରେ ସମସ୍ୟା ଦେଖାଦେଇଥାଏ । ଏପରିକି କିଛି ବିଦ୍ୟାଳୟ ଚାଉଳ ଅଭାବରୁ ମାସ ମାସ ଧରି ମଧ୍ୟାହ୍ନ ଭୋଜନ ବନ୍ଦ କରାଯାଉଥିବା ଅନେକ ନଜିର ରହିଛି । ଏହି ଓଡ୍ରି ବିଦ୍ୟାଳୟରେ ମାସିକ ପ୍ରାୟ ୪ କୁଇଣ୍ଟାଲ ଚାଉଳ ଆବଶ୍ୟକତା ରହୁଥିବା ବେଳେ ଚାଉଳ ଅଭାବରୁ କେତେବେଳେ ପଞ୍ଚାୟତରୁ ତ କେତେବେଳେ ଅଙ୍ଗନୱାଡି କେନ୍ଦ୍ରରୁ ଚାଉଳ ଧାର କରାଯାଇ ମଧ୍ୟାହ୍ନ ଭୋଜନ କରାଯାଉଛି । ଗତ ଜୁଲାଇ ଶେଷ ସପ୍ତାହ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୬ କୁଇଣ୍ଟାଲ ଚାଉଳ ଉଧାର କରାଯାଇ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଜାରି ରହିଥିବା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ବାରମ୍ବାର ବିଦ୍ୟାଳୟ ପରିଚାଳନା କମିଟି, ବିଦ୍ୟାଳୟର ଛାତ୍ର, ଅଭିଭାବକ ତଥା ଗ୍ରାମବାସୀ ବିଦ୍ୟାଳୟ ସମସ୍ୟା ସମାଧାନ ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି । କିନ୍ତୁ ଶିକ୍ଷା ବିଭାଗ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### ନୂଆଁଖାଇରେ ଦାଦପୁର ନୂଆଁଖାଇ ଭେଟ୍‌ଘାଟ୍ ପାଳନ

ଭବାନୀପାଟଣା,୪।୯ (ଡି.ଏନ.ଏ.)

ଭବାନୀପାଟଣା ବ୍ଲକ ଅଧୀନ ଦାଦପୁରସ୍ଥିତ ଦଧିବାମନ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ନୂଆଁଖାଇ ଅବସରରେ ପ୍ରତିବର୍ଷ ଭଳି ଚଳିତ ନୂଆଁଖାଇ ଭେଟଘାଟ ପାଳନ କରାଯିବା ସହିତ ପୂଜ୍ୟ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚଳିତବର୍ଷ ସ୍ଥାନୀତ ବିଦ୍ୟାର୍ଥିମାନଙ୍କୁ ନେଇ ମେଧା ଅନ୍ୱେଶଣ ପ୍ରତିଯୋଗିତା କରାଯିବା ସହିତ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ମହାରାଜା ଉଦିତ୍ ପ୍ରତାପ ଦେଓଙ୍କ ଅକାଳ ବିୟୋଗରେ ଏକ ଶୋକସଭା କରାଯିବା ସହିତ ତାଙ୍କର ଆତ୍ମାର ସଦଗତି ପାଇଁ ଏକ ମିନିଟ ପ୍ରାର୍ଥନା କରାଯାଇଥିଲା। ପରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଟିକେଲାଲ ସାହୁ, ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ଦାଶ, ଦେବାର୍ଚ୍ଚନ ପ୍ରଧାନ, ମିନକେତନ ବିଶ୍ୱାଳ, ଦିଗାମ୍ବର ପ୍ରଧାନ, ପୁରନ୍ଦର ସାହୁ, ଦିଲୀପ କୁମାର ସାହା ଯୋଗଦେଇଥିଲେ। ଅକ୍ଷୟ କୁମାର ଦାଶ ଓ ବିନୋଦ ବିହାରି ବିଶି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳାହାଣ୍ଡିର ନୂତନ ମହାରାଜା ଭାବେ ଅନନ୍ତ ପ୍ରତାପ ଦେଓ ଅଭିଷିକ୍ତ

ଭବାନୀପାଟଣା,୪।୯ (ଡି.ଏନ.ଏ.)

#### ମହାରାଜା ଉଦିତ ପ୍ରତାପ ଦେଓଙ୍କ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ

କଳାହାଣ୍ଡି ରାଜ ପରିବାରର ୩୨ତମ ରାଜା ତଥା ଜୁନାଗଡ଼ର ପୂର୍ବତନ ବିଧାୟକ ଉଦିତ୍ ପ୍ରତାପ ଦେଓ(୭୧)ଙ୍କ ଗତ ସୋମବାର ଭୁବନେଶ୍ୱରସ୍ଥିତ ଏକଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ଏହା ପରେ ମଙ୍ଗଳବାର ରାଜ ପରିବାରର ନୀୟମ ଅନୁସାରେ ତାଙ୍କ ପୁଅ ଅନନ୍ତ ପ୍ରତାପ ଦେଓଙ୍କୁ ପରମ୍ପରା ଅନୁଯାୟୀ ରାଜ ଉଆସ ମଧରେ ଥିବା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠାନିକ ଭାବେ ରାଜଗାଦିରେ ପଣ୍ଡିତ ମଙ୍ଗୁଲୁ ମିଶ୍ର ଓ ମାଣିକେଶ୍ୱରୀ ମନ୍ଦିର ପୂଜକ ବିଶିକେଶନ ତ୍ରିପାଠୀଙ୍କ ଦ୍ୱାରା ଅଭିଷିକ୍ତ କରାଯାଇଥିଲା। ନୂତନ ମହାରାଜା ଅନନ୍ତ ପ୍ରତାପଙ୍କ ନିର୍ଦ୍ଦେଶରେ ସଭା ମଣ୍ଡପରେ ଥିବା ମର ଶରୀରକୁ ଏକ ଶୋଭାଯାତ୍ରରେ ନିଆଯାୟୀ ଆଶାସାଗର ନିକଟରେ ଥିବା ରାଜଘାଟଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ରାଜପରିବାରର ବଂଶଜ କାଶୀନାଥ ସିଂ ଓ ଶକ୍ତି ସିଂ ମୁଖାଗ୍ନୀ ଦେଇଥିଲେ। ମହାରାଜା ଅନନ୍ତ ପ୍ରତାପ ଦେଓ କଳାହାଣ୍ଡି ଗଡଜାତର ୩୩ତମ ନାଗବଂଶୀ ମହାରାଜା ଭାବେ ପରିଗଣିତ ହେବେ। ମହାରାଜା ଉଦିତ୍ ଦେଓଙ୍କ ଦେହାନ୍ତ ଖବର ପାଇ ଢେଙ୍କାନାଳ ମହାରାଜା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ସ୍ୱର୍ଗତ ଦେଓଙ୍କ ଝିଅ ଶ୍ରୀମଞ୍ଜରୀ ଦେବୀ, ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା, ଜଗନ୍ନାଥ ପଟ୍ଟନାୟକ, ନର୍ଲା ବିଧାୟକ ଭୂପିନ୍ଦର ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ମନ୍ତ୍ରୀ କ୍ୟାପେଟନ. ଦିବ୍ୟଶଙ୍କର ମିଶ୍ର, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ଉମାଶଙ୍କର କର, ଲଳିତ କାନୁନଗୋ, ସଞ୍ଜିବ ଯୋଷୀ, ସତ୍ୟନାରାୟଣ ମହାପାତ୍ର ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବଣିକ ସଂଘ କର୍ମକର୍ତ୍ତା, ମାରୱାଡି ପଞ୍ଚାୟତ କଳାହାଣ୍ଡି ପରଶୁରାମ ସେନା, ବିଭିନ୍ନ ରାଜନୈତିକ ଦଳର ନେତାମାନେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଦେଓଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।



ଗ୍ରାମର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଉଛି ।



ଆୟୋଜିତ ଆଧୁନିକ ଦଳଗତ ନୃତ୍ୟ ।

### ତେରେସିଂହାରେ ନୂଆଁଖାଇ ଭେଟ୍‌ଘାଟ୍

# ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଲା

ରିଷିଡ଼ା,୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାଠାରୁ ୨ କି.ମି. ଦୂର ତେରେସିଂହାର ମା' ମାଣିକେଶ୍ୱରୀ ଯୁବକଳା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ମଙ୍ଗଳବାର ୧୭ତମ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରସିଘିଚା, କ୍ୟାରମ, ଡ୍ୟାନ୍ସ କଳସ ବୁହା, ହଳିଆ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ପୁରସ୍କାର ବିତରଣି ସଭାରେ ମୁଖ୍ୟଅତିଥି ଭାବେ ନୂଆପଡାର ଅତିରିକ୍ତ ତହସିଲଦାର ରେଖା ପଧାନୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ମୂରଳୀଧର ରଣା, ସମ୍ମାନିତ ଅତିଥି ଭାବେ ହୃଷିକେଶ ସାହୁ, ଦେବାର୍ଚ୍ଚନ ରଣା, ହେମସାଗର ରଣା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଦିଲୀପ କୁମାର ରଣା, ଦେବେନ୍ଦ୍ର ରଣା ପରିଚାଳନା କରିଥିବା ବେଳେ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଲୋକ ନୃତ୍ୟ କାର୍ଯ୍ୟକ୍ରମ ମନମୋହିଥିଲା। ଏଥିରେ ବିଭିନ୍ନ ଦିଗରେ କୃତିତ୍ୱ ଅର୍ଜନ କରିଥିବା ୨୦ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ।

### ବିପଦସଙ୍କୁଳ ଅବସ୍ଥାରେ ଇନ୍ଦ୍ରାବତୀ ଜୀବନରେଖା

# କାଠଡଙ୍ଗା ଉପରେ ଭରସା

ଭବାନୀପାଟଣା,୪।୯ (ଡି.ଏନ.ଏ.)

ଜଳବନ୍ଦୀ ଅଞ୍ଚଳର ଲୋକଙ୍କ ପାଇଁ ସବୁବେଳେ କାଠଡଙ୍ଗା ହିଁ ଜୀବନ ରେଖା ପାଲଟିଥାଏ । ଇନ୍ଦ୍ରାବତୀ ଜଳଭଣ୍ଡାର ପୂର୍ଣ୍ଣାଙ୍ଗ ହେବା ଦୀର୍ଘ ବର୍ଷ ବିତି ଯାଇଥିଲେ ବି ଜଳବନ୍ଦୀ ଜୀବନ ବିତାଉଥିବା ଲୋକଙ୍କ ଏଯାଏ ବିକାଶ ହୋଇନାହିଁ । ବିଦ୍ୟୁତ ଉତ୍ପାଦନରୁ ଶହ ଶହ କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଛି । ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଓଡିଶାର ପରିଚୟ ବଢିଲା । ହେଲେ ଯେଉଁମାନେ ଇନ୍ଦ୍ରାବତୀ ପାଇଁ ନିଜର ସର୍ବସ୍ୱ ହରାଇଲେ ସେମାନଙ୍କ ଦୁଃଖ ବୁଝିବା ବେଳକୁ ସମସ୍ତେ ପଛଘୁଞ୍ଚା ଦେଇ ବସିଲେ । ଏବେ ସେହି ବାସ୍ତୁ ହରା ଲୋକଙ୍କ ପାଇଁ ଜଳବନ୍ଦୀର ଜୀବନ ଶ୍ରେୟ ହେବା ସାଙ୍ଗକୁ ଆଖି ସାମ୍ନାରେ ମୃତ୍ୟୁର ବିଭୀଷିକା ଦେଖିବାକୁ ମିଳିଲା। କେତେବେଳେ ଡଙ୍ଗାବୁଡି ତ ଆଉ କେତେବେଳେ ଝାଡ଼ାବାନ୍ତି ଓ ମ୍ୟାଲେରିଆ ପିଡିତଙ୍କ ମୃତ୍ୟୁର ତାଣ୍ଡବ ଦେଖିବାକୁ ମିଳିଥିଲା । ଏମାନଙ୍କ ସହାବସ୍ଥାନ ପାଇଁ କେହି ବି ସଦୟ ଦୃଷ୍ଟି ଦେଖାଇଲେ ନାହିଁ। ଏକ ସଂଘର୍ଷମୟ ଜୀବନ ଭିତରେ ଜୀବିକା, ସ୍ୱାସ୍ଥ୍ୟସେବା, ଶିକ୍ଷା, ବିଜୁଳି ଭଳି ମୌଳିକ ସମସ୍ୟା ସାଙ୍ଗରେ ଏମାନଙ୍କୁ ଯୁଝିବାକୁ ପଡିଲା । ଇତିମଧ୍ୟରେ ୪ଟି ପାୱାର ଲଞ୍ଚର ଅବସ୍ଥା ଶୋଚନୀୟ ହୋଇ ସାରଲାଣି । ଅନ୍ୟ ଉପାୟ ନ ଥିବା ବେଳେ ଲୋକେ ବାଧ୍ୟ ହୋଇ ସେହି କାଠ ଡଙ୍ଗା ଉପରେ ଭରସା କରୁଛନ୍ତି ।



ବିପଦସଙ୍କୁଳ ଅବସ୍ଥାରେ ଲୋକେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଯାତାୟାତ କରୁଛନ୍ତି ।

- ଯନ୍ତ୍ର ଚାଳିତ ଡଙ୍ଗା ଯୋଗାଇ ଦେବା ପାଇଁ ଦାବି
- ୪ ପାୱାର ଲଞ୍ଚ ଅବସ୍ଥା ଶୋଚନୀୟ

ଥୁଆମୂଳ ରାମପୁର ବ୍ଲକ ପୋଡାପଦର ପଞ୍ଚାୟତ ପୋଡାପଦର, ଘୁଟୁଖାଲ, ଝିରି, ତେନ୍ତୁଳିପଦର, ଭିତରଡୋଙ୍ଗା, ଲିଟମସ୍କା, କାରବାଡି, ଭୁରୁଭୁରି ଟେମରା, ତଳଟେମରା, ସରାନ୍ତାସ, ଉପରପଙ୍ଗା, ତଳପଙ୍ଗା, କଳାଟି, ତଳଗୁଞ୍ଜମାଳି, ଉପର ଗୁଞ୍ଜାଳି, କୋଟିକୁଡା, ଚେପଟାଘାଟ ଆଦି ଗାଁ ଜଳବନ୍ଦୀ ଜୀବନ ବିତାଉଛନ୍ତି । ଏମାନଙ୍କ ଯାତାୟାତ ସୁବିଧା ପାଇଁ କଣାସୁକୁଲି, ଘୁଟୁଖାଲ, ତଳଟେମରା ଓ କାରବାଡିଠାରେ ୪ଟି ଯନ୍ତ୍ର ଚାଳିତ ଡଙ୍ଗା ଦିଆଯାଇଥିଲା । ଏହି ସବୁ ଡଙ୍ଗାଗୁଡିକରେ ପାଣି ଝରୁଥିବାରୁ ଲୋକେ ଯାତାୟାତରେ ନିରାପଦ ମଣୁ ନ ଥିବା ପ୍ରକାଶ କରୁଛନ୍ତି । ଏସବୁ ଅଞ୍ଚଳର ପ୍ରାୟ ୨୦୦୦ ଜଣ ଏହି ଡଙ୍ଗା ଉପରେ ନିର୍ଭର କରି ନିଜର ଜୀବିକା ଓ ସ୍ୱାସ୍ଥ୍ୟସେବା ନେଇଥାନ୍ତି। ଏହି ଅଞ୍ଚଳର ଗମନାଗମନ ସୁବିଧାକୁ ଚିନ୍ତା କରି ଯଥାଶୀଘ୍ର ନୂତନ ଯନ୍ତ୍ର ଚାଳିତ ଡଙ୍ଗା ଯୋଗାଇ ଦେବା ପାଇଁ ରବଣା ନାଏକ, ସଦା ନାଏକ, ଅଭି ଝୋଡିଆ, ତ୍ରିନାଥ ଝୋଡିଆ, ଦେବରାଜ ଝୋଡିଆ, ପବିତ୍ର ନାଏକ, ମିନୁ ଝୋଡିଆ, ଦୁଜୁ ଝୋଡିଆ, ସନ୍ୟାସୀ ଗୌଡ, ବାଳମୁଣ୍ଡା ମାଝି, କତାରୁ ମାଝି, ସାନ ଡମେନ ପ୍ରମୁଖ ଜିଲା ପ୍ରଶାସନ ଏହି ସମସ୍ୟାର ଆସୁ ସମାଧାନ କରିବା ପାଇଁ ଦାବି ଜଣାଇଛନ୍ତି ।

### ନୂଆଁଖାଇ ବାସିରେ ମସଗୁଲ୍ କେସିଙ୍ଗା ଅଞ୍ଚଳବାସୀ

କେସିଙ୍ଗା, ୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାର ବିଭିନ୍ନ ଅଞ୍ଚଳରେ ବୁଧବାର ନୂଆଁଖାଇବାସି ଧୁମଧାମ୍‌ରେ ପାଳନ କରାଯାଇଛି। ଏଥିପାଇଁ ଛେଳି ମାଂସ, କୁକୁଡ଼ା ମାଂସ, ମାଛ ଦୋକାନରେ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଗ୍ରାମର ୮୦% ଲୋକେ ମାଂସ, ମଦ, ମାଛ କିଣି ନୂଆଁଖାଇବାସୀ ପାଳନ କରିଛନ୍ତି। ବଜାରରେ ଛେଳି ମାଂସ କେଜି ୫୫୦ରୁ ୬୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଦେଶୀ କୁକୁଡ଼ା କେଜି ପ୍ରତି ୪୦୦ରୁ ୫୦୦ ଟଙ୍କାରେ ବିକ୍ରି ହେଉଥିଲା। ଦେଶୀ ମାଛ କିଲୋ ପ୍ରତି ୩୨୦ ଟଙ୍କା ଏବଂ ଆନ୍ଧ୍ରପ୍ରଦେଶର ମାଛ ୨୦୦ରୁ ୨୫୦ ଟଙ୍କାରେ ବିକ୍ରି ହୋଇଛି। ନୂଆଁଖାଇର ପ୍ରଥମ ଦିନରେ ଗ୍ରାମର ଇଷ୍ଟଦେବତାଙ୍କୁ ବରଣ କରାଯାଇଥାଏ। ନୂଆଁଖାଇ ଦିନ ସମସ୍ତ ଗ୍ରାମଦେବତା ଓ ଗ୍ରାମର ମୁଖିଆ ଜାନି କିମ୍ବା ଗୌନ୍ତିଆ ଘରେ ଖାଇବା ପରେ ଗ୍ରାମର ଲୋକେ ନୂଆଁ ଖାଇଥାନ୍ତି। ନୂଆଁଖାଇ ବାସିଦିନରେ ଛକ, ପଡ଼ା, ଗଳିରେ ଛେଳି ମାଂସ କାଟି ଏକ ଭାଗ ପ୍ରତି ୫୦୦ ଟଙ୍କା ଦରରେ ବିକ୍ରି କରାଯାଇଥାଏ। କେସିଙ୍ଗା ବ୍ଲକ ୨୬ଟି ଗ୍ରାମରେ ନୂଆଁଖାଇବାସି ଧୁମଧାମରେ ପ୍ରତ୍ୟେକ ଘର ଲୋକେ ପାଳିଛନ୍ତି। ନୂଆଁଖାଇ ପାଇଁ ବିଭିନ୍ନ ଗ୍ରାମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି।

# ଏକତ୍ର ନୂଆଁ ଖାଇଲେ ମସ୍କାଦାଣ୍ଡି ଗ୍ରାମବାସୀ

ପଲମ,୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତ ମସ୍କାଦାଣ୍ଡି ଗ୍ରାମରେ ମଙ୍ଗଳବାର ଗ୍ରାମବାସୀ ଏକତ୍ର ହୋଇ ନୂଆଁ ଖାଇଛନ୍ତି । ମସ୍କାଦାଣ୍ଡି ଗ୍ରାମରେ ଏକ ଭିନ୍ନ ପରମ୍ପରାରେ ଦୀର୍ଘ ୧୮ ବର୍ଷ ହେଲା ଏକାଠି ନୂଆଁଖାଇ ଆସୁଛନ୍ତି। ଏବର୍ଷ ମଧ ଲଗ୍ନ ଅନୁସାରେ ରାଧାମାଧବ ମଣ୍ଡପଠାରେ ନବାନ୍ନ ସେବନ କରିଛନ୍ତି। ପରମ୍ପରା ଅନୁସାରେ ପ୍ରଥମେ ଗାଁର ଇଷ୍ଟ ଦେବୀ ଧରଣୀ ପୀଠରେ ନୂଆ ଚୁଡ଼ା ସହ ପୂଜା କରାଯାଇଥିଲା। ଏହି ପୂଜା କାର୍ଯ୍ୟରେ ଗ୍ରାମର ପୂଜାରୀ କରୁଣା ଭୋଇ, ଗଉନ୍ତିଆ ରଘୁନାଥ ସାହୁ ଯାଇ ପୂଜା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମ.ରାମପୁର ବ୍ଲକ ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଯୋଗଦାନ ଦେଇ ଗ୍ରାମବାସୀଙ୍କ ସହ ନବାନ୍ନ ଉତ୍ସବରେ ସାମିଲ ହୋଇଥିଲେ। ଏହି ଗ୍ରାମକୁ ୧୯୯୬ରେ ବ୍ଲକସ୍ତରରୁ ଆଦର୍ଶ ଗ୍ରାମ ଭାବେ ୨ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ବାପୁଜି ସାଂସ୍କୃତିକ ସଙ୍ଗଠନ ମସ୍କାଦାଣ୍ଡିର ସଭାପତି ଦେବାନନ୍ଦ ନାଏକ, ସମ୍ପାଦକ ଚିରଞ୍ଜିବି ଭୋଇ ଏବଂ ସଂଘର ପ୍ରାୟ ୪୦ଜଣ ସଭ୍ୟଙ୍କ ମିଳିତ ଉଦ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏହି ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଅନ୍ୟ ଗ୍ରାମର ଲୋକମାନେ ଭିଡ ଜମାଇ ଥିଲେ।



ମସ୍କାଦାଣ୍ଡି ଗ୍ରାମବାସୀ ଏକାଠି ମିଶି ନୂଆଁ ଖାଉଛନ୍ତି ।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ଲଖନପୁର,୪।୯(ଡି.ଏନ୍.ଏ.):** ଝାରସୁଗୁଡା ଜିଲା ବନ୍ଧବାହାଲ ଫାଣ୍ଡି ପୋଲିସ୍ ବାଇକ୍ ଚୋରି ଅଭିଯୋଗରେ ବୁଧବାର ଜଣକୁ ଗିରଫ କରିଛି। ତାଙ୍କ ଘର କର୍ପାବାହାଲ ଗାଁରେ। ତାଙ୍କ ନିକଟରୁ ପୋଲିସ୍ ଓଡି୨୩ଇ-୪୨୧୮ନଂ.ଚୋରି ବାଇକ୍ ଉଦ୍ଧାର କରିଛି। ପୋଲିସ କହିଛି ଯେ, ବାଇକ୍ ମାଲିକ ସୁରେଶ ରଣା ଗତ ସୋମବାର ବନ୍ଧବାହାଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ବନହରପାଲି ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ବନ୍ଧବାହାଲ ଫିଲ୍ଟର ପ୍ଲାଣ୍ଟ ସମ୍ମୁଖ ଏକ ଗ୍ୟାରେଜ୍‌ରେ ବାଇକ୍ ରଖା ଯାଇଥିବାବେଳେ ଏହା ଚୋରି ହୋଇଯାଇଥିଲା। ଚୋରି କରିବା ପରେ ବାଇକ୍‌କୁ ମରାମତି କରିବା ପାଇଁ ଏକ ଗ୍ୟାରେଜ୍‌ରେ ଦିଆ ଯାଇଥିଲା। ବାଇକ୍ ଚୋରିକୁ ନେଇ ଫାଣ୍ଡି ଅଧିକାରୀ ଅଶୋକ ଦାସ ବିଭିନ୍ନ ଗ୍ୟାରେଜ୍ ଖାନ୍ତଲାସି କରିଥିଲେ। ଏତିକିବେଳେ ଉକ୍ତ ଗ୍ୟାରେଜ୍‌ରୁ ଚୋରି ବାଇକ୍ ମିଳିଥିଲା।

### ■ କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କ ସବୁଜ ସଙ୍କେତ

# ଖୁବ୍‌ଶୀଘ୍ର ଡକାଯିବ ଏନ୍‌ଜେସିଏସ୍ ବୈଠକ

**ରାଉରକେଲା ଅଫିସ,୪।୯**

ଦୂଆଦିଲ୍ଲୀସ୍ଥିତ ଶାସ୍ତ୍ରୀ ଭବନ ପରିସରରେ ମଙ୍ଗଳବାର କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ଜେସିଏସ୍‌ରେ ପ୍ରତିନିଧିତ୍ୱ କରୁଥିବା ଶ୍ରମିକ ନେତାଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନ ସାଢ଼େ ୧୨ଟାରୁ ଆରମ୍ଭ ହୋଇଥିବା ବୈଠକ ସାଢ଼େ ୨ଟାରେ ଶେଷ ହୋଇଥିଲା। ଆଗାମୀ ଏନ୍‌ଜେସିଏସ୍ ବୈଠକ ନେଇ ଏଥିରେ ବ୍ୟାପକ ବିଚାରବିମର୍ଶ କରାଯାଇଥିଲା। ଏଥିରେ ଉପସ୍ଥିତ କେନ୍ଦ୍ରୀୟ ଶ୍ରମ ୟୁନିୟନ ପ୍ରତିନିଧିମାନେ ଶୀଘ୍ର ନୂତନ ମଜୁରି ଚୁକ୍ତିନାମା ସ୍ୱାକ୍ଷର ଉପରେ ଗୁରୁତ୍ୱ ଦେଇଥିଲେ। ସେଲ୍ ପରିଚାଳିତ ୩ଟି ୟୁନିଟ ବିକ୍ରି ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ୟୁନିୟନ ପ୍ରତିନିଧି ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ପ୍ରତିନିଧି ରାଜେନ୍ଦ୍ର ମହାନ୍ତ ଯୁକ୍ତି ବାଢ଼ି କହିଥିଲେ, ନିୟମ ଅନୁସାରେ ଯଦି କୌଣସି ୟୁନିଟ ଲଗାତର ୩ ବର୍ଷ ଲାଭ କରିଥିବ ତେବେ ନୂତନ ମଜୁରି ନିର୍ଦ୍ଧାରଣ କରାଯାଇ ପାରିବ। ତେବେ ଏହା କେବଳ ଅଫିସରଙ୍କ କ୍ଷେତ୍ରରେ ଲାଗୁ ହେଉଛି। ଶ୍ରମିକଙ୍କ ପାଇଁ ଏଭଳି କୌଣସି ପ୍ରତିବନ୍ଧକ ନାହିଁ। ଏହା ସତ୍ତ୍ୱେ କାହିଁକି ନୂତନ ମଜୁରି ଚୁକ୍ତିନାମା ସମ୍ପନ୍ନ କରାଯାଉନି ବୋଲି ମହାନ୍ତ ପ୍ରଶ୍ନ ଉଠାଇଥିଲେ। ବିଏମ୍ଏସ୍ ନେତା ଦେବେନ୍ଦ୍ର ପାଣ୍ଡେ ସେଲର ୩ ୟୁନିଟର ଘରୋଇକରଣ ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ ବୋଲି କହିବା ସହ ସରକାର ଏଥିରୁ କ୍ଷାନ୍ତ ରହିବାକୁ କହିଥିଲେ। ବିକ୍ରି ପରିବର୍ତ୍ତେ ଏହା କିପରି ଲାଭ କରିବ ସେ ନେଇ ବିଭାଗ ଉଦ୍ୟମ କରୁ ବୋଲି ପାଣ୍ଡେ ଦାବି କରିଥିଲେ। ଉପସ୍ଥିତ ଅନ୍ୟ ୟୁନିୟନ ପ୍ରତିନିଧି ମଧ ଏହାକୁ ସମର୍ଥନ କରିଥିଲେ। ଏହି ଅବସରରେ କର୍ମଚାରୀଙ୍କ ଚିକିତ୍ସା ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ସେଲ ଅଧୀନ ପ୍ରତ୍ୟେକ ୟୁନିଟରେ ଥିବା ମେଡିକାଲ ସୁବିଧାକୁ ଉନ୍ନତ କରିବାକୁ ଦାବି କରାଯାଇଥିଲା। ୟୁନିୟନ ପ୍ରତିନିଧିଙ୍କ ଯୁକ୍ତି ଓ ଦାବି ଶୁଣିବା ପରେ ମନ୍ତ୍ରୀ ପ୍ରଧାନ କହିଥିଲେ, ଶୀଘ୍ର ମଜୁରି ଚୁକ୍ତିନାମା ନେଇ ବୈଠକ ଡକାଯିବ। ଏ ନେଇ ସେ କର୍ପୋରେଟ ଅଫିସକୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ୟୁନିଟ ରୁଗ୍‌ଣ ବା କ୍ଷତିରେ ଚାଲୁଛି ସେଗୁଡ଼ିକ କିପରି ଲାଭରେ ଚାଲିବ ସେ ନେଇ ଧ୍ୟାନ ଦିଆଯିବ। ମେଡିକାଲଗୁଡ଼ିକର ଉନ୍ନତୀକରଣ ପାଇଁ ଯାହା ପଦକ୍ଷେପ ନିଆଯାଉଛି ସେ ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ଆସନ୍ତା ୭ ତାରିଖରେ ଏନ୍‌ଜେସିଏସ୍ ବୈଠକ ନେଇ ଏହା ପ୍ରାକ୍ ପ୍ରସ୍ତୁତି। ଆଗାମୀ ଦିନରେ ବୈଠକରୁ ସୁଫଳ ମିଳିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ମୋଟାମୋଟି ଏହି ଆଲୋଚନା ସଫଳ ହୋଇଥିବାରୁ ସମସ୍ତ ୟୁନିୟନ ପ୍ରତିନିଧି ସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବିଏମ୍ଏସ୍ ପକ୍ଷରୁ ଦେବେନ୍ଦ୍ର ପାଣ୍ଡେ, ରାଜେନ୍ଦ୍ର ମହାନ୍ତ, ଆଇଏନ୍‌ଟିୟୁସି ପକ୍ଷରୁ ବି.ଏନ୍. ଚୌବେ, ସିଆଇଟିୟୁ ପକ୍ଷର ତପନ ସେନ, ହିନ୍ଦ ମଜଦୁର ସଭା ପକ୍ଷରୁ ରାଜେନ୍ଦ୍ର ସିଂ, ସେଲ ଚେୟାରମ୍ୟାନ ଅନୀଲ ଚୌଧୁରୀ, ଡାଇରେକ୍ଟର (ପର୍ସନାଲ) ଅତୁଲ ଶ୍ରୀବାସ୍ତବ ଓ ଜିଏମ୍ (ପର୍ସନାଲ) ଗୌତମ ଭାଟିଆ ଉପସ୍ଥିତ ଥିଲେ।



ଫର୍ଟିଲାଇଜର ନିକଟ ଜ୍ଞାନ ନିକେତନ ଛାତ୍ରୀଛାତ୍ରଙ୍କ ନିମନ୍ତେ ଯାଦୁଖେଳ ପ୍ରଦର୍ଶନ କରାଯାଉଛି।

# ଅନ୍ଧବିଶ୍ୱାସର ଯାଦୁବିଦ୍ୟାକୁ ଗ୍ରହଣ କରନି

**ରାଉରକେଲା ଅଫିସ,୪।୯**

ଫର୍ଟିଲାଇଜର ଟାଉନଶିପ ନିକଟ ଉପର ବାଲିଯୋଡ଼ିସ୍ଥିତ ଜ୍ଞାନ ନିକେତନ ବିଦ୍ୟାଳୟରେ କୁନି କୁନି ପିଲାଙ୍କ ପାଇଁ ଆକର୍ଷଣୀୟ ଯାଦୁଖେଳ ପ୍ରଦର୍ଶନ କରାଯାଇଥିଲା। ବୈଜ୍ଞାନିକ ପଦ୍ଧତିରେ ପିଲା କିପରି ନିଜେ ଏହି ଖେଳରୁ ଜ୍ଞାନ ଲାଭ କରିବେ ସେ ନେଇ ଶିକ୍ଷା ପ୍ରଦାନ କରାଯାଇଥିଲା। କୋମଳମତି ପିଲାଙ୍କ ମନରେ ଭୟ ସୃଷ୍ଟି କଲା ଭଳି ଯାଦୁ ପ୍ରଦର୍ଶନ ଉପରେ କଟକଣା ଲାଗୁ କରାଯିବା ଉଚିତ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାଗଜ ଫୁଲ, ଛତା, ଫୁଲହାର, କାଳି ବୋତଲ ସହ କେତେକ ପ୍ରେରଣାଦାୟୀ ଯାଦୁଖେଳ ଏଥିରେ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅନ୍ନଦାପ୍ରସାଦ ମହାପାତ୍ର ଓ ପରିଚାଳନା କମିଟି ସମ୍ପାଦକ ଅକ୍ଷୟ ସାହୁ ବକ୍ତବ୍ୟ ପ୍ରଦାନ କରି କହିଥିଲେ, ଯାଦୁଖେଳ ଦେଖି କେବେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଅନୁଚିତ। ଏହାକୁ ଏକ ହାତସଫେଇ ମନେ କରାଯିବା ଉଚିତ। ଯେଉଁ ଖେଳ ମାନସିକ ଭାବେ ଆଘାତ ଦେବ ତାହାକୁ ପିଲାମାନେ ବର୍ଜନ କରିବା ଆଶବ୍ୟକ ବୋଲି ପ୍ରଧାନ ଶିକ୍ଷକ ମହାପାତ୍ର ମତ ପ୍ରକାଶ କରିଥିଲେ। ଏହି ଅବସରରେ ଶତାଧିକ ଛାତ୍ରୀ ଛାତ୍ର ଯାଦୁଖେଳ ଉପଭୋଗ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ଜଳ ସଂରକ୍ଷଣ ମାସ ପାଳନ

**ରାଉରକେଲା ଅଫିସ,୪।୯**

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ଏହାର ସମସ୍ତ କାରଖାନା ଓ ୟୁନିଟରେ ଅଗଷ୍ଟ ମାସକୁ ଜଳ ସଂରକ୍ଷଣ ମାସ ରୂପେ ପାଳନ କରିଛି। ଏହି କ୍ରମରେ ଆର୍‌ଏସ୍‌ପି ପକ୍ଷରୁ କର୍ମଚାରୀ, ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆର୍‌ଏସ୍‌ପିର ନୂତନ ଜଳ ନୀତି ଅଗଷ୍ଟ ୧୬ ତାରିଖରେ ମାନବ ସମ୍ବଳ ବିକାଶ କେନ୍ଦ୍ରରେ ସିଇଓ ଦୀପକ ଚଟ୍ଟରାଜଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗ ଇଡି ରାଜବୀର ସିଂ, କାର୍ଯ୍ୟ ବିଭାଗ ଅଧିକାରୀ ଗୌତମ ବାନାର୍ଜୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ଦ୍ଦେଶକ ଦିଲୀପ ମହାପାତ୍ରଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। କାରଖାନାର କୋଲ୍ କେମିକାଲ ବିଭାଗରେ ୫୩.୪୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ବର୍ଜ୍ୟ ଜଳ ପୁନଃ ସଞ୍ଚାଳନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହା ମାଧମରେ ଆର୍‌ଏସ୍‌ପି ଏହାର ବର୍ଜ୍ୟଜଳ ନିଷ୍କାସନରେ ହ୍ରାସ ଆଣିବା ସହ ବର୍ଜ୍ୟ ଜଳର ସୁବିନିଯୋଗ କରିପାରିବ ବୋଲି କୁହାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେକ୍ଟର-୧୯ ଇସ୍ପାତ ବିଦ୍ୟାମନ୍ଦିରର ୨ଶହରୁ ଊର୍ଦ୍ଧ୍ୱ, ସେକ୍ଟର-୨୦ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲର ୩ଶହ ଏବଂ ସେକ୍ଟର-୨୨ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲର ୭୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଗଷ୍ଟ ୨୯ରେ ସେକ୍ଟର-୨୦ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏସ୍ଆର୍ ବିଭାଗ ଜିଏମ୍ ଅଜୟ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ସାହୁ ଉତ୍ସବ ପରିଚାଳନା ଓ ଶିକ୍ଷା ବିଭାଗ ମ୍ୟାନେଜର କେ. ନାୟକ ଧନ୍ୟବାଦ ଦେଇଥିଲେ।



କୃତୀ ପ୍ରତିଯୋଗୀଙ୍କ ସହ ଆର୍‌ଏସ୍‌ପି ଅଧିକାରୀ।

## ଓପିଜିସିରେ ଠିକାଶ୍ରମିକ ନିଯୁକ୍ତିକୁ ନେଇ ଆଜି ସମୀକ୍ଷା

**ଲଖନପୁର,୪।୯(ଡି.ଏନ୍.ଏ.)**

ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ ଇତି ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ଏହାକୁ ପରିଚାଳନା କରିବା ପାଇଁ କମ୍ପାନୀ ଟେଣ୍ଡର ମାଧ୍ୟମରେ କେତେକ ଠିକାସଂସ୍ଥାକୁ ନିୟୋଜିତ କରିଛି। ଏହିସବୁ ଠିକାସଂସ୍ଥା ଅଧୀନରେ ବିଭିନ୍ନ କୁଶଳୀ ଓ ଅଣକୁଶଳୀ ଠିକାଶ୍ରମିକମାନେ ନିଯୁକ୍ତି ହୋଇଛନ୍ତି। ଏଥିରେ ବାହାର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ଉପେକ୍ଷା କରାଯାଉଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟା ବୃଦ୍ଧି ପାଉଛି। ଏ ନେଇ ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ଜିଲା ଶ୍ରମ ଅଧିକାରୀ(ଡିଏଲ୍ଓ)ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ସର୍ବିଶେଷ ତଥ୍ୟ ଜାଣିବା ପାଇଁ ସେ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଗତ ୨୬ତାରିଖରେ ପତ୍ରସଂଖ୍ୟା୨୨୩୬ରେ ଓପିଜିସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଇବ୍‌ଥର୍ମାଲରେ ଗୁରୁବାର ବିଧାୟକ ମହାନ୍ତି ଏକ ସମୀକ୍ଷା ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ଠିକାସଂସ୍ଥା ଓ ପେଟି ଠିକାଦାରମାନେ ଉପସ୍ଥିତ ରହି ନିଜନିଜର ମାନବ ସମ୍ବଳ ସମ୍ପର୍କୀତ ସର୍ବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ କମ୍ପାନୀ ନିର୍ଦ୍ଦେଶ ଦେଇଛି। ଏଥିରେ ବିଧାୟକ ମହାନ୍ତି, ଜିଲା ଶ୍ରମ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ଓ ଠିକାସଂସ୍ଥାମାନେ ଉପସ୍ଥିତ ରହିବେ।



ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କବି ବ୍ରଜବିହାରୀ ଦାସଙ୍କ ପୁସ୍ତକ ଉନ୍ମୋଚନ କରାଯାଉଛି।

# ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ରାଉରକେଲା ଅଫିସ,୪।୯**

ସାହିତ୍ୟାନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ମଙ୍ଗଳବାର ପୂର୍ବତନ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଡ. ନବୀନ ସାହୁଙ୍କ ୩୫ତମ ଶ୍ରାଦ୍ଧବାର୍ଷିକୀ ସଂଘ ପରିସରରେ ପାଳନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧାଜଞ୍ଜି ଜ୍ଞାପନ କରାଯାଇଥିଲା। ସଂଘ ସଭାପତି ଅଜୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ସଂଯୋଜନା କରିଥିଲେ। ଏଥିରେ ଡ. ପ୍ରଭାତ ମଲ୍ଲିକ ମୁଖ୍ୟଅତିଥି, ବିଶ୍ରା ଏସ୍ଆର ମହାବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ ବରାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଡ. ନଗେନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ମଲ୍ଲିକ କହିଥିଲେ, ସ୍ୱର୍ଗତ ସାହୁଙ୍କ ରଚିତ ଓଡ଼ିଆ ଜାତିର ଇତିହାସ ଅମ ପାଇଁ ଶ୍ରେଷ୍ଠ ଅବଦାନ। ପଶ୍ଚିମ ଓଡ଼ିଶାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସେ ଅନ୍ୟତମ ବୋଲି କୁହାଯାଇ ପାରେ। ବାସ୍ତବରେ ଓଡ଼ିଆ ଅସ୍ମିତାର ପରିଚୟ ହେଉଛନ୍ତି ସ୍ୱର୍ଗତ ସାହୁ ବୋଲି ମଲ୍ଲିକ ମତ ପ୍ରକାଶ କରିଥିଲେ। ପ୍ରଗତି ଉତ୍କଳ ସଂଘ ସହ ସାହୁଙ୍କ ନିବିଡ଼ ସମ୍ପର୍କକୁ ମଲ୍ଲିକ ସ୍ମରଣ କରାଇଥିଲେ। ମୁଖ୍ୟବକ୍ତା ବରାଳ ସାହୁଙ୍କୁ ଜଣେ ବଳିଷ୍ଠ ବ୍ୟକ୍ତି ଭାବେ ଆଖ୍ୟାୟିତ କରିଥିଲେ। ସେ କହିଥିଲେ, ସାହୁଙ୍କ ରଚିତ ଇତିହାସ ଏକ ମାଇଲଖୁଣ୍ଟ ହୋଇ ରହିବ। ଇତିହାସ ରଚନା ସହ ପ୍ରାଚୀନ କୀର୍ତ୍ତୀରାଜିର ପୁନରୁଦ୍ଧାର, ଖାରବେଳ ଓ ସୁରେନ୍ଦ୍ର ସାଏଙ୍କ ଜୀବନୀ ରଚନା କରି ଓଡ଼ିଶା ସାହିତ୍ୟ ଭଣ୍ଡାରକୁ ସେ ସମୃଦ୍ଧ କରିଛନ୍ତି ବୋଲି ବରାଳ କହିଥିଲେ। ସଭାପତୀୟ ଅଭିଭାଷଣରେ ନାୟକ ସାହୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କବି ସ୍ୱରୂପ ମହାପାତ୍ରଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି କୁଞ୍ଜବିହାରୀ ରାଉତ, ଆର୍ତ୍ତତ୍ରାଣ ମହାପାତ୍ର, କବିତାରାଣୀ ଭୂୟାଁ, ସୁସ୍ମିତା ମହାପାତ୍ର, ଶରତ ପଣ୍ଡା, ଅଭିରାମ ପ୍ରଧାନ, ଉପେନ୍ଦ୍ର ବହିଆ, ପ୍ରକାଶ ସେଠୀ, ଡଲିରାଣୀ ବ୍ରହ୍ମା, ସଞ୍ଜୀବ ଭୋଇ, ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ବ୍ୟଙ୍ଗକବି ବ୍ରଜବିହାରୀ ଦାସଙ୍କ ରଚିତ ମୋ ଭାରତ ମହାନ ଶୀର୍ଷକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିଶ୍ୱନାଥ ବେହେରା, ସନ୍ତୋଷ ରଥ, ଅକ୍ଷୟ ସାମଲ, ଶୁଭ୍ରାଂଶୁଶେଖର ମହାପାତ୍ର, ଅକ୍ଷୟ ଦାସ, କିଶୋରୀ ଦାସ, ଡ. କୃପାସିନ୍ଧୁ ନାୟକ, ନିର୍ମଳ ଦାସ, ରବୀନ୍ଦ୍ର ପଣ୍ଡା, ଶମ୍ଭୁନାଥ ପରିଡ଼ା, ଅଶ୍ୱିନୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଗରାପାଲିରେ ନୂଆଁଖାଇ ଭେଟ୍‌ଘାଟ

**କୋଲାବିରା,୪।୯(ଡି.ଏନ.ଏ.)**

ଭୋଗରାପାଲି ବାହାଦୁର ଯୁବକ ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛୋଟପିଲାଙ୍କୁ ନେଇ ଲଡୁଖିଆ, ଦୌଡି ଡିଆଁ, ମ୍ୟୁଜିକ ଚେୟାର, ପୁଚି, ସଙ୍ଗୀତ, ନୃତ୍ୟ, ହାଣ୍ଡିପିଟା, ଦୌଡି ଟଣା, ଜଣାଅଜଣା ସହ ବିଭିନ୍ନ ଖେଳକୁଦ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ଟଙ୍କଧର ଠାକୁର, ଟିକେଶ୍ୱର ପଟେଲ, ରୁପାନନ୍ଦ ଠାକୁର, ବିଷ୍ଣୁ ଠାକୁର, ଦଶରଥ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ନାଗରିକ ସୁଫୁଲ ପଟେଲଙ୍କୁ ସଂଘ ତରଫରୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ଭୋଗରାପାଲି ଗ୍ରାମର ପ୍ରଥମ ସରକାରୀ ଚାକିରି ପାଇଥିବା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କିସାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଖର ପଟେଲ, ରୋଷନ ପଟେଲ, ଭୋଲେନ୍ଦ୍ର ବାମଣ୍ଡିଆ, ପ୍ରମୋଦ ପଟେଲ, ଲୋକନାଥ ଠାକୁର, ରାଜକୁମାର କିଶାନଙ୍କ ସମେତ ଯୁବକ ସଂଘର ସଭ୍ୟସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।



ଭୋଗରାପାଲିରେ ନୂଆଁଖାଇ ଭେଟ୍‌ଘାଟ ଅବସରରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଇସ୍ପାତ ଗଜପତି ମାର୍କେଟ କମିଟି ବୈଠକ

**ରାଉରକେଲା ଅଫିସ,୪।୯**

ସେକ୍ଟର-୧୯ ବ୍ୟବସାୟୀମାନଙ୍କୁ ନେଇ ଗଠିତ ଇସ୍ପାତ ଗଜପତି ମାର୍କେଟ କମିଟିର ନବନିର୍ବାଚିତ କର୍ମକର୍ତ୍ତାଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନରେ ବି.ଏସ୍. ମାର୍କେଟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମାର୍କେଟ କମିଟି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିବା ସହ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ବର୍ଣ୍ଣନା କରିଥିଲେ। ରଘୁନାଥପାଲି ବିଧାୟକ ଇଂ. ସୁବ୍ରତ ତରାଇ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବେ ବୋଲି ବିଧାୟକ ତରାଇ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ରୂପେ ବାର୍ ଆସୋସିଏଶନ୍ ସଭାପତି ରମେଶ ଚନ୍ଦ୍ର ବଳ ଯୋଗଦେଇ ବ୍ୟବସାୟୀଙ୍କ ସମସ୍ୟା ସମାଧାନ ନିମନ୍ତେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ମାର୍କେଟ କମିଟି ସଭାପତି ଚିତ୍ତରଞ୍ଜନ ରାଉତ, ସାଧାରଣ ସମ୍ପାଦକ ଦ୍ୱାରିକା ପ୍ରସାଦ ଗୁପ୍ତା, କୋଷାଧ୍ୟକ୍ଷ ଏମ୍‌ଡି. ତାହିର ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନାଯୋଗ୍ୟ ଅଗଷ୍ଟ ୧୭ରେ କମିଟି କର୍ମକର୍ତ୍ତା ମନୋନୟନ ହୋଇଥିଲା। କୃଷ୍ଣଚନ୍ଦ୍ର ମିଶ୍ର, ଅଧ୍ୟକ୍ଷ, ଚିତ୍ତରଞ୍ଜନ ରାଉତ ସଭାପତି, ଦ୍ୱାରିକା ପ୍ରସାଦ ଗୁପ୍ତା ସାଧାରଣ ସମ୍ପାଦକ ଏବଂ ଏମ୍‌ଡି. ତାହିର କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ୧୦ ଜଣ ଉପଦେଷ୍ଟା, ଅକ୍ଷୟ ରାଉତରାୟଙ୍କ ସମେତ ୪ ଜଣ ଉପସଭାପତି, ୪ ଜଣ ଯୁଗ୍ମ ସମ୍ପାଦକ ଏବଂ ୪ ଜଣ ଯୁଗ୍ମ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଏହି କମିଟି ଆସନ୍ତା ୩ ବର୍ଷ ନିମନ୍ତେ କାର୍ଯ୍ୟ କରିବ ବୋଲି ସଭାପତି ଚିତ୍ତରଞ୍ଜନ ରାଉତ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି।



ନୂତନ ଜିଲାପାଳ ସରୋଜ କୁମାର ସାମଲ ଦାୟିତ୍ୱ ଗ୍ରହଣ କଲା ପରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

### ଝାରସୁଗୁଡାରେ ନୂଆ ଜିଲାପାଳ ସରୋଜ ସାମଲଙ୍କ ଦାୟିତ୍ୱ ଗ୍ରହଣ

# ସମୟାନୁବର୍ତ୍ତୀ, ସ୍ୱଚ୍ଛ ହେବାକୁ ସମସ୍ତଙ୍କୁ ପରାମର୍ଶ

**ଝାରସୁଗୁଡା ଅଫିସ/ଲଖନପୁର, ୪/୯(ଡି.ଏନ୍.ଏ.)**

ଝାରସୁଗୁଡା ଜିଲାରେ ନୂତନ ଜିଲାପାଳ ଭାବେ ସରୋଜ କୁମାର ସାମଲ ଯୋଗଦେଇ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ ନିର୍ବାହ କରୁଥିଲେ। ତେବେ ଜିଲାପାଳ ଭାବେ ସାମଲ ଦାୟିତ୍ୱ ଗ୍ରହଣ କଲା ପରେ ତାଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଶିବ ଟପ୍ପୋ, ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ସରକାରୀ କାର୍ଯ୍ୟର ସ୍ୱଚ୍ଛତା ସାଙ୍ଗକୁ ସମୟାନୁବର୍ତ୍ତିତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସହ ହିତାଧିକାରୀମାନଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ଅନନ୍ତ ପ୍ରତାପ ଦେଓ କଳାହାଣ୍ଡିର ନୂତନ ମହାରାଜା

**ଭବାନୀପାଟଣା,୪।୯ (ଡି.ଏନ.ଏ.)**

କଳାହାଣ୍ଡି ରାଜ ପରିବାରର ୩୨ତମ ରାଜା ତଥା ଜୁନାଗଡ଼ର ପୂର୍ବତନ ବିଧାୟକ ଉଦିତ୍ ପ୍ରତାପ ଦେଓ(୭୧)ଙ୍କ ଗତ ସୋମବାର ଭୁବନେଶ୍ୱରସ୍ଥିତ ଏକଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ଏହା ପରେ ମଙ୍ଗଳବାର ରାଜ ପରିବାରର ନୀୟମ ଅନୁସାରେ ତାଙ୍କ ପୁଅ ଅନନ୍ତ ପ୍ରତାପ ଦେଓଙ୍କୁ ପରମ୍ପରା ଅନୁଯାୟୀ ରାଜ ଉଆସ ମଧ୍ୟରେ ଥିବା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଆନୁଷ୍ଠାନିକ ଭାବେ ରାଜଗାଦିରେ ପଣ୍ଡିତ ମଙ୍ଗୁଲୁ ମିଶ୍ର ଓ ମାଣିକେଶ୍ୱରୀ ମନ୍ଦିର ପୂଜକ ବିଶିକେଶନ ତ୍ରିପାଠୀଙ୍କ ଦ୍ୱାରା ଅଭିଷିକ୍ତ କରାଯାଇଥିଲା। ନୂତନ ମହାରାଜା ଅନନ୍ତ ପ୍ରତାପଙ୍କ ନିର୍ଦ୍ଦେଶରେ ସଭା ମଣ୍ଡପରେ ଥିବା ମର ଶରୀରକୁ ଏକ ଶୋଭାଯାତ୍ରରେ ନିଆଯାୟୀ ଆଶାସାଗର ନିକଟରେ ଥିବା ରାଜଘାଟଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ରାଜପରିବାରର ବଂଶଜ କାଶୀନାଥ ସିଂ ଓ ଶକ୍ତି ସିଂ ମୁଖାଗ୍ନୀ ଦେଇଥିଲେ। ମହାରାଜା ଅନନ୍ତ ପ୍ରତାପ ଦେଓ କଳାହାଣ୍ଡି ଗଡଜାତର ୩୩ତମ ନାଗବଂଶୀ ମହାରାଜା ଭାବେ ପରିଗଣିତ ହେବେ। ମହାରାଜା ଉଦିତ୍ ଦେଓଙ୍କ ଦେହାନ୍ତ ଖବର ପାଇ ଢେଙ୍କାନାଳ ମହାରାଜା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ସ୍ୱର୍ଗତ ଦେଓଙ୍କ ଝିଅ ଶ୍ରୀମଞ୍ଜରୀ ଦେବୀ, ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା, ଜଗନ୍ନାଥ ପଟ୍ଟନାୟକ, ନର୍ଲା ବିଧାୟକ ଭୂପିନ୍ଦର ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ମନ୍ତ୍ରୀ କ୍ୟାପେଟନ. ଦିବ୍ୟଶଙ୍କର ମିଶ୍ର, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ଉମାଶଙ୍କର କର, ଲଳିତ କାନୁନଗୋ, ସଞ୍ଜିବ ଯୋଷୀ, ସତ୍ୟନାରାୟଣ ମହାପାତ୍ର ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବଣିକ ସଂଘ କର୍ମକର୍ତ୍ତା, ମାରୱାଡି ପଞ୍ଚାୟତ କଳାହାଣ୍ଡି ପରଶୁରାମ ସେନା, ବିଭିନ୍ନ ରାଜନୈତିକ ଦଳର ନେତାମାନେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଦେଓଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### ଶ୍ରୀ କଦମ୍ବ କେଶରୀ ସାଂସ୍କୃତିକ କଳାପରିଷଦର ବୈଠକ

**ବଣାଇ, ୪।୯(ସ୍ୱ.ପ୍ର.):** ବଣାଇ ଶ୍ରୀ କଦମ୍ବ କେଶରୀ କଳାପରିଷଦର ଏକ ବୈଠକ ବଣାଇଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ଦଶରଥ ସାହୁ ଅଧକ୍ଷତା କରିଥିଲେ। ବଣାଇ ଉପଖଣ୍ଡର ୪ଗୋଟି ବ୍ଲକର କଳାକାରମାନେ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। କଳାକାରମାନଙ୍କୁ ରାଜ୍ୟ ସରକାର ବିଭିନ୍ନ ସହାୟତା ଯୋଗାଇ ଆସୁଥିବା ବେଳେ ଏଥିପାଇଁ ପଞ୍ଜିକୃତ ହୋଇଥିବା ଦଳମାନେ ନିଜର ପଞ୍ଜିକରଣ କରିବା ପାଇଁ ଆଲୋଚନା କରିଥିଲେ। କଳାପରିଷଦ ସଭାପତି ଖଗେଶ୍ୱର ବାରିକ, ରଜନୀକାନ୍ତ ଦଣ୍ଡିଆ କଳାକାରମାନଙ୍କ ପାଇଁ ଆଗାମୀ ଦିନରେ ହେଉଥିବା ବିଭିନ୍ନ କାଗଜପତ୍ର ସମ୍ବନ୍ଧରେ ସୂଚନା ଦେବା ସହିତ ଏଥିପାଇଁ କଳାପରିଷଦ ପକ୍ଷରୁ ଭୁବନେଶ୍ୱର ସଂସ୍କୃତି ବିଭାଗକୁ ଯାଇ ଯୋଗାଯୋଗ କରିବା ପାଇଁ ସ୍ଥିର ହୋଇଥିଲା। ଏଥିରେ ୪ଗୋଟି ବ୍ଲକକୁ ନେଇ ବିଭିନ୍ନ କମିଟି ଗଠିତ ହୋଇଛି।

■ ନୂଆଁଖାଇ ପରଦିନ ସରକାରୀ ଛୁଟି ଘୋଷଣା

# ସରକାରୀ ସ୍କୁଲ ବନ୍ଦ, ବେସରକାରୀ ଖୋଲା

**କୁଆଁରମୁଣ୍ଡା,୪।୯(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ମଙ୍ଗଳବାର ଧୂମ୍‌ଧାମରେ ପାଳିତ ହୋଇଛି। ଏହି ଦିନ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଛୁଟି ରହିଥିଲା। ମାତ୍ର ନୂଆଁଖାଇ ପରଦିନ ଅର୍ଥାତ ବୁଧବାର ସୁନ୍ଦରଗଡ଼ ଜିଲାର ପାନପୋଷ ଉପଖଣ୍ଡରେ ଥିବା ସରକାରୀ ଦପ୍ତରଗୁଡିକ ଛୁଟି ରହିବା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟରୁ ଏକ ନୋଟିସ୍ ଜାରି କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ସଦର ଓ ବଣାଇ ଉପଖଣ୍ଡକୁ ବାଦ ଦିଆଯାଇଥିଲା। ଫଳରେ ପାନପୋଷ ଉପଖଣ୍ଡ ଅଞ୍ଚଳରେ ଥିବା ବିଶ୍ରା, ନୂଆଗାଁ, ଲାଠିକଟା, କୁଆଁରମୁଣ୍ଡା ବ୍ଲକ ଓ ରାଉରକେଲା ମହାନଗର ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିଥିଲା। ତଦନୁଯାୟୀ, ଉପରୋକ୍ତ ଅଞ୍ଚଳରେ ଥିବା ସମସ୍ତ ସରକାରୀ ସ୍କୁଲଗୁଡିକୁ ମଧ୍ୟ ସ୍ଥାନୀୟ ଶିକ୍ଷାଧିକାରୀମାନେ ଛୁଟି ଘୋଷଣା କରିଥିଲେ। ଅନ୍ୟ ପକ୍ଷରେ ଏହି ଦିନ ପାନପୋଷ ଉପଖଣ୍ଡରେ ଥିବା ସମସ୍ତ ବେସରକାରୀ ସ୍କୁଲ ବିଶେଷକରି ଇଂରାଜୀ ମାଧ୍ୟମ ସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିର ଖୋଲାଯାଇ ପାଠପଢା ହୋଇଥିଲା। ଗ୍ରୀଷ୍ମଛୁଟି ଓ ଅନ୍ୟାନ୍ୟ ଛୁଟି ଘୋଷଣା ହେଲେ ପ୍ରଶାସନର ନିଷ୍ପତ୍ତିକୁ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ମାନୁଥିବାବେଳେ ବୁଧବାର ଛୁଟି ଘୋଷଣାକୁ ମାନିଲେ ନାହିଁ କାହିଁକି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି। ଏଭଳି ଛୁଟି ଘୋଷଣା ଫଳରେ ଅଞ୍ଚଳରେ ଥିବା ସମସ୍ତ ସରକାରୀ ସ୍କୁଲର ଛାତ୍ରୀଛାତ୍ର ଦିନକ ପାଇଁ ପାଠପଢାରୁ ବଞ୍ଚିତ ହେଲେ ବୋଲି ବୁଦ୍ଧିଜୀବୀମହଲରେ ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ପର୍ବକୁ ଆଧାର କରି ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶମତେ ସ୍କୁଲ ପ୍ରଧାନଶିକ୍ଷକମାନେ ବର୍ଷରେ ୧ଟି ଇଚ୍ଛାଧୀନ ଛୁଟି ନେଇପାରିବାର ବ୍ୟବସ୍ଥା ରହିଛି। ମାତ୍ର ସୁନ୍ଦରଗଡ଼ ସଦର ଓ ବଣାଇ ଉପଖଣ୍ଡରେ ନୂଆଁଖାଇ ଘରେ ଘରେ ପାଳିତ ହେଉଥିବା ବେଳେ ପାନପୋଷ ଉପଖଣ୍ଡରେ ଏହା ଅପେକ୍ଷାକୃତ କମ୍ ରହିଛି। ହେଲେ ଏଠାରେ ଛୁଟି ଘୋଷଣା ଯୋଗୁ ସରକାରୀ ସ୍କୁଲର ଛାତ୍ରୀଛାତ୍ର ପାଠ ନ ପଢି ବୃଥାରେ ସମୟ କାଟିଛନ୍ତି। ଅନ୍ୟପକ୍ଷରେ କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ ଅଧୀନ ସମସ୍ତ ସରକାରୀ ସ୍କୁଲରେ ଆସନ୍ତା ୬ ତାରିଖରେ 'ଗାରିମା' ପରୀକ୍ଷା ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଏଥିରେ ଶତପ୍ରତିଶତ ପିଲା ଉପସ୍ଥିତ ରହିବା ସହ ପରୀକ୍ଷାରେ ଉତ୍ତମ ଫଳାଫଳ କଲେ ସମ୍ପୃକ୍ତ ସ୍କୁଲକୁ ରାଜ୍ୟ ସରକାର ଗୋଲଡ କପ୍ ସହ ପୁରସ୍କାର ରାଶି ପ୍ରଦାନ କରିବାର ଲକ୍ଷ୍ୟ ରହିଛି। ହେଲେ ରବିବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ସ୍କୁଲରେ ପାଠପଢା ନ ହେବା ଯୋଗୁ ଗାରିମା ପରୀକ୍ଷାରେ ପିଲାମାନେ ଭଲ ଫଳାଫଳ କରିବା ନେଇ କେତେକ ସ୍କୁଲର ପ୍ରଧାନଶିକ୍ଷକମାନେ ସଂଶୟ ପ୍ରକଟ କରିଛନ୍ତି। ଏପରିକି ଏହି ଦିନ ସ୍କୁଲକୁ ଶତପ୍ରତିଶତ ପିଲା ଆସିବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୪ ତାରିଖ ଛୁଟି ଘୋଷଣାକୁ କେତେକ ସରକାରୀ ସ୍କୁଲର ପ୍ରଧାନଶିକ୍ଷକମାନେ ନାମ ଗୋପନ ରଖି ନିନ୍ଦା କରିଛନ୍ତି। କାରଣ ଲଗାତାର ଦୀର୍ଘ ୫ ଦିନ ସ୍କୁଲ ଛୁଟି ହେବା ଯୋଗୁ ନିଶ୍ଚିତଭାବେ ଶିକ୍ଷାଦାନ ବାଧାପ୍ରାପ୍ତ ହେଲା। ଅନ୍ୟପକ୍ଷରେ ୧୦ମ ପରୀକ୍ଷାରେ ଭଲ ରେଜଲ୍ଟ ନ ହେଲେ ସମ୍ପୃକ୍ତ ସ୍କୁଲର ଶିକ୍ଷକମାନଙ୍କ ଦରମା ଓ ଅନ୍ୟାନ୍ୟ ସୁବିଧାସୁଯୋଗକୁ ଗଣଶିକ୍ଷା ବିଭାଗ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ବେଳେ ବିନା କାରଣରେ ସରକାରୀ ସ୍କୁଲ ଛୁଟି କରିବା ଓ ସରକାରୀ ସ୍କୁଲର ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାବର୍ଷର ୫ ମାସରୁ ଉର୍ଦ୍ଧ୍ୱ ବିତିଯିବା ପରେ ମଧ୍ୟ ପାଠ୍ୟପୁସ୍ତକ ଯୋଗାଇ ନ ପାରିବା ଇତ୍ୟାଦି ପାଇଁ କିଏ ଦାୟୀ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅଯଥା ଛୁଟି ଯୋଗୁ ସରକାରୀ ସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଫଳ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ବେସରକାରୀ ସ୍କୁଲ ଛାତ୍ରୀଛାତଙ୍କ ସମକକ୍ଷ ହୋଇପାରୁ ନାହାନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ପଟୁଆବେଡ଼ା ଗାଁ ନିକଟ ବିଲରେ ହାତୀ ଉପଦ୍ରବ

**ବଡ଼ଗାଁ, ୪।୯ (ଡି.ଏନ.ଏ.):** ବଡ଼ଗାଁ ବନଖଣ୍ଡ ଅଧିନ ଜଙ୍ଗଲରେ ଥିବା ଗୋଟିଏ ଗୋଠଛଡ଼ା ଦନ୍ତାହାତୀ ମାସେ ହେଲା ଉପଦ୍ରବ ଜାରି ରଖିଛି। ସୋମବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ବରଙ୍ଗାକଛାର ପଞ୍ଚାୟତ ଅନ୍ତର୍ଗତ ପଟୁଆବେଡ଼ା ଗାଁ ନିକଟ ବିଲରେ ପଶି ଧାନ ଚାଷ ନଷ୍ଟ କରିଦେଇଛି। ନୂଆଁଖାଇରେ ଲୋକେ ଘରେ ରହିବା ପରିବର୍ତ୍ତେ ହାତୀ କବଳରୁ ଚାଷ ବଞ୍ଚାଇବା ଓ ଗାଁରେ ନ ପଶିବା ପାଇଁ ଦିନ ରାତି ବିଲ ନିକଟରେ ଜଗି ରହୁଛନ୍ତି। ପଟୁଆବେଡ଼ା ଗ୍ରାମର କମି ନାଏକ, ଘନଶ୍ୟାମ ସା, ଜୟ ମଙ୍ଗଳ ବୁଡ଼ା, ଜଗଦିଶ ପ୍ରଧାନ, ଶଶି ପ୍ରଧାନଙ୍କ ବିଲରେ ଧାନଚାଷ ନଷ୍ଟ କରିଦେଇଛି। ହାତୀ ଜଙ୍ଗଲ ପାର୍ଶ୍ୱ ବିଲକୁ ଆସୁଥିବାରୁ ଲୋକେ ନୂଆଖାଇ ପାଇଁ କୁରେଇ, ଭେଲୁଆଁପତ୍ର ତୋଳିଯାଇ ପାରି ନ ଥିବା କହିଛନ୍ତି। ହାତୀ ଘଉଡ଼ାଇଲାବେଳେ ଜଣେ ଯୁବକଙ୍କୁ ଗୋଡ଼ାଇବାରୁ ପଡ଼ିଯାଇ ଆହତ ହୋଇଛନ୍ତି। ଏହି ଦନ୍ତା ଗରଗଡ଼ବାହାଲ, ଏକମା, ଗେଡୁବାହାଲ ଗ୍ରାମରେ କିଛିଦିନ ପୂର୍ବେ ଉପଦ୍ରବ କରିଥିଲା।

## ଆର୍‌ଏସ୍‌ପି ବିସ୍ଥାପିତ ୭୦ ମୌଜା ନିଯୁକ୍ତି ଆଶାୟୀଙ୍କ ସମାବେଶ

**ରାଉରକେଲା ଅଫିସ,୪।୯**

ରାଉରକେଲା ଇସ୍ପାତ କାରଖାନା ପାଇଁ ଜମି ହରାଇ ବିସ୍ଥାପିତ ହୋଇଥିବା ସହସ୍ରାଧିକ ୭୦ ମୌଜା ନିଯୁକ୍ତି ଆଶାୟୀ ପରିବାର ପକ୍ଷରୁ ବୁଧବାର ଉଦିତନଗର ଖେଳପଡ଼ିଆରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନ ନେତା ଖାଡ଼ା କୁଜୁରଙ୍କ ସମେତ ବସନ୍ତ କିଷାନ, ଶୁକରାମ କୁମ୍ଭାର, ପୁରନ ଖାଲକୋ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ କୁହାଯାଇଥିଲା ଯେ ରାଉରକେଲା ଏଡିଏମ୍ ଡ. ଯେଦୁଲ୍ଲା ବିଜୟ ବିସ୍ଥାପିତଙ୍କ ସମସ୍ୟା ସମାଧାନ ନେଇ ଖୁବଶୀଘ୍ର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ଭରସା ଦେଇଛନ୍ତି। ଏହା ପୂର୍ବରୁ ଏଭଳି ଉଚ୍ଚସ୍ତରୀୟ ବୈଠକ କରାଯାଇ ନିଯୁକ୍ତି ଦାବିଦାରଙ୍କ କାଗଜପତ୍ର ଯାଞ୍ଚ ସରିଥିଲା। ପୁନଃ ଏହି ବୈଠକ ଡକାଗଲେ ସମୁଦାୟ ପ୍ରକ୍ରିୟା ବିଳମ୍ବ ହେବ। ତଥାପି ଯଦି ଏଡିଏମ୍ ପ୍ରତିଶ୍ରୁତି ଦେଇଛନ୍ତି ସେ ଯାଏ ଆମକୁ ଅପେକ୍ଷା କରିବାକୁ ହେବ ବୋଲି ସଂଘ ନେତା ପ୍ରକାଶ କରିଥିଲେ। ଯଦି ଉଚ୍ଚସ୍ତରୀୟ ବୈଠକ ଡକାଯାଏ ଓ ଏଥିରୁ କିଛି ସୁଫଳ ନ ମିଳେ ତେବେ ଆସନ୍ତା ଅକ୍ଟୋବର ୨୩ରେ ବଡ଼ ଧରଣର ଆନ୍ଦୋଳନ ଡାକରା ଦିଆଯିବ ବୋଲି ସମାବେଶରେ ନିଷ୍ପତ୍ତି ନିଆଯାଇଛି। ଏଭଳି ପଦକ୍ଷେପ ଏଥିପାଇଁ ଅନିବାର୍ଯ୍ୟ ଯେ ବାରମ୍ବାର ବିସ୍ଥାପିତ ଚାକିରି ଆଶାୟୀଙ୍କୁ ପ୍ରତିଶ୍ରୁତି ଦିଆଯାଇ ପାଳନ କରାଯାଉନି। ଏଣେ ଚାକିରି ଆଶାରେ ଘରେ ବସି ରହିଥିବା ଯୁବକଙ୍କ ବୟସ ଗଡ଼ିବାରେ ଲାଗିଛି। ଏଣୁ ନିରୁପାୟ ହୋଇ ଆମକୁ ଶେଷ ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ଏଥିରେ କୁହାଯାଇଥିଲା। ଏହାକୁ ଉପସ୍ଥିତ ବିସ୍ଥାପିତ ପରିବାର ସଦସ୍ୟ ସମର୍ଥନ କରିଛନ୍ତି। ସମାବେଶରେ ହଜାରେ ସଂଖ୍ୟାରେ ୭୦ ମୌଜା ବିସ୍ଥାପିତ ପରିବାର ସଦସ୍ୟ ଉପସ୍ଥିତ ଥିଲେ।



ଉଦିତନଗର ଖେଳପଡ଼ିଆରେ ଆୟୋଜିତ ସମାବେଶରେ ଉପସ୍ଥିତ ୭୦ ମୌଜା ବିସ୍ଥାପିତ ପରିବାର ସଦସ୍ୟ।

### ନାବାଳିକା ନିଖୋଜ, ଥାନାରେ ଅଭିଯୋଗ

**ବଡ଼ଗାଁ, ୪।୯ (ଡି.ଏନ.ଏ.):** ବଡ଼ଗାଁ ଥାନା ଅନ୍ତର୍ଗତ ଗରଗଡ଼ବାହାଲ ଗ୍ରାମର ଜଣେ ନାବାଳିକା (୧୬) ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଜଣାଇଛନ୍ତି। ସୂଚନାନୁଯାୟୀ ନାବାଳିକା ଗତମାସ ୨୩ତାରିଖରେ ରାଶନ ସାମଗ୍ରୀ କିଣିବାକୁ ଯାଉଛି କହି ମଧାହ୍ନରେ ଘରୁ ବାହାରିଥିଲେ। ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ୨୪ ତାରିଖରେ ରାଉରକେଲାର ଏକ କପଡ଼ା ଦୋକାନରେ କାମ କରୁଛି କହି ଫୋନରେ ପରିବାର ଲୋକଙ୍କୁ ଜଣାଇଥିଲେ। କିଛିଦିନ ପର୍ଯ୍ୟନ୍ତ ଖୋଜାଖୋଜି କରିବା ସତ୍ତ୍ୱେ ନ ମିଳିବାରୁ ଗତ ୧ ତାରିଖରେ ଥାନାରେ ଲିଖିତ ଜଣାଇଥିଲେ।

### ମରିଯାଉଛି ବାଉଁଶଗଛ

**ବଡ଼ଗାଁ, ୪।୯(ଡି.ଏନ.ଏ.):** ବଡ଼ଗାଁ ଅଞ୍ଚଳରେ ବହୁ ସଂଖ୍ୟକ ବାଉଁଶଗଛ ମରି ଯାଉଛି। ଗତ ୪ମାସ ମଧ୍ୟରେ ଗଛରେ ଫୁଲ ହେଲା ପରେ ଗଛ ଶୁଖି ମରିଯାଉଥିବା ଗ୍ରାମବାସୀଙ୍କଠାରୁ ଜଣାପଡ଼ିଛି। ଡୁଡୁଙ୍ଗପଡ଼ା ଗ୍ରାମରେ, କଣ୍ଟିଆମୁରା ରିସର୍ଚ୍ଚ ଗାଡ଼େଲରେ ପ୍ରାୟ ସମସ୍ତ ବାଉଁଶ ଗଛ ମରିଯାଉଛି। ଫଳରେ ଲୋକ ଓ ପରିବେଶବିତମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।



କବାଡି ପ୍ରତିଯୋଗିତାର ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

■ କାଳିନ୍ଦୀ ଚରଣ ସ୍ମାରକୀ କବାଡ଼ି ପ୍ରତିଯୋଗିତା

## ସାନଗୋଗୁଆ ଦଳ ଚାମ୍ପିୟନ

**ବଣାଇ, ୪।୯(ସ୍ୱ.ପ୍ର.)**

ବଣାଇ ଉପଖଣ୍ଡର ଲହୁଣୀପଡା ବ୍ଲକ ଅନ୍ତର୍ଗତ ଧୁଡି ଗ୍ରାମଠାରେ ସ୍ୱର୍ଗତ କାଳିନ୍ଦୀ ଚରଣ ସ୍ମାରକୀ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଟି ଦଳ ଅଂଶଗ୍ରହଣ କରି ନକଆଉଟ ପର୍ଯ୍ୟାୟରେ ଖେଳିଥିଲେ। ଫାଇନାଲ ମ୍ୟାଚରେ ସାନଗୋଗୁଆ ଦଳ ପଏଣ୍ଟ ବ୍ୟବଧାନରେ ବଡଗୋଗୁଆ ଦଳକୁ ହରାଇ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଲହୁଣୀପଡା ଜିଲା ପରିଷଦ ସଭ୍ୟ କେଦାର ମାହାନ୍ତ, ଖୁଣ୍ଟଗାଁ ସରପଞ୍ଚ ଅଜୟ ନାୟକ ଏବଂ କୁଳିପୋଷ ସରପଞ୍ଚ ବୈଲୋଚନ ନାୟକ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ହରିହର ପାତ୍ର ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହା ପରେ ସେଠାରେ ସାମୂହିକ ବୃକ୍ଷ ରୋପଣ କରାଯାଇଥିଲା। ଖେଳଗୁଡିକ ରେଫରୀ ଭାବେ ବିଜୟ ବିଶ୍ୱାଳ, ମୋତିଲାଲ ପେଣ୍ଡେଇ, ବାବୁଲି ବିଶ୍ୱାଳ, ଦୁର୍ଯ୍ୟୋଧନ ମାହାନ୍ତ ଏବଂ ଜ୍ୟୋତିରଞ୍ଜନ କିଷାନ ପରିଚାଳନା କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଧୁଡି ନେହେରୁ ଯୁବକ ସଂଘର ସମୀର ନାୟକ, ସୁଧରୀ ନାୟକ, କିରଣ ନାୟକ, ବାବୁଲି ନାୟକ, ଅନନ୍ତ ଛଡିଆ, ବିରଞ୍ଚି ଧରୁଆ, ଉତ୍ତମ ଦାସ, ବ୍ୟୋମକେଶ ଦାସ ଏବଂ ଯୁବକ ସଂଘର ସଦସ୍ୟମାନେ ସହାୟତା କରିଥିଲେ।

■ ଜାତୀୟ ଆଥ୍‌ଲେଟିକ ମିଟ୍

## ରାଉରକେଲା ଖେଳାଳିଙ୍କୁ ୮ ପଦକ

**ରାଉରକେଲା ଅଫିସ,୪।୯**

କାଉନସିଲ ଜାତୀୟ ଆଥ୍‌ଲେଟିକ ମିଟ୍-୨୦୧୯ ଅଗଷ୍ଟ ୨୮ ଓ ୨୯ ତାରିଖରେ ଝାରସୁଗୁଡ଼ା ଓଏସ୍‌ଏପି ପଡ଼ିଆରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ଜିଲାର ବାଳିକା ଓ ବାଳକ ବିଭାଗର ୧୯ବର୍ଷ ଓ ୧୭ବର୍ଷରୁ କମ୍ ବୟସ୍କ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ରାଉରକେଲା-ବିଶ୍ରା ଡାହାର ରୋଡ୍‌ରେ ଥିବା ଇଣ୍ଡୋ ଇଂଲିଶ ସ୍କୁଲର ୧୯ବର୍ଷରୁ କମ୍ ବାଳକ ବିଭାଗରେ ସୁମିତ ଯାଦବ ୮୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ, ୪୦୦ମିଟର ରିଲେରେ ସ୍ୱର୍ଣ୍ଣ, ୪୦୦ ମିଟର ରେସ୍‌ରେ ରୌପ୍ୟ ଏବଂ ଟ୍ରିପଲ ଜମ୍ପରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ରାହୁଲ ପାଣ୍ଡେ ୪୦୦ ମିଟର ରିଲେ ରେସ୍‌ରେ ସ୍ୱର୍ଣ୍ଣ, ୪୦୦ ମିଟର ରେସ୍‌ରେ ବ୍ରୋଞ୍ଜ ଏବଂ ଲଙ୍ଗଜମ୍ପରେ ରୌପ୍ୟ ପଦକ ଲାଭ କରିଛନ୍ତି। ୧୭ବର୍ଷରୁ କମ୍ ବର୍ଗରେ ସୁଦୀପ୍ତ ପାତ୍ର ୫କିମି ଚାଲିବାରେ ରୌପ୍ୟ ପଦକ ଲାଭ କରିଛନ୍ତି। ଏହାର ଫାଇନାଲ ଅକ୍ଟୋବର ମାସରେ ହେବ ବୋଲି ଇଣ୍ଡୋ ଇଂଲିଶ ସ୍କୁଲ ଅଧକ୍ଷ ସୂଚନା ଦେଇଛନ୍ତି।



ପଦକ ହାସଲ କରିଥିବା ଇଣ୍ଡୋ ଇଂଲିଶ ସ୍କୁଲର ୩ ଛାତ୍ର।

■ ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ବାଲିଶଙ୍କରା, ୪।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ବାଲିଶଙ୍କରା ରାସ୍ତାର ଡୁମଲିଆ ପଞ୍ଚାୟତ ନିକଟରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ - ସାଇକେଲକୁ ଧକ୍କା ଦେବାରୁ ସାଇକେଲ ଆରୋହୀ ବିଶେଶ୍ୱର ବେହେରା (୪୩)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଆଖପାଖ ଗ୍ରାମର ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଫଳରେ ରାସ୍ତାରେ ଯିବାଆସିବା ବନ୍ଦ ହୋଇଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା। ପ୍ରକାଶ ଯେ, ବାଲିଶଙ୍କରା ବ୍ଲକ ଡୁମଲିଆ ପଞ୍ଚାୟତ ସାବଡ଼ଗର ଗ୍ରାମର ବିଶେଶ୍ୱର କୌଣସି କାମରେ ସବ୍‌ଡ଼େଗା ଯାଇଥିଲେ। ସାଇକେଲରେ ନିଜ ଗାଁକୁ ଫେରୁଥିବାବେଳେ ଡୁମଲିଆ ପଞ୍ଚାୟତ ନିକଟରେ ସମ୍ମୁଖରୁ ଆସୁଥିବା ଓଡ଼ି ୧୫ଏଚ ୪୫୦୫ ନଂ ବିଶିଷ୍ଟ ୧୨ ଚକିଆ ଟ୍ରକ୍ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ଫେରାର୍ ହୋଇଯାଉଥିବାବେଳେ ଲୋକେ ସବ୍‌ଡ଼େଗା ନିକଟରେ ଧରି ପୋଲିସକୁ ଖବର ଦେଇଥିଲେ।

## ଅସାମାଜିକ କାର୍ଯ୍ୟକଳାପ ବଢୁଛି, ନର୍ସଙ୍କୁ ଟଣାଓଟରା

**ବଡ଼ଗାଁ, ୪।୯ (ଡି.ଏନ.ଏ.)**

ବଡ଼ଗାଁରେ ଅସାମାଜିକ ବ୍ୟକ୍ତିଙ୍କ ଉତ୍ପାତ ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖାଦେଇଛି। ଘଟଣା ମଙ୍ଗଳବାର ସନ୍ଧ୍ୟାରେ ବଡ଼ଗାଁରେ ଭଡ଼ାରେ ରହି କୁତ୍ରା ଡାକ୍ତରଖାନାର ନର୍ସ କୁତ୍ରା ଯିବା ପାଇଁ ବସ୍ ଅପେକ୍ଷାରେ ବିଶ୍ରାମାଗାରରେ ଥିଲାବେଳେ ୩ଜଣ ଯୁବକ ତାଙ୍କୁ ଟଣାଓଟରା କରିଥିଲେ। ସେ ପାଟି କରିବାରୁ କେତେକ ଯୁବକ ପହଞ୍ଚିଯିବାରୁ ଯୁବକମାନେ ଚାଲିଯାଇଥିଲେ। ଏହି ଅସାମାଜିକ ଯୁବକମାନେ ସୋମବାର ବସ୍‌ଷ୍ଟାଣ୍ଡରେ ସାଇକେଲଗୁଡ଼ିକୁ ଗୋଇଠା ମାରି ଅଶ୍ରାବ୍ୟ ଭାଷାରେ ଗାଳି କଲାପରେ ଡାକ୍ତରଖାନାରେ ପଶି ପାଟିତୁଣ୍ଡ କରିବାରୁ ଷ୍ଟାଫମାନେ ଭୟରେ ଡାକ୍ତରଖାନାରୁ ବାହାରି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଆମ ପ୍ରତିନିଧିଙ୍କୁ ଜଣାଇବାରୁ ଫୋନରେ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କୁ ସୂଚନା ଦିଆଯାଇଥିଲା। ଦୁର୍ଭାଗ୍ୟର କଥା ଆଇଆଇସି ଦାସ ଆମେ କ'ଣ କରିପାରିବୁ ପିଟିଲେ ଭାଇରାଲ ହେବ କହି ନିରବ ରହିଥିଲେ। ମଙ୍ଗଳବାର ଏହି ଯୁବକମାନେ ଚନ୍ଦନାମୁଣ୍ଡାର ଜଣେ ଯୁବକଙ୍କ ଫୋନ ଛଡ଼ାଇନେଇ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ୩ଦିନ ପୂର୍ବେ ବଡ଼ଗାଁ ହାଇସ୍କୁଲ ପଛପଟେ କେତେକ ମହିଳା ପୁରୁଷଙ୍କୁ ଧମକ ଦେଇ ୫ହଜାର ଟଙ୍କା ମାଗିଥିଲେ। କେତେକ ଯୁବକ ଥାନାକୁ ଯାଇ ଅପରାଧିମାନେ ପୋଲିସକୁ ଟଙ୍କା ଦେଉଥିବା କିପରି କହୁଛନ୍ତି ପଚାରିଥିଲେ। ଏ ନେଇ ଗ୍ରାମବାସୀ ଡିଏସପି ଦାମୋଦର ମାଝୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବଡ଼ଗାଁ ହାଇସ୍କୁଲ ପଛପଟେ ଜଣେ ମଦ ବିକ୍ରେତାଙ୍କ ଘରେ ଅନୈତିକ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି। ତେବେ ବଡ଼ଗାଁ ଥାନାଠାରୁ ଶହେ ମିଟର ପରିଧି ମଧ୍ୟରେ ଚତୁଃପାର୍ଶ୍ୱରେ ୮ଟି ଦେଶୀ, ବିଦେଶୀ ମଦ ଭାଟି ଖୁଲମ୍‌ଖୁଲା ଅବାଧରେ ଚାଲିଛି। ପୋଲିସ ଓ ଅବକାରୀ ଜ୍ଞାତରେ ଚାଲିଥିବାରୁ ଏଥିରେ ପୋଲିସ ମୋଟାଅଙ୍କର ଅର୍ଥ ଆଦାୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ସବ୍‌ଇନ୍ସପେକ୍ଟର ରଞ୍ଜିତ ପ୍ରଧାନଙ୍କୁ ପଚାରିବାରେ ମହିଳାଙ୍କୁ ଟଣାଓଟରା କରିବା ସୂଚନା ପାଇଯାଇଥିଲେ ମଧ ଅସାମାଜିକ ଯୁବକଙ୍କୁ ପାଇ ନ ଥିବା କହିବା ସହ ଦୃଢ଼ ପଦକ୍ଷେପ ନେବେ କହିଛନ୍ତି। ଏସପି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ସ୍ପଞ୍ଜ, ପାୱାର କାରଖାନା ସମ୍ମୁଖରେ ଶ୍ରମିକଙ୍କ ଆନ୍ଦୋଳନ

**ବଣାଇ, ୪।୯(ସ୍ୱ.ପ୍ର.)**

ବଣାଇ ବ୍ଲକ ଅନ୍ତର୍ଗତ ବର୍ହାମୂଷା ଗ୍ରାମରେ ଥିବା ଏସ୍.ଏନ. ମାହାନ୍ତି ସ୍ପଞ୍ଜ ଓ ପାୱାର ପ୍ଲାଣ୍ଟ କାରଖାନାରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। ବୁଧବାର ସକାଳେ କାରଖାନା ଫାଟକ ସମ୍ମୁଖରେ ସିଆଇଟିୟୁ ସମର୍ଥୀତ ସୁନ୍ଦରଗଡ଼ ଇଣ୍ଡୋଷ୍ଟ୍ରିଆଲ ମଜୁଦୁର ସଂଘ ପକ୍ଷରୁ ଶ୍ରମିକଙ୍କୁ ଶୋଷଣ ବିରୋଧରେ ଆନ୍ଦୋଳନ କରିଥିବା ଜଣାପଡିଛି। କାର୍ଯ୍ୟରତ ଶ୍ରମିକମାନେ ଫାଟକ ସମ୍ମୁଖରେ ୫ଦଫା ଦାବି ନେଇ ବିକ୍ଷୋଭ, ଧାରଣା, ସଭା କରିଥିଲେ। ନିକଟରେ ଏସ୍‌ଏମଏସ୍ ବିଭାଗରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ନିଜର ଦରମା ବୃଦ୍ଧି ପାଇଁ ଦାବି ଜଣାଇ ମାଡଖାଇଥିଲେ। ଏଥିନେଇ କାରଖାନା ପରିସରରେ ଉତ୍ତେଜନା ଦେଖାଯିବା ସହ ବଣାଇ ଥାନାରେ ମାଡ ଖାଇଥିବା ଶ୍ରମିକ ଏତଲା ଦେଇଥିଲେ। ଏସ୍‌ଏମ୍‌ଏସ୍ ପ୍ଲାଣ୍ଟରେ କାମ କରୁଥିବା ଶ୍ରମିକମାନେ ସେମାନଙ୍କର ଦରମା ବୃଦ୍ଧି ପାଇଁ କାରଖାନା କର୍ତ୍ତୃପକ୍ଷଙ୍କୁ ଆଗରୁ ବହୁବାର ଜଣାଇ ଆସୁଥିଲେ। କିନ୍ତୁ କର୍ତ୍ତୃପକ୍ଷ ବାହାର ଅଞ୍ଚଳରୁ ଶ୍ରମିକ ଆଣି ସେମାନଙ୍କୁ ଅଧିକ ଦରମା ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ଏଥିପାଇଁ ଉପେକ୍ଷା କରାଯାଉଛି। ଏହାର ପ୍ରତିବାଦ କରି ଏସ୍‌ଏମଏସ୍‌ର ଶ୍ରମିକମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ସେମାନେ କାର୍ଯ୍ୟକୁ ନ ଯାଇ ଶ୍ରମିକ କଲୋନୀ ପରିସରରେ ରହିଥିଲେ। ମାତ୍ର ଏସ୍‌ଏମଏସ ପ୍ଲାଣ୍ଟର ଜଣେ ଅଧିକାରୀ ରାତି ୨ଟାରେ ସିକ୍ୟୁରିଟି ଗାର୍ଡଙ୍କୁ ସଙ୍ଗରେ ଧରି କଲୋନୀରେ ପହଞ୍ଚିଥିଲେ। ସେଠାରେ କାମକୁ ଯାଇ ନ ଥିବା ଶ୍ରମିକଙ୍କୁ ମାଡ ମାରିଥିଲେ। ଏଥିରେ ବଣାଇ ଥାନା ଅନ୍ତର୍ଗତ ନଳଘଟି ଗ୍ରାମର ଯାତ୍ରା କିଷାନ ଗୁରୁତର ହୋଇଥିଲେ। ଶ୍ରମିକମାନେ ମାଡ଼ ମାରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ମଧ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ନ ଦେବାରୁ ବାଧ୍ୟ ହୋଇ ଶ୍ରମିକମାନେ ବୁଧବାର ଆନ୍ଦୋଳନ କରିଥିଲେ। ଶ୍ରମିକମାନଙ୍କ ଅନ୍ୟାନ୍ୟ ଦାବିଗୁଡିକ ମଧ୍ୟରେ ୧୨ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା କାମ କରିବା କିମ୍ବା ୧୨ଘଣ୍ଟାର ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରିବା, ଶ୍ରମିକଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଉପକରଣ ଯୋଗାଇ ଦିଆଯିବା ରହିଛି। ସେହିପରି ଶିଳ୍ପନିତୀ ୧୯୪୮ ଅନୁଯାୟୀ ସମସ୍ତ ଶ୍ରମିକଙ୍କୁ ଛୁଟି ପ୍ରଦାନ ଏବଂ ଶ୍ରମିକଙ୍କୁ ଠିକା ସଂସ୍ଥା ପରିବର୍ତ୍ତେ କମ୍ପାନୀର ତାଲିକା ଭୁକ୍ତ କରିବା ପାଇଁ ଦାବି କରାଯାଇଥିଲା। ଏହି ଆନ୍ଦୋଳନରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଶ୍ରମିକ ନେତା ବାଣେଶ୍ୱର ସାହୁ, ଅନିରୁଦ୍ଧ ତ୍ରିପାଠୀ, ଭୁବନେଶ୍ୱର ସାହୁ, ଗିରିଧାରୀ ତ୍ରିପାଠୀ, ନରହରୀ ପାତ୍ର, ପ୍ରଦୀପ ସାହୁ, ଚିତ୍ତରଞ୍ଜନ ଖମାରୀ, ଯାତ୍ରୁ ଓରାମ, ବିଶ୍ୱନାଥ ଓରାମ, ବାସମତି କାଳେନ୍ଦି, ରୀନା ଜେନା, ପ୍ରମିଳା ଲୁହୁରା, ଉର୍ମିଳା ନାଗ, କସ୍ତୁରୀ କିସାନ, କୁମୁଦ ନାଏକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହାପରେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନର ସହାୟତାରେ ଏକ ଦ୍ୱିପାକ୍ଷୀକ ଆଲୋଚନା କରାଯାଇ ଶ୍ରମିକଙ୍କ ଦାବି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନ ପକ୍ଷରୁ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ, ବଣାଇ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ସହକାରୀ ଜିଲାପାଳ ରବୀନ୍ଦ୍ର ସେଠୀ ଯୋଗଦେଇ ଆଲୋଚନା କରିଥିଲେ। ବଣାଇ ଶ୍ରମ ଗ୍ରାମାଞ୍ଚଳ ନିରୀକ୍ଷକ ମେରୀ ସୁତିନା ଲାକ୍ରା ଯୋଗଦେଇ ଶ୍ରମିକମାନଙ୍କ ଦାବି ଉପରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ପରେ ଆନ୍ଦୋଳନକାରୀ ଚଳାଇଥିବା ଧାରଣାକୁ ସେଠାରୁ ପ୍ରତ୍ୟାହର କରିନେଇଯାଇଥିଲେ।




କାରଖାନା ସମ୍ମୁଖରେ ଶ୍ରମିକମାନେ ଆନ୍ଦୋଳନ ଚଳାଇଛନ୍ତି।